RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-200 ◆THURSDAY ◆15 JANUARY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୦୦ ◆ଗୁରୁବାର ◆୧୫ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦



ପ୍ରେମରେ ଦିଶା

▶ପୃଷ୍ଠା ୨ ଦେଖନ୍ତୁ...

## ଟ୍ରେନ୍ ଉପରେ ଖସିଲା କ୍ରେନ୍; ୨୯ ମୃତ



**୬୫ ଫୁଟ୍ ଉଚ୍ଚରୁ ଖସିଲା ଭଗ୍ନାବଶେଷ**

**ଟ୍ରେନ୍ ଲାଇନଚ୍ୟୁତ, ଏକାଧିକ ବଗି କ୍ଷତିଗ୍ରସ୍ତ**

■ **ବ୍ୟାଙ୍କକ୍, ୧୪ ।୧ (ଏଜେନ୍ସି):** ଥାଇଲାଣ୍ଡରେ ବୁଧବାର ଏକ ଦ୍ରୁତଗାମୀ ଯାତ୍ରୀବାହି ଟ୍ରେନ ଉପରେ ୬୫ ଫୁଟ୍ ଉଚ୍ଚରୁ ଏକ କ୍ରେନ୍ ଖସିବା ଫଳରେ ଏକ ବଡ଼ ଦୁର୍ଘଟଣା ଘଟିଛି । ଏଥିରେ ଟ୍ରେନ୍‌ର ଏକାଧିକ ବଗି କ୍ଷତିଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣାରେ ୨୯ ଜଣ ମୃତ୍ୟୁବରଣ କରିଥିବା ବେଳେ ୮୦ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟ କେତେଜଣଙ୍କ ଅବସ୍ଥା ଗୁରୁତର ବୋଲି କୁହାଯାଇଛି । ରେଳ ବ୍ରିଜ୍ ନିର୍ମାଣ ପାଇଁ ଏହି କ୍ରେନ୍‌କୁ ବ୍ୟବହାର କରାଯାଉଥିଲା । ଦୁର୍ଘଟଣା ସମୟରେ ଟ୍ରେନ୍‌ରେ ୧୯୫ଜଣ ଯାତ୍ରା କରୁଥିଲେ । ମୃତକଙ୍କ ମଧ୍ୟରେ ଅଧିକାଂଶ ସ୍କୁଲ ଛାତ୍ର ସାମିଲ ଅଛନ୍ତି ବୋଲି ଅଧିକାରୀଙ୍କ ତରଫରୁ କୁହାଯାଇଛି । ଦୁର୍ଘଟଣା ସମୟରେ ଟ୍ରେନ୍ ପାଖାପାଖି ▶ପୃଷ୍ଠା-୭

## ୧୪୨ ବର୍ଷରେ ଆଖି ବୁଜିଲେ ସାଉଦିର ନାସର



**୧୧୦ ବର୍ଷରେ ଶେଷ ବିବାହ କରି ବି ହୋଇଥିଲେ ବାପା**

**ମୃତ୍ୟୁ ପର୍ଯ୍ୟନ୍ତ ଛୁଁଇ ପାରିଲାନି ବ୍ୟାଧି**

■ **ରିଆଦ, ୧୪।୧ (ଏଜେନ୍ସି):** ସାଉଦି ଆରବର ସବୁଠୁ ବୟସ୍କ ବ୍ୟକ୍ତି ଶେଖ ନାସର ବିନ ରଦାନ ଅଲ ରସିଦ ଅଲ ୱାଦାଇଙ୍କ ପରଲୋକ ହୋଇଛି । ମୃତ୍ୟୁବେଳକୁ ତାଙ୍କୁ ୧୪୨ ବର୍ଷ ହୋଇଥିଲା । ରସିଦଙ୍କ ଅସାଧାରଣ ଜୀବନଯାତ୍ରା, ବିବାହ, ବୟସ ଆଦି ସର୍ବଦା ଚର୍ଚ୍ଚାରେ ରହିଥିଲା । ଶେଷ ଥର ପାଇଁ ସେ ୧୧୦ ବର୍ଷ ବୟସରେ ବିବାହ କରି ଚମକାଇ ଦେଇଥିଲେ । ପରେ ଏହି ବିବାହରୁ ତାଙ୍କର କନ୍ୟାସନ୍ତାନ ଜନ୍ମ ହୋଇଥିଲା । ବୟସର ଅପରାହ୍ଣରେ ବିବାହ ପରେ ବାପା ହୋଇ ସେ ବିଶ୍ୱବାସୀଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ । ଡାକ୍ତର ଏବଂ ଜୀବନଶୈଳୀ ଉପରେ ଗବେଷଣା କରୁଥିବା ବ୍ୟକ୍ତିମାନେ ଶେଖ ନାସରଙ୍କ ମାନସିକ ସ୍ୱାସ୍ଥ୍ୟ ଏବଂ ଦୈନିକ ଜୀବନଚର୍ଯ୍ୟା ଉପରେ ଅଧ୍ୟୟନ କରିଥିଲେ । ଉତ୍ତମ ଜୀବନଶୈଳୀ, ବିଚକ୍ଷଣ ବୁଦ୍ଧିମତା ବିଶେଷ କରି ୧୧୦ ବର୍ଷ ପରେ ବାପା ହେବାର କ୍ଷମତାକୁ ନେଇ ତାଙ୍କୁ ବେଶ ପ୍ରଶଂସା କରାଯାଇଥିଲା । ସେ ବୃଦ୍ଧାବସ୍ଥାଜନିତ କାରଣରୁ ଶେଷ ▶ପୃଷ୍ଠା-୭

# ଇରାନ ସ୍ଥିତି ସାଂଘାତିକ

### ତୁରନ୍ତ ଦେଶ ଛାଡ଼ିବାକୁ ଭାରତୀୟଙ୍କୁ ପରାମର୍ଶ

## ଆମେରିକାକୁ ଇରାନର ଧମକ: ଆକ୍ରମଣ କଲେ ଛାଡ଼ିବୁନି



**ଆନ୍ଦୋଳନକାରୀଙ୍କ ଉପରେ ଆଖିବୁଜା ଗୁଳିମାଡ଼**

**ମୃତ୍ୟୁସଂଖ୍ୟା ୧୨ ହଜାର ଟପିଥିବା ଦାବି**

**ଆନ୍ଦୋଳନକାରୀଙ୍କୁ ମୃତ୍ୟୁଦଣ୍ଡ ଦେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବୁ: ଟ୍ରମ୍ପ**

■ **ତେହରାନ, ୧୪।୧ (ଏଜେନ୍ସି):** ଇରାନ ସ୍ଥିତି ଦିନକୁ ଦିନ ସାଂଘାତିକ ହେବାରେ ଲାଗିଛି । ରସାତଳଗାମୀ ଅର୍ଥ ବ୍ୟବସ୍ଥାରୁ ତ୍ରାହି ଏବଂ ଚରମପନ୍ଥୀ ସରକାରଙ୍କ ନିଷ୍ଠୁର ନିୟମ ବିରୋଧୀ ବିକ୍ଷୋଭ ପ୍ରଦର୍ଶନ ଜୋରଦାର ହେବାକୁ ଲାଗିଛି । ଆନ୍ଦୋଳନକାରୀ ସରକାରୀ ସଂସ୍ଥାଗୁଡ଼ିକୁ କବ୍‌ଜା କରିବାରେ ଲାଗିଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୋଟିଏ ପରେ ଗୋଟିଏ ଟ୍ୱିଟ କରି ବିକ୍ଷୋଭକାରୀଙ୍କୁ ସହାୟତା ଦେବା କଥା କହୁଛନ୍ତି । ମାତ୍ର ଚରମପନ୍ଥୀ ସରକାର ଏହାକୁ ଦମନ କରିବା ପାଇଁ ଯଥାସମ୍ଭବ ପ୍ରୟାସ କରୁଛନ୍ତି । ଯେନତେନ ଉପାୟରେ ସ୍ଥିତି ନିୟନ୍ତ୍ରଣ କରିବାକୁ ଇରାନର ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲ ଖାମନେଇ ନିର୍ଦ୍ଦେଶ ଦେଇଛନ୍ତି । ସୁରକ୍ଷାକର୍ମୀ

ଆନ୍ଦୋଳନକାରୀଙ୍କ ଉପରକୁ ଅତର୍କିତ ଗୁଳି ମାଡ଼ କରୁଛନ୍ତି । ଏ ପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନରେ ସାରା ଦେଶରେ ଅତିକମ୍‌ରେ ୧୨ ହଜାର ଲୋକଙ୍କ ମୃତ୍ୟୁ ହେଲାଣି । ଗୁଳି ବାଜିବାରୁ ଅଧିକାଂଶ ପ୍ରାଣ ହରାଇଛନ୍ତି ବୋଲି ଇରାନ ଇଣ୍ଟରନ୍ୟାସନାଲ ପକ୍ଷରୁ ଦାବି କରାଯାଇଛି । ମାତ୍ର ଆମେରିକାର ଏକ ମାନବାଧିକାର ଗଣମାଧ୍ୟମ ଏଜେନ୍ସି ୨୫୫୦ରୁ ଅଧିକ ଲୋକେ ପ୍ରାଣ ହରାଇଥିବା କହିଛି । ଏମାନଙ୍କ ମଧ୍ୟରେ ୨୪୦୩ ବିକ୍ଷୋଭକାରୀ ଏବଂ ୧୪୭ ସରକାରୀ କର୍ମଚାରୀ ସାମିଲ ଅଛନ୍ତି । ଇରାନ ସ୍ଥିତିକୁ ଦେଖି ଭାରତ ସରକାର ସଜାଗ ହୋଇଯାଇଛନ୍ତି । ମାର୍ଗଦର୍ଶିକା ଜାରି କରି ଇରାନରେ ରହୁଥିବା ନିଜ ନାଗରିକଙ୍କୁ ତୁରନ୍ତ ଦେଶ ଛାଡ଼ିବାକୁ ପରାମର୍ଶ ଦିଆଯାଇଛି ।

ଏବେ ଇରାନରେ ଥିବା ଛାତ୍ରଛାତ୍ରୀ, ପର୍ଯ୍ୟଟକ, ତୀର୍ଥଯାତ୍ରୀ, ବ୍ୟବସାୟୀ ଆଦିଙ୍କୁ ଫେରିଆସିବାକୁ ଭାରତ ସରକାର କହିଛନ୍ତି । ଇରାନର ପରିବର୍ତ୍ତିତ ପରିସ୍ଥିତିକୁ ଦେଖି ଏହି ପରାମର୍ଶ ଦିଆଯାଇଛି । ଭାରତୀୟ ନାଗରିକଙ୍କୁ ସତର୍କ ରହିବାକୁ ଏବଂ ଜନଗହଳିପୂର୍ଣ୍ଣ ଅଞ୍ଚଳକୁ ନ ଯିବା ପାଇଁ କୁହାଯାଇଛି । ଆବଶ୍ୟକ ସ୍ଥଳେ ଇରାନ ସ୍ଥିତ ଭାରତୀୟ ସହ ଯୋଗାଯୋଗ କରିବାକୁ ଏବଂ ସୂଚନା ଜାଣିବା ପାଇଁ ସ୍ଥାନୀୟ ଗଣମାଧ୍ୟମ ଉପରେ ▶ପୃଷ୍ଠା-୭

## ଶ୍ରମ ସଂହିତାକୁ ବିରୋଧ

## ଫେବୃଆରୀ ୧୨ରେ ଦେଶବ୍ୟାପୀ ଧର୍ମଘଟ

**ସଂହିତାର ପ୍ରବର୍ତ୍ତନ ଏକପାଖିଆ: ଶ୍ରମିକ ସଂଗଠନ**

■ **ନୂଆଦିଲ୍ଲୀ, ୧୪।୧ (ଏଜେନ୍ସି):** ଦେଶର ବିଭିନ୍ନ ଶ୍ରମିକ ସଂଗଠନ ଫେବୃଆରୀ ୧୨ ରେ ଦେଶବ୍ୟାପୀ ଧର୍ମଘଟ କରିବାକୁ ଯାଉଛି । ଶ୍ରମ ସଂହିତାକୁ ବିରୋଧ, ଶ୍ରମିକଙ୍କ ଅଧିକାର ଏବଂ ଦେଶର ସ୍ୱାର୍ଥଜଡ଼ିତ କେତେକ ଦାବି ନେଇ ଶ୍ରମିକ ସଂଗଠନଗୁଡିକ ପକ୍ଷରୁ ଏହି ଦିନିକିଆ ଧର୍ମଘଟ ଡାକରା ଦିଆଯାଇଛି । ଏକ ବିବୃତ୍ତିରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନର ମିଳିତ ମଞ୍ଚ (ସିଟିୟୁ) କହିଛି ଯେ, ସରକାର ଏକପାଖିଆ ଭାବେ ଏହି ଶ୍ରମ ସଂହିତାର ପ୍ରବର୍ତ୍ତନ କରିଛନ୍ତି । ତାହାକୁ ତୁରନ୍ତ ପ୍ରତ୍ୟାହାର କରାଯାଉ । ବିରୋଧ ସତ୍ତ୍ୱେ ଯଦି କେନ୍ଦ୍ର ସରକାର ଶ୍ରମ ସଂହିତା ଅନୁଯାୟୀ ନିୟମଗୁଡ଼ିକୁ ସୂଚିତ କରିବା ଜାରି ରଖନ୍ତି ଏବଂ ସେଗୁଡ଼ିକୁ ପ୍ରତ୍ୟାହାର ନ କରନ୍ତି, ତେବେ ଆଞ୍ଚଳିକ ସ୍ତରରେ ଏହାର ପ୍ରତିରୋଧ କରାଯିବା ସହ ସଂଘ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ । ସଂଗଠନଗୁଡ଼ିକ ଦ୍ୱାରା ଉଠାଯାଇଥିବା ମୁଖ୍ୟ ପ୍ରସଙ୍ଗ ମଧ୍ୟରୁ ଗୋଟିଏ ହେଉଛି ସମ୍ପ୍ରତି ପାରିତ ହୋଇଥିବା ସଷ୍ଟେନେବଲ୍ ହାର୍ନେସିଂ ଆଣ୍ଡ ଆଡଭାନ୍ସମେଣ୍ଟ ଅଫ୍ ନ୍ୟୁକ୍ଲିୟର ଏନର୍ଜି ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ (ଶାନ୍ତି) ଆଇନ ।

ସଂଗଠନ କହିଛି, ଏହି ଆଇନ ଘରୋଇ ଏବଂ ବିଦେଶୀ କମ୍ପାନୀଗୁଡ଼ିକୁ ଦେଶର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପରମାଣୁ ଶକ୍ତି ଉତ୍ପାଦନ କ୍ଷେତ୍ରରେ ପ୍ରବେଶ ଅନୁମତି ଦେବ । ଏହା ନିଶ୍ଚିତ ଭାବରେ ଆମ ଦେଶର ପରମାଣୁ ସୁରକ୍ଷା ଏବଂ ସାର୍ବଭୌମତ୍ୱ ଉପରେ ଆକ୍ରମଣ । ଏଥିରେ ଆଉ ଏକ ପ୍ରମୁଖ ଚିନ୍ତା ହେଉଛି ବୀମା କ୍ଷେତ୍ରରେ ଶତ ପ୍ରତିଶତ ପ୍ରତ୍ୟକ୍ଷ ବିଦେଶୀ ନିବେଶ (ଏଫ୍‌ଡିଆଇ)କୁ ଅନୁମତି ନିଷ୍ପତ୍ତି । ସଂଗଠନ କହିଛନ୍ତି ଯେ ଏହି ପଦକ୍ଷେପ ବିଦେଶୀ କମ୍ପାନୀଗୁଡ଼ିକୁ ଘରୋଇ ବୀମା କମ୍ପାନୀଗୁଡ଼ିକୁ ଦଖଲ କରିବାର ଅଧିକାର ଦେବ ।

## ମକରରେ ମହକୁଛି ମୟୂରଭଞ୍ଜ

## ଟୁସୁ ନାଚରେ କମ୍ପୁଛି ଗାଁ ଦାଣ୍ଡ



## ଦୁଇ ଦିନ ପରେ କମିବ ଶୀତ

■ **ଭୁବନେଶ୍ୱର, ୧୪।୧ (ସମିସ):** ଉତ୍ତର-ପଶ୍ଚିମ ତଥା ଉତ୍ତର ଦିଗରୁ ରାଜ୍ୟକୁ ଏବେ ଥଣ୍ଡା ଶୁଷ୍କ ବାୟୁର ପ୍ରବାହ ଜାରି ରହିଛି । ଏହି ଶକ୍ତିଶାଳୀ ଥଣ୍ଡା ବାୟୁ ପ୍ରଭାବରେ ରାଜ୍ୟରେ ପ୍ରବଳ ଶୀତ ଅନୁଭୂତ ହେଉଛି । ରାଜ୍ୟରେ ଲାଗି ରହିଥିବା ଶୀତ ସ୍ଥିତି ଆହୁରି ଦୁଇ ଦିନ ଜାରି ରହିବ । ୧୭ ତାରିଖ ପରେ ଏକ ପଶ୍ଚିମାଝଡ଼ ସକ୍ରିୟ ହେବ । ଏହା ପ୍ରଭାବରେ ରାଜ୍ୟରେ ତାପମାତ୍ରା ୨-୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ହେବା ସହ ରାଜ୍ୟରେ ଶୀତ କମିବାର ସମ୍ଭାବନା ଥିବା ପାଣିପାଗ ବିଭାଗ କହିଛି ।

ଗତ ୨୪ ଘଣ୍ଟାରେ ରାଉରକେଲାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ରେକର୍ଡ ହୋଇଛି । ରାଉକେଲାରେ ପାରଦ ୬ ଡିଗ୍ରୀକୁ ଖସିଥିବା ବେଳେ ଝାରସୁଗୁଡ଼ାରେ ତାପମାତ୍ରା ୬.୪, କେନ୍ଦୁଝର ୮.୮, ସମ୍ବଲପୁର ୧୦.୨, ହୀରାକୁଦ ୧୧.୪ ଓ ଭୁବନେଶ୍ୱର ୧୨.୧ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି । ପାଣିପାଗ କେନ୍ଦ୍ର କହିଛି ଯେ ଏହି ସ୍ଥିତି ୧୭ ତାରିଖ ସକାଳ ପର୍ଯ୍ୟନ୍ତ ଲାଗି ରହିବ । ଗୁରୁବାର ରାତିରୁ ଶୁକ୍ରବାର ସକାଳ ପର୍ଯ୍ୟନ୍ତ କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ଢେଙ୍କାନାଳ, ଅନୁଗୁଳ, କେନ୍ଦୁଝର, କନ୍ଧମାଳ, ସୋନପୁର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ାରେ ପ୍ରବଳ ଶୀତ ହୋଇପାରେ । ଏହାକୁ ଦୃଷ୍ଟିରେ ଏହି ସବୁ ଜିଲ୍ଲାକୁ ଶୀତ ଲହରୀ ନେଇ ସତର୍କତା ଜାରି କରାଯାଇଛି ।

## ଭାଷଣରେ ଓଡ଼ିଆ; ନଥିରେ ଇଂରାଜୀ

### କାର୍ଯ୍ୟକାରୀ ହେଉନି ଓଡ଼ିଆରେ ସରକାରୀ କାର୍ଯ୍ୟ ନିର୍ଦ୍ଦେଶ

**ପୁଣିଥରେ ନିର୍ଦ୍ଦେଶନାମା ଜାରି କଲା ସାଧାରଣ ପ୍ରଶାସନ ବିଭାଗ**

**ଓଡ଼ିଆ ଭାଷାରେ ହେବ ସରକାରୀ କାର୍ଯ୍ୟ; ଖିଲାପ କଲେ କରାଯିବ ତାଗିଦ**

**ସରକାରଙ୍କ କୋହଳ ମନୋଭାବକୁ ନେଇ ସାଧାରଣରେ ନାପସନ୍ଦ**

■ **ଭୁବନେଶ୍ୱର, ୧୪।୧ (ସମିସ):** ରାଜ୍ୟରେ ଓଡ଼ିଆ ଭାଷାରେ ସମସ୍ତ ସରକାରୀ କାର୍ଯ୍ୟ ସମ୍ପାଦନ କରିବାକୁ ବର୍ଷ ବର୍ଷ ଧରି ପ୍ରୟାସ ହୋଇ ଆସୁଛି । ବିଭିନ୍ନ ସମୟରେ ସାଧାରଣ ପ୍ରଶାସନ ବିଭାଗଠାରୁ ଆରମ୍ଭ କରି ଭାଷା-ସାହିତ୍ୟ-ସଂସ୍କୃତି ବିଭାଗ, ଏପରିକି ମୁଖ୍ୟ ସଚିବମାନେ ଓଡ଼ିଆରେ ସରକାରୀ କାର୍ଯ୍ୟ କରିବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି । ମାତ୍ର ସରକାରରେ ଉଚ୍ଚ ପଦରେ ଥିବା ବଡ଼ବଡ଼ ବାବୁମାନେ ସରକାରଙ୍କ ଏହି ନିର୍ଦ୍ଦେଶକୁ ତିଳେମାତ୍ର ଖାତିର କରୁନାହାନ୍ତି । ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ମୋହନ ଚରଣ ମାଝୀ ରାଜ୍ୟବ୍ୟାପୀ ସରକାରୀସ୍ତରରେ ସବୁ ନଥିପତ୍ର ଓଡ଼ିଆ ଭାଷାରେ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏପରିକି ଏହାକୁ କଡ଼ାକଡ଼ି ଅନୁପାଳନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏ ସଂକ୍ରାନ୍ତରେ ସରକାରଙ୍କ ପକ୍ଷରୁ ବିଭିନ୍ନ ବିଭାଗକୁ ମଧ୍ୟ ନିର୍ଦ୍ଦେଶ ▶ପୃଷ୍ଠା-୭

SIKSHA 'O' ANUSANDHAN
(DEEMED TO BE UNIVERSITY)

SAAT-2026

Empowering students for a brighter future

MANAGEMENT PROGRAMMES
- BBA
- MBA
- Integrated MBA
- MBA (Hospital Administration)
- MBA (Artificial Intelligence and Data Science)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 66th Best in Management Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

## ଶ୍ରୀଲିଙ୍ଗରାଜଙ୍କ ନୀତି ବିଭ୍ରାଟ

## ମକରରେ ମହାପ୍ରଭୁ ଖାଡ଼ା ଓପାସ

**କ୍ଷୀର ଆଉଟା ନୀତିକୁ ନେଇ ବଡୁ-ବ୍ରାହ୍ମଣ ନିଯୋଗ ବିବାଦ**

**କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ମକରରେ ଓପାସ ରହିଲେ ଦିଅଁ**

**ମନ୍ଦିର ପ୍ରଶାସନର ଦାୟିତ୍ୱହୀନତା, ପାଳନ ହେଲାନି ମକର ଯାତ୍ରା**

■ **ଭୁବନେଶ୍ୱର, ୧୪ ।୧ (ସମିସ):** ବାଟିବାଟି ସମ୍ପତ୍ତି, ହଜାର ହଜାର ସେବାୟତ । ମାତ୍ର ମକର ସଂକ୍ରାନ୍ତି ପରି ପବିତ୍ର ଦିନରେ ମହାପ୍ରଭୁ ଲିଙ୍ଗରାଜ ଖାଡ଼ା ଓପାସ ।

ଦେଢ଼ ଦିନ ହୋଇଗଲା ବନ୍ଦ ରହିଛି ନୀତିକାନ୍ତି । ମଙ୍ଗଳବାର ସନ୍ଧ୍ୟାରୁ ଦିଅଁଙ୍କର ନବାଙ୍କ ବେଢ଼ା ନୀତି ହୋଇ ନ ଥିବାବେଳେ ବୁଧବାର ଉତ୍ତରାୟଣ ପର୍ବରେ ମଧ୍ୟ ମହାପ୍ରଭୁଙ୍କୁ ଭୋଗ ଲାଗି ହୋଇ ପାରିଲା ନାହିଁ । କ୍ଷୀର ଆଉଟା ନୀତିକୁ ନେଇ ବଡୁ ନିଯୋଗ ଓ ବ୍ରାହ୍ମଣ ନିଯୋଗ ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁଁ ମହାପ୍ରଭୁଙ୍କୁ ଓପାସ ରହିବାକୁ ପଡ଼ିଛି । ମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଆଇନ ବିଭାଗ ମଧ୍ୟ ଏ ସମ୍ପର୍କରେ ରହସ୍ୟମୟ ନିରବତା ଅବଲମ୍ବନ କରିଛନ୍ତି । ହଜାର ହଜାର ଶ୍ରଦ୍ଧାଳୁ ମକରସଂକ୍ରାନ୍ତିରେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିଥିବାବେଳେ ଠାକୁରଙ୍କ ନୀତିକାନ୍ତି ନ ହେବା ଯୋଗୁଁ ତିକ୍ତ ମନୋଭାବ ନେଇ ଫେରିଛନ୍ତି ।

ମକର ସଂକ୍ରାନ୍ତି ପୂର୍ବଦିନ ସନ୍ଧ୍ୟାଧୂପ ପରେ ଲିଙ୍ଗରାଜଙ୍କର ଚଳନ୍ତି ପ୍ରତିମା ନବାଙ୍କ ବେଢ଼ା ପରିକ୍ରମା କରି ମକର ବେଢ଼ାରେ ବିଜେ କରିଥାନ୍ତି । ଦିଅଁ ମକର ବେଢ଼ାରେ ବିଜେ କରିବା ପରେ ବଡୁ ସାମନ୍ତ ଘରୁ କ୍ଷୀର ଅଣାଯାଏ । ମେଘ ଡମ୍ବରୁ ଓ ଘଣ୍ଟଘଣ୍ଟା ବଜାଇ ମଶାଲ ଜଳାଇ ଏହି କ୍ଷୀର ଆସିଥାଏ । ପରେ ସେହି କ୍ଷୀରକୁ ଆଉଟା ହୋଇ ପ୍ରସ୍ତୁତ ହୋଇଥିବା ଘିଅ ମହାପ୍ରଭୁଙ୍କୁ ଲାଗି ହୋଇଥାଏ । ଚଳିତ ବର୍ଷ ଏହି କ୍ଷୀର ଆଉଟା ନୀତିକୁ ନେଇ ବଡୁ ନିଯୋଗ ଓ ବ୍ରାହ୍ମଣ ନିଯୋଗ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି । ଫଳରେ ନବାଙ୍କ ବେଢ଼ା ନୀତି ବନ୍ଦ ରହିଛି ଓ



ମକର ସଂକ୍ରାନ୍ତରେ ବି ନୀତିକାନ୍ତି ହୋଇନାହିଁ ।

ସଂକ୍ରାନ୍ତି ଅବସରରେ ସାରା ଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ଲିଙ୍ଗରାଜ ମନ୍ଦିରକୁ ପ୍ରବଳ ଭିଡ଼ ହୋଇଛି । ନବାଙ୍କ ବେଢ଼ା ନୀତି ଓ ଅନ୍ୟାନ୍ୟ ନୀତିକାନ୍ତି ବନ୍ଦ ରହିଥିବାରୁ ଖାଡ଼ା ଓପାସ ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ମାତ୍ର ଦୂରଦୂରାନ୍ତରୁ ପ୍ରସାଦ ପାଇବା ନିମନ୍ତେ ସଂକ୍ରାନ୍ତରେ ଠାକୁରଙ୍କୁ ଦର୍ଶନ କରିବାକୁ ଆସି ନିରାଶ ହୋଇ ପାରିଛନ୍ତି । ଭକ୍ତମାନେ ଦିଅଁଙ୍କର ପ୍ରସାଦ ମଧ୍ୟ ପାଇପାରିନଥିବା ବେଳେ ନୀତିକାନ୍ତି ବନ୍ଦ ଥିବାରୁ କୌଣସି ଅଧିକାରୀଙ୍କୁ ମନ୍ଦିରରେ ଦେଖିବାକୁ ମିଳିନାହିଁ । ସେବାୟତ, ପ୍ରଶାସନ, ସରକାର ସମସ୍ତେ ନିଜ କଥା ଚିନ୍ତା କରୁଛନ୍ତି; ମାତ୍ର ଦିଅଁଙ୍କ କଥା କେହି ଚିନ୍ତା କରୁନାହାନ୍ତି ବୋଲି ଅନେକ ଶ୍ରଦ୍ଧାଳୁ ମତ ଦେଉଥିବା ଦେଖାଯାଇଛି ।

ଗତବର୍ଷ ବି ଏ ନୀତି ହୋଇପାରିନଥିଲା । ଚଳିତବର୍ଷ ଏ ବିବାଦର ସମାଧାନ ପାଇଁ ଟ୍ରଷ୍ଟବୋର୍ଡ ସଭାପତି ତଥା ଜିଲ୍ଲାପାଳ କ୍ଷୀର ଆଉଟିବା ଲାଗି ବ୍ରାହ୍ମଣ ନିଯୋଗ (ପୁଷ୍ପାଳକ ସେବାୟତ) ଓ ଘୃତକମଳ ଲାଗି ବଡୁ ସେବାୟତଙ୍କୁ ନିର୍ଦ୍ଦେଶ ▶ପୃଷ୍ଠା-୭

## ଆଜିର ଇତିହାସ

- ୧୭୮୪- ଏସିଆଟିକ୍ ସୋସାଇଟି ଅଫ୍ ବେଙ୍ଗଲ୍‌ର ସ୍ଥାପନା।
- ୧୯୩୪- ବିହାରରେ ଆସିଥିବା ଭୂମିକମ୍ପ ଯୋଗୁଁ ପାଖାପାଖି ୨୦ହଜାର ଲୋକଙ୍କ ମୃତ୍ୟୁ।
- ୧୯୫୬-ବହୁଜନ ସମାଜ ପାର୍ଟିର ଅଧ୍ୟକ୍ଷା ମାୟାବତୀଙ୍କ ଜନ୍ମ।
- ୧୯୬୫- ଭାରତୀୟ ଖାଦ୍ୟ ନିଗମର ସ୍ଥାପନା।
- ୧୯୯୮- ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଗୁଲଜାରି ଲାଲ ନନ୍ଦାଙ୍କ ଦେହାନ୍ତ।
- ୨୦୦୧- ୱିକିପିଡିଆ ଲଞ୍ଚ୍ କରାଗଲା।
- ୨୦୧୩-ସିରିଆର ଏକ ବିଶ୍ୱବିଦ୍ୟାଳୟ ଉପରେ ରକେଟ୍ ଆକ୍ରମଣ ଯୋଗୁଁ ପାଖାପାଖି ୮୩ ଲୋକଙ୍କ ମୃତ,୧୫୦ ଆହତ ।




# ନିଦ କହିବ ୧୩୦ ରୋଗ

ଆମେରିକାର ଷ୍ଟାନଫର୍ଡ ବିଶ୍ୱବିଦ୍ୟାଳୟ ସହ ଆଉ କିଛି ସଂସ୍ଥାନର ବୈଜ୍ଞାନିକମାନେ ମିଶି ଗୋଟିଏ ନୂଆ ଏଆଇ ମଡେଲ ତିଆରି କରିଛନ୍ତି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଯୁକ୍ତ ଏହି ମଡେଲ ମଣିଷର ଗୋଟିଏ ରାତିର ନିଦ ଆଧାରରେ ଭବିଷ୍ୟତରେ ହେବାକୁ ଥିବା ୧୩୦ଟି ରୋଗ ବାବଦରେ କହିପାରିବ। କେବଳ ସେତିକି ନୁହେଁ, ଏହି ଏଆଇ ମଡେଲ ଦ୍ୱାରା ମୃତ୍ୟୁ ଆଶଙ୍କାର ମଧ୍ୟ ପୂର୍ବାନୁମାନ କରିହେବ। ଏବେ ନିଦ ଜଣକର ଦିନସାରା ଥକ୍କାପଣ ମେଣ୍ଟାଇବ ତାହା ନୁହେଁ, ଏହା ଭବିଷ୍ୟତରେ ହେବାକୁ ଥିବା ରୋଗଗୁଡ଼ିକ ବିଷୟରେ ମଧ୍ୟ ପୂର୍ବାନୁମାନ କରିପାରିବ। 'ନେଚର୍ ମେଡିସିନ୍' ଜର୍ଣ୍ଣାଲରେ ପ୍ରକାଶିତ ଏହି ଗବେଷଣା ଅନୁସାରେ, ଏହି ମଡେଲରର ନାମ 'ସ୍ଲିପ୍ ଏଫ୍ଏମ୍' ରଖାଯାଇଛି। ତେବେ ପରୀକ୍ଷଣ ସମୟରେ ଏହି ମଡେଲର ପୂର୍ବାନୁମାନ ୭୫% ସଠିକ ଥିବା ଜଣାଯାଇଛି। ଏହି ଏଆଇ ମଡେଲ ପଲିସୋମ୍ନୋଗ୍ରାଫି(ପିଏସ୍‌ଜି) ଡାଟା ଆଧାରରେ କାମ କରିଥାଏ। ତେବେ ଏଥିରେ ୬୫ ହଜାର ଲୋକଙ୍କର ୫.୮୫ ଲକ୍ଷ ଘଣ୍ଟାରୁ ଅଧିକ ପିଏସ୍‌ଜି ରେକର୍ଡ କରାଯାଇଥିଲା। ସେମାନଙ୍କର ସ୍ୱାସ୍ଥ୍ୟ ସମ୍ପର୍କୀୟ ତଥ୍ୟ ଷ୍ଟାନଫର୍ଡ ସ୍ଲିପ୍ କ୍ଲିନିକ୍‌ରୁ ନିଆଯାଇଥିଲା। ଏହି ଗବେଷଣାରେ ନିଦ୍ରାବସ୍ଥାରେ ଅନେକ ସଙ୍କେତ ରେକର୍ଡ କରାଯାଇଥାଇଥିଲା। ସାଧାରଣତଃ ନିଦ୍ରାବସ୍ଥାରେ ଶରୀର ୮ ଘଣ୍ଟା ପର୍ଯ୍ୟନ୍ତ ସ୍ଥିର ଅବସ୍ଥାରେ ରହିଥାଏ। ଯେଉଁଥିରୁ ଅନେକ ଉପଯୋଗୀ ତଥ୍ୟ ମିଳିଥାଏ। ଏହି ଏଆଇ ମଡେଲ ନିଦ୍ରାବସ୍ଥାରେ ମସ୍ତିଷ୍କର ଗତିବିଧି, ହୃଦ୍‌ସ୍ପନ୍ଦନ, ମାଂସପେଶୀର ଗତିବିଧି ଏବଂ ଶ୍ୱାସକ୍ରିୟା ଦ୍ୱାରା ନିଦରେ ଲୁଚି ରହିଥିବା ଫିଜିଓଲଜି ଏବଂ ସମୟ ସହିତ ବଦଳୁଥିବା ପ୍ୟାଟର୍ଣ୍ଣକୁ ବୁଝିବାକୁ ଚେଷ୍ଟା କରିଥାଏ। ତେବେ ଗବେଷଣା ଅନୁସାରେ, ଏହି ମଡେଲ କ୍ୟାନସର ଏବଂ ଗର୍ଭଧାରଣ ଜନିତ ସମସ୍ୟା, ମାନସିକ ସମସ୍ୟା, ହୃଦ୍‌ଘାତ ବାବଦରେ ଜାଣିପାରିଥିଲା। ଏହାବାଦ୍ ଏହା ଡିମେନ୍‌ସିଆ, କିଡ୍‌ନୀ ରୋଗ ସମ୍ପର୍କରେ ମଧ୍ୟ ପୂର୍ବାନୁମାନ କରିପାରିଥିଲା। ଏହି ଗବେଷଣା ସମୟରେ ବୈଜ୍ଞାନିକମାନେ ପାଖାପାଖି ୧୦୦୦ଟି ରୋଗକୁ ନେଇ ପରୀକ୍ଷା କରିଥିଲେ। ତନ୍ମଧ୍ୟରୁ ୧୩୦ଟି ରୋଗକୁ ଏଆଇ ମଡେଲ ସଠିକ୍ ଭାବେ ଜାଣିପାରିଥିଲା।



# ସ୍ଥଳସେନା ଦିବସ

ଭାରତୀୟ ସେନାର ପରାକାଷ୍ଠା ଏବଂ ପରାକ୍ରମକୁ ସମ୍ମାନ ଜଣାଇ ପ୍ରତିବର୍ଷ ଜାନୁଆରୀ ୧୫ ତାରିଖକୁ ସ୍ଥଳସେନା ଦିବସ ରୂପେ ପାଳନ କରାଯାଏ। ଦେଶର ସୀମାରେ ମୁତୟନ ବୀର ଯବାନଙ୍କ ବୀରତ୍ୱ, ଶୌର୍ଯ୍ୟ, ପରାକ୍ରମ, ସେବା, ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇବାର ଦିନଟିଏ। ଭାରତୀୟ ସେନାର ଏକ ପ୍ରମୁଖ ଅଙ୍ଗ ହେଉଛି ସ୍ଥଳ ସେନା ବା ପଦାତିକ ବାହିନୀ। ଭାରତୀୟ ସେନା ସର୍ବଦା ଦେଶର ସୁରକ୍ଷା ପାଇଁ ପ୍ରତିବଦ୍ଧ। ସେ ଯୁଦ୍ଧ ହେଉ କି ପ୍ରାକୃତିକ ବିପର୍ଯ୍ୟୟ ପରର ଉଦ୍ଧାର କାର୍ଯ୍ୟ ଅଥବା ଜରୁରିକାଳୀନ ପରିସ୍ଥିତି, ସବୁକ୍ଷେତ୍ରରେ ଅସହାୟ ଲୋକଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦେବା ପାଇଁ ଆଗଭର ଭାରତୀୟ ସେନା। ଦେଶପାଇଁ ବଳିଦାନ ଦେବାକୁ ସଦା ପ୍ରସ୍ତୁତ। ଖରା, ବର୍ଷା, ଶୀତକୁ ଖାତିର୍ ନ କରି ସେମାନେ ଦିନରାତି ସୀମାରେ ପଇଁତରା ମାରନ୍ତି। ସେମାନେ ସୀମାନ୍ତର ଜାଗ୍ରତ ପ୍ରହରୀ। କୌଣସି ମୁହୂର୍ତ୍ତରେ ମଧ୍ୟ ଶତ୍ରୁପକ୍ଷର ଗୁଳିରେ ସେମାନଙ୍କ ଜୀବନ ଚାଲିଯାଇପାରେ। ତଥାପି ନିଜ ଜୀବନକୁ ବାଜି ଲଗାଇ ସେମାନେ ଦେଶର ସୁରକ୍ଷା କବଚ ସାଜିଛନ୍ତି। ୧୯୪୯ ମସିହା ଆଜିର ଦିନରେ ଭାରତର ଶେଷ ବ୍ରିଟିଶ କମାଣ୍ଡର ଇନ୍ ଚିଫ୍ ସାର୍ ଫ୍ରାନସିସ୍ ବୁଚରଙ୍କଠାରୁ ଭାରତର ଫିଲ୍ଡ ମାର୍ଶଲ କେ. ଏମ୍. କରିୟପ୍ପା ଦାୟିତ୍ୱ ଗ୍ରହଣ କରିଥିଲେ। କରିୟପ୍ପା ଥିଲେ ଭାରତୀୟ ସେନାର ପ୍ରଥମ କମାଣ୍ଡର ଇନ୍ ଚିଫ୍। କରିୟପ୍ପା ୧୯୪୭ ମସିହାରେ ପାକିସ୍ତାନ ବିରୁଦ୍ଧରେ ଯୁଦ୍ଧରେ ତାଙ୍କର ଅଦମ୍ୟ ସାହସ ଓ ଦମ୍‌ଦାର ନେତୃତ୍ୱର ପରିଚୟ ଦେଇଥିଲେ। ତାଙ୍କ ନେତୃତ୍ୱରେ ଭାରତ ଜୋଜିଲା, ଦ୍ରାସ ଓ କାରଗିଲରେ ପାକିସ୍ତାନୀ ସେନାଙ୍କୁ ହରାଇଥିଲା। ସ୍ଥଳ ସେନା ଦିବସ ଅବସରରେ ଦେଶ ସୁରକ୍ଷା ପାଇଁ ପ୍ରାଣବଳୀ ଦେଇଥିବା ସହିଦଙ୍କ ଉଦ୍ଦେଶ୍ୟରେ ସମ୍ମାନ ପ୍ରଦର୍ଶନ କରାଯାଇଥାଏ। ଦେଶବ୍ୟାପୀ ବିଭିନ୍ନ ସେନା ଶିବିରରେ ଏହି ଦିବସ ପାଳନ କରାଯାଏ।



# ଗୁଡ୍ ଲୁକ୍ ପାଇଁ ଚିନ୍ତାରେ ଯୁବପିଢ଼ି

ଆଜିକାଲିର ଯୁବପିଢ଼ି ସୁନ୍ଦର ଦେଖାଯିବା ପାଇଁ ଜିମ୍ ଯାଇ ବିଭିନ୍ନ ପ୍ରକାର ବ୍ୟାୟାମ କରିବା ସହ କସ୍ମେଟିକ୍ ସର୍ଜରୀର ମଧ୍ୟ ସାହାଯ୍ୟ ନେଉଥିବା ଦେଖାଯାଉଛି। ନିକଟରେ ଏମ୍ସ ଏବଂ ଆଇସିଏମ୍ଆର୍ ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଏହି ଅଧ୍ୟୟନରେ ଏବେ ଯୁବପିଢ଼ିଙ୍କଠାରେ ବଡି ଇମେଜ ଆଙ୍ଗଜାଇଟି ବଢ଼ିଥିବା ଜଣାପଡ଼ିଛି। ମୋଟାମୋଟି କହିବାକୁ ଗଲେ, ଆଜିକାଲିର ଯୁବକଯୁବତୀମାନେ ସେମାନଙ୍କ ଶାରୀରିକ ଗଠନକୁ ନେଇ ଚିନ୍ତା ଓ ଅବସାଦରେ ରହୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି, ଗବେଷଣାରେ ସାମିଲ ଅଧିକାଂଶ ଯୁବକଯୁବତୀ ବିଦ୍ୟାର୍ଥୀ ହେବା ସହ ସେମାନେ ସମସ୍ତେ ମଧ୍ୟବିତ୍ତ ଶ୍ରେଣୀର ଥିଲେ। ତେବେ ବଡି ଇମେଜ ଆଙ୍ଗଜାଇଟିର ଅର୍ଥ ହେଉଛି, ନିଜ ଶରୀରକୁ ନେଇ ନକାରାତ୍ମକ ଚିନ୍ତାଧାରା ମନରେ ଆଣିବା। ଏଥିରେ ଜଣେ ନିଜ ରଙ୍ଗ କିମ୍ବା ଶାରୀରିକ ଗଠନକୁ ନେଇ ଚିନ୍ତାରେ ରୁହନ୍ତି। କେବଳ ସେତିକି ନୁହେଁ, ଏହାଦ୍ୱାରା ଲୋକେ ନିଜକୁ ଅନ୍ୟମାନଙ୍କଠାରୁ ହୀନ ମନେ କରନ୍ତି। ଏହି ଅଧ୍ୟୟନରେ ସାମିଲ ମୋଟାପାରେ ପୀଡ଼ିତ ୪୯ ପ୍ରତିଶତ ଏବଂ କମ୍ ଓଜନ ଯୁକ୍ତ ୪୭ ପ୍ରତିଶତ ଯୁବପିଢ଼ି ନିଜ ଶରୀରକୁ ନେଇ ଚିନ୍ତାରେ ଥିବା ସ୍ୱୀକାର କରିଛନ୍ତି। କମ୍ ଓଜନର ଯୁବପିଢ଼ି ସାଧାରଣ ଓଜନର ଯୁବପିଢ଼ିଙ୍କ ତୁଳନାରେ ପ୍ରାୟ ଦୁଇ ଗୁଣା ଏବଂ ମୋଟାପାରେ ପୀଡ଼ିତ ଯୁବପିଢ଼ି ତିନି ଗୁଣା ବଡ଼ି ଇମେଜ ଆଙ୍ଗଜାଇଟିର ସାମ୍ନା କରିଥିବାର ଜଣାପଡ଼ିଥିଲା। ଏଥିରେ ୧୮ ରୁ ୩୦ ବର୍ଷ ବୟସ୍କ ପ୍ରାୟ ୧୦୭୧ ଏଭଳି ଯୁବପିଢ଼ିଙ୍କୁ ସାମିଲ କରାଯାଇଥିଲା, ଯେଉଁମାନେ ଏମ୍ସ ଓପିଡ଼ିରେ ଚିକିତ୍ସିତ ହେବାକୁ ଆସିଥିଲେ। ଏହି ଗବେଷଣାର ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏଥିରେ ଧନୀ ଶ୍ରେଣୀର ଯୁବକଯୁବତୀ ସାମିଲ ନ ଥିଲେ।

# ଜନଶୂନ୍ୟ ସହର

ଆଣ୍ଡିଜ୍ ପର୍ବତମାଳାର ଦୁର୍ଗମ ଅଞ୍ଚଳରେ ରହିଛି ସେୱେଲ ସହର। ଏକଦା ୧୫ ହଜାର ରହୁଥିବା ଲୋକ ରହୁଥିବା ଏହି ସହରଟି ଏବେ ଜନଶୂନ୍ୟ। ସମୁଦ୍ର ପତ୍ତନରୁ ପ୍ରାୟ ୨ ହଜାର ମିଟର ଉଚ୍ଚତାରେ ଅବସ୍ଥିତ ଏହି ସହର ଏବେ 'ଘୋଷ୍ଟ ଟାଉନ୍'ରେ ପରିଣତ ହୋଇଛି। ୧୯୦୫ ମସିହାରେ ବ୍ରାଡେନ୍ କପର କମ୍ପାନୀ ଦ୍ୱାରା ସେୱେଲ୍ ସହରକୁ ସ୍ଥାପନା କରାଯାଇଥିଲା। ଏହି ସହର ସ୍ଥାପନାର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ବିଶ୍ୱର ସର୍ବବୃହତ ଭୂତଳ ତମ୍ବା ଖଣି 'ଏଲ୍ ଟେନିଏଣ୍ଟେ'ରେ କାମ କରୁଥିବା ଶ୍ରମିକ ଏବଂ ସେମାନଙ୍କ ପରିବାରକୁ ରହିବାର ସୁବିଧା ସୁଯୋଗ ଯୋଗାଇବା।



ସେୱେଲର ସବୁଠାରୁ ଆକର୍ଷଣୀୟ ବୈଶିଷ୍ଟ୍ୟ ଥିଲା ଏହାର ଅବସ୍ଥିତି। ଆଣ୍ଡିଜ୍ ପର୍ବତମାଳାର ଶିଖରରେ ଅବସ୍ଥିତ ଥିବାରୁ ଏଠାରେ କୌଣସି ସମତଳ ରାସ୍ତା ନିର୍ମାଣ କରିବା ସମ୍ଭବ ନ ଥିଲା। ତେଣୁ ଏଭଳି ସ୍ଥିତିରେ ଗମନାଗମନ ପାଇଁ ଶିଢ଼ି ତିଆରି କରାଗଲା। ଏହି ଶିଢ଼ିଗୁଡ଼ିକ ରେଳ ଷ୍ଟେସନରୁ ଆରମ୍ଭ ହୋଇ ସହରର ସବୁଠୁ ଉପରିଭାଗ ପର୍ଯ୍ୟନ୍ତ ଯାଉଥିଲା। ସେହିପରି ସହରର ମୁଖ୍ୟ ଗତିବିଧି ଏହି ଶିଢ଼ିର ଆଖପାଖରେ ହିଁ ହେଉଥିଲା। ଏହି ରାସ୍ତାକୁ ସୁନ୍ଦର ଓ ଆକର୍ଷଣୀୟ ଲାଗିବା ପାଇଁ ଗଛ ମଧ୍ୟ ଲଗାଯାଇଥିଲା। ସହରରେ ଥିବା ଘରଗୁଡ଼ିକ କାଠରେ ତିଆରି କରାଯାଇଥିଲା। ଘର ସବୁକୁ ଉଜ୍ଜ୍ୱଳ ସବୁଜ, ହଳଦିଆ, ଲାଲ ଏବଂ ନୀଳ ରଙ୍ଗରେ ରଙ୍ଗ କରାଯାଇଥିଲା। ତେବେ ୧୯୧୫ ମସିହାରେ ବ୍ରାଡେନଙ୍କ ପାର୍ଟନର ବାର୍ଟନ ସେୱେଲଙ୍କ ସମ୍ମାନରେ ଏହାର ନାଁ 'ସେୱେଲ' ରଖାଗଲା। ଏହା ପରେ ସହରର ଭିତ୍ତିଭୂମି ଦ୍ରୁତ ଗତିରେ ବିକଶିତ ହେଲା। ସହରରେ ଏକ ରେଳ ଲାଇନ ତିଆରି କରାଗଲା ଏବଂ ଏହାକୁ ରଙ୍କାଗୁଆ ସହର ସହିତ ସଂଯୋଗ କରାଗଲା। ସେତେବେଳେ ଏହି ସହରର ଜନସଂଖ୍ୟା ଥିଲା ୧୫ ହଜାର। ତା'ସହ ସହରରେ ସମସ୍ତ ସୁବିଧା ସୁଯୋଗ ବି ମହଜୁଦ ଥିଲା। ଏଥିରେ ହସ୍‌ପିଟାଲ, ଚର୍ଚ୍ଚ, ସ୍କୁଲ, ସୋସାଲ କ୍ଲବ୍, ଥିଏଟର ଏପରିକି ଗରମ ପାଣି ଯୁକ୍ତ ସୁଇମିଂ ପୁଲ୍‌ର ବ୍ୟବସ୍ଥା କରାଯାଇ ଥିଲା। ସେ ସମୟରେ ଏହି ସହର ସର୍ବୋତ୍ତମ ଖଣି ପ୍ରଯୁକ୍ତିବିଦ୍ୟା ଏବଂ ସ୍ଥାପତ୍ୟର ମିଳିନସ୍ଥଳ ଥିଲା। ସେହିପରି ୧୯୬୦ ମସିହାର ଶେଷ ସୁଦ୍ଧା ଚିଲିର ତମ୍ବା ଶିଳ୍ପ ଜାତୀୟକରଣ ହେବା ସହ ଏହା ସରକାରୀ ସମ୍ପତ୍ତିରେ ପରିଣତ ହୋଇଥିଲା। ସେହି ସମୟରେ ସରକାର ଏହି ଦୁର୍ଗମ ପାର୍ବତ୍ୟାଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତରିତ କରି ରଙ୍ଗଗୁଆରେ ରଖିବାର ନିଷ୍ପତ୍ତି ନେଲେ। ଫଳରେ ଧୀରେ ଧୀରେ ସହରର ଖାଲି ହେବାକୁ ଲାଗିଲା। ଧୀରେ ଧୀରେ ପୁରୁଣା କୋଠାଗୁଡ଼ିକ ଭାଙ୍ଗି ଦିଆଗଲା। ଅବଶ୍ୟ ୧୯୮୦ ମସିହା ଶେଷଆଡ଼କୁ ଭଙ୍ଗା କାର୍ଯ୍ୟ ବନ୍ଦ କରାଯାଇଥିଲା ଏବଂ ୧୯୯୮ ମସିହାରେ ଏହାକୁ ଜାତୀୟ ସ୍ମାରକୀ ଭାବେ ଘୋଷଣା କରାଯାଇଥିଲା। କେବଳ ସେତିକି ନୁହେଁ, ୨୦୦୬ ମସିହାରେ ୟୁନେସ୍କୋ ଏହାକୁ ବିଶ୍ୱ ଐତିହ୍ୟ ସ୍ଥଳ ଭାବେ ଘୋଷଣା କରିଥିଲା।

# ଘୁଷୁରି ଧରା ପ୍ରତିଯୋଗିତା



ନିକଟରେ ଚୀନ୍‌ର ଗୁଇଝୋଉର ମାଜିୟାଙ୍ଗ କାଉଣ୍ଟିରେ ଏକ ନିଆରା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଯାହାକି ଏବେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ୱେନ୍ ଫେଙ୍ଗଛିନ୍ ନାମ୍ନୀ ଜଣେ ୩୧ ବର୍ଷୀୟା ମହିଳା ଗୋଟିଏ ବର୍ଷରେ ୨୬ଟି ଘୁଷୁରି ଧରିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୨୨ଟି ଧରି ଏହାର ବିଜେତା ହୋଇଛନ୍ତି। ତେବେ ସେ ଧରିଥିବା ଘୁଷୁରିଗୁଡ଼ିକ ମଧ୍ୟରେ ଗୋଟିଏ ୭୩ କେଜିର ଘୁଷୁରି ଥିଲା। ମାଜିୟାଙ୍ଗରେ ସରକାରୀ ଅଧିକାରୀମାନେ ଏଭଳି ପ୍ରତିଯୋଗିତା ଚାଷୀଙ୍କ ଲାଗି ନିୟମିତ ବ୍ୟବଧାନରେ ଆୟୋଜନ କରିଥାନ୍ତି। ତନ୍ମଧ୍ୟରେ ଘୁଷୁରି ଧରିବା ପ୍ରତିଯୋଗିତା ଖୁବ୍ ଲୋକପ୍ରିୟ। ଏହି ପ୍ରତିଯୋଗିତାରେ ମହିଳା ଏବଂ ପିଲାଙ୍କ ଲାଗି ଅଲଗା ଅଲଗା ବର୍ଗ ଥାଏ। ତା'ସହ ଏଥିରେ ଅଂଶଗ୍ରହଣ କରୁଥିବା ପ୍ରତିଯୋଗୀ ଘୁଷୁରି ଧରିବାରେ ସଫଳ ହେଲେ ସେ ପୁରସ୍କାର ସ୍ୱରୂପ ଘରକୁ ସେହି ଘୁଷୁରିକୁ ସାଙ୍ଗରେ ନେବାର ଅନୁମତି ଅଛି। ନିକଟରେ ସେ ଏକ ୩୮ କେଜି ଘୁଷୁରି ଧରି ଏହାକୁ ଘରକୁ ସାଙ୍ଗରେ ନେଇ ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ 'ପିଗ୍ କ୍ୟାଚିଂ ଏକ୍ସପର୍ଟ' ନାଁରେ ଜାଣନ୍ତି। ଏହାର ଏକ ଭିଡିଓ ବି ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ ହୋଇଥିଲା। ଏଥିରେ ଦେଖିବାକୁ ମିଳିଛି, ଅନେକ ମହିଳା ଏକସଙ୍ଗରେ ମଇଦାନରେ ଥିବା ଘୁଷୁରି ପଛରେ ଦୌଡ଼ୁଛନ୍ତି। ତେବେ ୱେନ୍ ସର୍ବପ୍ରଥମେ ଘୁଷୁରିକୁ କାବୁ କରିବାକୁ ସଫଳ ହୋଇଥିଲେ। ଏହାକୁ ଉଠାଇ ସେ ପଡ଼ିଆରୁ ନେଇ ଯାଇଛନ୍ତି ଏବଂ ଦର୍ଶକେ ତାଳି ମାରି ତାଙ୍କୁ ଖୁବ୍ ଉତ୍ସାହିତ କରୁଛନ୍ତି। ୱେନ୍ ପିଲାବେଳୁ ବାସ୍କେଟ୍‌ବଲ, ସର୍ଟପୁଟ୍, ଦୌଡ଼ରେ ଭଲ ପ୍ରଦର୍ଶନ କରୁଥିବା କହିଛନ୍ତି। ତେଣୁ ଏ ଦୃଷ୍ଟିରୁ ଘୁଷୁରି ଧରିବା ତାଙ୍କ ପାଇଁ କୌଣସି ବଡ଼ କାମ ନୁହେଁ ବୋଲି ସେ କହିଛନ୍ତି। ୭୩ କେଜି ଓଜନର ଏକ ଘୁଷୁରିକୁ ଧରିବା ତାଙ୍କ ପାଇଁ ବେଶ୍ ସ୍ମରଣୀୟ ମୁହୂର୍ତ୍ତ ଥିଲା ବୋଲି ୱେନ୍ କହିଛନ୍ତି। ଏହାକୁ ପାଞ୍ଚ ସେକେଣ୍ଡରେ ଧରିବାର ଥିଲା କିନ୍ତୁ ଏହାକୁ ସେ ୨୦ ସେକେଣ୍ଡରେ ଧରିଲେ। ଘୁଷୁରିକୁ ଧରିବାର କୌଶଳ ଏହାର ବେଗ ଉପରେ ନିର୍ଭର କରେ ବୋଲି ସେ କହନ୍ତି। ସେହିପରି ଏହିବର୍ଷ ସେ ଧରିଥିବା ୨୨ଟି ଘୁଷୁରି ମଧ୍ୟରୁ ୱେନ୍ ୧୨ଟିକୁ ବିକ୍ରି କରିଦେଇଛନ୍ତି। ଏବେ ତାଙ୍କ ପାଖରେ ୧୦ଟି ଘୁଷୁରି ଅଛନ୍ତି।



# ପ୍ରେମରେ ଦିଶା !

ବଲିଉଡ୍ ଅଭିନେତ୍ରୀ ଦିଶା ପଟାନି ଫିଲ୍ମ କ୍ୟାରିୟର ଅପେକ୍ଷା ତାଙ୍କ ବଡ଼ି ଫିଟ୍‌ନେସ୍‌କୁ ନେଇ ଅଧିକ ଚର୍ଚ୍ଚିତ। ଟାଇଗର ସ୍ରଫ୍‌ଙ୍କଠାରୁ ଅଲଗା ହେବା ପରେ ଦିଶା ପୁଣିଥରେ ପ୍ରେମରେ ପଡ଼ିଥିବା ଚର୍ଚ୍ଚା ହେଉଛି। ଉଦୟପୁରରେ କ୍ରିତି ସାନନ୍‌ଙ୍କ ଭଉଣୀ ନୁପୁର ସାନନ୍ ଓ ଷ୍ଟେବିନ ବେନଙ୍କ ବିବାହ ସମୟରେ ଦିଶାଙ୍କର କିଛି ଫଟୋ ଓ ଭିଡିଓ ଭାଇରାଲ ହୋଇଛି। ଏଥିରେ ସେ ମାସ୍କ ପିନ୍ଧିଥିବା ଜଣେ ଯୁବକ ସହ ଦେଖାଯାଇଛନ୍ତି। ଏହି ଯୁବକ ଜଣକ ପଞ୍ଜାବୀ ଗାୟକ ତଲବିନ୍ଦର ସିଂହ ବୋଲି କୁହାଯାଉଛି। ଭାଇରାଲ ଭିଡିଓରେ ଦିଶା ଏବଂ ତଲବିନ୍ଦର ହାତ ଧରି ମୌନି ରୟଙ୍କ ସ୍ୱାମୀ ସୂରଜ ନାମ୍ବିଆରଙ୍କ ସହ କଥା ହେଉଥିବାର ଦେଖାଯାଉଛି। ପରେ, ଦୁହେଁ ମୁମ୍ବାଇ ଯାଉଥିବା ସମୟରେ ଉଦୟପୁର ବିମାନବନ୍ଦରରେ ମଧ୍ୟ ଏକାଠି ଦେଖାଯାଇଥିଲେ। ଏହି ଭିଡିଓ ଭାଇରାଲ ହେବା ପରେ ଉଭୟଙ୍କ ପ୍ରେମ ସମ୍ପର୍କକୁ ନେଇ ଜୋରଦାର ଚର୍ଚ୍ଚା ହେଉଛି। ଅବଶ୍ୟ ଦିଶା କି ତଲବିନ୍ଦର ଏନେଇ କିଛି ମନ୍ତବ୍ୟ ଦେଇ ନାହାନ୍ତି। ତଲବିନ୍ଦର ଜଣେ ପଞ୍ଜାବୀ ଗାୟକ ଓ ସଙ୍ଗୀତ ପ୍ରଯୋଜକ। ସେ ସବୁବେଳେ ମୁହଁରେ ମାସ୍କ ପିନ୍ଧି ମଞ୍ଚରେ ପ୍ରଦର୍ଶନ କରନ୍ତି। ଏଭଳି କରି ସେ ବ୍ୟକ୍ତିଗତ ଜୀବନକୁ ଗଣମାଧ୍ୟମଠାରୁ ଦୂରେଇ ରଖିବାକୁ ଚେଷ୍ଟା କରିଥାନ୍ତି ବୋଲି ଚର୍ଚ୍ଚା ହୁଏ। ଦିଶାଙ୍କ କାମ କଥା କହିବାକୁ ଗଲେ, ସେ ଶେଷ ଥର ପାଇଁ 'କଲ୍‌କି ୨୮୯୮ ଏଡି'ରେ ନଜର ଆସିଥିଲେ। ତାଙ୍କର ଆଗାମୀ ଫିଲ୍ମ ମଧ୍ୟରେ 'ୱେଲକମ୍ ଟୁ ଦ ଜଙ୍ଗଲ' ରହିଛି।

## ଆଜିର ରାଶିଫଳ

**ମେଷ:** ଅଟକି ଥିବା କାର୍ଯ୍ୟ ପୂରଣ କରିବେ। ଆପଣଙ୍କ ପାଇଁ ସମୟ ବହୁତ ଭଲ। ନୂତନ ବନ୍ଧୁଙ୍କ ସହ ସାକ୍ଷାତ ହେବ। ପତି-ପତ୍ନୀଙ୍କ ମଧ୍ୟରେ ସୁସମ୍ପର୍କ ରହିବ। ଧନ ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।

**ବୃଷ:** ନୂତନ ବ୍ୟବସାୟରେ ନିବେଶ କରନ୍ତୁ, ସମୟ ଅନୁକୂଳ ରହିଛି। କାର୍ଯ୍ୟକ୍ଷେତ୍ରରେ ଉଚ୍ଚପଦସ୍ଥଙ୍କ ଠାରୁ ପ୍ରଶଂସିତ ହେବେ। ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିବେ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ। ଆର୍ଥିକ ମାମଲାରେ ସାବଧାନ ରହିବେ। କଥା କହିବା ସମୟରେ ସଂଯମତା ରକ୍ଷା କରନ୍ତୁ। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ।

**ସିଂହ:** ଅକସ୍ମାତ୍ ଧନ ଲାଭ ଯୋଗ ରହିଛି। ନିର୍ଦ୍ଧାରିତ ଯୋଜନା ମୁତାବକ କାମ ହେବ। ବିଦ୍ୟାର୍ଥୀମାନେ ପଢ଼ାମନସ୍କ ହେବେ। ଜୀବନସାଥୀଙ୍କ ଠାରୁ ମୂଲ୍ୟବାନ ଉପହାର ପାଇପାରନ୍ତି।

**କର୍କଟ:** ମନ ଭିତରେ ଯାହା କିଛି ଭାବୁଛନ୍ତି ତାହାକୁ ପ୍ରକାଶ କରନ୍ତୁ। ସାହିତ୍ୟ ସମାବେଶରେ ପ୍ରଶଂସିତ ହେବେ। ସମୟର ସଦୁପଯୋଗ କରନ୍ତୁ। ମାତାପିତାଙ୍କ କଥାକୁ ପାଳନ କରନ୍ତୁ।

**କନ୍ୟା:** କାର୍ଯ୍ୟକ୍ଷେତ୍ରରେ ନିଜ ଟାର୍ଗେଟ୍‌କୁ ପୂରା କରନ୍ତୁ। ନୂତନ ଯାନବାହନ କ୍ରୟ କରିପାରନ୍ତି। ଅଯଥାରେ କାହା ସହିତ ଯୁକ୍ତିତର୍କ କରନ୍ତୁନି। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।

**ତୁଳା:** ଆଜିର ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ନିଜ ବ୍ୟକ୍ତିଗତ ମାମଲା ବିଷୟରେ ପରିବାର ଲୋକଙ୍କ ସହ ଆଲୋଚନା କରନ୍ତୁ। ପ୍ରତିକୂଳ ପରିସ୍ଥିତିରେ ଭାଙ୍ଗି ପଡ଼ନ୍ତୁନି।

**ବିଛା:** ଅଟକି ଥିବା ଦିଗରୁ ଧନ ମିଳିପାରେ। ପରିବାରର ଚାପ ଆପଣଙ୍କ ଉପରେ ଅଧିକ ରହିବ। ପିଲାମାନେ ଖେଳକୁଦରେ ସମୟ ବିତାଇବେ। ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ।

**ଧନୁ:** ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କଠିନ ପରିଶ୍ରମ କରିବେ। ଆଜି ଭାଗ୍ୟ ଆପଣଙ୍କ ସାଥ୍ ଦେବ। କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ପାଇପାରନ୍ତି। ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ।

**ମକର:** ଆପଣଙ୍କ ପ୍ରତିଭା ପ୍ରସ୍ଫୁଟିତ ହେବ। ସରକାରୀ ଚାକିରିଆଙ୍କ ପାଇଁ ଆଜିର ଦିନଟି ବହୁତ ଭଲ। ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ା ପ୍ରତି ଅଧିକ ଧ୍ୟାନ ଦେବେ।

**କୁମ୍ଭ:** ଅଚାନକ ଆପଣଙ୍କ ମନ ଭିତରେ ପରିବର୍ତ୍ତନ ଆସିବ। ଆର୍ଥିକ ସମସ୍ୟା ରହିବନି। ଅନ୍ୟକୁ ଉଧାର ଦେଇ ଠକିପାରନ୍ତି। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ।

**ମୀନ:** ପାରିବାରିକ ମତଭେଦ ଦେଖା ଦେବ। ଅନ୍ୟକୁ ଅଧିକ ବିଶ୍ୱାସ କରନ୍ତୁ ନାହିଁ। ମହିଳାମାନେ ଅଯଥା ଖର୍ଚ୍ଚରେ କରିବେ। କ୍ୟାରିୟରରେ ଉନ୍ନତି ହେବ।

# ଭୀମକୁଣ୍ଡ ମହୋତ୍ସବ ଉଦ୍‌ଘାଟିତ

## ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ



ଠାକୁରମୁଣ୍ଡା,୧୪।୧(ସମିସ): ମୟୂରଭଞ୍ଜ ଜିଲ୍ଲା ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଥିବା ଭୀମକୁଣ୍ଡ ଏବଂ ଭୈରବ କୁଣ୍ଡ ରେ ପବିତ୍ର ମକର ସଂକ୍ରାନ୍ତି ଅବସରରେ ମୟୁରଭଞ୍ଜ ଜିଲ୍ଲାର ଗଣ ପର୍ବ ମକର ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସର ରେ ଭୀମକୁଣ୍ଡ ଠାରେ ଭୀମକୁଣ୍ଡ ମୋହତ୍ସବ ମଧ୍ୟ ଉଦଘାଟିତ ହୋଇଯାଇଛି।

ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକ ଓ କେନ୍ଦୁଝର ଜିଲ୍ଲାର ପାଟଣା ବ୍ଲକ ସୀମାନ୍ତ ଦେଇ ପ୍ରବାହିତ ବୈତରଣୀ ନଦୀର ବୋଙ୍ଗି ଗ୍ରାମ ନିକଟରେ ଥିବା ପର୍ଯ୍ୟଟନ ସ୍ଥଳୀ ଭୀମକୁଣ୍ଡରେ ମକର ସଂକ୍ରାନ୍ତି ରେ ପ୍ରତିବର୍ଷ ପରି ମକର ମେଳାରେ ଚଳିତ ବର୍ଷ ମଧ୍ୟ ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକମାନଙ୍କ ସମାଗମ ହୋଇଥିଲା। ସଂକ୍ରାନ୍ତି ଅବସରରେ ଭୀମକୁଣ୍ଡର ଅପର ପାଶ୍ୱର୍ରେ ଥିବା ସୀମାନ୍ତ ପାଟଣା ବ୍ଲକ ପଟୁ ମଧ୍ୟ ପ୍ରବଳ ଜନସମାଗମ ହୋଇଥିଲା। ବୈତରଣୀ ନଦୀର ଭୀମକୁଣ୍ଡର ସାନ ଓ ବଡ଼ କୁଣ୍ଡରେ ବୁଡ଼ ପକାଇବାକୁ ବାରଣ ହେତୁ ଭୀମକୁଣ୍ଡର ସମତଳ ସ୍ଥାନରେ ଶ୍ରଦ୍ଧାଳୁମାନେ ଭିଡ଼ ଲଗାଇଥିଲେ। ଉଭୟ ପାଶ୍ୱର୍ ରେ ଥିବା କୁଣ୍ଡେଶ୍ୱରଙ୍କ ମନ୍ଦିରରେ ପୂଜା କରିବାକୁ ଭିଡ଼ ଜମିଥିବା ଦେଖିବାକୁ ମିଳିଥିଲା। ଭୀମକୁଣ୍ଡ ବିକାଶ ପରିଷଦ, ବୋଙ୍ଗି ଦ୍ୱାରା ଆୟୋଜିତ ମହୋତ୍ସବର ଉଦଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସାଂସଦ ପ୍ରତିନିଧି ତାରା କାନ୍ତ ପଟ୍ଟନାୟକ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଡ଼ଃ ସୁମନ୍ତ ନାୟକ, ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ, ପଡ଼ିଆବେଡା ମହାବିଦ୍ୟାଳୟର ଅଧ୍ୟକ୍ଷ ଚୈତନ୍ୟ ପ୍ରସାଦ ମହାନ୍ତ,ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା,ଠାକୁରମୁଣ୍ଡା ଓଆଇସି ସାବିତ୍ରୀ ଦଳେଇ, ଯୋଗ ଦେଇଥିଲେ। ମଞ୍ଚକୁ ଭୀମକୁଣ୍ଡ ବିକାଶ ପରିଷଦର ସଭାପତି ତଥା ପଡ଼ିଆବେଡା ସମିତି ସଭ୍ୟ ପ୍ରମୋଦ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ସ୍ଥାନୀୟ କଳାକାରଙ୍କ ପକ୍ଷରୁ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି ମକର ସଂକ୍ରାନ୍ତି ଅବସରରେ ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ନିକଟ ସାଳନ୍ଦୀ ନଦୀର ବାଲିଘାଟଠାରେ ଥିବା ଭୈରବ କୁଣ୍ଡ, ଦିଗଧର ଗ୍ରାମର ବାସୁକେଶ୍ୱର ଓ ଶାଳବୁଆ ନିକଟ ବାଘମରା ମଠରେ ମକର ମେଳା ପାଇଁ ଜନ ସମାଗମ ହୋଇଥିଲା।

## 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପ୍ରହସନ

# ଅର୍ଥରାଶି ମିଳି ନ ଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଛାତ୍ରୀ

ଭୁବନେଶ୍ୱର, ୧୪।୧(ସମିସ): ୨୦୨୪ରେ ରାଜ୍ୟ ସ୍ତରରେ ମେଧାବୀ ବିଦ୍ୟାର୍ଥୀ ଭାବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ମନୋନୀତ ହୋଇଥିଲେ। ସମ୍ମାନିତ ହେବା ସହ ଅର୍ଥରାଶି ପୁରସ୍କାର ପାଇଁ ଯୋଗ୍ୟ ହୋଇଥିଲେ। ୨୦୨୫ ବର୍ଷରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଆବେଦନ ଆରମ୍ଭ ହୋଇଥିଲେ ମଧ୍ୟ ମେଧାବୀ ବିଦ୍ୟାର୍ଥୀ ଅର୍ଥରାଶି ପାଇ ନାହାନ୍ତି। କେବେ ପାଇବେ ମଧ୍ୟ ଅଧିକାରୀମାନେ ମୁହଁ ଖୋଲୁ ନାହାନ୍ତି। ଏଣୁ ପୁରସ୍କାର ରାଶି ପାଇବା ପାଇଁ ପୁରୀ ଜିଲ୍ଲା ନିମାପଡ଼ା ଅନ୍ତର୍ଗତ ଜେବିଆର୍ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ରିୟା ମିଶ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି।

୨୦୨୩-୨୪ ଶିକ୍ଷା ବର୍ଷରେ ମାଟ୍ରିକ୍ ପରୀକ୍ଷାରେ ୫୫୨ ନମ୍ବର ରଖି ଛାତ୍ରୀ ରିୟା କୃତକାର୍ଯ୍ୟ ହୋଇଥିଲେ। ଏହି ସଫଳତା ପାଇଁ ୨୦୨୪ରେ ରାଜ୍ୟ ସ୍ତରୀୟ ମେଧାବୀ ବିଦ୍ୟାର୍ଥୀ ପୁରସ୍କାର ପାଇବାକୁ ମନୋନୀତ ହୋଇଥିଲେ। ତାଙ୍କର ସଫଳତାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପୁସ୍ତକ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ମାତ୍ର ପୁରସ୍କାର ରାଶି ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀମାନେ ପଦକ୍ଷେପ ନେଉ ନାହାନ୍ତି। ପ୍ରାୟ ବର୍ଷେ ତଳେ ତାଙ୍କୁ ପୁରସ୍କୃତ କରାଯାଇଥିଲେ ମଧ୍ୟ ପୁରସ୍କାର ରାଶି ପ୍ରଦାନ ନ କରିବାକୁ ଛାତ୍ରୀ ଜଣକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ସେ ଦର୍ଶାଇଛନ୍ତି ଯେ କେଉଁ କାରଣରୁ ଅର୍ଥରାଶି ପ୍ରଦାନ କରିବାରେ ବିଳମ୍ବ ହେଉଛି ବୋଲି ଅଧିକାରୀଙ୍କୁ ପଚାରିଲେ କେହି ସନ୍ତୋଷଜନକ ଉତ୍ତର ଦେଉ ନାହାନ୍ତି। ଅର୍ଥରାଶି ପ୍ରଦାନ କରିବାକୁ ମଧ୍ୟ କୌଣସି ପଦକ୍ଷେପ ନେଉ ନାହାନ୍ତି। ତାଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ବିଚାର କରି ତୁରନ୍ତ ଅର୍ଥରାଶି ପ୍ରଦାନ କରିବାକୁ ସେ ନିବେଦନ କରିଛନ୍ତି।

ରିୟାଙ୍କ ଚିଠି ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ଚାଲିଥିବା ମନମୁଖୀ କାର୍ଯ୍ୟ ପଦାରେ ପଡ଼ିଛି। ରିୟାଙ୍କ ପରି ବହୁ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ପୁରସ୍କାର ପାଇଁ ଯୋଗ୍ୟ ହୋଇଥିଲେ ମଧ୍ୟ ଅର୍ଥରାଶି ପୁରସ୍କାର ପାଇ ନାହାନ୍ତି। ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ବକେୟା ଅର୍ଥରାଶି ତୁରନ୍ତ ପ୍ରଦାନ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।

# ପୁଷ୍ଟିଯୁକ୍ତ ଧାନ ଉତ୍ପାଦନ ଓ ପ୍ରସାର ଉପରେ ଗୁରୁତ୍ୱ



ଭୁବନେଶ୍ୱର,୧୪।୧(ସମିସ):ପୁଷ୍ଟିଯୁକ୍ତ ଚାଉଳରେ ପ୍ରସ୍ତୁତ ଖାଦ୍ୟ ପଦାର୍ଥ ଶରୀର ପାଇଁ ଏକାନ୍ତ ଜରୁରୀ ବୋଲି କହିଛନ୍ତି ଓଡ଼ିଶା କୃଷି ଓ ବୈଷୟିକ ମହା ବିଦ୍ୟାଳୟର କୁଳପତି ପ୍ରଫେସର୍ ପ୍ରଭାତ କୁମାର ରାଉଳ । ଓଡ଼ିଶା ସରକାରଙ୍କ କୃଷି ବିଭାଗ ଓ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ମିଳିତ ସହଯୋଗରେ ପୁଷ୍ଟିଯୁକ୍ତ ଧାନ ଉତ୍ପାଦନ ସଂକ୍ରାନ୍ତ ଦୁଇ ଦିବସୀୟ ଜାତୀୟ କର୍ମଶାଳାକୁ ଉଦ୍‌ଘାଟନ କରି ପ୍ରଫେସର୍ ରାଉଳ ଓଡ଼ିଶା ଖାଦ୍ୟ ଏବଂ କୃଷି ବ୍ୟବସ୍ଥାରେ ଧାନ ଏବଂ ଚାଉଳର ଉପାଦେୟତା ଉପରେ ଆଲୋକପାତ କରିଛନ୍ତି। ଅନ୍ୟତମ ଅତିଥି ଭାବେ କୃଷି ବିଭାଗର ନିର୍ଦ୍ଦେଶିକା ଲିଟି ପଟ୍ଟନାୟକ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ପ୍ରୟାସକୁ ଭୂୟସୀ ପ୍ରଶଂସା କରିଛନ୍ତି। କର୍ମଶାଳାରେ ଜାତୀୟ ଓ ଅନ୍ତର୍ଜାତୀୟ କୃଷି ବୈଜ୍ଞାନିକ, ନୀତି ନିର୍ଦ୍ଧାରକ, ସରକାରୀ ଏବଂ ବେସରକାରୀ ବିହନ ଉତ୍ପାଦନକାରୀ ସଂସ୍ଥା, କୃଷକ ଓ ଉତ୍ପାଦକ ସଂଗଠନ, ସ୍ୱୟଂସହାୟକ ଗୋଷ୍ଠୀର କର୍ମକର୍ତ୍ତା, ବିଭିନ୍ନ ଉନ୍ନୟନ ଏବଂ ଗବେଷଣା ସଂସ୍ଥାଗୁଡ଼ିକ ଗୋଟିଏ ମଞ୍ଚରେ ଏକତ୍ରିତ ହୋଇ ଓଡ଼ିଶା ତଥା ସମଗ୍ର ଭାରତରେ ଜିଙ୍କ୍, ଲୌହସାର, ପୁଷ୍ଟିସାର, ଲୋ-ଜିଆଇ, କିସମର ଧାନକୁ ସାଧାରଣ ଜନତାଙ୍କ ନିକଟରେ ଆଦୃତ କରାଇବା ନିମନ୍ତେ ଭବିଷ୍ୟତର କାର୍ଯ୍ୟପନ୍ଥା ପ୍ରସ୍ତୁତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଆର୍‌ଆର୍‌ଆଇ ନିର୍ଦ୍ଦେଶକ ଡ. ଜି.ଏ.କେ କୁମାର ସ୍ୱତନ୍ତ୍ର କିସମର ଧାନକୁ ସର୍ବଭାରତୀୟ ସ୍ତରରେରେ ପଞ୍ଜୀକୃତ କରାଇବା ନିମନ୍ତେ ଜାତୀୟ ଧାନ ଗବେଷଣା କେନ୍ଦ୍ରର ପ୍ରୟାସ ଏବଂ ଇରି, ଓଡ଼ିଶା ବିହନ ନିଗମ, ବିଭିନ୍ନ କୃଷକ ସଂଗଠନମାନଙ୍କ ସହାୟତାରେ ଏହାର ବିସ୍ତାରିକରଣ ପ୍ରକୃତରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେ ବୋଲି ମତବ୍ୟକ୍ତ କରିଛନ୍ତି। ପ୍ରାରମ୍ଭରେ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ସାଉଥ୍ ଏସିଆ ଆଞ୍ଚଳିକ କେନ୍ଦ୍ରର ନିର୍ଦ୍ଦେଶକ ସୁଧାଂଶୁ ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଆଇଆରଆର୍‌ଆଇର ଭାରତର ପ୍ରବନ୍ଧକ ସ୍ୱାତୀ ନାୟକ ଏହି କର୍ମଶାଳାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଶେଷରେ ଶୁଭସ୍ମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଧରାପଡ଼ିଲା ଆଇଏମ୍‌ଏରେ ବ୍ୟାପକ ଅନିୟମିତତା

# ବେଆଇନ ନିଯୁକ୍ତି ସହ ୩ ଗୁଣା ଦରମା ନେଇଥିଲେ କୁଳସଚିବ

ଭୁବନେଶ୍ୱର, ୧୪।୧(ସମିସ): ଭୁବନେଶ୍ୱର ଅନ୍ଧାରୁଆସ୍ଥିତ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ (ଆଇଏମ୍‌ଏ)ରେ ହୋଇଛି ବ୍ୟାପକ ଅନିୟମିତତା। ସମ୍ପୂର୍ଣ୍ଣ ଅନିୟମିତତା କରି ଅଧିକାରୀଙ୍କ ନିଯୁକ୍ତି ଦିଆଯାଇଛି। ନିଯୁକ୍ତି ଦେବା ପରେ ଧାର୍ଯ୍ୟ ଠାରୁ ବହୁ ଗୁଣା ଅଧିକ ଦରମା ଦିଆଯାଇଛି। ଏପରିକି ମାତ୍ର ୧୧ ମାସରେ ଅଧିକ ୨୨ ଲକ୍ଷ ଟଙ୍କା ନେଇଯାଇଛନ୍ତି। କୁଳସଚିବ ଭାବେ ନିଯୁକ୍ତି ପାଇଥିବା ଡ. ଅଳକା ରାୟଙ୍କ ନିଯୁକ୍ତିକୁ ବେଆଇନ୍ ଦର୍ଶାଇବା ସହ ଅଧିକ ନେଇଥିବା ଦରମା ତାଙ୍କଠାରୁ ଭରଣା କରିବାକୁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି।

ଆଇଏମ୍‌ଏରେ କୁଳସଚିବ ଭାବେ ଡ. ରାୟଙ୍କୁ ବେଆଇନ୍ ଭାବେ ନିଯୁକ୍ତ ଦିଆଯାଇଥିବା ଏବଂ ଧାର୍ଯ୍ୟ ଠାରୁ ବହୁ ଅଧିକ ଦରମା ଦିଆଯାଇଥିବା ସଂକ୍ରାନ୍ତରେ ଗତ ଜୁନ୍ ୮ ତାରିଖରେ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଅଡିଟ୍‌ରେ ତଞ୍ଚକତା ଧରା ପଡ଼ିଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଅଭିଯୋଗ ହୋଇଥିଲା। ଫଳରେ ବିଭାଗ ପକ୍ଷରୁ ଏହାର ପୁନଃ ଅଡିଟ୍ କରିବାକୁ କୁହାଯାଇଥିଲା। ଡେପୁଟି ଆକାଉଣ୍ଟାଣ୍ଟ ଜେନେରାଲ୍‌ଙ୍କ ପକ୍ଷରୁ ଏନେଇ ଏକ ଡ୍ରାଫ୍ଟ ନୋଟ୍ ପ୍ରସ୍ତୁତ କରାଯାଇଛି। ତହିଁରେ କୁହାଯାଇଛି ଯେ, ପ୍ରତିଷ୍ଠାନର କୁଳସଚିବ ପଦରେ ନୂତନ ନିଯୁକ୍ତି ପାଇଁ ୨୦୨୩ ଫେବୃଆରୀରେ ବିଜ୍ଞପ୍ତି ପ୍ରକାଶ ପାଇଲା। ୩ଜଣ ଆଶାୟୀ ଆବେଦନ କଲେ। ସେମାନଙ୍କ ମଧ୍ୟରୁ ଡ. ରାୟଙ୍କୁ ପ୍ରତିଷ୍ଠାନର କୁଳସଚିବ ଭାବେ ନିଯୁକ୍ତି ପାଇଁ ୨୦୨୩ ଜୁଲାଇରେ ବିଜ୍ଞାନ ଓ

**■ ଅର୍ଥ ଆଦାୟ କରିବାକୁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ନିର୍ଦ୍ଦେଶ**
**■ ତଞ୍ଚକତାରେ ସହଯୋଗୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଦାବି**

ବୈଷୟିକ ଶିକ୍ଷା ବିଭାଗ ଅନୁମୋଦନ ଦେଲା। ମାସିକ ୪୬ ହଜାର ଟଙ୍କା ଦରମା ଦିଆଯିବ ବୋଲି ମଧ୍ୟ ସ୍ପଷ୍ଟ କଲା। ହେଲେ କାର୍ଯ୍ୟରେ ଯୋଗଦେବା ପୂର୍ବରୁ ଡ. ରାୟ ତାଙ୍କ ଦରମାକୁ ପୁନଃବିଚାର କରିବାକୁ ଏକ ପ୍ରସ୍ତାବ ଦେଲେ। ପୂର୍ବରୁ ଦିଲ୍ଲୀର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ସହକାରୀ-କୁଳସଚିବ ଭାବେ କାର୍ଯ୍ୟ କରିଥିବାରୁ ତଦନୁଯାୟୀ ଦରମା ପ୍ରଦାନ କରିବାକୁ ଅନୁରୋଧ କଲେ। ଏହାପରେ ଆଇଏମ୍‌ଏ ପକ୍ଷରୁ ତାଙ୍କ ମୂଳ ଦରମାକୁ ତିନିଗୁଣାରୁ ଅଧିକ ଅର୍ଥାତ ୧,୫୧,୧୦୦ ଟଙ୍କା କରାଯାଇଥିଲା। ଏନେଇ କୌଣସି ଅଫିସ୍ ଅର୍ଡର ମଧ୍ୟ ପ୍ରକାଶ ପାଇ ନ ଥିବା ଦର୍ଶାଯାଇଛି।

ଅପରପକ୍ଷରେ ଆଇଏମ୍‌ଏରେ ନିଯୁକ୍ତି ପାଇଁ ଆବେଦନ କରିବା ସମୟରେ ସେ ଘରୋଇ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଥିଲେ ମଧ୍ୟ ତାହା ଦର୍ଶାଇ ନଥିଲେ। ଚତୁରତାର ସହିତ କେବଳ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଥିବା ଦର୍ଶାଇ ତଞ୍ଚକତା କରିଥିଲେ। ସେ ଅନ୍ୟ ସ୍ଥାନରେ ଚାକିରି କରୁଥାଇ ମଧ୍ୟ ଆଇଏମ୍‌ଏରେ କୁଳସଚିବ ପଦ ପାଇଁ ଆବେଦନ କରିଥିବା ଦର୍ଶାଇ ତାଙ୍କ ନିଯୁକ୍ତିକୁ ଅବୈଧ ବୋଲି ଦର୍ଶାଯାଇଛି। ସେହିପରି ଡ. ରାୟ ଜଣେ ଅବସରପ୍ରାପ୍ତ ଅଧିକାରୀଭାବେ ସେହି ପଦରେ ନିଯୁକ୍ତି ପାଇଥିବାରୁ ସେ ମଧ୍ୟ ୪୬ହଜାର ଟଙ୍କା ହିଁ ପାଇବାକୁ ଯୋଗ୍ୟ। ଡିଏ ଓ ଏଚ୍‌ଆର୍‌ଏ ମଧ୍ୟ ପାଇପାରିବେ ନାହିଁ। ହେଲେ ତାଙ୍କୁ ସମସ୍ତ ସରକାରୀ ସୁବିଧା ଯୋଗାଇ ଦିଆଯାଇଛି। ଡ. ରାୟଙ୍କ ନିଯୁକ୍ତିକୁ ସମ୍ପୂର୍ଣ୍ଣ ବେଆଇନ୍ ଦର୍ଶାଇବା ସହ ୨୨ ଲକ୍ଷ ୩ ହଜାର ୬୯୫ ଟଙ୍କା ଅଧିକ ନେଇଥିବାରୁ ସମସ୍ତ ଅର୍ଥ ତାଙ୍କଠାରୁ ଭରଣା କରିବାକୁ ଗତ ନଭେମ୍ବରରେ ସରକାରଙ୍କୁ ସୁପାରିଶ କରାଯାଇଛି। ଏଜିଙ୍କ ରିପୋର୍ଟ ପାଇବା ପରେ ସମସ୍ତ ଅର୍ଥ ଡ. ରାୟଙ୍କ ଠାରୁ ଭରଣା କରିବା ପାଇଁ ଆଇଏମ୍‌ଏ ଦାୟିତ୍ୱରେ ଥିବା ଅତିରିକ୍ତ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସବୁଠାରୁ ରୋଚକ କଥା ହେଲା, ତଞ୍ଚକତା ଧରା ପଡ଼ିବା ପରେ ଡ. ରାୟ ନିଜ ପଦରୁ ଇସ୍ତଫା ଦେଇ ସାରିଛନ୍ତି। ତାଙ୍କ ଠାରୁ ଅର୍ଥ ଆଦାୟ କରିବାକୁ ସରକାର ନିର୍ଦ୍ଦେଶନାମା ଜାରି କରିଥିବାବେଳେ ତାଙ୍କୁ ନିଯୁକ୍ତି ଦେଇଥିବା ଅଧିକାରୀ ଓ ଆଇଏମ୍‌ଏ ଅଧ୍ୟକ୍ଷଙ୍କ ବିରୋଧରେ କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଏଯାଏଁ ନେଇ ନାହାନ୍ତି। ତେଣୁ ଏହି କେଳେଙ୍କାରୀରେ ସମ୍ପୃକ୍ତ ସମସ୍ତ ଅଧିକାରୀଙ୍କ ବିରୋଧରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

# ରାଇରଙ୍ଗପୁର ପୁଲିସ ଜିଲ୍ଲା ପଦବୀ ସୃଷ୍ଟି ନେଇ ବିଜ୍ଞପ୍ତି

ରାଇରଙ୍ଗପୁର,୧୪।୧(ସମିସ): ନୂତନ ରାଇରଙ୍ଗପୁର ପୁଲିସ ଜିଲ୍ଲା ଗଠନ କରିବା ନିମନ୍ତେ ଗୃହ ବିଭାଗ ପକ୍ଷରୁ ପ୍ରକ୍ରିୟା ଜାରି ରହିଛି। ଇତି ମଧ୍ୟରେ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। କଟକସ୍ଥିତ ରାଜ୍ୟ ପୁଲିସ ମୁଖ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ୨୦୨୫ରେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଇରଙ୍ଗପୁର ପୋଲିସ ଜିଲ୍ଲା ନିମନ୍ତେ ବିଧିବଦ୍ଧ ଘୋଷଣା ହୋଇଥିଲା। ଯାହାକୁ ନେଇ ପ୍ରକ୍ରିୟା ଜାରି ରହିଛି। ରାଜ୍ୟର ସର୍ବ ବୃହତ ମୟୂରଭଞ୍ଜ ପୁଲିସ ଜିଲ୍ଲାକୁ ଭାଗ କରି ରାଇରଙ୍ଗପୁର ପୁଲିସ ଜିଲ୍ଲା ନୂତନ କରି ଗଠନ ହେବ। ତେବେ ଏହାର ଜିଲ୍ଲାର ମୁଖ୍ୟାଳୟ ରାଇରଙ୍ଗପୁର ସହରରେ ରହିବ। ରାଇରଙ୍ଗପୁରକୁ ନୂତନ ପୁଲିସ ଜିଲ୍ଲା ଭାବେ ରୂପାନ୍ତରିତ କରିବା ପାଇଁ ଗତ ୨୦୨୫ ମସିହାରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ରାଜ୍ୟ ଗୃହ ବିଭାଗ ପକ୍ଷରୁ ପତ୍ର ଯୋଗେ ଗତ ଅଗଷ୍ଟ ୬ରେ ସୂଚିତ କରିବା ସହ ସେପ୍ଟେମ୍ବରରେ ନୂତନ ରାଇରଙ୍ଗପୁର ପୁଲିସ ଜିଲ୍ଲା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପୂର୍ବରୁ ପୂର୍ବାଞ୍ଚଳ ଡିଆଇଜି ପିନାକି ମିଶ୍ର ରାଇରଙ୍ଗପୁର ଗସ୍ତରେ ଆସି ସ୍ଥିତି ଅନୁଧ୍ୟାନ କରିଥିଲେ। ଅଧିକାରୀ ମାନଙ୍କ ସହ

**୨୦୨୫ରୁ ହୋଇଥିଲା ଘୋଷଣା**

ଆଲୋଚନା କରିବା ସମେତ ଡିଆଇଜି ଶ୍ରୀ ମିଶ୍ର ରାଇରଙ୍ଗପୁର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ସମସ୍ତ ରିପୋର୍ଟ ଅତିରିକ୍ତ ଡିଜିଙ୍କୁ ପ୍ରଦାନ କରାଯାଇଥିଲା। ଯାହାକୁ ନେଇ ନୂତନ ଜିଲ୍ଲା ପୋଲିସ ଜିଲ୍ଲା କାର୍ଯ୍ୟକାରୀ କରିବା ପୂର୍ବରୁ ନୂତନ ପଦବୀ ସୃଷ୍ଟି କରିବା ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ନୂତନ ଜିଲ୍ଲାରେ ପୁଲିସ ମୁଖ୍ୟାଳୟ, ରିଜର୍ଭ ପୁଲିସ ବାରେକ, ହୋମ ଗାର୍ଡ କାର୍ଯ୍ୟାଳୟ, ଟ୍ରାଫିକ ଆଉଟ ପୋଷ୍ଟ, ସାଇବର ଥାନା ଓ ନୂତନ ଫାଣ୍ଡି ନିର୍ମାଣ ନେଇ ସ୍ଥିର କରାଯାଇଛି। ଯାହାକୁ ନେଇ ଅନେକ କର୍ମଚାରୀ ଆବଶ୍ୟକତା ରହିଛି। ତାହାକୁ ନେଇ ପଦବୀ ସୃଷ୍ଟି କରି ନିଯୁକ୍ତି ପ୍ରଦାନ କରାଯିବ। ଯାହାକୁ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଉନ୍ନତ ପ୍ରଶାସନ ସମନ୍ୱୟ ଏବଂ ପ୍ରଭାବଶାଳୀ ପୋଲିସିଂ ସୁନିଶ୍ଚିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ନବଗଠିତ ରାଇରଙ୍ଗପୁର ପୁଲିସ ଜିଲ୍ଲାରେ ରାଇରଙ୍ଗପୁର ଏବଂ କରଞ୍ଜିଆରେ ଦୁଇଟି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ, ୧୪ଟି ପୋଲିସ ଷ୍ଟେସନ, ୫ଟି ଆଉଟପୋଷ୍ଟ ଏବଂ ଦୁଇଟି ବିଟ୍ ହାଉସ ରହିବ। ଏ ନେଇ ଆଗକୁ ବିଲ୍ଡିଂ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ଯାହାକୁ ନେଇ ସ୍ଥାନ ଚୟନ ପ୍ରକ୍ରିୟା ମଧ୍ୟ ଶେଷ ହୋଇଛି। ନୂତନ ଏସପି ଯୋଗଦାନ କରିବା ପରେ ଅତିରିକ୍ତ ଏସପିଙ୍କ କାର୍ଯ୍ୟାଳୟ ଅସ୍ଥାୟୀ ଭାବେ ନୂତନ ଏସପିଙ୍କ କାର୍ଯ୍ୟାଳୟ ଭାବେ କାର୍ଯ୍ୟକାରୀ ହେବ।

# ବାଲି ବୋଝେଇ ଡମ୍ପର ଜବତ


ରାସଗୋବିନ୍ଦପୁର,୧୪।୧(ସମିସ): ବୁଧବାର ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ପ୍ରହରାଜପୁର ଅଞ୍ଚଳରେ ବେଆଇନ ଭାବେ ଡମ୍ପରରେ ବାଲି ବୋଝେଇ କରି ପଡୋଶୀ



ବାଲେଶ୍ୱର ଜିଲ୍ଲାକୁ ଚାଲାଣ ହେଉଥିବା ସମୟରେ ଅମରଦା ପାଣ୍ଡି ଅଧିକାରୀ ଡମ୍ପରଟିକୁ ଜବତ କରିଥିବା ଜଣାପଡିଛି। ଡମ୍ପର ଗାଡ଼ି ନମ୍ବର ଓଡି ୨୨-ଏବି-୪୨୭୫ ଥିବା ଜଣାପଡିଛି। ତେବେ ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ବେଆଇନ ବାଲି,ମୋରମ ଓ ମାଟି ଚାଲାଣ ହେଉଥିବା ବେଳେ ଆଜି ଉକ୍ତ ଥାନା ଅଧୀନ ବାଘସାହି ଅଞ୍ଚଳରୁ ବେଧଡକ ଭାବେ ଚୋରା ଚାଲାଣ ଚାଲିଥିବା ବେଳେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

# ଓଏସ୍‌ଏସ୍‌ଏସ୍‌ସି ୱେବସାଇଟ୍ ଅଚଳ; ହେଉନି ଆବେଦନ

ଭୁବନେଶ୍ୱର, ୧୪।୧(ସମିସ): ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ୩୨୫୦ ପଦରେ ନିଯୁକ୍ତି ପାଇଁ ଆବେଦନ ଆରମ୍ଭ ହୋଇଛି। ମାତ୍ର ଆବେଦନ ଆରମ୍ଭରୁ ହିଁ ଓେବେସାଇଟ୍ ଖୋଲୁନାହିଁ। ବହୁ ଆଶାୟୀ ଆବେଦନ କରିବାକୁ ଦୀର୍ଘ ସମୟ ପ୍ରୟାସ କରି ମଧ୍ୟ ବିଫଳ ହେଉଛନ୍ତି। ୱେବସାଇଟ୍ ଆଦୌ ଖୋଲୁ ନ ଥିବାରୁ ଆବେଦନ କରିପାରିବା ନେଇ ଆଶାୟୀଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଛି। ଆର୍‌ଆଇ,




**ସ୍ଥାୟୀ ସମାଧାନ କରୁ ନାହାନ୍ତି କର୍ତ୍ତୃପକ୍ଷ**

ଅମିନ, ଆଇସିଡିଏସ୍ ସୁପରଭାଇଜର୍ ସମେତ ବିଭିନ୍ନ ପଦରେ ନିଯୁକ୍ତି ପାଇଁ ଗତ ୭ ତାରିଖରୁ ଆବେଦନ ଆରମ୍ଭ ହୋଇଛି। ଆବେଦନ ଆରମ୍ଭକୁ ସପ୍ତାହେ ଅତିକ୍ରମ କରିଥିଲେ ମଧ୍ୟ ଓଏସ୍‌ଏସ୍‌ଏସ୍‌ସି ୱେବସାଇଟ୍ ମୂଳରୁ ହିଁ ଖୋଲୁ ନାହିଁ। ଆଜି ଅର୍ଥାତ୍ ବୁଧବାର କିଛି ସମୟ ପାଇଁ ଖୋଲିଥିଲେ ମଧ୍ୟ ମାତ୍ରାଧିକ ଧୀମା କାରଣରୁ ଆବେଦନ ହୋଇପାରୁନାହିଁ। ପୂର୍ବରୁ ପଞ୍ଜିକରଣ କରିଥିବା ଆଶାୟୀମାନେ ଲଗ୍‌ଇନ୍ କରୁଥିଲେ ମଧ୍ୟ ଆଗକୁ ବଢ଼ିପାରୁ ନାହାନ୍ତି। ଅପରପକ୍ଷରେ ନୂତନ ଭାବେ ପଞ୍ଜିକରଣ କରିବାକୁ ଆଗ୍ରହୀ ପ୍ରାର୍ଥୀମାନେ ଅନାଇ ରହିଛନ୍ତି। ପଞ୍ଜିକରଣ ପ୍ରକ୍ରିୟା ପାଇଁ ପ୍ରମାଣପତ୍ର ଅପଲୋଡ୍ କରୁଥିଲେ ମଧ୍ୟ ତାହା ସମୟ ନେଉଥିବାରୁ ଟାଇମ୍ ଲିମିଟ୍ ସରି ଯାଉଛି। ଫଳରେ ନୂତନ ପଞ୍ଜିକରଣ ହୋଇପାରୁନାହିଁ। ପୂର୍ବରୁ ମଧ୍ୟ ଅନ୍ୟ ପଦ ପାଇଁ ଆବେଦନ ସମୟରେ ୱେବସାଇଟ୍‌ର ଏପରି ଅଚଳାବସ୍ଥା ଲାଗି ରହିଥିବାବେଳେ କର୍ତ୍ତୃପକ୍ଷ ଏହାର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନ ନେବା ଆଶାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି।

# ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଜେପି ପ୍ରଭାରୀ ବୈଠକ ନିଷ୍ପତ୍ତି ନିନ୍ଦନୀୟ: ବିଜେଡି

ଭୁବନେଶ୍ୱର,୧୪।୧(ସମିସ): ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସମ୍ବଲପୁର ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମରେ ପ୍ରଭାରୀ ବୈଠକକୁ ସାମିଲ କରାଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ହେବ ବୋଲି ମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମରେ ଉଲ୍ଲେଖ କରାଯାଇଥିବା ବେଳେ ଜିଲ୍ଲାପାଳଙ୍କୁ ଜିଲ୍ଲାର ସମସ୍ତ ସରକାରୀ ଅଧିକାରୀମାନଙ୍କୁ ଏହି ପ୍ରଭାରୀ ବୈଠକରେ ଉପସ୍ଥିତ ରହିବାକୁ କହିବା ପାଇଁ ନିର୍ଦ୍ଦେଶେ ଦିଆଯାଇଛି। ସରକାରଙ୍କ ଏପରି ନିଷ୍ପତ୍ତିର କଡ଼ା ସମାଲୋଚନା କରିଛି ବିଜେଡି। ରାଜ୍ୟରେ ବିଜେପି କ୍ଷମତାସୀନ ହେବା ପରଠାରୁ ଶାସନ ବ୍ୟବସ୍ଥା ଭୁଷୁଡିବାରେ ଲାଗିଛି। ଏବେ ସରକାରୀ କାର୍ଯ୍ୟାଳୟଗୁଡିକୁ ନିଜ ଦଳୀୟ କାର୍ଯ୍ୟାଳୟ ଭାବେ ପରିଣତ କରିବା ଯେଉଁ ଉଦ୍ୟମ ଆରମ୍ଭ ହୋଇଛି, ତାହା ଅତ୍ୟନ୍ତ ନିନ୍ଦନୀୟ ବୋଲି ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି।

ବିଜେଡି ପକ୍ଷରୁ ଜାରି ଏକ ପ୍ରେସ ରିଲିଜରେ ଡଃ ମହାନ୍ତି କହିଛନ୍ତି ଯେ ବିଜେପିର ଦଳୀୟ ପ୍ରଭାରୀ ଓ ଅନ୍ୟ କର୍ମକର୍ତ୍ତା ବୈଠକ କିପରି ଭାବେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ହେବ ଓ ଏଥିରେ ସରକାରୀ ଦିନିଆ ଘଟଣାରେ ପରିଣତ ହୋଇଛି। ଏବେ ସରକାରୀ କାର୍ଯ୍ୟାଳୟରେ ଦଳୀୟ କର୍ମକର୍ତ୍ତାଙ୍କ ବୈଠକ ଆୟୋଜନ କରି ବିଜେପି ସରକାରୀ ଅଧିକାରୀମାନଙ୍କୁ ଚାପଗ୍ରସ୍ତ କରିବା ସହିତ କର୍ମୀଙ୍କ ସ୍ୱାର୍ଥ ହାସଲ ପାଇଁ ଉଦ୍ୟମ କରାଯାଉଛି।

**■ ସରକାରୀ କାର୍ଯ୍ୟାଳୟକୁ ଦଳୀୟ କାର୍ଯ୍ୟାଳୟରେ ପରିଣତ କରିବାକୁ ଉଦ୍ୟମ**
**■ ବୈଠକରେ ସରକାରୀ ଅଧିକାରୀଙ୍କୁ ଉପସ୍ଥିତ ରହିବା ନିର୍ଦ୍ଦେଶ ଗ୍ରହଣୀୟ ନୁହେଁ**
**■ ସରକାରୀ କାର୍ଯ୍ୟାଳୟରେ ବିଜେପି ନେତା କର୍ମୀଙ୍କ ଉତ୍ପାତ ରାଜ୍ୟବାସୀଙ୍କୁ ଅତିଷ୍ଠ କଲାଣି**

ଅଧିକାରୀ ମାନେ କାହିଁକି ଯୋଗ ଦେବେ? ସରକାରୀ କାର୍ଯ୍ୟାଳୟ ଗୁଡିକୁ ବିଜେପି ନିଜ ଦଳୀୟ କାର୍ଯ୍ୟାଳୟରେ ପରିଣତ କରିବାକୁ ଉଦ୍ୟମ କରୁଛି ବୋଲି ଏଥିରୁ ସ୍ପଷ୍ଟ ହେଉଛି। ରାଜ୍ୟବ୍ୟାପୀ ସରକାରୀ କାର୍ଯ୍ୟାଳୟ ଗୁଡିକରେ ବିଜେପି ନେତା ଓ କର୍ମୀମାନଙ୍କ ଉତ୍ପାତ ଓ ସରକାରୀ ଅଧିକାରୀମାନଙ୍କ ଉପରେ ଆକ୍ରମଣ ବିଜେପି ଶାସନରେ ଏକ ନିତି ବିଜେପିର ଏହି ଉଦ୍ୟମକୁ ବିଜେଡି ତୀବ୍ର ନିନ୍ଦା କରୁଛି। ଶାସନ ବ୍ୟବସ୍ଥା ଭୁଶୁଡିବା ସ୍ଥିତିରେ ପହଞ୍ଚିଲାଣି, ଯେଉଥିପାଇଁ ରାଜ୍ୟବାସୀ ଅତିଷ୍ଠ ହେଲେଣି। ତେଣୁ ବିଜେପି ସରକାରୀ କାର୍ଯ୍ୟାଳୟକୁ ଦଳୀୟ କାର୍ଯ୍ୟାଳୟରେ ପରିଣତ କରିବା ଉଦ୍ୟମରୁ କ୍ଷାନ୍ତ ରୁହନ୍ତୁ। ଅନ୍ୟଥା ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି।

# ସମାଜର ସତ୍ୟତାକୁ ସାହିତ୍ୟରେ ପରିପ୍ରକାଶ କରୁଥିଲେ ବ୍ୟାସକବି

ଭୁବନେଶ୍ୱର,୧୪।୧(ସମିସ):ସମାଜର ସତ୍ୟତାକୁ ବ୍ୟାସକବି ନିଜର ସାହିତ୍ୟରେ ପରିପ୍ରକାଶ କରୁଥିଲେ। ଆଜିର ସମୟରେ ମଧ୍ୟ ବ୍ୟାସକବିଙ୍କ ଲିଖିତ ଗଳ୍ପ, କବିତା ଓ ଉପନ୍ୟାସର ପ୍ରାସଙ୍ଗିକତା ରହିଛି। ଓଡ଼ିଆ ଭାଷାକୁ ଜୀବନ୍ତ କରି ରଖିବା ସହ ଓଡ଼ିଆ ସାହିତ୍ୟର ପ୍ରଚାର ଓ ପ୍ରସାର ଦିଗରେ ଫକୀରମୋହନ ସେନାପତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମତବ୍ୟକ୍ତ କରିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବିଶିଷ୍ଟ ଗବେଷକ ତଥା ପ୍ରାବନ୍ଧିକ ଡ. ନୃସିଂହ ଚରଣ ଷଡ଼ଙ୍ଗୀଙ୍କୁ "ବ୍ୟାସକବି ଫକୀର ମୋହନ ଓଡ଼ିଆ ଭାଷା ସମ୍ମାନ-୨୦୨୧' ପ୍ରଦାନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂସ୍କୃତି ମନ୍ତ୍ରୀ ଆଜିର ଯୁବପିଢ଼ି ବ୍ୟାସକବି ଫକୀରମୋହନ ସେନାପତିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବା ଦିଗରେ ନିଜର ଯୋଗଦାନ

**■ ଡ. ନୃସିଂହ ଚରଣ ଷଡ଼ଙ୍ଗୀଙ୍କୁ ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ**
**■ ବ୍ୟାସକବିଙ୍କ ସାହିତ୍ୟ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ: ସଂସ୍କୃତି ମନ୍ତ୍ରୀ**

ଦେବାକୁ ଆହ୍ୱାନ ଦେଇଛନ୍ତି। ବୁଧବାର ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ଉପଲକ୍ଷେ ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ନୃସିଂହ ଚରଣ ଷଡ଼ଙ୍ଗୀଙ୍କୁ "ବ୍ୟାସକବି




ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ' ରେ ସମ୍ମାନିତ କରାଯାଇଛି। ଡ. ଷଡ଼ଙ୍ଗୀଙ୍କୁ ୫ଲକ୍ଷ ଟଙ୍କା ପୁରସ୍କାର ରାଶି, ଅଙ୍ଗବସ୍ତ୍ର ଓ ତାମ୍ର ଫଳକ ପ୍ରଦାନ କରାଯାଇଛି।

ସମ୍ମାନ ଗ୍ରହଣ କରି ଡ. ଷଡ଼ଙ୍ଗୀ ବ୍ୟାସକବି ଫକୀରମୋହନଙ୍କ ସାହିତ୍ୟ କୃତି ଉପରେ ଆଲୋକପାତ କରି ଡ. ଷଡ଼ଙ୍ଗୀ ଔପନ୍ୟାସିକ ନାଥାନିଏଲଙ୍କ ଲିଖିତ "ଦି ହାଉସ ଅଫ୍ ସେଭେନ ଗାବେଲ୍ସ' ଏବଂ ଫକୀରମୋହନଙ୍କ ରଚିତ "ଛ'ମାଣ ଆଠଗୁଣ୍ଠ' ଉପନ୍ୟାସର ଏକ ତୁଳନାତ୍ମକ ଗବେଷଣା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ "ରାଜକବି ଗୋବିନ୍ଦଭଞ୍ଜ ଗ୍ରନ୍ଥାବଳୀ" ଏବଂ "ସାହିତ୍ୟିକ ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ)' ପୁସ୍ତକ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଶିଷ୍ଟ କଥାଶିଳ୍ପୀ ଓ ଔପନ୍ୟାସିକ ଶାନ୍ତନୁ ଆଚାର୍ଯ୍ୟ, ସଂସ୍କୃତି ବିଭାଗର ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ର ଶେଖର ହୋତା ପ୍ରମୁଖ ଆଜିର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟର ଛାତ୍ରୀମାନେ ସମବେତ ସଙ୍ଗୀତ ପରିବେଷଣ କରିଥିଲେ।

## ଆରମ୍ଭ ହେଲା ବରୁଣେଶ୍ୱର ମେଳା

# ବାବାଙ୍କୁ ଦର୍ଶନ କଲେ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

ବିଞ୍ଝାରପୁର,୧୪।୧(ସମିସ)



ଯାଜପୁର ଜିଲ୍ଲାର ପ୍ରସିଦ୍ଧ ଶୈବ କ୍ଷେତ୍ର ବିଞ୍ଝାରପୁର ବ୍ଲକ ଅରେଇସ୍ଥିତ ବରୁଣେଶ୍ୱର କ୍ଷେତ୍ରରେ ଆରମ୍ଭ ହୋଇଛି ବରୁଣେଶ୍ୱର ମେଳା। ଏହି ଅବସରରେ ବାବା ବରୁଣେଶ୍ୱର ମନ୍ଦିରରେ ଆଜି ପ୍ରତ୍ୟୁଷ ସମୟରୁ ଶ୍ରଦ୍ଧାଳୁମାନେ ବାବାଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିବା ପାଇଁ ଭିଡ଼ ଜମାଇଥିଲେ। ମକର ସଂକ୍ରାନ୍ତି ବାବାଙ୍କ ସ୍ୱନକ୍ଷତ୍ର ହୋଇଥିବାରୁ ଆଜି ବ୍ରାହ୍ମ ମୁହୂର୍ତ୍ତରୁ ବର୍ଷସାରା ଜଳମଗ୍ନ ରହୁଥିବା ବାବାଙ୍କୁ ସେବାୟତମାନଙ୍କ ଦ୍ୱାରା ଜଳ ନିଷ୍କାସିତ କରାଯାଇ ବାବାଙ୍କର ମଙ୍ଗଳ ଆଳତି କରାଯାଇଥିଲା। ପରେ ପୂଣ୍ୟତୋୟା କୁଶଭଦ୍ରା ନଦୀର ଆଳତୀ କରାଯାଇ, ବାବାଙ୍କର ବିଧି ମୁତାବକ ପୂଜାର୍ଚ୍ଚନା କରାଯିବା ସହ ବଡ଼ସିଂହାର ବେଶ କରାଯାଇଥିଲା। ମକର ସଂକ୍ରାନ୍ତି ଦିନ ବାବାଙ୍କର ଦର୍ଶନ କଲେ ମନୋସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି। ସେଥିପାଇଁ ବାବାଙ୍କ ଦର୍ଶନ ପାଇଁ ୫୦ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କର ଭିଡ଼ ପରିଲକ୍ଷିତ ହୋଇଥିଲା। ବାବାଙ୍କ ଦର୍ଶନ କରିବା ପାଇଁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ଭିଡ଼ ଦେଖି ବିଞ୍ଝାରପୁର ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଥିଲା। ପରମ୍ପରା ମୁତାବକ ଆଜି ବାବାଙ୍କର ରୁଦ୍ରାଭିଷେକ କରାଯାଇଥିଲା। ଏହି ରୁଦ୍ରାଭିଷେକ ମକର ସଂକ୍ରାନ୍ତିଠାରୁ ୫ ଦିନ ଧରି ହେବାର ପ୍ରଥା ରହିଆସିଛି। ମକର ସଂକ୍ରାନ୍ତି ଅବସରରେ ଦୁଇ ପାରମ୍ପାରିକ ପ୍ରତିଦ୍ୱନ୍ଦୀ ପ୍ରମିଳା ମଲ୍ଲିକ ଓ ବବିତା ମଲ୍ଲିକ ଏକ ସମୟରେ ବାବାଙ୍କର ପୂଜାର୍ଚ୍ଚନା କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ। ବହୁ ଶ୍ରଦ୍ଧାଳୁଙ୍କ ସମାଗମକୁ ଆଖି ଆଗରେ ରଖି ପ୍ରଶାସନ ପକ୍ଷରୁ ମେଳା ପଡ଼ିଆରେ ଅସ୍ଥାୟୀ ଭାବରେ ଥାନା, ମେଡିକାଲ, ପ୍ରେସ୍ ଗ୍ୟାଲେରୀ କରାଯାଇଛି। ପ୍ରେସ୍ ଗ୍ୟାଲେରୀ ପ୍ରକୋଷ୍ଠକୁ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ୍ ଉଦ୍‌ଘାଟନ କରିଥିଲେ।

### ବାଲୁକା ଶିଳ୍ପକଳା ପ୍ରଦର୍ଶନୀ

ମେଳା ଅବସରରେ ବାବା ବରୁଣେଶ୍ୱର ୟୁଥଫୋରମ ପକ୍ଷରୁ ବାଲୁକା ଶିଳ୍ପକଳା ପ୍ରଦର୍ଶିତ କରାଯାଇଛି। ମନ୍ଦିର ପରିସରରେ ହୋଇଥିବା ବାଲୁକା ଶିଳ୍ପକଳାକୁ ବିଧାୟିକା ପ୍ରମିଳା ମଲ୍ଲିକ ଉଦ୍‌ଘାଟନ କରିବା ସହ ବରୁଣେଶ୍ୱର କ୍ଷେତ୍ରର ଗୌରବମୟ ଐତିହ୍ୟ ପରମ୍ପରାକୁ ଏହି ବାଲୁକା ଶିଳ୍ପ କଳା ଦ୍ୱିଗୁଣିତ କରୁଛି ବୋଲି ମତବ୍ୟକ୍ତ କରିଥିଲେ। ଚଳିତ ବର୍ଷ ବାଲୁକା ଶିଳ୍ପ କଳା ମାଧ୍ୟମରେ ଏକ ଶିବଲିଙ୍ଗର କଳାକୃତି ଶିଳ୍ପୀକାର ପ୍ରଶାନ୍ତ ରାଉତଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ୟୁଥଫୋରମ ପକ୍ଷରୁ ଜିତେନ୍ଦ୍ର ପ୍ରଧାନ, ରୋମିଓ ରୋପନ ରାଉତ, ଶ୍ରୀକାନ୍ତ ପଣ୍ଡା, ବରୋଦା ପ୍ରସନ୍ନ ରାଉତ, ଜଗନ୍ନାଥ ବରାଳ, ଲକ୍ଷ୍ମୀଧର ଓଝା, ଷ୍ଟାଲିନ ବିଶ୍ୱାଳ, ପ୍ରଜ୍ଞାରଞ୍ଜନ ଦାସ, ସୌମ୍ୟ ଓଝା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଳୁମାନଙ୍କୁ ମକର ଚାଉଳ ଓ ପୋଡ଼ପିଠା ବଣ୍ଟନ କରିଥିଲେ।

## ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ



ଧର୍ମଶାଳା,୧୪।୧(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକାସ୍ଥିତ ବିବେକାନନ୍ଦ ଶିକ୍ଷକେନ୍ଦ୍ରର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିବେକାନନ୍ଦ ଶିକ୍ଷକେନ୍ଦ୍ରର ପ୍ରଧାନ ଶିକ୍ଷକ ନବଘନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଡେପୁଟି ଜେନେରାଲ ମ୍ୟାନେଜର ପୁଷ୍ପରାଜ ପ୍ରଧାନ ଯୋଗଦେଇ ନୀତିଶିକ୍ଷା ଓ ପାଠ୍ୟକ୍ରମ ଉପରେ ମତବ୍ୟକ୍ତ କରିଥିଲେ। ସମାଜସେବୀ ସୀତାଂଶୁ ଶେଖର ସାହୁ ସମ୍ମାନିତ ଅତିଥି ଯୋଗ ଦେଇଥିଲେ। ଏହି ଅବସରରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସ୍କୁଲର ସମ୍ପାଦକ ବୈକୁଣ୍ଠନାଥ ସାହୁ ବିବରଣୀ ପ୍ରଦାନ କରିଥିବା ବେଳେ ସ୍କୁଲ ସଭାପତି କିଶୋର ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ଅକ୍ଷୟ କୁମାର ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ଅନିରୁଦ୍ଧ ରାଉତ, ଶିକ୍ଷୟିତ୍ରୀ ଜୟଶ୍ରୀ ଜେନା, ବିଜୟଲକ୍ଷ୍ମୀ ମିଶ୍ର, କଲ୍ୟାଣୀ ମଲ୍ଲ, ଦୀପ୍ତି ମଞ୍ଜରୀ ସାମଲ, କବିତା ସାମଲ, କୁମୁଦୁନି ବିଶ୍ୱାଳ, ଶୁଚିସ୍ମିତା ପଣ୍ଡା, ଲୋପାମୁଦ୍ରା ମହାନ୍ତି, ରେଣୁବାଳା ଭଦ୍ର, ପ୍ରଭାତୀ ବାରିକ, ସ୍ନେହଲତା ସାହୁ, ନିର୍ମଳା ଶତପଥୀ, ଶିକ୍ଷକ ସୁନୀଲ କୁମାର ପଣ୍ଡା, ସୁକାନ୍ତ କୁମାର ଦୋରା, ସୁକାନ୍ତ ମହାରଣା, ତପନ କୁମାର ଭଦ୍ର, ଜଗତ କୁମାର ନାୟକ, ଦୀପ୍ତି ରଞ୍ଜନ ରାୟ, ସଞ୍ଜୟ କୁମାର ସାହୁ, ନିରୋଦ ପ୍ରଧାନ, ପ୍ରଭାସ ମହାନ୍ତି, ସନାତନ ବାରିକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଶ୍ରୀକାନ୍ତ ଦାସ ଧନ୍ୟବାଦ ଦେଇଥିଲେ।

## କମ୍ବଳ, ପୋଷାକ, ପାଠ୍ୟପୁସ୍ତକ ବଣ୍ଟନ



ବଡ଼ଚଣା,୧୪।୧(ସମିସ): ଧର୍ମଶାଳା ବ୍ଲକ ବୁରୁସାହି ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ପରିବାର ମାନଙ୍କୁ କମ୍ବଳ, ପୋଷାକ, ପାଠ୍ୟପୁସ୍ତକ ଓ ଖାଦ୍ୟ ସାମଗ୍ରୀ ଧର୍ମ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ବଣ୍ଟନ କରାଯାଇଛି। ଅନୁଷ୍ଠାନର ଉପଦେଷ୍ଟା ଶ୍ରଦ୍ଧାଞ୍ଜଳି ଦାସଙ୍କ ନେତୃତ୍ୱରେ ଏହି ବଣ୍ଟନ କାର୍ଯ୍ୟ ସଂପନ୍ନ କରାଯାଇଥିଲା। ସେହିପରି ଛତିଆ ତାରିଣୀ ବସ୍ତ୍ରାଳୟର ସତ୍ୟଜିତ ବାବୁ ଏବଂ ଛତିଆ ଅଞ୍ଚଳରେ ନୂତନଭାବେ ସପଙ୍ଗ ମଲ୍ ଖୋଲିଥିବା ଦୁଇ ବନ୍ଧୁ ଚିତ୍ତରଞ୍ଜନ ବଳ ଓ ପ୍ରସନ୍ନ ପୃଷ୍ଟି ପ୍ରାୟ ୫୦ରୁ ଅଧିକ ପିଲାଙ୍କ ପାଇଁ ପୋଷାକ ଯୋଗାଇ ଦେଇଥିଲେ।

## ୧୮ରେ ହିନ୍ଦୁ ସମ୍ମିଳନୀ

ପାଣିକୋଇଲି,୧୪।୧(ସମିସ): କୋରେଇ ବ୍ଲକ ହିନ୍ଦୁ ସମାଜ ପକ୍ଷରୁ ଆସନ୍ତା ୧୮ ତାରିଖ ପବିତ୍ର ତ୍ରିବେଣୀ ଅମାବାସ୍ୟା ଦିନ ହିନ୍ଦୁ ସମାଜକୁ ଏକତାର ସୂତ୍ରରେ ବାନ୍ଧି ରଖିବା ସହିତ ସମଗ୍ର ବିଶ୍ୱର ଶାନ୍ତି ନିମନ୍ତେ ଏକ ବିଶାଳ ହିନ୍ଦୁ ସମ୍ମିଳନୀ ଓ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ସ୍ଥାନୀୟ ପାଣିକୋଇଲି କଲେଜ ପଡ଼ିଆଠାରେ ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ମୁଳାପାଳ, କରଦା, ପଥରପଦା, ପାଣିକୋଇଲି ଓ ଗୋଳେଇପୁର ମଣ୍ଡଳର ଗ୍ରାମଦେବତୀଙ୍କ ପୀଠରୁ ଏକ କଳସ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିବା ପରେ ଯଜ୍ଞସ୍ଥଳରେ ପହଞ୍ଚିବେ। ଏଥି ସହିତ ସନ୍ଥ ଶୋଭାଯାତ୍ରା, ନାମ ସଙ୍କୀର୍ତ୍ତନ ଓ ପ୍ରବଚନ ଆଦି ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ହିନ୍ଦୁ ସମାଜ ପକ୍ଷରୁ ସୁଚନା ପ୍ରଦାନ କରାଯାଇଛି।

## ଆଥଲେଟିକ୍ ଓ ଫୁଟବଲ ପ୍ରତିଯୋଗିତା

ଦାନଗଦି,୧୪।୧(ସମିସ): ଦାନଗଦୀ ବ୍ଲକ ଅନ୍ତର୍ଗତ କିଆଝର ପଞ୍ଚାୟତର ଅଗ୍ରଣୀ ଅନୁଷ୍ଠାନ ବୀଣାପାଣି ଯୁବକ ସଂଘ ବେଲବାହାଲି, ସମରପିଟାର ୩୦ତମ ବାର୍ଷିକ ଆଥଲେଟିକ୍ ଓ ଫୁଟବଲ ପ୍ରତିଯୋଗିତାକୁ କିଆଝର ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ସୌମ୍ୟରଞ୍ଜନ ମହାପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ପ୍ରତିଯୋଗିତାରେ ମୋଟ ୩୨ଗୋଟି ପୁରୁଷ ଓ ମହିଳା ଦଳ ଭାଗନେବେ ତତ୍ ସହିତ ଦୌଡ଼, ଉଚ୍ଚ ଡିଆଁ, ଲମ୍ବଡିଆଁ, ସର୍ଟ ଫୁଟ, ଅଖାଦୌଡ଼, ଅଙ୍କକଷା ଇତ୍ୟାଦି ପ୍ରତିଯୋଗିତା ହେବ। ଆସନ୍ତା ୧୬ ତାରିଖରେ ପୁରସ୍କାର ବିତରଣ ଉତ୍ସବ ହେବ ବୋଲି ଯୁବକ ସଂଘର କର୍ମକର୍ତ୍ତା ସୂଚନା ଦେଇଛନ୍ତି।

## କପିଳେଶ୍ୱର ହାଇସ୍କୁଲ୍‌ର ବାର୍ଷିକ ଉତ୍ସବ

ସୁକିନ୍ଦା,୧୪।୧(ସମିସ): ପିଏମ୍‌ଶ୍ରୀ କପିଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଅଦ୍ୱୈତ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହ ପ୍ରାନ୍ତ ପ୍ରସାରକ ଅସିତ କୁମାର ସାହୁ ସମ୍ମାନିତ ଅତିଥି ଓ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ସତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ନାରାୟଣ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ଦାସ, ସୁକିନ୍ଦା ବ୍ଲକ ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ସ୍ଥାନୀୟ ସରପଞ୍ଚ ନିରୁପମା ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବରିଷ୍ଠ ସହକାରୀ ଶିକ୍ଷକ ସୁଧୀର କୁମାର ସାମଲ ସ୍ୱାଗତ ଭାଷଣ ଦେଇଥିବାବେଳେ ଶିକ୍ଷୟିତ୍ରୀ ଶାନ୍ତିଲତା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ୫କେଜି ଗଞ୍ଜେଇ ଜବତ; ଜଣେ ଗିରଫ

ସୁକିନ୍ଦା,୧୪।୧(ସମିସ): ଅବକାରୀ ବିଭାଗ ପକ୍ଷରୁ କଳିଙ୍ଗନଗର ଅଞ୍ଚଳରେ ଚଢ଼ଉ କରାଯାଇ ୫କେଜି ଚୋରା ଗଞ୍ଜେଇ ଜବତ କରିବା ସହ ଜଣକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। କଳିଙ୍ଗନଗର ଥାନା ଅନ୍ତର୍ଗତ ଶାଳୀଜଙ୍ଗା ଗ୍ରାମ ବଙ୍ଗାଳୀ ମହାନ୍ତଙ୍କ ପୁଅ ଯୋଗେନ୍ଦ୍ର ମହାନ୍ତ(୪୫) ଚୋରା ଗଞ୍ଜେଇ କାରବାର କରୁଥିବା ସୂଚନା ପାଇ ଅବକାରୀ ବିଭାଗର ଏକ ଟିମ୍ ଦୈତାରୀ-ପାରାଦୀପ ରାସ୍ତାର ବାଘୁଆପାଳ ବ୍ରିଜ ନିକଟରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ଯୋଗେନ୍ଦ୍ରକୁ ଗିରଫ କରିବା ସହ ତାଙ୍କ ନିକଟରୁ ୫ କେଜି ଚୋରା ଗଞ୍ଜେଇ ଜବତ କରାଯାଇଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ୨୦୧/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଯୋଗେନ୍ଦ୍ରକୁ କୋର୍ଟଚାଲାଣ କରାଯାଇଛି। ଚଢ଼ଉରେ ଅବକାରୀ ବିଭାଗର ଇନ୍‌ସପେକ୍ଟର ସସ୍ମିତା ହୋତା, ଏସଆଇ ରାମେଶ୍ୱର ମହାନ୍ତି, ଏ ଏସ ଆଇ ଦେବକାନ୍ତ ଆଚାର୍ଯ୍ୟ ପ୍ରମୁଖ ସାମିଲ ଥିଲେ।

## ମକର ସଂକ୍ରାନ୍ତି ଅବସରରେ ବାଲୁକା କଳା




ସୁକିନ୍ଦା,୧୪।୧(ସମିସ): ପବିତ୍ର ମକର ସଂକ୍ରାନ୍ତିକୁ ଅଭିନନ୍ଦନ ଜଣାଇବା ଉଦ୍ଦେଶ୍ୟରେ ସୁକିନ୍ଦା ଅଞ୍ଚଳର ଯୁବ ବାଲୁକା ଶିଳ୍ପୀ ସନ୍ତୋଷ କୁମାର ପ୍ରଧାନଙ୍କ ଦ୍ୱାରା ନିର୍ମିତ ବାଲୁକା କଳା ସ୍ଥାନୀୟ ଅଞ୍ଚଳରେ ବେଶ୍ ଲୋକପ୍ରିୟ ହୋଇଛି। ବିଭିନ୍ନ ପର୍ବପର୍ବାଣୀ ତଥା ଦେଶର ସ୍ମରଣୀୟ ଦିନ ଗୁଡ଼ିକୁ ଲୋକଙ୍କ ମନରେ ଉଜ୍ଜୀବିତ କରିବା ଲକ୍ଷ୍ୟରେ ସନ୍ତୋଷ ବାଲୁକା କଳା ମାଧ୍ୟମରେ କଳା ପ୍ରଦର୍ଶନ କରିଥାନ୍ତି।

## ତାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ଛାତ୍ରଛାତ୍ରୀଙ୍କ କୃତିତ୍ୱ



ଧର୍ମଶାଳା,୧୪।୧(ସମିସ): ଧର୍ମଶାଳା ବ୍ଲକ ଜାରକାସ୍ଥିତ ଧର୍ମଶାଳା ତାଏକ୍ୱୋଣ୍ଡୋ ଏକାଡେମୀର ଖେଳାଳି ମାନେ ମଧ୍ୟପ୍ରଦେଶ ଉଜ୍ଜୟନୀଠାରେ ଆୟୋଜିତ ତୃତୀୟ ଓପନ୍ ମହାକାଳ ତାଏକ୍ୱୋଣ୍ଡୋ ନେସ୍‌ନାଲ ଚାମ୍ପିଅନସିପରେ ଅଂଶଗ୍ରହଣ କରି ସଫଳତା ହାସଲ କରିଛନ୍ତି। ଏକାଡେମୀ ପକ୍ଷରୁ ୭ ଜଣ ବାଳକ ବାଳିକା ଅଂଶଗ୍ରହଣ କରି ୧୦ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ହାସଲ କରିଛନ୍ତି। ଏଥିରେ କ୍ୟୁରୋଗୀ ବିଭାଗରୁ ସବଜୁନିୟର ବାଳକ ବିଭାଗର ନୀତେଶ ସାହୁ ସ୍ୱର୍ଣ୍ଣ, କ୍ୟାଡେଟ ବିଭାଗର ଓମ୍ କ୍ରିଷ୍ଣା ସ୍ୱର୍ଣ୍ଣ, ଜୁନିୟର ବିଭାଗର ଶୁଭ୍ରାଂଶୁ ସାହୁ ସ୍ୱର୍ଣ୍ଣ, ଓମ୍ ପ୍ରକାଶ ସାମଲ କାଂସ୍ୟ ପଦକ ହାସଲ କରିଥିବା ବେଳେ ଜୁନିୟର ବାଳିକା ବିଭାଗର ଶ୍ରେୟାଶ୍ରୀ ରାୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପୁମସେ ଜୁନିୟର ବିଭାଗର ଶୁଭ୍ରାଂଶୁ ସାହୁ ସ୍ୱର୍ଣ୍ଣ, ଓମ୍ ପ୍ରକାଶ ସାମଲ ରୌପ୍ୟ, କ୍ୟାଡେଟ ବାଳିକା ବିଭାଗର ମୋନାଲି ସ୍ୱାଇଁ ସ୍ୱର୍ଣ୍ଣ, ସବଜୁନିୟର ବାଳକ ବିଭାଗର ନୀତେଶ ସାହୁ ସ୍ୱର୍ଣ୍ଣ ଓ ସିନିୟର୍ ବିଭାଗର ସୌମ୍ୟ ସ୍ୱରୂପ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ନୂଆ ଟେକ୍ନୋଲୋଜୀ ଭର୍ଚ୍ଚୁଆଲ ତାଏକ୍ୱୋଣ୍ଡୋ ଗେମ୍‌ରେ ପ୍ରତିଯୋଗୀ ମାନେ ଅଂଶଗ୍ରହଣ କରି ଚମତ୍କାର ପ୍ରଦର୍ଶନ କରିଥିଲେ। ଏହି ଖେଳରେ ବାଳକ ବିଭାଗର ସୌମ୍ୟ ସ୍ୱରୂପ ସ୍ୱର୍ଣ୍ଣ, ଓମ୍ ପ୍ରକାଶ ସାମଲ ସ୍ୱର୍ଣ୍ଣ, ଶୁଭ୍ରାଂଶୁ ସାହୁ ରୌପ୍ୟ, ନୀତେଶ ସାହୁ ରୌପ୍ୟ ପଦକ ହାସଲ କରିଛନ୍ତି। ବାଳିକା ବିଭାଗରୁ ଶ୍ରେୟାଶ୍ରୀ ରାୟ ସ୍ୱର୍ଣ୍ଣ, ମନାଲି ସ୍ୱାଇଁ ସ୍ୱର୍ଣ୍ଣ ପଦକ ହାସଲ କରି ରାଜ୍ୟ ଓ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ବିଜୟୀ ଖେଳାଳି ମାନଙ୍କୁ ଓଡିଶା ତାଏକ୍ୱୋଣ୍ଡୋ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ଓ ଧର୍ମଶାଳା ତାଏକ୍ୱୋଣ୍ଡୋ ଏକାଡେମୀ ସମ୍ପାଦକ ସନ୍ତୋଷ ସାହୁ, ସହ ସମ୍ପାଦକ ସୁଶାନ୍ତ କୁମାର ବେହେରା ଶୁଭେଚ୍ଛା ଜଣାଇଛନ୍ତି। ବୁଧବାର ଦିନ ଖେଳାଳି ମାନେ ଜାରକା ଠାରେ ପହଞ୍ଚିବା ପରେ ତାଙ୍କୁ ଏକ ସୁସଜ୍ଜିତ ଗାଡ଼ିରେ ବସାଇ ଜାରକା ବଜାର ଭ୍ରମଣ କରାଯାଇଥିଲା।

## ଶିଶୁ ମନ୍ଦିରର ପୁରସ୍କାର ବିତରଣ ଉତ୍ସବ



ଧର୍ମଶାଳା,୧୪।୧(ସମିସ): ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ନୂଆଗାଁ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ମଳୟ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ଭବ ପତ୍ରିକାର ସମ୍ପାଦକ ଅଖିଳ କୁମାର ସ୍ୱାଇଁ, ଆଜିର ଆହ୍ୱାନର ସଂପାଦକ ମାନସ ରଞ୍ଜନ ଜେନା ଅତିଥି ଭାବେ ଯୋଗଦେଇଥିଲେ। ସ୍କୁଲର ନିର୍ଦ୍ଦେଶକ ବିନୋଦ କୁମାର ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ୧୩ଟି ବିଭାଗରେ ସ୍କୁଲର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କ୍ରୀଡ଼ା ପ୍ରତିଯୋଗିତାରେ ଦେବପ୍ରସାଦ ଚାନ୍ଦ ଚମ୍ପିୟାନ ହୋଇଥିଲେ। ସେହିପରି ଅଭିଭାବକ ମାଆ ମାନଙ୍କ ମଧ୍ୟରେ ଦୁଇଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଶ୍ୱରୂପା ସ୍ୱାଇଁ, ମୁସ୍କାନ ଫିର୍ଦୋସ, ରଶ୍ମିରେଖା ବେଜ, ପ୍ରତୀକ୍ଷା ମଲ୍ଲିକ ଓ ସତ୍ୟଭାମା ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଗୁରୁମା ସନ୍ଧ୍ୟାରଣି ମିଶ୍ର ଧନ୍ୟବାଦ ଦେଇଥିଲେ।

## ଧର୍ମଶାଳା ପ୍ରେସ୍ କ୍ଲବର ପ୍ରସ୍ତୁତି ବୈଠକ

ଧର୍ମଶାଳା,୧୪।୧(ସମିସ): ଧର୍ମଶାଳା ପ୍ରେସ୍ କ୍ଲବର ଦିବଂଗତ ସଭାପତି ତଥା ସ୍ୱାଧୀନତା ସଂଗ୍ରାମୀ ନରହରି ମହାନ୍ତିଙ୍କ ୧୭ତମ ଶ୍ରାଦ୍ଧ ଉତ୍ସବ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଜାରକାସ୍ଥିତ ପ୍ରେସ୍ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରେସ କ୍ଲବର ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ସମ୍ପାଦକୀୟ ବିବରଣୀ ପାଠ କରିବା ସହ ଆୟବ୍ୟୟର ସମୀକ୍ଷା କରିଥିଲେ। ଆସନ୍ତା ୨୩ ତାରିଖରେ ଦିବଂଗତ ସଭାପତି ତଥା ସ୍ୱାଧୀନତା ସଂଗ୍ରାମୀ ନରହରି ମହାନ୍ତିଙ୍କ ଶ୍ରାଦ୍ଧ ଉତ୍ସବ ପାଳନ ନିମନ୍ତେ ସ୍ଥିର କରାଯାଇଥିଲା। ଏହି ଉତ୍ସବରେ ଅତିଥିମାନଙ୍କ ଯୋଗଦାନ ଉପରେ ଆଲୋଚନା କରାଯାଇଥିଲା। ଉତ୍ସବରେ ପ୍ରେସ୍ କ୍ଲବର କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ସ୍ୱାଇଁ, ଉପଦେଷ୍ଟା ଇନ୍ଦ୍ରମଣି ନାୟକ ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରେସ୍ କ୍ଲବର ଉପଦେଷ୍ଟା ସୀତାକାନ୍ତ ସାମଲ, ଉପସଭାପତି ମାନସ ରଞ୍ଜନ ଜେନା, କୋଷାଧ୍ୟକ୍ଷ ବିବେକାନନ୍ଦ ରାୟ, ସଦସ୍ୟ ଗିରିଧାରୀ ବେହେରା, ବିନୋଦ ସାହୁ, କପିଳେନ୍ଦ୍ର ରାଉତ, ସୁବ୍ରତ କୁମାର ଜେନା, କିଶୋର ରାଉତ, ବିକ୍ରମକେଶରୀ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସହସମ୍ପାଦକ ପ୍ରଶାନ୍ତ ଗନ୍ତାୟତ ଧନ୍ୟବାଦ ଅର୍ପଣ କରିଥିଲେ।

# ଶାନ୍ତି ଓ ଅହିଂସାର ବାର୍ତ୍ତା ଦେଉଛି ଉଦୟଗିରି ବୌଦ୍ଧ ସମ୍ମିଳନୀ

ଯାଜପୁର/ବାଲିଚନ୍ଦ୍ରପୁର,୧୪।୧(ସମିସ)

ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ, ପର୍ଯ୍ୟଟନ ବିଭାଗ ଏବଂ ଯାଜପୁର ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଦ୍ୱିତୀୟ ଗୁରୁ ପଦ୍ମସମ୍ଭବଙ୍କ ପ୍ରାର୍ଥନା ସମାରୋହ ତଥା ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ବେଶ୍ ଉତ୍ସାହର ସହ ପାଳନ କରାଯାଉଛି। ଆଜି ସମ୍ମିଳନୀର ଚତୁର୍ଥ ଦିନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବଡ଼ଚଣା ବିଧାୟକ ଅମର କୁମାର ନାୟକ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଜିଲ୍ଲାପାଳ ଅମ୍ବର କୁମାର କର, ଜିରାଙ୍ଗର ବୌଦ୍ଧଗୁରୁ ଜିଗମେ ରିଙ୍ଗପୋଚେ, ଲାଇଟ ଅଫ୍ ବୁଦ୍ଧ ଫାଉଣ୍ଡେସନର ମୁଖ୍ୟ ୱାଙ୍ଗମୋ ଦିକ୍ସେ ପ୍ରମୁଖ ଯୋଗ ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ କହିଥିଲେ ଯେ, ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ମାଧ୍ୟମରେ ବୌଦ୍ଧ ପର୍ଯ୍ୟଟନର ବିକାଶ ହେବା ସହ ଶାନ୍ତି ଏବଂ କରୁଣାର ବାର୍ତ୍ତା ସାରା ବିଶ୍ୱରେ ପହଞ୍ଚିପାରିବ। ଏଇ ଓଡ଼ିଶା ମାଟି ସର୍ବଦା ଆଧ୍ୟାତ୍ମିକତାର ପଥରେ ଅଗ୍ରସର ହୋଇଆସିଛି। ଓଡ଼ିଶା ସରକାର ଏଦିଗରେ ଅନେକ ପ୍ରୟାସ କରୁଛନ୍ତି। ରତ୍ନଗିରି, ଲଳିତଗିରି, ଉଦୟଗିରି, ଜିରାଙ୍ଗ, ଧଉଳି ଭଳି ବୌଦ୍ଧ କୀର୍ତ୍ତିରାଜିର ସାମଗ୍ରୀକ ବିକାଶ, ଐତିହ୍ୟ ସଂରକ୍ଷଣ ଏବଂ ଇତିହାସ ସମ୍ବନ୍ଧୀୟ ଆଧୁନିକ ଗବେଷଣା ପାଇଁ ରାଜ୍ୟ ସରକାର ଏକ ବ୍ୟାପକ ଯୋଜନା ପ୍ରସ୍ତୁତ କରୁଛନ୍ତି। ଓଡ଼ିଶାର ସୁସମୃଦ୍ଧ ବୌଦ୍ଧ ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ ସରକାର ଲାଇଟ ଅଫ୍ ବୁଦ୍ଧ ଫାଉଣ୍ଡେସନ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ବୌଦ୍ଧ ଧର୍ମ ବିକାଶ ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରିବା ସହ ଓଡ଼ିଶାକୁ ଭାରତର ବୌଦ୍ଧ ପର୍ଯ୍ୟଟନ ସର୍କିଟ ସହ ଯୋଡ଼ିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହାସହ ଜୀରାଙ୍ଗ ମହାବିହାରର ମଧ୍ୟ ଉନ୍ନତି ପାଇଁ ପଦକ୍ଷେପ ନିଆଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ। ଓଡ଼ିଶାରେ ଗୁରୁ ପଦ୍ମସମ୍ଭବ ଏବଂ ବୌଦ୍ଧ ତନ୍ତ୍ରଯାନ ସମ୍ବନ୍ଧୀୟ ପ୍ରମାଣ, ଲୁକ୍କାୟିତ ତଥ୍ୟ ଲୋକଲୋଚନକୁ ଆଣିଥିବାରୁ ଉପସ୍ଥିତ ବିଶେଷଜ୍ଞ ଗବେଷକମାନଙ୍କୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରଶଂସା କରିଥିଲେ। ଜାନୁଆରୀ ୧୬ ଯାଏଁ ଚାଲୁଥିବା ଏହି ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀରେ ଦେଶ ବିଦେଶରୁ ପ୍ରାୟ ୧୭୦୦ରୁ ଊର୍ଦ୍ଧ୍ୱ ବୌଦ୍ଧ ଧର୍ମାବଲମ୍ବୀ, ଗୁରୁ, ପର୍ଯ୍ୟଟକ ଯୋଗ ଦେଇଛନ୍ତି। ଏହି ଅବସରରେ ଅତିଥିମାନେ ଉଦୟଗିରି ସ୍ମରଣିକା ସହ ବୌଦ୍ଧ ଐତିହ୍ୟ ସମ୍ବନ୍ଧୀୟ ପୁସ୍ତକ ଉନ୍ମୋଚନ କରିଥିଲେ। ଅତିଥିମାନଙ୍କ ବକ୍ତବ୍ୟ ପରେ ଓଡ଼ିଶା ଓ ଗୁରୁ ପଦ୍ମସମ୍ଭବଙ୍କ ଇତିହାସକୁ ନେଇ ଏକ ଆଲୋଚନାଚକ୍ର ଏବଂ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାରେ ଲାଇଟ ଅଫ୍ ବୁଦ୍ଧ ଫାଉଣ୍ଡେସନର ରିଚାର୍ଡ ଦିକ୍ସେ, ଫରାସୀ ଭାରତତତ୍ତ୍ୱବିତ ଡ. ଫ୍ରେଡରିକ ମରୁନଭାଲ, ବିଶିଷ୍ଟ ଲେଖକ ଓ ଗବେଷକ ପ୍ରବୀର ପଟ୍ଟନାୟକ, ଗବେଷକ ଡ. ଅନୀତା ସାବତ, ପ୍ରଫେସର ରାହୁଲ ରବି ରାଓ, ଲାମା ତେଞ୍ଜିନ ସାମ୍ପେଲ ଅଂଶଗ୍ରହଣ କରିଥିଲେ। ସମ୍ମିଳନୀରେ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଡ. ସୁବ୍ରତ କୁମାର ପୃଷ୍ଟି, ସଂସ୍କୃତି ବିଭାଗ ଉପନିର୍ଦ୍ଦେଶକ ଦେବଯାନୀ ଭୂୟାଁ, ଓଟିଡିସି ଜେନେରାଲ ମ୍ୟାନେଜର ଧର୍ମେନ୍ଦ୍ର ମଲ୍ଲିକ, ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତାପସ କୁମାର ସାହୁ ଉପସ୍ଥିତ ଥିଲେ। ଏହାସହ ଏହି ମହୋତ୍ସବରେ ସ୍ଥାନୀୟ ଜନସାଧାରଣ, ଶ୍ରଦ୍ଧାଳୁ ଏବଂ ଗଣମାଧ୍ୟମ ପ୍ରତିନିଧି ସାମିଲ ହୋଇଥିଲେ।





### ଉଦୟଗିରି ସ୍ମରଣିକା ଓ ବୌଦ୍ଧ ଧର୍ମ ପୁସ୍ତକ ଉନ୍ମୋଚିତ

ଏକ ପ୍ରତିଭାସମ୍ପନ୍ନ ଉଦ୍ୟମୀଙ୍କ ସ୍ମୃତିରେ



ଁ ଶୁଭଜ୍ୟୋତି ହୋତା
ଆବିର୍ଭାବ: ୨୫.୦୬.୧୯୯୩
ତିରୋଧାନ: ୦୧.୦୧.୨୦୨୬

ଶ୍ରୀ ଶୁଭଜ୍ୟୋତି ହୋତା, ପ୍ରୋପାଇଟର - Mamata Foods and Beverages ଏବଂ ଡାଏରେକ୍ଟର - Intravenous Healthcare Pvt. Ltd., ଙ୍କର ଦୁଃଖଦ ଦେହାନ୍ତ ୧ ଜାନୁଆରୀ ୨୦୨୬ ରେ ଘଟିଛି। ଏକ Mechanical Engineer ଏବଂ MBA ହୋଇ, ସେ ତାଙ୍କ ଜୀବନର ପ୍ରାରମ୍ଭିକ ଅବସ୍ଥାରେ କିଛି ପ୍ରସିଦ୍ଧ MNC ରେ କାର୍ଯ୍ୟରତ ଥିଲେ। ମାତ୍ର ୨୮ ବର୍ଷ ବୟସରେ ସେ ଉଦ୍ୟମୀତାର ଯାତ୍ରା ଆରମ୍ଭ କରି, ନିଜ ଦକ୍ଷତା, ଦୃଢ଼ ସଙ୍କଳ୍ପ ଏବଂ ପରିଶ୍ରମରେ ନିଜ ବ୍ୟବସାୟକୁ ସ୍ଥାପନ କରିଥିଲେ। ପିତା Retd. DFO ଶ୍ରୀ ସୁରେଶ ଚନ୍ଦ୍ର ହୋତା ଏବଂ ପ୍ରିୟଜନମାନେ ତାଙ୍କ ଅପରାହ୍ନକୁ ଅପୂରଣୀୟ ହାନି ବୋଲି ମନୁଅଛନ୍ତି। ଅତ୍ୟନ୍ତ ଅଳ୍ପ ବୟସରେ ଅକାଳ ବିୟୋଗ କରିଥିଲେ ସେ, କିନ୍ତୁ ତାଙ୍କ ସଫଳତା ଓ ପାରମ୍ପରିକତା ସବୁବେଳେ ପ୍ରେରଣା ଦେବ। ତାଙ୍କ ପବିତ୍ର ଆତ୍ମା ଶାନ୍ତିଲାଭ କରୁ।

Plot no - 778/1351, Mamata, Lane 2, Durgamadhabnagar

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଁ ବାସୁଦେବ ନାୟକ
ଆବିର୍ଭାବ: ୦୭.୦୮.୧୯୫୩
ତିରୋଧାନ: ୦୫.୦୧.୨୦୨୬
ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
ତୁମ ପରି ଜଣେ ଜୁଏଲକୁ ହରାଇ ମର୍ମାହତ
ଶୋକ ସନ୍ତପ୍ତ : ପତ୍ନୀ କୌଶଲ୍ୟା, ସାନଭଉଣୀ ଲକ୍ଷ୍ମୀ, ସାନଭାଇ କାଳିଆ, ସାନବୋହୂ ପ୍ରତିମା, ପୁଅ ଚନ୍ଦନ, ପବନ, ଝିଅ ମୁନି, ବୋହୂ ରୀତା, ବିଷ୍ଣୁପ୍ରିୟା, ଜ୍ୱାଇଁ ଜସ୍‌କୃଷ୍ଣ, ଜ୍ୱାଇଁ -ସୁନୀଲ ପୁତୁରା ଶେଷଦେବ ପ୍ରମେଶ, ବୁଲୁ, ଝିଆରୀ ରୀତା, ଭଣଜା ଚୁନା ବୀର, ମଦନ, ମୋହନ, ଭାଣେଜି ରମା, ନାତି ବିପିନ, ବୁଟି ଓ ବନ୍ଧୁବାନ୍ଧବ ବର୍ଗ

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ମୋଚି ସେନାପତି
ତେନ୍ତୁଳି ପାଟଣା, ଦଶପଲ୍ଲା
ଆମ ମୁଣ୍ଡ ଉପରୁ ଆପଣଙ୍କ ହାତ ଉଠିଗଲା। ଆଜି ଏକାଦଶାହରେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ, ସଦାସର୍ବଦା ଆମକୁ ଆଶୀର୍ବାଦ କରୁଥାନ୍ତୁ।
ଶୋକସନ୍ତପ୍ତ: ମାମା ଗିଫ୍ଟ ହାଉସ ଓ ସେନାପତି ପରିବାର

## ସନ୍ତୋଷୀ ମା' ମନ୍ଦିରରେ ମହାଯଜ୍ଞ ଆରମ୍ଭ

**ଦଶରଥପୁର,୧୪।୧(ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ଦଶରଥପୁର ପଞ୍ଚାୟତ ମଙ୍ଗରାଜ ସାହିରେ ଥିବା ସନ୍ତୋଷୀ ମା'ମନ୍ଦିରରେ ମହାଯଜ୍ଞ ଆରମ୍ଭ ହୋଇଛି। ଗ୍ରାମର ଶତାଧିକ ମହିଳା ଏବଂ ପୁରୁଷ ନିକଟସ୍ଥ ବୈତରଣୀ ନଦୀର ଚାନ୍ଦକୁଡ଼ା ଘାଟରୁ ୧୦୮ କଳସରେ ପାଣି ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିବା ପରେ ଯଜ୍ଞ ଏବଂ ଜାଗରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁ ଇଷ୍ଟଦେବୀ ସନ୍ତୋଷୀ ମା'ଙ୍କୁ ନୂତନ ଭୋଗ ଅର୍ପଣ



କରିବା ସହିତପୂଜାର୍ଚ୍ଚନା ପୂର୍ବକ ମା'ଙ୍କ ଆଶୀର୍ବାଦ କାମନା କରିଥିଲେ। ସନ୍ଧ୍ୟାରେ ଆଧ୍ୟାତ୍ମିକ ସଂଗୀତ (ଭଜନ) ଏବଂ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୧୬ ତାରିଖରେ ମହାଯଜ୍ଞ ଓ ବିବିଧ ସଂସ୍କାର କାର୍ଯ୍ୟକ୍ରମ ସହିତ ଅପରାହ୍ନରେ ପୂର୍ଣ୍ଣାହୁତି ପରେ ଯଜ୍ଞ ପରିସମାପ୍ତି ହେବ ବୋଲି ଯଜ୍ଞ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଯଜ୍ଞରେ କର୍ତ୍ତା ଭାବେ ପାର୍ଥସାରଥୀ ମହାପାତ୍ର, ଲିପ୍ସା ରାୟ ଏବଂ ସଙ୍ଗୀତ ମହାପାତ୍ର ଓ ଅଞ୍ଜଳି ଦାସ ଦାୟିତ୍ୱ ନିର୍ବାହ କରିଥିଲେ। ପୂଜକ ସୁଶାନ୍ତ କମାର ଶତପଥୀ, ହରପ୍ରସାଦ ଶତପଥୀ, ଶ୍ରୀକାନ୍ତ ଶତପଥୀ, ନାରାୟଣ ଚନ୍ଦ୍ର ପଣ୍ଡା, ଅମିତ୍ କୁମାର ପଣ୍ଡାଙ୍କ ମନ୍ତ୍ର ପାଠରେ ଯଜ୍ଞ ସ୍ଥଳୀରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ରଶ୍ମିତା ମହାପାତ୍ର, ରୀତା ମହାପାତ୍ର, ସନ୍ଧ୍ୟାରାଣୀ ଶତପଥୀ, ବିନ୍ଦୁରେଖା ବେହେରା, ରୋଜି ମହାପାତ୍ର, ଚନ୍ଦନ ବେହେରା, କୁସୁମ ସାହୁ, ଆୟୁଷ ମହାପାତ୍ର, ଶତାବ୍ଦୀ ବେହେରା, ମନୋରଞ୍ଜନ ଧଳ, ରଶ୍ମିତା ପଣ୍ଡା, ମଞ୍ଜୁଲତା ବେହେରା, ପୁରୁଷୋତ୍ତମ ଧଳ ପ୍ରମୁଖ ସହଯୋଗ କରିଥିଲେ।

● ସର୍ବଭାରତୀୟ ଚକାଆଖି କପ୍ ଉଦ୍‌ଯାପିତ

## ବାପୁଜୀ ସ୍ପୋର୍ଟିଂ ଚାମ୍ପିଅନ




**କବାଟବନ୍ଧ/ଜେନାପୁର,୧୪।୧(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ସାହାଣୀଡ଼ିହ ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ହେଉଥିବା ସର୍ବଭାରତୀୟ ୨୯ତମ ଚକାଆଖି କପ୍ ମକର ସଂକ୍ରାନ୍ତିରେ ଉଦ୍‌ଯାପିତ ହୋଇଯାଇଛି। ଏହି ଖେଳରେ ବାପୁଜୀ ସ୍ପୋର୍ଟିଂ ଭୁବନେଶ୍ୱର ବିଜୟ ଲାଭ କରି ଚାମ୍ପିଅନ ହୋଇଛି। ଚକାଆଖି ସ୍ପୋର୍ଟିଂ କ୍ଲବ ଆଣ୍ଡ ଅର୍ଗାନାଇଜେସନ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ୟୁନିଅନ ସ୍ପୋର୍ଟିଂ କ୍ଲବ କଟକ ଏବଂ ବାପୁଜୀ ସ୍ପୋର୍ଟିଂ ଭୁବେନେଶ୍ୱର ମଧ୍ୟରେ ହୋଇଥିଲା। ପ୍ରଥମେ ୟୁନିଅନ ସ୍ପୋର୍ଟିଂ ବ୍ୟାଟିଂର ନିଷ୍ପତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୨ ୱିକେଟ ହରାଇ ୧୯୫ ରନ କରିଥିଲା। ପ୍ରତିଦ୍ୱନ୍ଦି ଟିମ୍ ବାପୁଜୀ ସ୍ପୋର୍ଟିଂ ଭୁବନେଶ୍ୱର ୧୯.୪ ଓଭରରେ ୪ ୱିକେଟ ହରାଇ ବିଜୟୀ ହୋଇଥିଲା। ବାପୁଜି ସ୍ପୋର୍ଟିଂ କ୍ଲବର ଅତୁର ୫୫ ବଲରେ ୮୩ ରନ କରି ମ୍ୟାନ୍ ଅପ ଦି ମ୍ୟାଚ୍ ଏବଂ ଜୟନ୍ତ କେବତ ମ୍ୟାନ୍ ଅପ ଦି ସିରିଜ୍ ଭାବେ ପୁରସ୍କୃତ ହୋଇଥିଲେ। ଏହି ମ୍ୟାଚରେ ଓଡ଼ିଶାର ଅନେକ ରଣଜୀ ଖେଳାଳୀଙ୍କୁ ଦେଖିବାକୁ ମିଳିଥିଲା। ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇଥିଲେ। ଚକାଆଖି ସ୍ପୋର୍ଟିଂ କ୍ଲବ ଆଣ୍ଡ ଅର୍ଗାନାଇଜେସନର ମୁଖ୍ୟ ଉପଦେଷ୍ଟା ସରୋଜ କୁମାର ରାଉତ, ସଭାପତି ଅର୍ଜୁନ କରଣ, ଭୋଳାନାଥ ସାହୁ, ମକରନ୍ଦ ସ୍ୱାଇଁ, କୁଶ ରାଉତ, ଶ୍ରୀଧର ପ୍ରଧାନ, ସୁବାସ ସ୍ୱାଇଁ, ବଲ୍ଲଭ କରଣ, ଶରତ,ବଳରାମ, ଅନି, ରୋହିତ,ସୁଶାନ୍ତ, ତପି, ଅନାମ, ବୁବୁନା, ଜନ, ଆଶୁତୋଷ, ଅମନ, ଲିକୁନ, ରିଙ୍କୁ ଏବଂ ଚିକୁ ସହିତ ଅନ୍ୟମାନେ ସହଯୋଗ କରିଥିଲେ। ଭାଷ୍ୟକାର ତ୍ରିଲୋଚନ ଖିଲାର, ସ୍କମାନ ସ୍କୋରର ଗୋପୀନାଥ ଏବଂ ଅମ୍ପାୟାର ଆଶୁତୋଷ ପାଣି, ଜିତେନ୍ଦ୍ର ଘୋଷ ପରିଚାଳନା କରିଥିଲେ।

# ଆରମ୍ଭ ହେଲା ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫା ମେଳା

**ବାଲିଚନ୍ଦ୍ରପୁର,୧୪।୧(ସମିସ):**

ଯାଜପୁର ଜିଲ୍ଲାର ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲାଇ ମୌଜା ସ୍ଥିତ ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫା ମେଳା ଆଜିଠାରୁ ଆରମ୍ଭ ହୋଇଛି। ମହାପୁରୁଷ ସନ୍ଥ ଅରକ୍ଷିତ ଦାସ ଓଳାଶୁଣୀ ପାହାଡର ଶୀର୍ଷଦେଶରେ ମାଘ କୃଷ୍ଣ ଏକାଦଶୀ (ଷଟ୍‌ତିଳା ଏକାଦଶୀ) ତିଥିରେ

**ସନ୍ଥ ଅରକ୍ଷିତ ଦାସଙ୍କ ପ୍ରିୟ ଭୋଗ କାଞ୍ଜି ପାଣି ଓ ପୋଡ଼ପିଠା**





ବ୍ରହ୍ମଲୀନ ହୋଇଥିଲେ। ଏହି ପବିତ୍ର ମହାପ୍ରୟାଣ ତିଥିର ସ୍ମୃତିରେ ଗତ ୧୮୯ବର୍ଷ ଧରି ଓଳାଶୁଣୀ ଗୁମ୍ଫା ଯାତ୍ରା ସପ୍ତାହ ବ୍ୟାପୀ ପାଳନ ହେଉଛି। ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମାଜ ସଂସ୍କାର ଓ ମୂଲ୍ୟବୋଧର ପ୍ରଚାର କ୍ଷେତ୍ରରେ ସନ୍ଥ ଅରକ୍ଷିତ ଦାସ ଥିଲେ ଅଗ୍ରଗଣ୍ୟ ମହାତ୍ମା। ସେ ଥିଲେ ନିରାକାର ବ୍ରହ୍ମ ଉପାସକ। ପରମାଣୁ ଠାରୁ ଆରମ୍ଭ କରି ସଜୀବ, ନିର୍ଜୀବ, ଜଡ଼, ସ୍ଥାବର ଓ ଜଙ୍ଗମାଦୀ ସର୍ବତ୍ର ନାମ ବ୍ରହ୍ମର ସ୍ଥିତି ଓ ସତ୍ତା ସେ ଅନୁଭବ କରିଥିଲେ। ତାଙ୍କ ଯୋଗ ସାଧନାରେ ଚେତନ ଏବଂ ଅଚେତନ ଥିଲା ଏକ ଓ ଅଭିନ୍ନ। ତେଣୁ ସେହି ମହାପୁରୁଷଙ୍କୁ ତାଙ୍କ ସ୍ମୃତି ଦିବସରେ ମନେ ପକାଇବା ପାଇଁ ହେଉଥିବା ଗୁମ୍ଫା ମେଳାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପାହାଡ଼ ଶିଖରରେ ଥିବା ମହାପୁରୁଷଙ୍କ ସମାଧି ମନ୍ଦିରରେ ଶ୍ରଦ୍ଧାଳୁମାନେ ଧାଡ଼ି କରି ଦର୍ଶନ କରିଥିଲେ। ସନ୍ଧ୍ୟା ସମୟରେ ସମାଧି ମନ୍ଦିର ପରିସରରେ ସାଧୁ ସନ୍ଥ ମାନଙ୍କ ଖଞ୍ଜଣୀ, ଶଙ୍ଖନାଦ ହରିବୋଲ ଧ୍ୱନିରେ ମନ୍ଦିରରେ ଧାର୍ମୀୟ ବାତାବରଣ ସୃଷ୍ଟି ହୋଇଥିଲା।

ଏହି ପୀଠର ଆକର୍ଷଣ ହେଉଛି ପୋଡ଼ପିଠା ଓ କାଞ୍ଜିପାଣି। ମହାପୁରୁଷଙ୍କ ପ୍ରିୟ ଭୋଗ ପୋଡ଼ପିଠା ଏହି ପୀଠରେ ମାନସିକ ରଖି ପୋଡ଼ପିଠା ଭୋଗ କଲେ ଭକ୍ତଙ୍କ ମନସ୍କାମନା ପୂରଣ ହୋଇଥାଏ ବୋଲି ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମନରେ ବିଶ୍ୱାସ ରହିଛି। କାଞ୍ଜିପାଣି ଯାହା ଏକ ମହୌଷଧିର ସ୍ଥାନ ନେଇଛି। ପୀଠକୁ ଆସୁଥିବା ଭକ୍ତ ଓ ଶ୍ରଦ୍ଧାଳୁମାନେ ସନ୍ଥଙ୍କ ସମାଧି ମନ୍ଦିର ଦର୍ଶନ କରିବାସହ କାଞ୍ଜିପାଣି ପାନ କରିବାକୁ ବେଶ ଭିଡ ଜମାଇଥାନ୍ତି। ଏହି କାଞ୍ଜିପାଣି ମହାପୁରୁଷଙ୍କ ଅମଳରୁ ଏକ ଅବ୍ୟର୍ଥ ମହୌଷଧି ଭାବେ ପ୍ରସିଦ୍ଧ। ସନ୍ଥ ଅରକ୍ଷିତ ଦାସଙ୍କ ଚରଣାମୃତରୁ ପ୍ରସ୍ତୁତ ଏହି କାଞ୍ଜିପାଣି ସେ ସମୟରୁ ରହିଆସିଛି। ଯାହାକୁ ପାନ କଲେ ଅନେକ ରୋଗ ଦୂର ହୋଇଥାଏ ବୋଲି ଆଜି ମଧ୍ୟ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ମନରେ ବିଶ୍ୱାସ ରହିଛି। ଏହି ମେଳାରେ ଲକ୍ଷାଧିକ ଲୋକଙ୍କ ସମାଗମ ହେବା ଆଶଙ୍କା ଥିବାରୁ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଅତିରିକ୍ତ ଏସ୍‌ପି ରତିକାନ୍ତ ଗିରିଙ୍କ ନେତୃତ୍ୱରେ ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ, ୫ ଇନିସପେକ୍ଟର, ୧୪ ଏସ୍‌ଆଇ, ୨୨ଏଏସ୍‌ଆଇ, ୧୦୦ କନଷ୍ଟେବଳ, ୧୦ ମହିଳା କନଷ୍ଟେବଳ ଓ ୭୦ ହୋମଗାର୍ଡ ଏବଂ ୩ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିବା ବାଲିଚନ୍ଦ୍ରପୁର ଥାନାଧିକାରୀ ସମରଜିତ ନାୟକ ସୂଚନା ଦେଇଛନ୍ତି। ଓଳାଶୁଣି ମେଳାର ପ୍ରଥମ ଦିନରେ ମହାପୁରୁଷଙ୍କ ଦର୍ଶନ ନିମନ୍ତେ ନେତାମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ୩ ଜିଲ୍ଲାର ମଧ୍ୟ ସ୍ଥଳୀରେ ଓଳାଶୁଣୀ ମଠ ଥିବାରୁ ସମସ୍ତ ଜିଲ୍ଲାର ନେତାମାନେ ମହାପୁରୁଷଙ୍କ ସମାଧି ମନ୍ଦିର ଦର୍ଶନ କରିବା ସହ ଆଶିଷ ଭିକ୍ଷା କରିଥାନ୍ତି।

## ମା' ଅଲେଇଶୁଣୀଙ୍କ ପୀଠରେ ମକର ମେଳା

**ପାଣିକୋଇଲି,୧୪।୧(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ଗୋଲେଇପୁର ଓ ଜହ୍ନା ପଞ୍ଚାୟତର ଗଣପର୍ବତଥାଅଧିଷ୍ଠାତ୍ରୀଦେବୀ ମା'ଅଲେଇଶୁଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ମକର ସଂକ୍ରାନ୍ତିରେ ବାର୍ଷିକ ଯଜ୍ଞ ଉତ୍ସବ ଓ ମକର ମେଳା ଆରମ୍ଭ ହେଉଛି। ତିନି ଦିନ ବ୍ୟାପୀ ମେଳାକୁ ବହୁ ଆଡ଼ମ୍ବରରେ ପାଳନ କରାଯିବ। ସୋତି ଗ୍ରାମର ପ୍ରଦୀପ ଖଣ୍ଡାଇ, ପତ୍ନୀ ସତ୍ୟଭାମା ଖଣ୍ଡାଇ, ନରପଦା ଗ୍ରାମର ସୋମନାଥ ସାହୁ ଓ ବୀଣାପାଣୀ ସାହୁ ମା'ଙ୍କର ସଂକଳ୍ପ କରିଥିବା ବେଳେ ମା'ଙ୍କ ପୂଜକ ନୃସିଂହ ଦେବ ପଣ୍ଡାଙ୍କ ତତ୍ତ୍ୱବଧାନରେ ମା'ଙ୍କର ପୂଜାର୍ଚ୍ଚନା ହୋଇଥିଲା। ଏହି ମେଳାରେ ମୀନାବଜାର ସହିତ କୁନିକୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ସମାରୋହ, ଅଷ୍ଟପ୍ରହର ନାମଯଜ୍ଞ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି। ଦୀର୍ଘ ୨୫ ବର୍ଷରୁ ଊର୍ଦ୍ଧ୍ୱ ଆୟୋଜିତ ହୋଇ ଆସୁଥିବା ଉକ୍ତ ମେଳାକୁ ପଡୋଶୀ ପାଣିକୋଇଲି, ପଥରପଦା ଓ ବଡ଼ବିରୁହାଁ ପଞ୍ଚାୟତର ବହୁ ଜନସାଧାରଣଙ୍କ ସମାଗମ ହୋଇଥାଏ। କୋରାଇ ବିଧାୟକ ଆକାଶ ଦାସନାୟକ, ଜହ୍ନା ସରପଞ୍ଚ ସଂଯୁକ୍ତା



ସାହୁ, ଗୋଲେଇପୁର ସରପଞ୍ଚ ସସ୍ମିତା ମାଝୀ, ବରିଷ୍ଠ ବିଜେପି ନେତା ପୀନାକୀ ରଞ୍ଜନ ଦାସଙ୍କ ସମେତ ବହୁ ବ୍ୟକ୍ତି ମା'ଙ୍କୁ ଦର୍ଶନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ମେଳା କମିଟିର ସଭାପତି ପ୍ରୀତିରଞ୍ଜନ ସାହୁ, ଉପସଭାପତି ଚନ୍ଦ୍ରକାନ୍ତ ଖଣ୍ଡାଇ, ସମ୍ପାଦକ ପ୍ରଦୀପ କୁମାର ଖଣ୍ଡାଇ, ସହ ସମ୍ପାଦକ ସୋମନାଥ ସାହୁ, କୋଷାଧକ୍ଷ ନିତ୍ୟାନନ୍ଦ ଦାଶ, ସାଂସ୍କୃତିକ ସମ୍ପାଦକ ପ୍ରମୋଦ କୁମାର ପଣ୍ଡା, ଗୋପାଳ ଚନ୍ଦ୍ର ଦାଶ, କୃତିବାସ ଖଣ୍ଡାଇ, ଅନାମ ଚରଣ ମହାପାତ୍ର, ସୁଶାନ୍ତ ମହାପାତ୍ର, ରବିନ୍ଦ୍ର କୁମାର ସେଠୀ, ଶତ୍ରୁଘ୍ନ ସାହୁ, କୀର୍ତ୍ତନ ବିହାରୀ ମହାପାତ୍ର, ଅଇଁଠୁ ନାୟକ, ରବି ବେହେରା, ମନୋଜ ନାୟକ, ସତ୍ୟବ୍ରତ ଖଣ୍ଡାଇ, ବିଦ୍ୟାଧର ବେହେରା, ସତ୍ୟାନନ୍ଦ ମହାପାତ୍ର, ଶଙ୍କର୍ଷଣ ବିନ୍ଧାଣୀ, ଧନେଶ୍ୱର ବୋଇତାଇ, ଅନିରୁଦ୍ଧ ବେହେରା, ନିତ୍ୟାନନ୍ଦ ସାହୁ, ନାରାୟଣ ବୋଇତାଇ, ଗୋକୁଳ ସାହୁ, ପ୍ରଫୁଲ୍ଲ ମାଝୀ, ଦିଗାମ୍ବର ନାୟକ, ବିଶ୍ୱରଞ୍ଜନ ମହାପାତ୍ର, ପ୍ରଦୀପ ସାମଲ, ଲକ୍ଷ୍ମୀଧର ସାହୁ, ଲକ୍ଷ୍ମୀଧର କରଣ, ହରେକୃଷ୍ଣ ସାହୁ, ଅଶୋକ କୁମାର ଦାସ, କୀର୍ତ୍ତନ ମହାପାତ୍ର, ସତ୍ୟାନନ୍ଦ ମହାପାତ୍ର, ବିଶ୍ୱରଞ୍ଜନ ମହାପାତ୍ର, ଶଙ୍କର୍ଷଣ ବିନ୍ଧାଣୀ, ସନ୍ତୋଷ ସେଠୀ, ବାବୁଲା ସେଠୀ, କାର୍ତ୍ତୀକ ମାଝୀ, ବିଦ୍ୟାଧର ବେହେରା, ରବୀନ୍ଦ୍ର ବେହେରା, ଅନିରୁଦ୍ଧ ବେହେରା, ମନୋଜ ନାୟକ, କୃପାସିନ୍ଧୁ ନାଥ, ମହେଶ୍ୱର ବୋଇତାଇ, ଭରତ ଚନ୍ଦ୍ର ବୋଇତାଇ, ପ୍ରଫୁଲ ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସିଆର୍‌ପିଏଫ୍ ଯବାନଙ୍କ ଶେଷକୃତ୍ୟ ସମ୍ପନ୍ନ



**ସିଂହପୁର,୧୪।୧(ସମିସ):** ଅଙ୍ଗାଲୋ ଗ୍ରାମ ପଞ୍ଚାୟତ ଅଧୀନସ୍ଥ ବୋଇତାଲୁ ପାଟଣା ଗ୍ରାମର ୧୯୯୫ ବ୍ୟାଚର ସିଆର୍‌ପିଏଫ ଯବାନ ସୁରେଶ ଚନ୍ଦ୍ର ଦାସଙ୍କ ଶେଷକୃତ୍ୟ ସଂପନ୍ନ ହୋଇଛି। ସେ ଦୀର୍ଘ ଦିନ ଧରି ମସ୍ତିଷ୍କ କର୍କଟରେ ପୀଡ଼ିତ ହୋଇ ରାଞ୍ଚି ମେଡିକାଲରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ତାଙ୍କର ଦୁଇ ଦିନ ତଳେ ମୃତ୍ୟୁ ହୋଇଥିଲା। ଆଜି ତାଙ୍କ ପାର୍ଥିବ ଶରୀର ନିଜ ଜନ୍ମମାଟିରେ ପହଞ୍ଚିବା ପରେ କେନ୍ଦ୍ରୀୟ ରିଜର୍ଭ ପୁଲିସ ବାହିନୀ ଦ୍ୱାରା ଶେଷ ସମ୍ମାନ ପୂର୍ବକ ସହିଦ ସଲାମୀ ଦିଆହୋଇ ଗ୍ରାମ ପରିକ୍ରମା କରାଯାଇଥିଲା। ଏକ ଶୋକାକୁଳ ପରିବେଶରେ ତାଙ୍କ ପରିବାର, ଆତ୍ମୀୟସ୍ୱଜନ ଓ ଗ୍ରାମର ବିଶିଷ୍ଟ ଲୋକେ ତାଙ୍କୁ ଶେଷ ସମ୍ମାନ ଜଣାଇଥିଲେ। ଗ୍ରାମବାସୀଙ୍କ ପକ୍ଷରୁ କୁଞ୍ଜବିହାରୀ ସାମଲ, ପ୍ରଫୁଲ୍ଲ କୁମାର ସାମଲ, ବୈଷ୍ଣବ ଚରଣ ସାମଲ, ନିରଞ୍ଜନ ସାହାଣୀ, ଦୁଃଶାସନ ଦାସ, ଦୁର୍ଯ୍ୟୋଧନ କବି, ନିରଞ୍ଜନ ବାରିକ, ସୁବାସ ଚନ୍ଦ୍ର ସାହାଣୀ, ଗୌତମ ସାହାଣୀ, ସୌମ୍ୟରଞ୍ଜନ ସାହାଣୀ, ପବିତ୍ର ସାହାଣୀ, ଲାକଟେନ୍ଦୁ ସାହାଣୀ ଉପସ୍ଥିତ ରହି ସହିଦଙ୍କ ପ୍ରତି ମାଲ୍ୟାର୍ପଣ କରିବା ପରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା।

ମା'ହିଙ୍ଗୁଳା କପ୍‌କ୍ରିକେଟ୍

## ଚକାଆଖି ସ୍ପୋର୍ଟିଂ ଚାମ୍ପିଅନ

**କବାଟବନ୍ଧ,୧୪।୧(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ମା'ହିଙ୍ଗୁଳା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଜେନାପୁର ଗ୍ରାଉଣ୍ଡରେ




ମା'ହିଙ୍ଗୁଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍‌ରେ ଚକାଆଖି ସ୍ପୋର୍ଟିଂ କ୍ଲବ ରାମଚନ୍ଦ୍ରପୁର ଏବଂ ରାମେଶ୍ୱରୀ ସ୍ପୋର୍ଟିଂ କ୍ଲବ ଯଖପୁରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେରାମେଶ୍ୱରୀ ସ୍ପୋର୍ଟିଂ କ୍ଲବ ଯଖପୁରା ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ଖେଳରେ ୧୦ ୱିକେଟ୍ ହରେଇ ୧୩୯ ରନ୍ ସଂଗ୍ରହ କରିଥିଲା। ଏହାର ଯବାବରେ ଚକାଆଖି ସ୍ପୋର୍ଟିଂ କ୍ଲବ୍ ୧୧.୫ ଓଭରରେ ୫ ୱିକେଟ୍ ହରାଇ ୧୪୦ ରନ କରି ବିଜୟ ଲାଭ କରିଥିଲା। ଏହି ଟୁର୍ଣ୍ଣାମେଣ୍ଟଟି ୧୬ଟି ବିଭିନ୍ନ ଦଳକୁ ନେଇ ଅନୁଷ୍ଠିତ ହୋଇଥିଲା ବେଳେ ଫାଇନାଲ୍ ମ୍ୟାଚ୍‌ଟି ୧୬ ଓଭର ବିଶିଷ୍ଟ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ଶୁଭକାନ୍ତ ବରାଳ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପ୍ରକାଶ ଚନ୍ଦ୍ର ବରାଳ ଯୋଗ ଦେଇଥିଲେ। ଖେଳକୁ ଅମ୍ପାୟାର ନିମାଇଁ ମହାନ୍ତି ଓ ଜିତେନ୍ଦ୍ର ଶତପଥୀ ଏବଂ ଭାଷ୍ୟକାର ତରଣୀ କୁମାର ପରିଚାଳନା କରିଥିଲେ। ଅନ୍ୟତମ ଅତିଥି ଭାବେ ସମାଜସେବୀ ଅଶୋକ ସାହୁ, ଦୀପକ କୁମାର ମହାନ୍ତି, ନିଷ୍କାନ୍ତ ଖଟୁଆ, ଅକ୍ଷୟ ମହାନ୍ତି, ମହେଶ୍ୱର ସ୍ୱାଇଁ ସମେତ ପ୍ରକାଶ ଚନ୍ଦ୍ର ବରାଳ, ଆର୍ଯ୍ୟାନନ୍ଦ ବେହେରା, ବିଚିତ୍ରାନନ୍ଦ ସାହୁ, ରାମଚନ୍ଦ୍ର ସାହୁ, ନାଏବ ସରପଞ୍ଚ ରଞ୍ଜିତ ବରାଳ, ସରୋଜ କୁମାର ବରାଳ, କାର୍ତ୍ତିକ ସ୍ୱାଇଁ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟର ମା'ହିଙ୍ଗୁଳା ସ୍ପୋର୍ଟିଂ କ୍ଲବ ଜେନାପୁରର ସମସ୍ତ ସଦସ୍ୟଙ୍କ ସହଯୋଗରେ ସଫଳ ହୋଇଥିଲା।

## ସୁକିନ୍ଦା ଅଞ୍ଚଳରେ ଦନ୍ତା ହାତୀ ଆତଙ୍କ

**ସୁକିନ୍ଦା,୧୪।୧(ସମିସ):** ସୁକିନ୍ଦା ସଦର ମହକୁମାରେ ଦନ୍ତା ହାତୀ ଆତଙ୍କରେ ଲୋକେ ଆତଙ୍କିତ ଅବସ୍ଥାରେ ରହିଥିବା ଦେଖାଦେଇଛି। ଗତ ମଙ୍ଗଳବାର ରାତିରେ ସୁକିନ୍ଦା ଗାଁ ଭିତରେ ଆତଙ୍କ ସୃଷ୍ଟି କରିଥିବା ଦନ୍ତା ହାତୀଟି ମଙ୍ଗଳବାର ବିଳମ୍ବିତ ରାତିରେ ଭୁବନ ପାଖ ଜଙ୍ଗଲ ଆଡ଼କୁ ଚାଲି ଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନା ମୁତାବକ ଏକ ବଡ ଦନ୍ତା ହାତୀ ସୁକିନ୍ଦା ଗଡ ବେହୁରା ସାହି ରାସ୍ତା ଦେଇ ବଡ଼ ଦାଣ୍ଡରେ ପହଞ୍ଚିବା ପରେ ସ୍ଥାନୀୟ ଲୋକେ ଏତେବଡ଼ ଦନ୍ତା ହାତୀ ଦେଖି ଭୟବିତ ହୋଇଯାଇଥିଲେ। ସେହି ହାତୀ ସୁକିନ୍ଦାରୁ ଟସର ଫାର୍ମ ଦେଇ ଢେଙ୍କାନାଳ ଜିଲ୍ଲା ଭୁବନ ଆଡ଼କୁ ଚାଲିଯାଇଥିବା ଜଣାପଡିଛି। ସୂଚନା ପାଇ ଏହି ହାତୀକୁ ଘଉଡ଼ାଇବାକୁ ସୁକିନ୍ଦା ବନ ବିଭାଗ ବନପାଳ ମନୋରମା ହୋତା, ଟଂଶୋଳ ସେକ୍ସନ ବନପାଳ ରାମ ତିରିଆଙ୍କ ସହିତ ଅନେକ ବନ କର୍ମଚାରୀ ଓ ସ୍ଥାନୀୟ ପୋଲିସ ସାମିଲ ଥିବା ଦେଖିବାକୁ ମିଳିଥିଲା। ଚଳିତ ବର୍ଷ ବିଭିନ୍ନ ହାତୀ ପାଞ୍ଚ ଥର ସୁକିନ୍ଦାରେ ପଶି ଅନେକ ଭଙ୍ଗାରୁଜା କରିଥିବା ଜଣାପଡିଛି। ଧୀରେ ଧୀରେ ଜଙ୍ଗଲ ହ୍ରାସ ପାଉଥିବା କାରଣରୁ ଖାଦ୍ୟ ଅନ୍ୱେଷଣରେ ହାତୀ ଗ୍ରାମ ଆଡ଼କୁ ପଶି ଆସୁଥିବା ଦେଖିବାକୁ ମିଳିଛି।

## ଚାଷୀଙ୍କ ସନ୍ଦେହ ଜନକ ମୃତ୍ୟୁ

**ସୁକିନ୍ଦା,୧୪।୧(ସମିସ):** ସୁକିନ୍ଦା ଥାନା ଅନ୍ତର୍ଗତ ପଳାଶଖଳି ଗ୍ରାମର ଜଣେ ଚାଷୀଙ୍କ ଅସ୍ୱାଭାବିକ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ମୃତ ଚାଷୀ ସୁକିନ୍ଦା ବ୍ଲକ ଅନ୍ତର୍ଗତ ଲେମ୍ବୋ ପଞ୍ଚାୟତ ଅଧୀନ ପଳାଶଖଳି ଗ୍ରାମ ସନାତନ ଚାତାର୍ (୫୦)। ଗତ କିଛି ଦିନ ହେବ ସନାତନ ରକ୍ତଚାପ ଜନିତ ରୋଗର ଶିକାର ହୋଇ ବହୁତ କଷ୍ଟ ପାଉଥିଲେ। ଆଜି ମଧ୍ୟାହ୍ନରେ ସନାତନ ଘରେ ବସିଥିବା ସମୟରେ ହଠାତ୍ ଏକ ବ୍ଲେଡ ସାହାଯ୍ୟରେ ନିଜ ବେକ କାଟିଦେଇଥିବା ପରିବାର ଲୋକେ ଦେଖି ଅଟକାଇଥିଲେ। ପରିବାର ଲୋକେ ସନାତନକୁ ତୁରନ୍ତ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ସୂଚନା ପାଇ ପୁଲିସ ମୃତଦେହ ଜବତ କରି ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି। ତେବେ ମୃତ ସନାତନଙ୍କ ପାରିବାରିକ ଜୀବନ ଜୀବନ ବେଶ୍ ଭଲ ଥିବା ଓ ସେ ଶାରୀରିକ ଅସୁସ୍ଥତା ପାଇଁ କଷ୍ଟ ଭୋଗୁଥିବା ପଡ଼ୋଶୀ ପ୍ରକାଶ କରିଛନ୍ତି।

## ସୁନ୍ଦରିଆ ପ୍ରିମିୟର ଲିଗ୍; ସୁଙ୍ଗୁଡ଼ା ଚାମ୍ପିଅନ



**ଧର୍ମଶାଳା,୧୪।୧(ସମିସ):** ଧର୍ମଶାଳା ବ୍ଲକ ସୁନ୍ଦରିଆ ଖେଳପଡିଆରେ ନିଉଲାଇଫ୍ ୟୁଥ ପକ୍ଷରୁ ଚାଲିଥିବା ସୁନ୍ଦରିଆ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଫାଇନାଲ ମ୍ୟାଚରେ ଗେମ୍ ଚେଞ୍ଜର ଭୁବନେଶ୍ୱରକୁ ୮ ୱିକେଟରେ ପରାସ୍ତ କରି କେସିସି ସୁଙ୍ଗୁଡ଼ା ଚାମ୍ପିଅନ ହୋଇଛି। ଭୁବନେଶ୍ୱର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୮ ୱିକେଟ ହରାଇ ୨୨୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ନିହାର ରଞ୍ଜନ ୧୦୬ ରନ ଓ ବିଶ୍ୱଜିତ ରାଉତ ୮୩ରନ ସଂଗ୍ରହ କରିଥିଲେ। ବିପକ୍ଷ ଦଳର କାଳୁ ସାହୁ ଓ ସିପୁ ଓଝା ୨ଟି ଲେଖାଏଁ ୱିକେଟ ହାତେଇ ଥିଲେ। ଜବାବରେ କେସିସି ସୁଙ୍ଗୁଡ଼ା ବ୍ୟାଟିଂ କରି ୧୪ ଓଭରରେ ୨ ୱିକେଟ ହରାଇ ୨୨୯ ରନ କରି ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ କାଳୁ ସାହୁ ୯୬ ରନ ଓ ସ୍ୱାଗତ ନାୟକ ୬୫ରନ କରିଥିଲେ। ବିପକ୍ଷ ଭୁବନେଶ୍ୱର ଦଳର ବିଶ୍ୱଜିତ ରାଉତ ଓ ଜିତେଶ ମୁଖି ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଆଜିର ଖେଳକୁ ରାଜେଶ ଭଦ୍ର ଓ ଗୋକୁଳାନନ୍ଦ ରାଉତ ପରିଚାଳନା କରିଥିଲେ। ଅନୁଷ୍ଠାନର ସଭାପତି ସପ୍ତସାଗର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ସମ୍ମାନିତ ଅତିଥି ଭାବେ ସୁନ୍ଦରିଆ ସରପଞ୍ଚ ନିର୍ମଳ ଦାସ, କ୍ରୀଡ଼ାବିତ ସୁବ୍ରତ ଜେନା, ବିଜେପି ନେତା ଓ ଚଳଚିତ୍ର ଅଭିନେତ୍ରୀ ପୁନମ ମିଶ୍ର ଯୋଗଦେଇ ମ୍ୟାନ୍ ଅଫ ଦି ସିରିଜ୍ ଓ ମ୍ୟାନ୍ ଅପ ଦି ମ୍ୟାଚ୍ କାଳୁ ସାହୁଙ୍କୁ ଟ୍ରଫି ପ୍ରଦାନ କରିବା ସହିତ ଚାମ୍ପିଅନ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଲୋରିୟା ମହାନ୍ତି ପରିଚାଳନା କରିଥିଲେ।

# ବେଆଇନ ଭାବେ ଚାଲିଥିବା ୩ଟି ବାଟିଂ ପ୍ଲାଣ୍ଟକୁ ବନ୍ଦ ନିର୍ଦ୍ଦେଶ

**ଦାନଗଦି,୧୪।୧(ସମିସ):**

ଦାନଗଦି ତହସିଲ ଅଞ୍ଚଳରେ ଅବୈଧ ଭାବେ ଚାଲିଥିବା ୩ଟି ବାଟିଂ ପ୍ଲାଣ୍ଟକୁ ବନ୍ଦ ନିର୍ଦ୍ଦେଶ ଦେଇଛି ପ୍ରଦୂଷଣ ବିଭାଗ। ଏ ସବୁ ପ୍ଲାଣ୍ଟ ଗୁଡ଼ିକ ବର୍ଷ ବର୍ଷ ଧରି ବେଆଇନ୍ ଭାବେ ଚାଲୁଥିଲା। ପରିଚାଳନା ଅନୁମତି ନ ଥାଇ ଏହି ୩ଟି ବାଟିଂ ପ୍ଲାଣ୍ଟ ଦୀର୍ଘ ଦିନ ଧରି ଚାଲୁଥିଲା ଏବଂ ମାତ୍ରାଧିକ ବାୟୁ ପ୍ରଦୂଷଣ କରୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଯାହାକୁ ନେଇ ୧୧ ତାରିଖ ଦିନ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏଗୁଡିକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପରିଚାଳନା ଅନୁମତି ନଥିବା ଏହି ପ୍ଲାଣ୍ଟ ଗୁଡ଼ିକ ଦ୍ୱାରା ବ୍ୟାପକ ବାୟୁ ଓ ଜଳ ପ୍ରଦୂଷିତ ହେଉଥିଲା।



ସୂଚନା ଯୋଗ୍ୟ ଯେ ନଡ଼ିଆଭଙ୍ଗାର ଜାମୁପଶି ମୌଜାରେ ଥିବା ଆର୍‌ବି ରେଡିମିକ୍ସ, କମଳାକାନ୍ତ ଇଞ୍ଜିନିୟରିଂ କନଷ୍ଟ୍ରକସନ୍ ଏବଂ ମାନତୀରା ମୌଜାରେ ଥିବା ଆପେକ୍ସ ବିଲ୍ଡକନ୍ ବାଟିଂ ପ୍ଲାଣ୍ଟକୁ ଏହି ନିର୍ଦ୍ଦେଶ ଦିଆଯାଇଛି। ଏହିସବୁ କାରଖାନା ଗୁଡ଼ିକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପୂର୍ବରୁ ଏକାଧିକ ଥର କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ମାତ୍ର ଉକ୍ତ ସଂସ୍ଥା ଗୁଡ଼ିକ ନୋଟିସ୍‌କୁ ଖାତିର ନକରି କାର୍ଯ୍ୟ ଚଳାଇ ଆସୁଥିଲେ। ଅନ୍ୟ ପକ୍ଷରେ ଜାମୁପଶି ଠାରେ ଚାଲୁଥିବା ଦୁଇଟି ବାଟିଂ ପ୍ଲାଣ୍ଟ ସମ୍ପୁର୍ଣ୍ଣ ଜଙ୍ଗଲ କିସମ ଜମି ଉପରେ ସ୍ଥାପିତ ହୋଇଥିଲେ। ସେଗୁଡିକ ବନ୍ଦ କରିବାକୁ ପ୍ରଶାସନ ଆନ୍ତରିକ ଉଦ୍ୟମ କରି ନଥିଲା। ତହସିଲ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କେବଳ ଏମାନଙ୍କୁ ନୋଟିସ୍ ଦିଆଯାଉଥିଲା ଓ ସେମାନେ ସେମାନଙ୍କ କାର୍ଯ୍ୟ ଜାରି ରଖିଥିଲେ।

ଅନୁମତି ନଥାଇ କାର୍ଯ୍ୟକ୍ଷମ ଚାଲୁ ରଖିବା ଏବଂ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପ୍ଲାଣ୍ଟ ଚଳାଇବା ପାଇଁ ଅନୁମତି ନିମନ୍ତେ ପୋର୍ଟାଲରେ ଆବେଦନ କରି ନଥିବା ସଂସ୍ଥାକୁ ବନ୍ଦ କରିବାକୁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲଙ୍କ ଗାଇଡ୍ ଲାଇନ୍ ରହିଛି। ତେଣୁ ପୋର୍ଟାଲ ଅଧିକ ନୋଟିସ୍ ନଦେଇ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ପୁଲିସର ସହାୟତାରେ ଉକ୍ତ ଅବୈଧ ସଂସ୍ଥା ଗୁଡିକୁ ବନ୍ଦ୍ କରିବା ପାଇଁ ବାଟ ଖୋଲିଥିଲା। ଏହି ନିୟମ ଆଧାରରେ ୩ଟି ବାଟିଂ ପ୍ଲାଣ୍ଟକୁ ପୃଥକ ଭାବେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବନ୍ଦ ନୋଟିସ୍ ଜାରି କରିଛି। ନିର୍ଦ୍ଦେଶ ସମ୍ପର୍କରେ ଯାଜପୁର ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଓ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳଙ୍କୁ ସୂଚୀତ କରାଯାଇଛି। ଅନ୍ୟପକ୍ଷରେ ଏହିସବୁ ବାଟିଂ ପ୍ଲାଣ୍ଟକୁ ଦିଆଯାଇଥିବା ବିଦ୍ୟୁତ୍ ସଂଯୋଗକୁ ଅବିଳମ୍ବେ ବିଚ୍ଛିନ୍ନ କରିବା ପାଇଁ ବାଲେଶ୍ୱର ସ୍ଥିତ ଟିପିଏନ୍‌ଓଡିଏଲ୍‌ର ସିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ସମ୍ପାଦକୀୟ



ସଫଳ ରାଜନୈତିକ ବିତର୍କର ରହସ୍ୟ ହେଲା, ନିଜକୁ ଅଧିକ ଶକ୍ତିଶାଳୀ ବୋଲି ଦେଖାଇବା, ଯଦିଓ ତାହା ବାସ୍ତବତା ନୁହେଁ।

- ସୁଭାଷ ଚନ୍ଦ୍ର ବୋଷ

ସକାଳ
THE SAKALA

## ସୀମା ପୁନଃନିର୍ଦ୍ଧାରଣ ଭୂତ

ରାଜ୍ୟରେ ନୂଆ ବିଧାନସଭା ଭବନ ନିର୍ମାଣ ପ୍ରେକ୍ଷପଟରେ ମୁଖ୍ୟମନ୍ତ୍ରୀ ଜନଗଣନା ପରେ ରାଜ୍ୟରେ ବିଧାୟକଙ୍କ ସଂଖ୍ୟା ଦୁଇଶହ ଛୁଇଁବ ବୋଲି ଯେଉଁ ସୂଚନା ଦେଇଛନ୍ତି ସେଥିରେ ବିବାଦୀୟ ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ପ୍ରସଙ୍ଗକୁ ଉଜାଗର କରିଛନ୍ତି। ଜନସଂଖ୍ୟା ଆଧାରରେ ଯଦି ଲୋକସଭା ଓ ବିଧାନସଭା ଆସନର ସୀମା ପୁନଃ ନିର୍ଦ୍ଧାରଣ କରାଯାଏ ତେବେ ଓଡ଼ିଶା ସମେତ ଦକ୍ଷିଣ ଭାରତର ଅଧିକାଂଶ ରାଜ୍ୟ କ୍ଷତିଗ୍ରସ୍ତ ହେବେ। କାରଣ ସଂପୃକ୍ତ ରାଜ୍ୟଗୁଡ଼ିକର ଲୋକସଭାରେ ପ୍ରତିନିଧିତ୍ୱ ହ୍ରାସ ପାଇବ। ଜାତୀୟସ୍ତରରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ପ୍ରଭାବିତ କଲା ଭଳି ସଭ୍ୟ ସଂଖ୍ୟା ଅଭାବରୁ ସଂପୃକ୍ତ ରାଜ୍ୟର ସ୍ୱାର୍ଥ ହାନି ଘଟିବାର ଆଶଙ୍କା ଦୃଷ୍ଟିରୁ ସୀମା ପୁନଃନିର୍ଦ୍ଧାରଣ ପ୍ରସ୍ତାବ ବିରୋଧରେ ମିଳିତ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଜନସଂଖ୍ୟା ନିୟନ୍ତ୍ରଣ କାର୍ଯ୍ୟକ୍ରମର ସଫଳ ରୂପାୟନ କରିଥିବା ରାଜ୍ୟର ଆଭିମୁଖ୍ୟ ପ୍ରତି ଏହି ନିଷ୍ପତ୍ତି କୁଠାରଘାତ କରିବ। ରାଜନୈତିକ ସ୍ୱାର୍ଥ ହାସଲକୁ ଦୃଷ୍ଟିରେ ରଖି ଜନଗଣନା ପୂର୍ବରୁ ଏହି ଯେଉଁ ଗୋଟିଚାଳନା ଆରମ୍ଭ ହୋଇଛି ସେଥିରେ ଓଡ଼ିଶା କ୍ଷତିଗ୍ରସ୍ତ ହେଲେ ମଧ ପରିବର୍ତ୍ତିତ ସରକାର ପରୋକ୍ଷରେ ସ୍ୱୀକୃତି ଦେଇଥିବା ମୁଖ୍ୟମନ୍ତ୍ରୀଙ୍କ ସୂଚନାରୁ ସ୍ପଷ୍ଟ ହୋଇଛି।

ସମ୍ବିଧାନର ଅନୁଚ୍ଛେଦ ୮୨ (ଲୋକସଭା ) ଓ ୧୭୦ (ବିଧାନସଭା) ଅନୁଯାୟୀ ପ୍ରତ୍ୟେକ ଜନଗଣନା ପରେ ସୀମା ପୁନଃନିର୍ଦ୍ଧାରଣର ବ୍ୟବସ୍ଥା ରହିଛି। ୧୯୭୧ ଜନଗଣନା ପରେ ଶେଷଥର ସକାଶେ ଦେଶର ଲୋକସଭା ଓ ବିଧାନସଭା ଆସନର ସୀମା ପୁନଃନିର୍ଦ୍ଧାରଣ ହୋଇଥିଲା। ପ୍ରତି ୧୦ ବର୍ଷରେ ଥରେ ଜନଗଣନା ହେଉଥିଲେ ମଧ ଏହି ଆସନ ସଂଖ୍ୟା ବୃଦ୍ଧି ନିଷ୍ପତ୍ତିକୁ ବିଭିନ୍ନ କାରଣରୁ ସ୍ଥଗିତ ରଖାଯାଇଛି। ତେଣୁ ସାମ୍ବିଧାନିକ ବ୍ୟବସ୍ଥା ସତ୍ତ୍ୱେ ଅତୀତରେ ଯେଉଁ ସବୁ କାରଣରୁ ସୀମା ପୁନଃ ନିର୍ଦ୍ଧାରଣ ପ୍ରକ୍ରିୟା କାର୍ଯ୍ୟକାରୀ ହୋଇପାରିନାହିଁ ତାହାର ପର୍ଯ୍ୟାଲୋଚନା ହେବା ଉଚିତ। ନିର୍ବାଚନ ମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ବେଳେ ଜନସଂଖ୍ୟା ଏକମାତ୍ର ମାନଦଣ୍ଡ ହେଲେ ଦକ୍ଷିଣ ଭାରତୀୟ ରାଜ୍ୟ ସମେତ ଓଡ଼ିଶା ମଧ କ୍ଷତିଗ୍ରସ୍ତ ହେବ। ଏକଥା ଉଲ୍ଲେଖ କଲା ବେଳେ ଆମକୁ କହିବାକୁ ପଡୁଛି ଯେ ଦଳୀୟ ନିଷ୍ପତ୍ତିରୁ ଉର୍ଦ୍ଧ୍ୱକୁ ଉଠି ରାଜ୍ୟର ବୃହତ୍ତର ସ୍ୱାର୍ଥ ପ୍ରତି ଦୃଷ୍ଟିଦେବା ଆବଶ୍ୟକ। ୨୦୨୭ ମାର୍ଚ୍ଚ ମାସରୁ ଜନଗଣନା କାର୍ଯ୍ୟକ୍ରମ ଆରମ୍ଭ ହେଉଥିବାରୁ ସମ୍ଭାବ୍ୟ ବିଧାନସଭା ଆସନ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ପରିବର୍ଦ୍ଧିତ ନୂତନ ବିଧାନସଭା ଭବନ ନିର୍ମାଣକୁ ମୁଖ୍ୟମନ୍ତ୍ରୀ ଅଗ୍ରାଧିକାର ଦେଇଥିବା ଭଳି ମନେ ହୁଏ। ଏଥିରୁ ସ୍ପଷ୍ଟ ଯେ ପ୍ରସ୍ତାବିତ ସୀମା ପୁନଃ ନିର୍ଦ୍ଧାରଣକୁ ଆମ ରାଜ୍ୟ ସରକାର ଅନୁମୋଦନ କରିସାରିଛନ୍ତି। ଏଠାରେ ସୂଚାଇ ଦିଆଯାଇ ପାରେ କି ଅନ୍ୟ ଉତ୍ତର ଭାରତୀୟ ରାଜ୍ୟଙ୍କ ତୁଳନାରେ ଆନୁପାତିକ ଦୃଷ୍ଟିରୁ ବିଚାର କଲେ ଲୋକସଭାରେ ଓଡ଼ିଶାର ପ୍ରତିନିଧିତ୍ୱ ହ୍ରାସ ପାଇବ। ସଂଖ୍ୟା ଗଣିତରେ ନିର୍ଭର କରୁଥିବା ଗଣତାନ୍ତ୍ରିକ ବ୍ୟବସ୍ଥାରେ ଆମ ସ୍ଥାନ ଆଗକୁ ନ୍ୟୂନହେବା ଥୟ।

ପରବର୍ତ୍ତୀ ସାଧାରଣ ନିର୍ବାଚନ ୨୦୨୯ରେ ହେଉଥିବା ବେଳେ ତାହା ପୂର୍ବରୁ ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ପ୍ରକ୍ରିୟା ଯେ ଶେଷ ହୋଇପାରିବ ସେ ନେଇ ସନ୍ଦେହ ରହିଛି। କାରଣ ଜନଗଣନାର ସଂପୂର୍ଣ୍ଣ ତଥ୍ୟ ପ୍ରକାଶ ପାଇବାକୁ ୨ ବର୍ଷ ସମୟ ନେଉଥିବା ଦୃଷ୍ଟିରୁ ପୂର୍ବ ନିର୍ଦ୍ଧାରିତ ଆସନ ଭିତ୍ତିରେ ନିର୍ବାଚନ ହେବାର ସମ୍ଭାବନା ଅଧିକ। ତେଣୁ ରାଜ୍ୟ ସରକାରଙ୍କ ପାଇଁ ଏକାଧିକ ଆହ୍ୱାନ ଆଗକୁ ଥିବା ବେଳେ ୩୮୭.୯୪ କୋଟି ଟଙ୍କା ବ୍ୟୟରେ ବିଧାନସଭା ଭବନ ନିର୍ମାଣକୁ ଅଗ୍ରାଧିକାର ଦେବାର ସେଭଳି ଯଥାର୍ଥତା ଥିବାର ମନେ ହୁଏନା। ●

## ମର୍ଜ-ମୋଦୀ କୂଟନୀତି

ବାଣିଜ୍ୟିକ ସଂପର୍କ ଦୃଷ୍ଟିରୁ ଅନିଶ୍ଚିତତା ଜାରି ରହିବା ସହ ଭୂ-ରାଜନୈତିକ ସ୍ଥିତିର ଦିଗ ପରିବର୍ତ୍ତନ କେବଳ ଭାରତକୁ ନୁହେଁ ଏକାଧିକ ୟୁରୋପୀୟ ରାଷ୍ଟ୍ରକୁ ମଧ ବିବ୍ରତ କରିଛି। ରପ୍ତାନି ବାଣିଜ୍ୟ ଦୃଷ୍ଟିରୁ ଭାରତ ଆମେରିକା ଆକ୍ରୋଶର ସମ୍ମୁଖୀନ ହୋଇଥିଲେ ମଧ ୭.୪ ଜିଡିପି ହାରରେ ଦେଶର ଅର୍ଥନୀତି ଅଗ୍ରଗତି କରୁଥିବାରୁ ବିଶ୍ୱରେ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇ ରହିଛି। ତେବେ ଭାରତ ଏହି ପରିବର୍ତ୍ତିତ ପରିସ୍ଥିତିରେ ନିଜର ବିଶାଳ ବଜାର ଓ ସାମର୍ଥ୍ୟକୁ ଆଧାର କରି ଭୂ-ରାଜନୈତିକ ସ୍ତରରେ ଯେଉଁ ଗତି ପରିବର୍ତ୍ତନ କରିଛି ତାହା ଅନେକଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଫ୍ରେଡେରିକ ମର୍ଜ ଜର୍ମାନୀର ଚାନସେଲର ଦାୟିତ୍ୱ ଗ୍ରହଣ କରିବା ପରେ ଏସିଆକୁ ପ୍ରଥମ ଗସ୍ତରେ ଆସି ଭାରତରେ ପହଞ୍ଚିଛନ୍ତି। ୟୁରୋପୀୟ ରାଷ୍ଟ୍ର ସଂଘ (ଇୟୁ) ର ଜର୍ମାନୀ ସହ ଭାରତର ବାଣିଜ୍ୟ କାରବାର ସବୁଠାରୁ ଅଧିକ। ମର୍ଜଙ୍କ ଏହି ଦୁଇଦିନିଆ ଗସ୍ତକ୍ରମ ବେଳେ ପ୍ରତିରକ୍ଷା, ପ୍ରଯୁକ୍ତି, ସ୍ୱାସ୍ଥ୍ୟ, ଶକ୍ତି ଓ ମାନବ ସମ୍ବଳ ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଭାରତ ସହ ୧୯ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଆଲୋଚନା ପ୍ରସଙ୍ଗରେ ସେ କହିଛନ୍ତି ଯେ ଚଳିତ ମାସ ଶେଷସୁଦ୍ଧା ଭାରତ – ଇୟୁ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷର ହେବ।

ଭାରତ-ଆମେରିକା ବାଣିଜ୍ୟ ସଂପର୍କକୁ ନେଇ ସୃଷ୍ଟି ହୋଇଥିବା ତିକ୍ତତା ଦୃଷ୍ଟିରୁ କୂଟନୈତିକ ସ୍ତରରେ ନୂଆଦିଲ୍ଲୀର ମସ୍କୋ ଓ ବେଜିଂ ପ୍ରତି ପରିଲକ୍ଷିତ ଆଭିମୁଖ୍ୟଗତ ପରିବର୍ତ୍ତନ ନେଇ ଜର୍ମାନୀ ଯେ ବିବ୍ରତ ତାହା ମର୍ଜଙ୍କ ଆଲୋଚନାରୁ ସ୍ପଷ୍ଟ ହୋଇଛି। ତେଣୁ ମିଳିତ ଘୋଷଣାନାମାରେ ପ୍ରତିରକ୍ଷା ଶିଳ୍ପ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ପ୍ରମୁଖତା ପାଇଥିବାର ଲକ୍ଷ୍ୟ କରାଯାଇଛି। ପରୋକ୍ଷରେ ତୈଳ, ବାଷ୍ପ ଓ ପ୍ରତିରକ୍ଷା ସାମଗ୍ରୀ କ୍ଷେତ୍ରରେ ରୁଷ ଉପରେ ଭାରତର ନିର୍ଭରଶୀଳତା ହ୍ରାସକୁ ପ୍ରାଧାନ୍ୟ ଦିଆଯାଇଛି। ରଣନୀତିକ ଓ ଅର୍ଥନୈତିକ ସ୍ତରରେ ଦ୍ୱିପାକ୍ଷିକ ସଂପର୍କ ଆଗାମୀ ଦିନରେ ଅଧିକ ସୁଦୃଢ଼ ହେବାର ସୂଚନା ମିଳିଛି। ପ୍ରତିନିଧି ଦଳରେ ଆସିଥିବା ବିଭିନ୍ନ ଶିଳ୍ପ ସଂସ୍ଥାର ୨୩ ଜଣ ସିଇଓ କୃତ୍ରିମ ବୁଦ୍ଧିମତା (ଏଆଇ) ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବୈଷୟିକ କ୍ଷେତ୍ରରେ ସହଭାଗିତା ଓ ଆବଶ୍ୟକ ସ୍ଥଳେ ନିବେଶ ସକାଶେ ଆଗ୍ରହ ପ୍ରକାଶ କରିଛନ୍ତି। ଉଲ୍ଲେଖ୍ୟଯୋଗ୍ୟ କି ୨୦୨୪ ରେ ଜର୍ମାନୀ ସହ ବିଭିନ୍ନ ସାମଗ୍ରୀ ଓ ସେବା କ୍ଷେତ୍ରରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୫୦ ବିଲିୟନ ଡଲାର ଅତିକ୍ରମ କରିଥିଲା। ଏହା ଇୟୁ ସହ ମୋଟ ବାଣିଜ୍ୟ କାରବାରର ୨୫ ପ୍ରତିଶତ। ଆଲୋଚନା ପ୍ରସଙ୍ଗରେ ମର୍ଜ ଭାରତୀୟ ନାଗରିକଙ୍କ ପାଇଁ ଜର୍ମାନୀରେ ଭିସାମୁକ୍ତ ଟ୍ରାନ୍‌ଜିଟ୍ ସୁବିଧା ଯୋଗାଇ ଦେବାକୁ ଘୋଷଣା କରିଛନ୍ତି। ଏଥିସହ ଉର୍ଜା ନବୀକରଣ ପ୍ରକଳ୍ପ ରେ ୧.୨୪ ବିଲିୟନ ୟୁରୋ ବିନିଯୋଗର ପ୍ରତିଶ୍ରୁତି ଦେଇଛି ଜର୍ମାନୀ।

ସୁଯୋଗ ଓ ସୁବିଧା ହାସଲ ପାଇଁ ନୂଆ କ୍ଷେତ୍ର ଓ ପରିସର ସନ୍ଧାନରେ ଥିବା ପକ୍ଷ ବଜାର ଅନୁକୂଳତାକୁ ପ୍ରାଧାନ୍ୟ ଦେବା ସ୍ୱାଭାବିକ। ତେଣୁ ଭାରତର ମୁକ୍ତ ବାଣିଜ୍ୟ କ୍ଷେତ୍ର ଦିନକୁ ଦିନ ସଂପ୍ରସାରିତ ହେବାରେ ଲାଗିଛି। ●

## ଦୁର୍ନୀତି ଓ ଏହାର ନିରାକରଣ

**ଜୟ ନାରାୟଣ ମହାପାତ୍ର**

ଦୁର୍ନୀତି ଆମ ଭାରତରେ ଏକ ସାଧାରଣ ଶବ୍ଦ ହୋଇସାରିଲାଣି। ଏ ସମ୍ପର୍କରେ ପ୍ରତ୍ୟେକ ନାଗରିକଙ୍କର କିଛି ନା କିଛି ଅନୁଭୂତି ଅଛି। ପ୍ରତିଦିନ ଦେଶରେ ବିଭିନ୍ନ କ୍ଷେତ୍ରରେ ନିଶ୍ଚିତ କିଛି ନା କିଛି ଦୁର୍ନୀତି ଘଟୁଛି, ଯାହାଫଳରେ ଦେଶର ସାଧାରଣ ଜନତା ଅକଥନୀୟ କଷ୍ଟ ପାଉଛନ୍ତି। କ୍ଷମତାସୀନ ବ୍ୟକ୍ତିବିଶେଷ ନିରବ, ଉତ୍ତରଦାୟିତ୍ୱ ନେବା ପାଇଁ ନାରାଜ। ଦୁର୍ନୀତି ହେଉଛି ନୀତି ନିୟମ ନ ମାନିବା ଏବଂ ନୀତି ନିୟମକୁ ମାନୁ ନଥିବା ସଂସ୍ଥା ବା ବ୍ୟକ୍ତିବିଶେଷଙ୍କୁ ଦଣ୍ଡିତ ନ କରିବା। କେବଳ କ୍ଷମା ମାଗିଦେଲେ କ୍ଷତିଗ୍ରସ୍ତ ମଣିଷର କଷ୍ଟ ଲିଭିଯାଏନି। ଯେଉଁମାନଙ୍କ ଭୁଲ ନିଷ୍ପତ୍ତି ପାଇଁ ବହୁଲୋକ ବିଭିନ୍ନପ୍ରକାର କଷ୍ଟ ପାଆନ୍ତି ସେମାନେ ହୁଏତ କେବେ ଏଭଳି କଷ୍ଟ ଅନୁଭବ କରିନାହାନ୍ତି କିମ୍ବା କରିବାର ସମ୍ଭାବନା ଅନ୍ତତଃ ଏ ଜନ୍ମରେ ନାହିଁ। ଯଦିବା ପରବର୍ତ୍ତୀ ସମୟରେ କିଛି କାର୍ଯ୍ୟାନୁଷ୍ଠାନ କରାଯାଏ, ସେଥିରୁ ସହଜରେ ମୁକୁଳି ଆସିବାର ସମସ୍ତ ସାଧନ ସେମାନଙ୍କ ନିକଟରେ ଅଛି। ତେଣୁ ସେମାନେ ସାଧାରଣ ଜନତାର କଷ୍ଟକୁ ଏକପ୍ରକାର ହେୟଜ୍ଞାନ କରନ୍ତି ଏବଂ ସାଧାରଣ ଲୋକେ ମଧ ସେସବୁକୁ ଅଳ୍ପଦିନ ମଧ୍ୟରେ ଭୁଲିଯାଆନ୍ତି।

ସବୁଠି ଦୁର୍ନୀତିର ଗନ୍ଧରେ ସାଧାରଣ ମଣିଷ ତ୍ରସ୍ତ ମାତ୍ର ନିରବ। କେତେ ବା ବିଦ୍ରୋହ କରିବେ, କିଏ ବା ଶୁଣିବ ତାଙ୍କ ହାରିଗୁହାରି? ଗଣତନ୍ତ୍ରରେ ସବୁପ୍ରକାର ସୁବିଧା ଅଛି ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାର। ମାତ୍ର ସେ ସ୍ୱରକୁ ଦମନ କରିଦିଆଯାଏ। ସମାଜର ୯୦ ଭାଗ ଲୋକ ଆଜି ଦୁର୍ନୀତି ରାକ୍ଷସ କବଳରେ କବଳିତ। ଆର୍ଥିକ ଦୃଷ୍ଟିରୁ ସୁବିଧାଜନକ ସ୍ଥିତିରେ ଓ ଉଚ୍ଚ ପଦପଦବୀରେ ଥିବା ଏବଂ ଦୁର୍ନୀତି କରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଭାରତ ଏକ ଭୂସ୍ୱର୍ଗ। ଧାନ ମଣ୍ଡିରେ ଚାଷୀମାନଙ୍କ ଧାନର କଟନିଛଟ୍‌ନି ହେଉ କି ପରୀକ୍ଷାରେ ପ୍ରଶ୍ନପତ୍ର ବିଭ୍ରାଟ ହେଉ, ଚାକିରି ପାଇଁ ଲାଞ୍ଚ କାରବାର ହେଉ କି ସଂସଦରେ ପ୍ରଶ୍ନ ପଚାରିବା ପାଇଁ ହେଉ, ଘର ଖଣ୍ଡେ ପାଇବା ପାଇଁ ପଞ୍ଚାୟତରେ ନାମ ପଞ୍ଜିକରଣ ପାଇଁ ହେଉ କି ଭୋଟରଙ୍କଠାରୁ ଭୋଟ ଆଦାୟ ହେଉ, ସବୁଠିଁ ଅନ୍ୟାୟ ଓ ଦୁର୍ନୀତି। ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରପତିଙ୍କ ଦ୍ୱାରା ଅମାପ ସମ୍ପତ୍ତିର ପର୍ଦ୍ଦାଫାଶ ହେଲା ପରେ ବି ଉଚିତ୍ କାର୍ଯ୍ୟାନୁଷ୍ଠାନ ନ ହେବା, ବ୍ୟାଙ୍କମାନଙ୍କରୁ ହଜାର ହଜାର କୋଟି ଟଙ୍କା ହଡ଼ପ ହେଉଥିଲେ ବି ଆଖି ବନ୍ଦ୍ କରିଦେବା ମୂଳରେ କ'ଣ ଉଦ୍ଦେଶ୍ୟ ଅଛି ସମସ୍ତେ ସବୁ ବୁଝି ପାରୁଥିଲେ ବି ନିରବଦ୍ରଷ୍ଟା। ଦେଶର ଶାସନ ବ୍ୟବସ୍ଥାରେ ଜନସାଧାରଣଙ୍କୁ ସୁଶାସନ ପ୍ରଦାନ କରିବା ପାଇଁ ଅନେକ ମେଧାବୀ ଛାତ୍ରଛାତ୍ରୀ ବିଭିନ୍ନ ପଦବୀରେ ଆସୀନ। ତଥାପି କାହିଁକି ଲୋକଙ୍କୁ ଉଚିତ୍ ନ୍ୟାୟ ମିଳୁନି ତାହା ଆଜି ସମସ୍ତଙ୍କୁ ଆନ୍ଦୋଳିତ କରୁଛି। ଅନେକ ସ୍ୱାଧୀନଚେତା, ଦେଶପ୍ରେମୀ, ସଚେତନ, ନିଷ୍ପାପର ମଣିଷ ବିଭିନ୍ନ ସାମାଜିକ ଅନୁଷ୍ଠାନ ଜରିଆରେ ସାଧାରଣ ମଣିଷର ନ୍ୟାୟିକ ଅଧିକାର ପାଇଁ ଆନ୍ଦୋଳନ କରୁଥିଲେ ବି ସେ ସବୁକୁ ଅତି ନିର୍ଦ୍ଦୟ ଭାବେ ପ୍ରତିହତ କରାଯାଉଛି।

ତେଣୁ ଆଜି ସମୟ ଆସିଛି ଦେଶର ବୁଦ୍ଧିଜୀବୀ, ଚିନ୍ତାଶୀଳ, ଶିକ୍ଷିତ ଯୁବବର୍ଗ ଦେଶର ବାସ୍ତବ ସମସ୍ୟାକୁ ଉପଲବ୍ଧି କରି ସେସବୁର ସମାଧାନ ଓ ଦୁର୍ନୀତି ନିରାକରଣ ପାଇଁ ସତତ ଚେଷ୍ଟିତ ହେବା ଉଚିତ। ଦେଶରେ ପ୍ରଚଳିତ ବ୍ୟୟବହୁଳ ନିର୍ବାଚନ ବ୍ୟବସ୍ଥା ଦୁର୍ନୀତିର ମୂଳକାରଣ ବୋଲି ସମସ୍ତେ ଉପଲବ୍ଧି କଲେଣି। ତେଣୁ ଅଚିରେ ଏକ ସଶକ୍ତ ନିର୍ବାଚନ ସଂସ୍କାର ପାଇଁ ସରକାରଙ୍କ ଉପରେ ଚାପ ପ୍ରୟୋଗ ପାଇଁ ଦେଶବାସୀ ଆଗେଇ ଆସିବା ଆବଶ୍ୟକ। ନିର୍ବାଚନ ସଂସ୍କାର ସହିତ ଶାସନ ପରିଚାଳନା କ୍ଷେତ୍ରରେ, ନ୍ୟାୟିକ ବ୍ୟବସ୍ଥାରେ ଓ ଗଣମାଧ୍ୟମ ଭୂମିକାରେ ମଧ ବିଶେଷସଂସ୍କାରର ଆବଶ୍ୟକତା ବହୁଳ ଅନୁଭୂତ ହୁଏ।

ନିର୍ବାଚନ ସଂସ୍କାରକ୍ରମରେ ଲୋକସଭା ପାଇଁ ଦେଶର ମୁଖ୍ୟ ବିଚାରପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ବାଚନ ଅନୁଷ୍ଠିତ ହେବା ସହିତ ବିଧାନ ପରିଷଦ ଉଚ୍ଛେଦ, ପ୍ରାର୍ଥୀମାନଙ୍କର ଶିକ୍ଷାଗତ ଯୋଗ୍ୟତା ନିର୍ଦ୍ଧାରଣ, ପ୍ରତ୍ୟେକ ସଦସ୍ୟ ସର୍ବାଧିକ ୨ଥର ରହିପାରିବେ, ଜଣେ ସଦସ୍ୟ କେବଳ ଗୋଟିଏ ପେନସନ୍ ପାଇବେ, ଗୃହରେ ଭୋଟଦାନରୁ ଅନୁପସ୍ଥିତ ରହିପାରିବେନି, ଦଳବଦଳ ଅସିଦ୍ଧ ହେବ ଏବଂ କେବେ ବି କୌଣସି ନିର୍ବାଚନ ଲଢ଼ି ପାରିବେନି, ଅବଧି ପୂର୍ବରୁ ଇସ୍ତଫା ଦେଇ ପାରିବେନି, ନିର୍ବାଚନ ସମୟରେ ମିଥ୍ୟା ଅଭିଯୋଗ କରିପାରିବେନି, ପ୍ରତିଶ୍ରୁତି ପୂରଣ ପାଇଁ ସମୟ ନିର୍ଦ୍ଧାରିତ ହେବ, ପ୍ରତ୍ୟେକ ମାସର କାର୍ଯ୍ୟ ବିବରଣୀ ପରବର୍ତ୍ତୀ ମାସର ୧୦ ତାରିଖ ସୁଦ୍ଧା ଗୃହର ଅଧକ୍ଷ/ଅଧକ୍ଷାଙ୍କୁ ପ୍ରଦାନ ପରେ ମାସିକ ଭତ୍ତା/ଦରମା ପ୍ରଦାନ, ୭୦ ବର୍ଷ ବୟସ ପରେ ନିର୍ବାଚନ ଲଢ଼ିବା ନିଷିଦ୍ଧ, ନିର୍ବାଚନ ମଣ୍ଡଳୀରେ ସର୍ବପ୍ରକାର ଉନ୍ନତି ଓ ଆଇନଶୃଙ୍ଖଳାର ଅବନତି ପାଇଁ ଜନପ୍ରତିନିଧି ଉତ୍ତରଦାୟୀ ରହିବେ, ରାଜ୍ୟର ଲୋକସଭା ଆସନ ସଂଖ୍ୟା ଅନୁଯାୟୀ ଜିଲ୍ଲା ସଂଖ୍ୟା ହେବ, ନିର୍ବାଚନ ପ୍ରାର୍ଥିପତ୍ର ଦାଖଲ ଓ ବିଜୟ ଉତ୍ସବ ପାଇଁ କୌଣସି ପ୍ରକାର ରାଲି/ଶୋଭାଯାତ୍ରା ନିଷିଦ୍ଧ, ପ୍ରତି ବର୍ଷ ସଦସ୍ୟମାନେ ନିଜର ସମ୍ପତ୍ତି ତାଲିକା ପ୍ରକାଶ କରିବେ, କୌଣସି କାର୍ଯ୍ୟ ପାଇଁ ଲାଞ୍ଚ ନେଲେ କିମ୍ବା ଧରାପଡ଼ିଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ଏବଂ ସଦସ୍ୟତାରୁ ବହିଷ୍କୃତ ହେବେ, ନିର୍ବାଚନ ଅଦାଲତରେ ନିର୍ବାଚନ ମୋକଦ୍ଦମା ତିନି ମାସ ଭିତରେ ନିଷ୍ପତ୍ତି ହେବ, ଗୋଟିଏ ପଦରେ ଥାଇ ଅନ୍ୟ ଏକ ପଦ ପାଇଁ ନିର୍ବାଚନ ଲଢ଼ିବା ନିଷିଦ୍ଧ ଆଦି ବହୁବିଧ କାର୍ଯ୍ୟାନୁଷ୍ଠାନ ସଂସ୍କାରର ପରିସରଭୁକ୍ତ ହେବ।

ସେହିପରି ଶାସନ ବ୍ୟବସ୍ଥାରେ ସଂସ୍କାର ପାଇଁ ୧ମ ଓ ୨ୟ ଶ୍ରେଣୀ କର୍ମଚାରୀମାନଙ୍କ ଚାକିରି ପ୍ରତି ୫ବର୍ଷରେ ଏବଂ ଅନ୍ୟ ସରକାରୀ କର୍ମଚାରୀଙ୍କ ଚାକିରି ପ୍ରତି ୧୦ ବର୍ଷରେ ସମୀକ୍ଷା, ପ୍ରତ୍ୟେକ ପରିବାରରୁ ଯୋଗ୍ୟତା ଅନୁଯାୟୀ ଜଣକୁ ଚାକିରି, ଦୁର୍ନୀତିଗ୍ରସ୍ତଙ୍କୁ ଆଜୀବନ ଜେଲଦଣ୍ଡ ଓ ସମ୍ପତ୍ତି ବ୍ୟାଜ୍ୟାପ୍ତି, ଦୈନନ୍ଦିନ କାର୍ଯ୍ୟର ବିବରଣୀ ସେହିଦିନ ଉପରିସ୍ଥ ଅଧିକାରୀଙ୍କୁ ଲେଖି ଜଣାଇବା, ସମସ୍ତ କର୍ମଚାରୀ ବର୍ଷଶେଷରେ ସମ୍ପତ୍ତି ବିବରଣୀ ନ ଦେଲେ ଚାକିରିରୁ ବହିଷ୍କୃତ ହେବା, ସରକାରୀ ଅପବ୍ୟୟ ପାଇଁ ଜୋରିମାନା ଆଦାୟ ଓ ପଦୋନ୍ନତିରେ କଟକଣା, ସରକାରୀ ଅର୍ଥ ଠିକ୍ ସମୟରେ ବ୍ୟୟ ନ କରି ନିଜ ପାଖରେ ରଖିବା ଓ ବ୍ୟବହୃତ ପ୍ରମାଣପତ୍ର ଠିକ୍ ସମୟରେ ନ ଦେଲେ ଚାକିରିରୁ ବହିଷ୍କାର ଇତ୍ୟାଦି କଠୋର ନିୟମ ପ୍ରଣୟନ ଦୁର୍ନୀତି ନିରାକରଣରେ ସହାୟକ ହେବ। ବ୍ଲକ, ଜିଲ୍ଲା ଓ ରାଜ୍ୟ ସ୍ତରରେ ବିଭିନ୍ନ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ଓ ଅଭିଜ୍ଞ ବ୍ୟକ୍ତିବିଶେଷଙ୍କର ଏକ ତାଲିକା (ପ୍ରଜ୍ଞା ଗୋଷ୍ଠୀ) ପ୍ରସ୍ତୁତ କରି ସମୟ ସମୟରେ ସେମାନଙ୍କର ପରାମର୍ଶ ନିଆଯିବା ଦରକାର, ଯାହାଦ୍ୱାରା ପ୍ରଶାସନର ସୁଫଳ ଜନସାଧାରଣ ପାଇପାରିବେ। ନ୍ୟାୟିକ ସଂସ୍କାରକ୍ରମରେ ପ୍ରତ୍ୟେକ ବ୍ଲକରେ ଦେୱାନୀ ଓ ଫୌଜଦାରୀ ଅଦାଲତ ଅଲଗା ପ୍ରତିଷ୍ଠା କରିବା, ନିର୍ବାଚନ ଅଦାଲତରେ ସମସ୍ତ ନିର୍ବାଚନ ଅଭିଯୋଗ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶେଷ କରିବା, ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନର ସଦସ୍ୟମାନଙ୍କର ମୋକଦ୍ଦମା ବିଚାର ପାଇଁ ଜିଲ୍ଲାପାଳଙ୍କୁ ଦାୟିତ୍ୱମୁକ୍ତ କରିବା, ବିଭିନ୍ନ ସ୍ତରରେ ବିଚାରପତି ନିଯୁକ୍ତି ପାଇଁ ଚୟନ କମିଟି ଗଠନ, ବିଚାରପତି ଭାବେ କାର୍ଯ୍ୟାରମ୍ଭ ବୟସ ୪୦ ବର୍ଷ ଓ ସର୍ବୋଚ୍ଚ ବୟସ ସୀମା ୭୦ବର୍ଷ ରଖିବା ଦ୍ୱାରା ସାଧାରଣ ଜନତା ଅନେକ ସୁଫଳ ପାଇପାରନ୍ତେ ବୋଲି ଆଶା କରାଯାଏ। ଏଥିସହିତ ପ୍ରତ୍ୟେକ ରାଜ୍ୟ ଓ ଦେଶ ପାଇଁ ଗୋଟିଏ କରି ସରକାରୀ ଖବରକାଗଜ(ଦୈନିକ) ପ୍ରକାଶନର ବ୍ୟବସ୍ଥା ହେବା ଆବଶ୍ୟକ, ଯେଉଁଥିରେ କେବଳ ସରକାରୀ ଯୋଜନା, ସରକାରୀ କାର୍ଯ୍ୟକ୍ରମ, ଯୋଜନାର ସମୀକ୍ଷା ସମ୍ବଳିତ ସମ୍ବାଦ ଇତ୍ୟାଦି ସ୍ଥାନ ପାଇବ ଏବଂ ସରକାରୀ ଦୂରଦର୍ଶନରେ ବିଭିନ୍ନ ଯୋଜନା, ପ୍ରତ୍ୟେକ ମାସରେ ହାସଲ ହୋଇଥିବା କାର୍ଯ୍ୟ, ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଯଥା ସ୍ୱଚ୍ଛତା, ରୋଗ, ଆଇନ ସେବା, ପୁଲିସ ସେବା, ଭୂରାଜସ୍ୱ, ସଡ଼କ ସୁରକ୍ଷା ଇତ୍ୟାଦି ବିଭିନ୍ନ ସରକାରୀ କାର୍ଯ୍ୟକ୍ରମର ପ୍ରସାରଣ ଦ୍ୱାରା ସାଧାରଣ ଜନତା ଅନେକ ସୂଚନା ପାଇପାରିବେ। ଅନେକ ଲୁପ୍ତ ପ୍ରତିଭାର ବିକାଶ ମଧ ହୋଇପାରିବ। ପ୍ରତ୍ୟେକ ରାଜ୍ୟରେ ଲୋକସଂଖ୍ୟା ଅନୁପାତରେ ପ୍ରତି ୫୦ ଲକ୍ଷ ଲୋକଙ୍କ ପାଇଁ ଆଞ୍ଚଳିକ ଭାଷାରେ ଗୋଟିଏ ଖବରକାଗଜ ଓ ଜିଲ୍ଲା ସ୍ତରରେ ସର୍ବାଧିକ ୨ଟି ଖବରକାଗଜ ରହିବା ଆବଶ୍ୟକ, ଯେଉଁଥିରେ ପେଶାଦାର ସାମ୍ବାଦିକମାନଙ୍କୁ ଦରମା ଓ ସରକାରଙ୍କ ଦ୍ୱାରା ପେନଶନ୍ ଦେବାର ବ୍ୟବସ୍ଥା ଥିବ। ପେଶାଦାର ସାମ୍ବାଦିକମାନେ ସାମ୍ବାଦିକତାରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ ସରକାରୀ ୨ୟ ଶ୍ରେଣୀ ବର୍ଗର ଅଧିକାରୀଙ୍କ ଭଳି ଦରମା ଦିଆଯାଉ। ସବୁ ସମ୍ବାଦପତ୍ର ନିରପେକ୍ଷ ଓ ସତ୍ୟ ସମ୍ବାଦ ପରିବେଷଣ କରିବାର ବିଧି ବ୍ୟବସ୍ଥା ହେଉ। ଅସତ୍ୟ ଓ ମନଗଢ଼ା ସମ୍ବାଦ ପରିବେଷଣ କରିବାର ପ୍ରମାଣ ମିଳିଲେ ପ୍ରକାଶନ ବନ୍ଦ ସହିତ ଉଚିତ୍ କାର୍ଯ୍ୟାନୁଷ୍ଠନ କରାଯାଉ। ଦୈନିକ ସମ୍ବାଦପତ୍ରର ମୂଲ୍ୟ ନିର୍ଦ୍ଧାରଣ ଏକ ରାଜ୍ୟସ୍ତରୀୟ କମିଟି କରୁ। ସାମାଜିକ ଗଣମାଧ୍ୟମରେ ଅସତ୍ୟ, ଅବାନ୍ତର, ଅରୁଚିକର ସମ୍ବାଦ ଓ ଫଟୋ ପ୍ରସାରଣକୁ ବନ୍ଦ କରିବାର ବ୍ୟବସ୍ଥା ହେଉ ଏବଂ ଏ ସବୁ ଜରିଆରେ କିଛି ବିଷୟ ପ୍ରସାରଣ ପାଇଁ ଚାହୁଁଥିଲେ ନିର୍ଦ୍ଦିଷ୍ଟ ଦେୟ ସରକାରଙ୍କୁ ପୈଠ କରିବାର ବ୍ୟବସ୍ଥା ରହୁ। ଏକ ବିକଶିତ ଦେଶର ପରିକଳ୍ପନା କରିବା ପୂର୍ବରୁ ଦୁର୍ନୀତିର କାୟାବିସ୍ତାରକୁ ବିଭିନ୍ନ ସଂସ୍କାର ଜରିଆରେ ଲୁପ୍ତ କରାଯାଉ। ●

ରୂପସା(ବାଲେଶ୍ୱର),
ମୋ: ୯୪୩୮୧୭୭୬୩୪.

## ବଡ଼ଜହ୍ନ-ନୀଳଜହ୍ନ-ଲାଲ୍‌ଜହ୍ନ

**ବିଜୟ କେତନ ପଟ୍ଟନାୟକ**

ପିଲାଟି ଦିନରୁ ଆକାଶରେ ଚନ୍ଦ୍ର ସହିତ ଆମର ପରିଚୟ। ମା' ବା ଆଇମା'ମାନେ ଆକାଶରେ ଚନ୍ଦ୍ରକୁ ଦେଖେଇ ଚିହ୍ନେଇ ଦିଅନ୍ତି - ଇଏ ହେଉଛି ଜହ୍ନମାମୁ। ବାଘମାମୁ ପରି ଜହ୍ନ ମଧ ପିଲାମାନଙ୍କର ମାମୁ। କିନ୍ତୁ ବାସ୍ତବରେ ଚନ୍ଦ୍ର, ପୃଥିବୀ ଗ୍ରହର ଏକ ଉପଗ୍ରହ। ଚନ୍ଦ୍ର ଉପଗ୍ରହ ତା'ର ଅଣ୍ଡାକୃତି କକ୍ଷପଥରେ ୨୭.୩ ଦିନରେ ପୃଥିବୀ ଚାରିପଟେ ପ୍ରଦକ୍ଷିଣ କରିଥାଏ। କିନ୍ତୁ ବାସ୍ତବରେ ଗୋଟିଏ ଚନ୍ଦ୍ରମାସ ସଂପୂର୍ଣ୍ଣ ହେବା ପାଇଁ ୨୯.୫ ଦିନ ଲାଗିଥାଏ। ଅର୍ଥାତ୍ ଗୋଟିଏ ପୂର୍ଣ୍ଣିମା ବା ପୂର୍ଣ୍ଣ ଚନ୍ଦ୍ରଠାରୁ ଅନ୍ୟ ଏକ ପୂର୍ଣ୍ଣଚନ୍ଦ୍ର ପର୍ଯ୍ୟନ୍ତ ଦୁଇଦିନ ସମୟ ଅଧିକ ଲାଗିଥାଏ। ଏହାର କାରଣ ହେଲା, ଚନ୍ଦ୍ର ଯେପରି ପୃଥିବୀ ଚାରିପଟେ ଘୁରୁଛି। ପୃଥିବୀ ମଧ ସେହି ଏକା ସମୟରେ, ନିଜର ଅଣ୍ଡାକୃତି କକ୍ଷ ପଥରେ ସୂର୍ଯ୍ୟ ଚାରିପଟେ ପ୍ରଦକ୍ଷିଣ କରୁଛି। ଚନ୍ଦ୍ର ଥରେ ପୃଥିବୀ ଚାରିପଟେ ବୁଲି ଆସିଲା ବେଳକୁ ପୃଥିବୀ ତା' ନିଜ କକ୍ଷ ପଥରେ କିଛି ବାଟ ଆଗେଇ ଯାଇଥାଏ। ପୃଥିବୀ ସୂର୍ଯ୍ୟ ଚାରିପଟେ ଥରେ ପ୍ରଦକ୍ଷିଣ କରିବା ପାଇଁ ପାଖାପାଖି ୩୬୫.୨୫ ଦିନ ସମୟ ନେଇଥାଏ। ପୃଥିବୀ ଆଗେଇ ଯାଇଥିବା ଦୂରତାକୁ ଅତିକ୍ରମ କରିବାକୁ ଚନ୍ଦ୍ରକୁ ଆଉ ଦୁଇ ଦିନ ସମୟ ଲାଗେ।

ଚଳିତ ଜାନୁଆରୀ ମାସ ୩ ତାରିଖ ପୌଷ ପୂର୍ଣ୍ଣିମା ରାତିରେ ଏକ ବିରଳ ମହାଜାଗତିକ ଦୃଶ୍ୟ ଦେଖିବାକୁ ମିଳିଥିଲା। ତାହା ଥିଲା ବଡ଼ ଜହ୍ନ। ଇଂରାଜୀରେ କୁହାଯାଏ 'ସୁପର ମୁନ'। ୧୯୭୯ ମସିହାରେ ଆମେରିକାର ଜ୍ୟୋତିଷଶାସ୍ତ୍ରୀ ରିଚାର୍ଡ ନଲ ପ୍ରଥମେ 'ସୁପରମୁନ୍' ଶବ୍ଦର ପ୍ରୟୋଗ କରିଥିଲେ। ଅଣ୍ଡାକୃତି ପଥରେ ଘୂରିଲା ବେଳେ ପୃଥିବୀ ନିକଟରୁ ଚନ୍ଦ୍ରର ସର୍ବନିମ୍ନ ଦୂରତା ହେଉଛି ୩, ୬୩, ୩୦୦ କିଲୋମିଟର। ଏହାକୁ 'ପେରିଜି' କୁହାଯାଏ। ଏହିସମୟରେ ଚନ୍ଦ୍ର ପୃଥିବୀର ସବୁଠାରୁ ନିକଟରେ ଥାଏ। ପୃଥିବୀଠାରୁ ଚନ୍ଦ୍ରର ସର୍ବାଧିକ ଦୂରତା ହେଉଛି ପ୍ରାୟ ୪, ୦୫, ୬୯୬ କିଲୋମିଟର। ଏହି ଦୂରତମ ବ୍ୟବଧାନକୁ କୁହାଯାଏ 'ଆପୋଜି'। ରିଚାର୍ଡ ନଲଙ୍କ ମତରେ ଯଦି ପୂର୍ଣ୍ଣିମୀ ତିଥିରେ ଚନ୍ଦ୍ର ପୃଥିବୀର ନିକଟତମ ଦୂରତାରେ ଥାଏ, ତେବେ ଚନ୍ଦ୍ରର ଆକାର ଓ ଉଜ୍ଜ୍ୱଳତା ଅଧିକ ହେବ। ନିର୍ମଳ ଆକାଶରେ ଦେଖାଯାଉଥିବା ଗୋଲାକୃତି ଚନ୍ଦ୍ରର ଆକାର ୧୪ ପ୍ରତିଶତ ବଡ଼ ହେବ। ଉଜ୍ଜ୍ୱଳତା ମଧ ୩୦ ପ୍ରତିଶତ ବୃଦ୍ଧି ପାଇବ। ସେଥିପାଇଁ ଚନ୍ଦ୍ରକୁ କୁହାଯାଏ 'ବଡ଼ଜହ୍ନ' ବା 'ସୁପରମୁନ୍'।

ଜାନୁୟାରୀ ୩ ତାରିଖ ଦିନ ଆକାଶରେ ଦେଖାଯାଇଥିଲା ୨୦୨୬ ମସିହାର ପ୍ରଥମ 'ସୁପରମୁନ୍'। ଗଣନା କରି କୁହାଯାଇଛି, ଚଳିତ ବର୍ଷ ନଭେମ୍ବର ୨୪ ତାରିଖ ଓ ଡିସେମ୍ବର ୨୩ ରେ ଆଉ ଦୁଇଟି 'ସୁପରମୁନ' ବା 'ବଡ଼ଜହ୍ନ' ଆକାଶରେ ଦେଖାଯିବ। ଯେବେ ଗୋଟିଏ ଇଂରାଜୀ ମାସରେ ଦୁଇଟି ପୂର୍ଣ୍ଣମୀ ପଡ଼େ ଏବଂ ଦୁଇଟି 'ସୁପରମୁନ' ଦେଖାଯାଏ, ତେବେ ତାହାକୁ କୁହାଯାଏ 'ବ୍ଲୁମୁନ' ବା 'ନୀଳଜହ୍ନ'। ଏମିତି ଏକ ମହାଜାଗତିକ ଦୃଶ୍ୟ ବହୁବର୍ଷ ବ୍ୟବଧାନରେ ଦେଖିବାକୁ ମିଳେ। ସେଥିପାଇଁ ଅନେକଦିନ ପରେ ଅଚାନକ ପହଞ୍ଚି ଯାଇଥିବା ବନ୍ଧୁ ବା କୁଣିଆଙ୍କୁ ଲକ୍ଷ୍ୟ କରି କୁହାଯାଏ 'ୱାନସ ଇନ ବ୍ଲୁ ମୁନ'। ୨୦୧୮ ମସିହା ଜାନୁଆରୀ ମାସ ୨ ତାରିଖ ଓ ୩୧ ତାରିଖ ଦିନ ଦୁଇଟି ପୂର୍ଣ୍ଣିମା ପଡ଼ିଥିଲା। ଗୋଟିଏ ଇଂରାଜୀ ମାସର ଏହି ଦୁଇପୂର୍ଣ୍ଣମୀରେ ଦୁଇଟି 'ସୁପରମୁନ' ଦୃଶ୍ୟମାନ ହୋଇଥିଲା। ସେହିବର୍ଷର 'ବଡ଼ଜହ୍ନ'କୁ କୁହାଗଲା 'ନୀଳଜହ୍ନ' ବା 'ବ୍ଲୁମନ'।

'ସୁପରମୁନ' ଦେଖାଯାଉ ଥିବା ଦିନ ଯଦି ରାହୁଗ୍ରସ୍ତ ବା କେତୁଗ୍ରସ୍ତ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ହୁଏ ତେବେ ସେ ସମୟରେ ଚନ୍ଦ୍ରର ବାହାର ବଳୟର ରଂଗ ଲାଲ ବା ନାରଂଗୀ ଦେଖାଯାଏ। ଏହାର କାରଣ ହେଲା 'ରାଲି'ଙ୍କ ବିଚ୍ଛୁରଣ ନିୟମ। ପୂର୍ଣ୍ଣଗ୍ରହଣ ସମୟରେ ସୂର୍ଯ୍ୟ, ପୃଥିବୀ ଓ ଚନ୍ଦ୍ର ଏକ ସରଳରେଖାରେ ଥା'ନ୍ତି। ସୂର୍ଯ୍ୟ କିରଣ ପୃଥିବୀର ବାୟୁମଣ୍ଡଳ ଦେଇ ଚନ୍ଦ୍ରରେ ପ୍ରବେଶ କଲା ବେଳେ ବିଚ୍ଛୁରିତ ହୋଇଥାଏ। ଏହାର ନୀଳ ରଂଗ ବିଚ୍ଛୁରିତ ହୋଇ ବାହାରକୁ ଚାଲିଯାଏ। ଲାଲ ଓ ନାରଂଗୀ ରଂଗ ବିଚ୍ଛୁରଣ ପ୍ରକ୍ରିୟାରେ ଚନ୍ଦ୍ର ଆଡ଼କୁ ବଙ୍କେଇଯାଏ। ତେଣୁ ଚନ୍ଦ୍ରର ବାହ୍ୟବଳୟ ଲାଲ ଦେଖାଯାଏ। ଏହାକୁ କୁହାଯାଏ 'ରେଡମୁନ', 'ବ୍ଲଡମୁନ' ବା 'ଲାଲଜହ୍ନ'।

ଚନ୍ଦ୍ର ଆପୋଜି ପାଖାପାଖି ଥିଲା ବେଳେ ଯେଉଁ ତିନୋଟି ପୂର୍ଣ୍ଣମୀ ଚଳିତ ବର୍ଷ (୨୦୨୬) ପଡ଼ିବ, ସେ ସମୟରେ ଚନ୍ଦ୍ରର ଆକୃତି ଅପେକ୍ଷାକୃତ ଛୋଟ ଦେଖାଯିବ ଏବଂ ଉଜ୍ଜ୍ୱଳତା ମଧ କମ୍ ପ୍ରତୀୟମାନ ହେବ। ଚଳିତ ବର୍ଷ ମେ ୧, ମେ ୩୧ ଓ ଜୁନ ୨୯ ତାରିଖରେ ଏହା ଘଟିବ। ଏହି ସମୟରେ ଛୋଟ ଦେଖାଯାଉଥିବା ଚନ୍ଦ୍ରକୁ 'ମାଇକ୍ରୋମୁନ୍' ବା 'ଛୋଟଚନ୍ଦ୍ର' କୁହାଯାଏ। ଏବର୍ଷ ନଭେମ୍ବର ଓ ଡିସେମ୍ବର ମାସରେ ଅନ୍ୟ ଦୁଇଟି 'ସୁପରମୁନ' ଦେଖିବାର ସୁଯୋଗ ମିଳୁଥିଲେ ମଧ ଏହ ଏକ ଇଂରାଜୀ ମାସରେ ପଡୁନଥିବାରୁ 'ବ୍ଲୁମୁନ୍' ବା 'ନୀଳଜହ୍ନ' କୁହାଯିବ ନାହିଁ।

ପୂର୍ଣ୍ଣମୀର ଗୋଲାକୃତି ଜହ୍ନକୁ ନେଇ ଯେଉଁସବୁ ବର୍ଣ୍ଣନା କରାଯାଇଛି ତାହା ଗୋଟିଏ ଗୋଟିଏ ବିରଳ ଜାଗତିକ ଦୃଶ୍ୟ। ଏହାସହିତ କୁସଂସ୍କାର ବା ଅନ୍ଧବିଶ୍ୱାସକୁ ଯୋଡ଼ିବା ଉଚିତ୍ ନୁହେଁ। କାରଣ ଚନ୍ଦ୍ର ଆମଠାରୁ ଆଉ ଅପହଞ୍ଚ ଦୂରତାରେ ନାହିଁ। ମୁନଷ୍ୟ ଚନ୍ଦ୍ର ଉପରେ ପାଦ ଥାପି ବସତି ସ୍ଥାପନ କରିବାର ସ୍ୱପ୍ନ ଦେଖୁଛି। ●

(ପୂର୍ବତନ ଓଡ଼ିଶା ପ୍ରଧାନ ମୁଖ୍ୟ ବନ୍ୟ ପ୍ରାଣୀ ସଂରକ୍ଷକ)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

## ଅପରାଜିତ ହାସ୍ୟସ୍ରଷ୍ଟା ଫତୁରାନନ୍ଦ

**ସାହିତ୍ୟ ସରିତ୍**

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ହସିବା ଓ ଅନ୍ୟମାନଙ୍କୁ ହସାଇପାରିବା ନିଶ୍ଚୟ ଏକ ଦୁର୍ଲଭ କଳା। କିନ୍ତୁ ଯାହାଙ୍କ ଜୀବନ ଅପଦେବତାର ଅଭିଶାପରେ ହୋଇଯାଏ ମହାବ୍ୟାଧିଗ୍ରସ୍ତ ସିଏ ନିଜ ଯନ୍ତ୍ରଣାସିକ୍ତ ଅବସ୍ଥା ସତ୍ତ୍ୱେ ଅନ୍ୟମାନଙ୍କ ଜୀବନକୁ କିପରି ଆଶିଷ-ସ୍ନାତ କରିଦେଇ ପାରନ୍ତି ତାହାର ଏକ ଶ୍ରେଷ୍ଠ ଦୃଷ୍ଟାନ୍ତ ହେଉଛନ୍ତି ଓଡ଼ିଆ ସାହିତ୍ୟ ଜଗତର ହାସ୍ୟସମ୍ରାଟ ଫତୁରାନନ୍ଦ। କେଉଁ ଚଳଚ୍ଚିତ୍ର ଦର୍ଶକ ବା ଜାଣିନାହାନ୍ତି ପ୍ରଖ୍ୟାତ ଅଭିନେତା ଚାର୍ଲି ଚାପ୍‌ଲିନ୍‌ଙ୍କ ହାସ୍ୟତରଙ୍ଗ ଅନ୍ତରାଳର କାରୁଣ୍ୟବ୍ୟଞ୍ଜକ ଆର୍ତ୍ତସ୍ୱରର ବ୍ୟଥାପୂର୍ଣ୍ଣ ଗାଥା? ମନେହୁଏ, ଯାହାଙ୍କ ଜୀବନରେ ଦୁଃଖର ଗଭୀର ରେଖାଙ୍କିତ ହୋଇ ପାରିନାହିଁ ସେ କେବେ ହୃଦୟପୂର୍ଣ୍ଣ କରି କାହାକୁ ହସାଇପାରିବା ସମ୍ଭବ ହୋଇ ନପାରେ। ହସରେ ହସରେ ଭିଜାଇ ଦେଇ କଠିନ ମନଟିକୁ ସେ କ'ଣ ଲହୁଣୀରେ ପରିଣତ କରିଦେଇପାରିବେ କେବେ? ଶ୍ରଦ୍ଧା ଓ ସଦିଚ୍ଛାର ହସଟିଏ ବି ସୃଷ୍ଟି ହୁଏ ଓଷ୍ଠାଧାରରେ ସେତିକିବେଳେ, ଯେତେବେଳେ ଦୁଃଖର ଦେବୀ ଉପସ୍ଥିତ ଥା'ନ୍ତି ଆଶୀର୍ବାଦ ବର୍ଷଣରେ ଆପ୍ଲୁତ କରିଦେବା ପାଇଁ।

ଫତୁରାନନ୍ଦ ନିଜ ସମୟର ମଣିଷମାନଙ୍କ ନିକଟରେ ଲକ୍ଷ୍ୟ କରିଛନ୍ତି କେତେ ତ୍ରୁଟି, ବିଚ୍ୟୁତି। ଏପରି କି କବି ଲେଖକଙ୍କ ମଧ୍ୟରେ ଅହଂକାରର ପ୍ରେତ କିପରି ନର୍ତ୍ତନ କରୁଛି ତାହା ବି ଦେଖିଛନ୍ତି। ରାଜନୈତିକ ଚରିତ୍ର ମଧ୍ୟରେ ଆବିଷ୍କାର କରିପାରିଛନ୍ତି କେତେ ଆବିଳତା। କିନ୍ତୁ ସେସବୁକୁ ପରିଶୁଦ୍ଧ ହାସ୍ୟ ଓ ବ୍ୟଙ୍ଗର ଫୁତ୍କାରରେ ଯେ ଉଡ଼ାଇ ଦିଆଯାଇପାରେ ଦୂରଦୂରାନ୍ତର ଏହା ସ୍ୱକୀୟ ଅନ୍ତର୍ଶକ୍ତି ଦ୍ୱାରା ଉପଲବ୍ଧି କରିଛନ୍ତି। କାହାରି ପ୍ରତି ବ୍ୟକ୍ତିଗତ ବିଦ୍ୱେଷରୁ ତାଙ୍କ ବ୍ୟଙ୍ଗ ଉଦ୍ଭୁତ ନୁହେଁ। ସେ ଆନ୍ତରିକ ଭାବରେ ଆକାଂକ୍ଷା ପୋଷଣ କରିଛନ୍ତି ସଂସ୍କୃତି-ସମ୍ପନ୍ନ ଏକ ଶୁଭଙ୍କର ସମାଜର। ସେଥିପାଇଁ ବ୍ୟଙ୍ଗାସ୍ତ୍ର ଧାରଣ କରିଛନ୍ତି। ତାହାର ପ୍ରୟୋଗରେ କାହା ଛାତିରୁ ରକ୍ତ ଝରେନା। ବରଂ ଝରି ଆସେ ଅସମ୍ଭାଳ ହସର ନିର୍ଝର। ତାଙ୍କ ଦ୍ୱାରା ରଚିତ 'ମଙ୍ଗଳବାରିଆ ସାହିତ୍ୟ ସଂସଦ', 'ହେରେସା', 'ସାହିତ୍ୟ ଚାଷ', 'ସାହିତ୍ୟ ବେଉଷଣ', 'ହସକୁରା', 'ଫମାଲୋଚନା' ଆଦି ପୁସ୍ତକରେ ହାସ୍ୟରସର ଧାରା-ଶ୍ରାବଣ ପ୍ରବାହିତ। 'ନାକଟା ଚିତ୍ରକର' ବହିର ଅନ୍ତଃପ୍ରବାହରେ କାରୁଣ୍ୟର ସ୍ପର୍ଶ ପାଠକକୁ ଉଦବେଳିତ କରିଦିଏ। 'ଡଗର' ପତ୍ରିକାର ସମ୍ପାଦନାରେ ନିଜକୁ ଉତ୍ସର୍ଗ କରିଦିଅନ୍ତି ସେ। ସାହିତ୍ୟ ସୃଜନ ଦ୍ୱାରା ଅନ୍ୟମାନଙ୍କ ଅନ୍ତରକୁ ପରିଷ୍କାର କରିଦେବାର ପ୍ରୟାସ କରିଛନ୍ତି ସେ କେତେ ସୁଦୃଢ଼ ପ୍ରତ୍ୟୟ ନେଇ!

ତାଙ୍କ ଆତ୍ମଜୀବନୀ 'ମୋ ଫୁଟା ଡଙ୍ଗାର କାହାଣୀ'ର ଉତ୍ସର୍ଗ ପୃଷ୍ଠାରେ ସେ ଲେଖିଛନ୍ତି, 'ବୋଉ, ଏ ପିଣ୍ଡରେ ତୁ ଜୀବନ ଦେଇଥିଲୁ ଓ ଜୀବନ -ବାରିଧିକୁ ଡେଇଁ ଯିବା ଲାଗି ହାତଗୋଡ଼ରେ ତାକତ ଦେଇଥିଲୁ। କିନ୍ତୁ ଭାଗ୍ୟ ଦେଇ ନଥିଲୁ। ତାହା ତୋର ଅକ୍ତିଆରରେ ନ ଥିଲା। ଜୀବନ-ବାରିଧି ଅତିକ୍ରମ କରିବା ପାଇଁ ମୁଁ ଏକ ପାଲଟଣା ଡଙ୍ଗା ସଂଗ୍ରହ କଲି, ସେଥିରେ ଏକୁଟିଆ ଯାତ୍ରା ଆରମ୍ଭ କଲି। ମୋ ଭାଗ୍ୟକୁ ଯେ, ଡଙ୍ଗାଟା ଫୁଟା ପଡ଼ିଲା। ମୋ ଡଙ୍ଗା ବୁଡ଼ିବା ପୂର୍ବରୁ ତୁ ଚାଲିଗଲୁ। ଭଲ ହେଲା। ତୁ କାହିଁକି ମୋ କାଲୁବାଲୁ ଦେଖି ନିଜେ କଷ୍ଟ ପାଇଥା'ନ୍ତୁ? ତୋର ଜଣା ଅଜଣା ସବୁତକ ଏକାଠି କରି ଏ ମୋ ଫୁଟା ଡଙ୍ଗାର କାହାଣୀ। ବହିଟିକୁ ତୋ ପାଦତଳେ ନୈବେଦ୍ୟ ରୂପେ ଅର୍ପଣ କଲି।'

ଫତୁରାନନ୍ଦଙ୍କ ଆତ୍ମଜୀବନୀରେ ଲିପିବଦ୍ଧ ହୋଇଛି ତାଙ୍କ ଜୀବନ ସଂଗ୍ରାମର ଅସରନ୍ତି ଅନ୍ତର୍ବ୍ୟଥା। ତେବେ ସେ କେବେ ପରାଜୟ ବରଣ କରିନାହାନ୍ତି। ଏକୁଟିଆ ସବୁ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ତାରି ଭିତରେ ଯେଉଁମାନଙ୍କଠାରୁ ଲାଭ କରିଛନ୍ତି ଆନ୍ତରିକ ସହାନୁଭୂତି ସେମାନଙ୍କ ନିକଟରେ ରହିଛନ୍ତି କୃତଜ୍ଞ ହୋଇ। ନିଜ ସାହିତ୍ୟ ସାଧନା ପାଇଁ ସମାଜଠାରୁ କୌଣସି ସ୍ୱୀକୃତି ବା ସମର୍ଥନ ଚାହିଁ ନାହାନ୍ତି। ସେ ଜାଣିଥିଲେ ଗୋଟିଏ ପାଖରେ ଦୁଃଖ ଓ ଯାତନାରେ ତାଙ୍କ ଜୀବନ ବିଦୀର୍ଣ୍ଣ। ଆଉ ଅନ୍ୟପାଖରେ ଦେବୀ ବୀଣାପାଣିଙ୍କ ବରଦାନ ତାଙ୍କ ଉଦ୍ଦେଶ୍ୟରେ ସଦା ଉନ୍ମୁକ୍ତ। ମେଡିକାଲ କଲେଜରେ ଡାକ୍ତରୀ ପାଠ ସେ ପଢୁଥିଲେ। ଅନ୍ତର ଭିତରେ ବିଦ୍ୟାଦାତ୍ରୀ ତାଙ୍କୁ ପ୍ରସ୍ତୁତ କରୁଥିଲେ ସମଗ୍ର ମାନବ ସମାଜର ମନୋଚିକିତ୍ସକ ଭାବରେ ଅଫୁରନ୍ତ ହାସ୍ୟକଳାର ଐଶ୍ୱର୍ଯ୍ୟ ଦାନ କରି। ସେହି ଐଶୀଶକ୍ତି ବଳରେ ପାଠକକୁ ହସି ହସି ବେଦମ କରିଦେବାର ବନ୍ୟା ସ୍ରୋତ ପ୍ରବାହିତ କରିଦେଲେ ଫତୁରାନନ୍ଦ। ସେଇସବୁ ମୁହୂର୍ତ୍ତରେ ସେ ଯେଉଁ ଅନାବିଳ ଆନନ୍ଦ ଲାଭ କରିଥିବେ ଦୁର୍ଭାଗ୍ୟର ଦେବତା ତାହା ଦେଖି ନିଜ ପରାଜୟ ସ୍ୱୀକାର କରିଥିବେ ନିଶ୍ଚୟ। କାରଣ ଫତୁରାନନ୍ଦଙ୍କ ଲେଖା ପଢ଼ି ସେ ବି କ'ଣ ଭୂଇଁ ତଳେ ଗଡ଼ିଯାଉ ନ ଥିବେ ହସି ହସି? ଯେଉଁ ପାଠକମାନେ ତାଙ୍କ ସମଗ୍ର ସାହିତ୍ୟ କୃତି ଅଧ୍ୟୟନ କରିବେ ସେମାନଙ୍କ ମିଥ୍ୟା ଅହମିକା ଯେ କେତେବେଳେ ହସର ତୋଫାନରେ ହୋଇଯାଇଛି ଅନ୍ତର୍ହିତ ତାହା ଅନୁଭବ କରିପାରିବେ। ହସି ହସି ପେଟ ଫାଟିଯିବା ବେଳେ ଦେଖିବେ ଫତୁରାନନ୍ଦ ତାଙ୍କୁ ଦେଇସାରିଛନ୍ତି ପୁନର୍ଜନ୍ମର ଅପୂର୍ବ ଲାଳିତ୍ୟ ଓ ସୌକୁମାର୍ଯ୍ୟ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଉପକଣ୍ଠ ଅଞ୍ଚଳକୁ ମହାନଗରରେ ସାମିଲକୁ ବିରୋଧ

## ସାମ୍ବିଧାନିକ ଅଧିକାର ଓ ଗ୍ରାମୀଣ ହିତକୁ ନେଇ ତେଜୁଛି ଅସନ୍ତୋଷ

ବ୍ରହ୍ମପୁର,୧୪ ।୧(ସମିସ): ବ୍ରହ୍ମପୁର ମହାନଗର ନିଗମରେ ସହରତଳି ଗ୍ରାମଗୁଡିକର ସାମିଲକୁ ନେଇ ଚର୍ଚ୍ଚା ତୀବ୍ର ହେଉଥିବା ବେଳେ, ବିଭିନ୍ନ ଗ୍ରାମ ପଞ୍ଚାୟତରେ ଏକ ଭିନ୍ନମତ ଦେଖିବାକୁ ମିଳୁଛି । ସହରର ଚମକ ଓ ସୁବିଧା ସତ୍ତ୍ୱେ ଅନେକ ଗ୍ରାମବାସୀ ବିକଶିତ ଗ୍ରାମୀଣ ସଂସ୍କୃତି ପରମ୍ପରା ଏବଂ ସରକାରୀ ଗ୍ରାମାଞ୍ଚଳ ଯୋଜନାରେ ଲାଭାର୍ଥୀ ହୋଇ ଗ୍ରାମରେ ରହିବାକୁ ପସନ୍ଦ କରୁଛନ୍ତି । ଏହାର ପଛରେ କୌଣସି ଭାବନା ନୁହେଁ, ବରଂ ଜୀବନ ସହ ଜଡିତ କେତେକ ବ୍ୟବହାରିକ କାରଣ ଥିବା ଦର୍ଶାଉଛନ୍ତି । ଏଠାରେ ମୌଳିକ ପ୍ରଶ୍ନ ଉଠୁଛି, ଏହି ସହରୀକରଣ କାହା ପାଇଁ ଏବଂ କେଉଁ ମୂଲ୍ୟରେ? ବ୍ରହ୍ମପୁର ମହାନଗର ନିଗମରେ ସାମିଲ କରିବା ପାଇଁ ସରକାରଙ୍କ ନିଷ୍ପତ୍ତି ଜଣାପଡିବା ପରେ ଉଭୟ ରଙ୍ଗେଇଲୁଣ୍ଡା ଓ କୁକୁଡାଖଣ୍ଡି ବ୍ଲକ୍‌ର ୩୪ଟି ଗାଁ ମଧ୍ୟରୁ ୧୧ଟି ଗାଁରେ ଏନେଇ ବିରୋଧାଭାଷ ରହିଥିବା ଅଭିଯୋଗ ହୋଇଛି । ଯାହା ସହରୀକରଣ ପ୍ରକ୍ରିୟାକୁ ନେଇ ସ୍ଥାନୀୟ ଲୋକଙ୍କ ମନରେ ଆଶଙ୍କା, ଅନିଶ୍ଚିତତା ସହ ସହମତି ନଥିବା ଭଳି ମନେ ହେଉଛି । ଲାଠି ଏବଂ ବେଦାଳିଆ ଗ୍ରାମର ଅଧିକାଂଶ ପରିବାରର ନିଜସ୍ୱ ଜମି ଓ ଘର ରହିଛି । କୃଷି, ପଶୁପାଳନ, ମତ୍ସ୍ୟପାଳନ ଭଳି ପାରମ୍ପରିକ ଜୀବିକା ସହ ମନରେଗା ଭଳି ସରକାରୀ ଯୋଜନା ଗ୍ରାମୀଣ ଜୀବନକୁ ଆର୍ଥିକ ଭାବେ ସ୍ଥିରତା ପ୍ରଦାନ କରୁଛି । ଖାଦ୍ୟସୁରକ୍ଷା ମଧ୍ୟ ଏମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ଗ୍ରାମୀଣ ଅଞ୍ଚଳରେ ସରକାରୀ କଲ୍ୟାଣ ଯୋଜନାର ଉପଲବ୍ଧ ସହଜ । ବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗ ଭତ୍ତା, ଗ୍ରାମୀଣ ଆବାସ ଯୋଜନା, ମାଗଣା



କିମ୍ବା ରିହାତି ସ୍ୱାସ୍ଥ୍ୟସେବା ଗ୍ରାମବାସୀଙ୍କ ଦୈନନ୍ଦିନ ଜୀବନକୁ ସମର୍ଥନ ଦେଉଛି । ତାହା ସହ ହୋଲ୍ଡିଂ ଟ୍ୟାକ୍ସ, ପାଣି କର, ଡ୍ରେନେଜ୍ ଶୁଳ୍କ, ଟ୍ରେଡ ଲାଇସେନ୍ସ, ବିବାହ ପଞ୍ଜିକରଣ, ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ରର ଉଚ୍ଚ ଆର୍ଥିକ ଶୁଳ୍କ ଦ୍ୱାରା ଆର୍ଥିକ ବୋଝ ବଢିଯିବାର ଆଶଙ୍କା ରହିଛି । ସେପଟେ ସ୍ୱଚ୍ଛ ପରିବେଶ ଓ ଶୁଦ୍ଧ ବାୟୁ ଗ୍ରାମୀଣ ଜୀବନର ଆଉ ଏକ ବଡ଼ ସୁବିଧା । କମ୍ ପ୍ରଦୂଷଣ ଓ ଖୋଲା ସ୍ଥାନ ଗ୍ରାମବାସୀଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବାରେ ସହାୟକ ହେଉଛି । ଗ୍ରାମସଭା ଓ ପଞ୍ଚାୟତ ମାଧ୍ୟମରେ ଗ୍ରାମବାସୀ ନିଜ ମତ ରଖି ପାରୁଛନ୍ତି ଓ ସ୍ଥାନୀୟ ନିଷ୍ପତ୍ତିରେ ଅଂଶ ନେଉଛନ୍ତି । ଏହି ଲୋକତାନ୍ତ୍ରିକ ଅଧିକାର ସହରୀ ବ୍ୟବସ୍ଥାରେ ସାଧାରଣତଃ କମ୍ ଦେଖାଯାଏ । ବ୍ରହ୍ମପୁର ମହାନଗର ନିଗମ ଅଧୀନରେ ଅନେକ ମୌଳିକ ସମସ୍ୟା ଯଥା ପାନୀୟଜଳ ସଂକଟ, ରାସ୍ତାଘାଟ, ଡ୍ରେନେଜ୍ ବ୍ୟବସ୍ଥା ଓ ଆବର୍ଜନା ପରିଚାଳନାର ସମାଧାନ ହୋଇନଥିବା ଉପରେ ବି ଆଙ୍ଗୁଠି ଉଠାଯାଇଛି । ଏଭଳି ସ୍ଥିତିରେ ମହାନଗର ନିଗମର ସୀମା ବିସ୍ତାର ଏକ ଅପରିପକ୍ୱ ନିଷ୍ପତ୍ତି ବୋଲି ଆଲୋଚନା ହେଉଛି । ବ୍ରହ୍ମପୁର ମହାନଗର ନିଗମ ଯଦି ସହର ତଳି ଅଞ୍ଚଳ ଗୁଡ଼ିକର ମିଶ୍ରଣ ପାଇଁ ଜିଲ୍ଲା ପ୍ରଶାସନ, ପଞ୍ଚାୟତର ସହଯୋଗରେ ପ୍ରତ୍ୟେକ ଗାଁରେ ଏସମ୍ପର୍କିତ ଜନସଭା ଡ଼ାକି ଜନମତ ସଂଗ୍ରହ କରୁ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି । ଏଣୁ ସରକାର ଜନସ୍ୱାର୍ଥକୁ ଗୁରୁତ୍ୱ ଦେଇ ନିଷ୍ପତ୍ତିର ପୁନଃବିଚାର କରି ଉଭୟ ଲାଠି ଓ ବେଦାଳିଆ ଗାଁକୁ ଗାଁର ମାନ୍ୟତା ଦେଇ ବ୍ରହ୍ମପୁର ମହାନଗର ନିଗମରେ ସାମିଲ ନକରିବାକୁ ଦାବି ହୋଇଛି । ଏପରିକି ସମସ୍ୟାର ସମାଧାନ ନହେଲେ ବିରୋଧ ଜାରି ରହିବ ବୋଲି ମଧ୍ୟ ସତର୍କ କରିଛନ୍ତି ବେଦାଳିଆ ବସିନ୍ଦା । ସେପଟେ ବର୍ତ୍ତମାନ ମହାନଗର ଅଞ୍ଚଳର ଆର୍ଥିକ ଅଭାବ ଯୋଗୁଁ ବିକାଶରେ ବାଧା ଏବଂ ପ୍ରଶାସନିକ ଅବ୍ୟବସ୍ଥା ନେଇ ନିକଟରେ ଖୋଦ୍ ମେୟରଙ୍କ ସମେତ କର୍ପୋରେଟରମାନେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏଣୁ ଏଭଳି ନିଷ୍ପତ୍ତିର ପୁନଃବିଚାର ଜରୁରୀ ବୋଲି ମତ ଦେଇଛନ୍ତି ଆଇନଜୀବୀ ଅନନ୍ତ ନାରାୟଣ ମହାନ୍ତି ।

# ପ୍ଲାଷ୍ଟିକମୁକ୍ତ ପର୍ଯ୍ୟଟନସ୍ଥଳୀ ପାଇଁ ଶପଥ ପାଠ



କପ୍ତିପଦା,୧୪।୧(ସମିସ): ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ବ୍ଲକ୍ ଅଧୀନ ପର୍ଯ୍ୟଟନସ୍ଥଳୀ କାଳ ଡ୍ୟାମ୍‌ଠାରେ ବାରିପଦା ବନଖଣ୍ଡ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତଥା ସ୍ଥାନୀୟ ବନ ସୁରକ୍ଷା ସମିତିର ସଦସ୍ୟଙ୍କ ଦ୍ୱାରା ଏକ ପ୍ଲାଷ୍ଟିକମୁକ୍ତ ଅଭିଯାନ ଓ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବଡ଼ଝାଡ଼ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ସନ୍ତୋଷ କୁମାର ସାହୁ ଓ କପ୍ତିପଦା ବନାଞ୍ଚଳ ଅଧିକାରୀଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ କାଳ ବନ୍ଧକୁ ପ୍ରତିଦିନ ମୟୂରଭଞ୍ଜ ସମେତ ଅନ୍ୟ ଜିଲ୍ଲା ତଥା ରାଜ୍ୟ ବାହାରୁ ପିକ୍‌ନିକ୍ ପାଇଁ ଆସୁଥିବା ପର୍ଯ୍ୟଟକମାନେ ପ୍ଲାଷ୍ଟିକ ଓ ଅଳିଆ ଆବର୍ଜନା ପକାଉଥିବାରୁ ପରିବେଶ ଦୂଷିତ ହେଉଛି । ଏହାକୁ ଦୃଷ୍ଟିରେ ରଖି କପ୍ତିପଦା ବନାଞ୍ଚଳ ପକ୍ଷରୁ ଏକ ସଫେଇ ଅଭିଯାନ କରାଯାଇଥିଲା । ଏକକ ବ୍ୟବହୃତ ପ୍ଲାଷ୍ଟିକ ଖଲି, ଦନା ଓ ପାଣି ବୋତଲକୁ ଭୋଜି ସମୟରେ ବ୍ୟବହାର ନକରିବା ପାଇ ଶପଥ ଗ୍ରହଣ କରାଯାଇଛି । ବନ କର୍ମଚାରୀ ତଥା ଗ୍ରାମବାସୀଙ୍କ ଏଭଳି କାର୍ଯ୍ୟ ଦେଖି ସେଠାକୁ ବୁଲିବାକୁ ଆସିଥିବା ପର୍ଯ୍ୟଟକ ଛାତ୍ରଛାତ୍ରୀ ଓ ଶିକ୍ଷକ ସ୍ୱତଃପ୍ରବୃତ୍ତ ଭାବେ ସଫେଇରେ ସାମିଲ ହୋଇଥିଲେ । ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ଉପସ୍ଥିତ ରହି ପ୍ଲାଷ୍ଟିକ କିପରି ଧୀରେ ଧୀରେ ଆମକୁ ରୋଗଗ୍ରସ୍ତ କରୁଛି ତଥା ଜୀବଜନ୍ତୁଙ୍କୁ କ୍ଷତି ପହଞ୍ଚାଉଛି ବୋଲି କହିଥିଲେ । ପ୍ଲାଷ୍ଟିକ ସାମଗ୍ରୀ ଆମର ଜନଜୀବନ ସହିତ ଏମିତି ଯୋଡ଼ି ହୋଇ ଯାଇଛି ଯେ ଆମେ ତହିଁରୁ ନିଜକୁ ମୁକ୍ତ କରିବାକୁ ହେଲେ କେବଳ ଦୃଢ଼ ସଂକଳ୍ପ ହିଁ ଆବଶ୍ୟକ ବୋଲି କପ୍ତିପଦା ବନାଞ୍ଚଳ ଅଧିକାରୀ ଅଚ୍ୟୁତାନନ୍ଦ ଦାସ କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟ ବନ କର୍ମଚାରୀ, ଶିକ୍ଷକ ତଥା ଗ୍ରାମବାସୀ ଉପସ୍ଥିତ ଥିଲେ ।

# ବନବାସୀଙ୍କୁ କମ୍ବଳ ବାଣ୍ଟିଲେ ସମାଜସେବୀ

ବହଳଦା,୧୪।୧(ସମିସ): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ବ୍ଲକ ଗୁହାଳଡାଙ୍ଗରୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ମାଙ୍କଡ଼ଗୋଡ଼ା ଏବଂ ଚିଲକୁବାଦି ଅଞ୍ଚଳର ଖଡ଼ିଆ ମାଙ୍କଡ଼ିଆ ଜନଜାତି ଆଦି ବନବାସୀଙ୍କୁ ସ୍ୱେଚ୍ଛାସେବୀ କମ୍ବଳ ବଣ୍ଟନ କରିଛନ୍ତି । ବଣ ଜଙ୍ଗଲର ଅପହଞ୍ଚ ଇଲାକାରେ ଥିବା ଏହି ଜନଜାତିର ଲୋକଙ୍କ ବିଭିନ୍ନ ସମସ୍ୟା ସମାଧାନ ଦିଗରେ ପ୍ରୟାସ ଆରମ୍ଭ କରିବା ସହିତ ହାଡ଼ଥରା ଶୀତରେ କମ୍ବଳ ବଣ୍ଟନ କରିବାର ନିଆରା ପ୍ରୟାସ ଆରମ୍ଭ କରିଛନ୍ତି ସାମ୍ବାଦିକ ବସନ୍ତ ସାଣ୍ଡିଲ, ସମାଜସେବୀ ଜଗନ୍ନାଥ ବିନ୍ଧାଣୀ, ଜାମଦା ବୀର୍ଷା ମୁଣ୍ଡା କଲେଜ ଅଧ୍ୟାପକ ଚନ୍ଦ୍ରଶେଖର ତ୍ରିପାଠୀ ଏବଂ ବହଳଦା ଆଦର୍ଶ ବିଦ୍ୟାଳୟର ଶିକ୍ଷକ ସୌମ୍ୟରଞ୍ଜନ ନାୟକ । ୨୦୨୧ ମସିହାରୁ ବହଳଦା ବ୍ଲକ୍ ଯଶିପୁର ଗ୍ରାମପଞ୍ଚାୟତସ୍ଥିତ ଅସୁରଘାଟୀ ଗ୍ରାମର ଦୁର୍ଗମ ପାହାଡ଼ ଜଙ୍ଗଲ ଉପରେ ଥିବା ପଡ଼ାଗ୍ରାମ ଡିବାକୋଚାର ଖଡ଼ିଆ ଜନଜାତିର ଲୋକଙ୍କ ମଧ୍ୟରେ କମ୍ବଳ ଓ ବସ୍ତ୍ର ବଣ୍ଟନ କରିବା ସହିତ ଗମନା ଗମନ ପାଇଁ ରାସ୍ତା ନିର୍ମାଣ, ସରକାରୀ ଆବାସ ଗୃହ, ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା ଓ ପାନୀୟ



ଜଳ ପରି ବିଭିନ୍ନ ସମସ୍ୟା ସମାଧାନ ଦିଗରେ ପ୍ରୟାସ କରି ଆସିଛନ୍ତି । ଏହି ପାଞ୍ଚବର୍ଷ ମଧ୍ୟରେ ଯଶିପୁର ଗ୍ରାମପଞ୍ଚାୟତର ଡିବାକୋଚା, ଆମଲାଗୋଡ଼ା, ଏଦେଲକୋଚା, ଭିତରାମଦା ଗ୍ରାମପଞ୍ଚାୟତର ଲାଡକାକୋଚା, ଅସନା ଗ୍ରାମପଞ୍ଚାୟତ ପୋଟକାଡିହି ଗ୍ରାମ ନିକଟସ୍ଥ ରାଘାକୋଚା, ଏଦେଲକୋଚା ଏବଂ ରାଇରଙ୍ଗପୁର ବ୍ଲକ ଗୁହାଳଡାଙ୍ଗି ଗ୍ରାମପଞ୍ଚାୟତ ଅନ୍ତର୍ଗତ ମାଙ୍କଡ଼ଗୋଡ଼ା ଓ ସୁରିଆଗୋଡ଼ା ନିକଟସ୍ଥ ଚିଲକୁବାଦି, ଏଣ୍ଡରାକାଟି ପରି ବିଭିନ୍ନ ବସତିରେ କମ୍ବଳ ବଣ୍ଟନ କରାଯାଇଛି । ବୁଧବାର ମାଙ୍କଡ଼ଗୋଡ଼ା ଓ ଚିଲକୁବାଦି ଅଞ୍ଚଳରେ କରାଯାଇଥିବା କମ୍ବଳ ବଣ୍ଟନବେଳେ ସାମ୍ବାଦିକ ଶ୍ରୀ ସାଣ୍ଡିଲଙ୍କ ସମେତ ଜଗନ୍ନାଥ ବିନ୍ଧାଣୀ ଓ ଚନ୍ଦ୍ରଶେଖର ତ୍ରିପାଠୀଙ୍କ ସହିତ ସମାଜସେବୀ ସୁଶୀଲ କୁମାର ବାରିକ, ଶିକ୍ଷକ ସୌମ୍ୟରଞ୍ଜନ ନାୟକ, ପ୍ରକାଶ ବେହେରା (ସୁରଦା), ମାନବାଧିକାର ରକ୍ଷକ ପୀତାମ୍ବର ମୁର୍ମୁ, ରାଜକୁମାର ପାତ୍ର ଏବଂ ତପନ କୁମାର ଦଳେଇ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ପାଲବଣୀ ତାରିଣୀ ପୀଠରେ ମକର ପର୍ବ

ବାରିପଦା,୧୪।୧(ସମିସ): ପାଲବଣିଠାରେ ପ୍ରତିଷ୍ଠିତ ମା' ତାରିଣୀ ପୀଠରେ ମକର ପର୍ବ ପାଳିତ ହୋଇଯାଇଛି । ଏହି ଅବସରରେ ପୂଜାପାଠ, ହୋମଯଜ୍ଞ, ସଂକୀର୍ତ୍ତନ କରାଯାଇଥିଲା । ପବିତ୍ର ମକର ଚାଉଳ ସହ ଖିରି, ଆରିସା, କାକରା, ମଣ୍ଡା ପିଠା ନୈବେଦ୍ୟ ରୂପେ ମା'ଙ୍କୁ ସମର୍ପଣ କରାଯାଇ ଶ୍ରଦ୍ଧାଳୁଙ୍କୁ ବିତରଣ କରାଯାଇଥିଲା । ସକାଳଠାରୁ ରାତି ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିବାରୁ ମା' ପୀଠ ଚଳଚଞ୍ଚଳ ଥିଲା । ଆବାଳବୃଦ୍ଧବନିତା ଦେବୀଙ୍କୁ ଦର୍ଶନ କରିବା ସହ ମାନସିକ ପୂଜାର୍ଚ୍ଚନା ଓ ସଂକୀର୍ତ୍ତନରେ ଭାଗନେଇଥିଲେ । ଏହି ପର୍ବରେ ସର୍ବଶ୍ରୀ ପୂଜକ ଅଭିଜିତ୍ ଦାଶ, ସୁବାଶିଷ ବୋଷ, ମୌସୁମୀ ବୋଷ, ରିଙ୍କୁ ପାଲ, ଅର୍ଚ୍ଚନା ପାଇନ, ଅଭିଜିତ୍ ପାଇନ୍, ଜଗବନ୍ଧୁ ମିଶ୍ର, କାହ୍ନୁଚରଣ ବେହେରା, ପ୍ରଦୀପ୍ତ ଘଡେଇ, କାହ୍ନୁଚରଣ ପାତ୍ର, ନକୁଳ ସାତୁଆ, କରୁଣାକର ପୁହାଣ, ବରୁଣ ନାଏକ ଓ ପ୍ରଦୀପ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ସୀମାନ୍ତ ମହାବିଦ୍ୟାଳୟ +୨ ଯୁଗ୍ମ ଶାଖାର ଶୀତକାଳୀନ ସେବା ଶିବିର



ସାରସକଣା,୧୪।୧(ସମିସ): ସାରସକଣା ବ୍ଲକ ଝାରପୋଖରିଆ ସ୍ଥିତ ସୀମାନ୍ତ ମହାବିଦ୍ୟାଳୟ ଜାତୀୟ ସେବାଯୋଜନା +୨ ଯୁଗ୍ମ ଶାଖା ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଶିବିର ୭ଦିନ ଧରି ଚାଲିଥିଲା । ଗତ ୬ତାରିଖରେ ଅଧ୍ୟକ୍ଷ ପ୍ରହଲ୍ଲାଦ ଅଗସ୍ତି ଶିବିର ଆରମ୍ଭ କରିଥିଲେ । ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜାତୀୟ ସେବା ଯୋଜନା ଅଧିକାରୀ ତଥା ଇତିହାସ ବିଭାଗ ମୁଖ୍ୟ ଡଃ ଅନନ୍ତ କୁମାର ଜେନାଙ୍କ ସହିତ ପ୍ରଶାସନିକ ଅଧିକାରୀ ଅନୀଲ କୁମାର ଝା, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ପ୍ରଦ୍ୟୁମ୍ନ କୁମାର ବସା, +୩ କାର୍ଯ୍ୟକ୍ରମ ଅଧିକାରୀ ଶରତ କୁମାର ପଢିଆରୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । +୨କାର୍ଯ୍ୟକ୍ରମ ଅଧିକାରୀ ଶିଶିର କୁମାର ପଟ୍ଟନାୟକ, ୨୩ ଜଣ ବାଳକ ଓ ୩୮ ଜଣ ବାଳିକାଙ୍କୁ ନେଇ ଅନୁଷ୍ଠିତ ହେବାକୁ ଥିବା ଶିବିରର ବିବରଣୀ ପାଠ କରିଥିଲେ । ଡଃ ଅନନ୍ତ କୁମାର ଜେନା, ବାରିପଦା ବିପର୍ଯ୍ୟୟ ପରିଚାଳନା ବିଭାଗର ଅଧିକାରୀ ଅରୁଣ କୁମାର ମହାନ୍ତ, ଝାରପୋଖରିଆ ଥାନା ସବ୍ ଇନସ୍ପେକ୍ଟର ଚନ୍ଦ୍ରକାନ୍ତ ମହାନ୍ତି, ଅଧ୍ୟାପିକା ସୁଜାତା ପଟ୍ଟନାୟକ, ମଳୟ କୁମାର ନାୟକ, ଡଃ ଧରିତ୍ରୀ ବେହେରା ପ୍ରମୁଖ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । କୁଟୀର ଶିଳ୍ପ, ଆତ୍ମନିର୍ଭରଶୀଳତା, ବିପର୍ଯ୍ୟୟରୁ ରକ୍ଷା ପାଇବାର କୌଶଳ, ସୁସ୍ଥ ସମାଜ ଗଠନରେ ସେବାର ଭୂମିକା, ସାଇବର ଅପରାଧରୁ ରକ୍ଷାପାଇବା କୌଶଳ ସହିତ ବୃକ୍ଷ ରୋପଣ ଆଦି କାର୍ଯ୍ୟକ୍ରମ ହାତକୁ ନେଇଥିଲେ । ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ସାରସକଣା ବ୍ଲକ୍‌ର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଧାଂଶୁ କୁମାର ସାହୁ, ଅବସରପ୍ରାପ୍ତ ପ୍ରାଧ୍ୟାପକ ସରୋଜ କୁମାର ମିଶ୍ର, ଅନୀଲ କୁମାର ଝା, ପ୍ରଦ୍ୟୁମ୍ନ କୁମାର ବସା ଯୋଗ ଦେଇ ଶିବିରାର୍ଥୀଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ । ଶିଶିର କୁମାର ପଟ୍ଟନାୟକ ପରିଚାଳନା କରିଥିବା ବେଳେ ପୂର୍ବତନ ଛାତ୍ର ତଥା ସ୍ୱେଚ୍ଛାସେବୀ ଦେବାଶିଷ ଖଟୁଆଙ୍କ ସହିତ ଅନ୍ୟ ଦୁଇ ପୂର୍ବତନ ସ୍ୱେଚ୍ଛାସେବୀ ଶମ୍ପାରାଣୀ ଦଳେଇ, ରମାମଣି ଦଳେଇ କ୍ୟାମ୍ପ ପରିଚାଳନାର ଦାୟିତ୍ୱ ବହନ କରିଥିଲେ । ଅଧ୍ୟାପିକା ସ୍ୱପ୍ନେଶ୍ୱରୀ ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜନକଲ୍ୟାଣକାରୀ କାମରେ ସରକାରୀ ଅଧିକାରୀଙ୍କ ଉତ୍ତରଦାୟିତ୍ୱ ରହୁ

**ହାଇକୋର୍ଟଙ୍କ ଗୁରୁତ୍ୱାରୋପ**

କଟକ, ୧୪ ।୧(ସମିସ): ସରକାରୀ କାର୍ଯ୍ୟରେ ଅଧିକାରୀଙ୍କ ଶିଥିଳତା ଏବଂ ମନ୍ଥର ଅଭିମୁଖ୍ୟକୁ ନେଇ ଓଡ଼ିଶା ହାଇକୋର୍ଟ କ୍ଷୋଭ ପ୍ରକାଶ କରିଛନ୍ତି । "ନିଷ୍କ୍ରିୟ ଏବଂ ମନ୍ଥର' ମନୋଭାବ ଜନକଲ୍ୟାଣକାରୀ କାର୍ଯ୍ୟକୁ ବ୍ୟାହତ କରୁଛି । ସରକାରୀ କାର୍ଯ୍ୟରେ ଉତ୍ତରଦାୟିତ୍ୱ ଆଣିବା ପାଇଁ ସରକାର ଚିନ୍ତା କରିବା ଉଚିତ ବୋଲି ହାଇକୋର୍ଟ ଏକ ମାମଲାର ଶୁଣାଣି କରି ପରାମର୍ଶ ଦେଇଛନ୍ତି । ଗଦାଧର ସ୍ୱାଇଁଙ୍କ ତରଫରୁ ଦାୟର ଏକ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଏବଂ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି । ଏଥିସହ ସମ୍ପୃକ୍ତ ଖଣି ଅଧିକାରୀଙ୍କୁ କଡ଼ା ଭର୍ତ୍ସନା କରିଛନ୍ତି ଖଣ୍ଡପୀଠ । ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଠିକାଦାର ଜଣକ କଟକସ୍ଥିତ କାଠଯୋଡ଼ି ବାମ ପାର୍ଶ୍ୱରେ ଏକ ସରକାରୀ ପ୍ରକଳ୍ପ (ବାଲିସାହି ଘେରି) କାର୍ଯ୍ୟ ପାଇଥିଲେ । ଏହି ସରକାରୀ କାମ ପାଇଁ ଆବଶ୍ୟକ ସାଧାରଣ ମାଟି ଖନନ ପାଇଁ ଅସ୍ଥାୟୀ ଅନୁମତି ଲୋଡି ଗତ ୨୨ ଅକ୍ଟୋବର ୨୦୨୫ରେ କଟକ ସର୍କଲ ଖଣି ଅଧିକାରୀଙ୍କୁ ଆବେଦନ କରିଥିଲେ । ମାତ୍ର ଦୀର୍ଘ ଦିନ ଧରି ଖଣି ଅଧିକାରୀ କୌଣସି ପଦକ୍ଷେପ ନେଇ ନଥିଲେ । ଫଳରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଅନ୍ୟପଟରେ ଖଣିଅଧିକାରୀ ଗତ ୮ ଜାନୁଆରୀ ୨୦୨୬ରେ ଏକ ପତ୍ର ଜରିଆରେ ଯେଉଁ କିଛି ସର୍ତ୍ତ ପୂରଣ କରିବାକୁ କହିଛନ୍ତି । ଆବେଦନକାରୀଙ୍କୁ ଏହି ସର୍ତ୍ତଗୁଡ଼ିକ ତୁରନ୍ତ ପୂରଣ କରିବାକୁ ଅଦାଲତ କହିବା ସହ ସମସ୍ତ ସର୍ତ୍ତ ପୂରଣ ହେବାର ଦୁଇ ସପ୍ତାହ ମଧ୍ୟରେ ଆବେଦନର ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ଖଣି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଟ୍ରେନ୍ ଉପରେ...

ଘଣ୍ଟାପ୍ରତି ୧୨୦ କିମି ବେଗରେ ଗତି କରୁଥିଲା । ଫଳରେ ଡ୍ରାଇଭରଙ୍କୁ ବ୍ରେକ୍ ଲଗାଇବାକୁ ସୁଯୋଗ ମିଳି ନଥିଲା । ଏହି ଦୁର୍ଘଟଣା ରାଖୋନ ରାଚାସୀମା ରାଜ୍ୟର ଶିଖିଓ ଜିଲ୍ଲାରେ ଘଟିଥିଲା । ଟ୍ରେନ୍‌ଟି ରାଜଧାନୀ ବ୍ୟାଙ୍କକରୁ ଉବୋନ ରାଚାଥାନ ଅଭିମୁଖେ ଯାତ୍ରା କରୁଥିଲା । ଟ୍ରେନ୍ ୩ଟି ବଗି ଉପରେ ହିଁ କ୍ରେନ୍ ଖସି ପଡ଼ିଥିଲା । ଦୁଇଟିରେ ସର୍ବାଧିକ ଯାତ୍ରୀ ଯାତ୍ରା କରୁଥିଲେ ଓ ସର୍ବାଧିକ ମୃତାହତ ହୋଇଥିଲେ । ଧକ୍କା ପରେ କ୍ରେନ୍‌ର ଭଗ୍ନାବଶେଷ କୋଚ୍ ଉପରେ ପଡ଼ିଯାଇଥିଲା । ଫଳରେ ଏକାଧିକ ବଗି ଲାଇନଚ୍ୟୁତ ହୋଇଥିଲା ଓ ନିଆଁ ଲାଗିଯାଇଥିଲା । ଉଦ୍ଧାରକାରୀ ଦଳ ଏପର୍ଯ୍ୟନ୍ତ ୧୨ ଜଣଙ୍କ ମୃତଦେହ ଉଦ୍ଧାର କରିଛନ୍ତି । ଦୁର୍ଘଟଣା କିଛି ମିନିଟ ପରେ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ । ନିଆଁକୁ ନିୟନ୍ତ୍ରଣ କରାଯାଇଛି ବୋଲି କୁହାଯାଇଛି । ଅନେକ ଯାତ୍ରୀ ଟ୍ରେନ୍ ଭିତରରେ ଫସି ରହିଛନ୍ତି । କଟିଂ ଓ ସ୍ପ୍ରେଡିଂ ଉପକରଣ ବ୍ୟବହାର କରି ସେମାନଙ୍କୁ ଉଦ୍ଧାର କରାଯାଇଥିଲା । ଦୁର୍ଘଟଣାର କାରଣ ନେଇ ପ୍ରଶାସନିକ ଓ ରେଳ ଅଧିକାରୀମାନେ ତଦନ୍ତ କରୁଛନ୍ତି । ଏହି ଦୁଃଖଦ ଘଟଣା ପାଇଁ ସ୍ଥାନୀୟ ଓ ପରିବାର ଲୋକଙ୍କୁ ଝଟ୍‌କା ଲାଗିଛି । ଏହି ଦୁର୍ଘଟଣା ଅତି ଭୟଙ୍କର ଥିଲା ବୋଲି ସ୍ଥାନୀୟ ଲୋକ କହିଛନ୍ତି ।

### ୧୪୨ ବର୍ଷରେ...

ନିଃଶ୍ୱାସ ତ୍ୟାଗ କରିଥିଲେ । ନିଜ ଜୀବନକାଳ ମଧ୍ୟରେ ନାସର ସାଉଦି ଆରବର ପ୍ରତିଷ୍ଠାତା ରାଜା ଇବାନ ସାଉଦିଙ୍କଠାରୁ ନେଇ ବର୍ତ୍ତମାନର ଶାସକ ସଲମାନ ବିନ ଅବଦୁଲାଜିଜ ଅଲ ସାଉଦଙ୍କ କାର୍ଯ୍ୟକାଳ ଦେଖିଥିଲେ । ଶେଖ ନାସରଙ୍କ ପରିବାରରେ ୧୩୪ ସଦସ୍ୟ ଅଛନ୍ତି । ଏମାନଙ୍କ ମଧ୍ୟରେ ନାତିନାତୁଣୀ, ଅଣନାତିନାତୁଣୀ, ପଣନାତିନାତୁଣୀ, ପୁଅ, ବୋହୂ, ଝିଅ ଆଦି ସାମିଲ ଅଛନ୍ତି । ସାଉଦି ସମାଜରେ ତାଙ୍କ ପରିବାରର ବହୁତ ସମ୍ମାନ ରହିଛି । ପିଢି ପର ପିଢିର ସେତୁ ଭାବେ ନାସରଙ୍କୁ ଜଣା ଯାଉଥିଲା । ସେ ଜଣେ ଧାର୍ମିକ ବ୍ୟକ୍ତି ଥିଲେ । ଏହି ନିଷ୍ଠା ପାଇଁ ଏତେ ବର୍ଷ ବଞ୍ଚିପାରିଲେ ବୋଲି ନାସରଙ୍କ ପରିବାର ସଦସ୍ୟ କହିଛନ୍ତି ।

### ଇରାନ ସ୍ଥିତି...

ନଜର ରଖିବାକୁ ପରାମର୍ଶ ଦିଆଯାଇଛି । ଏପରି ସମୟରେ ଆମେରିକା ରାଷ୍ଟ୍ରପତି ଇରାନକୁ ଧମକ ଦେଇଛନ୍ତି । ଆନ୍ଦୋଳନକାରୀଙ୍କୁ ମୃତ୍ୟୁଦଣ୍ଡ ଦେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଟ୍ରମ୍ପ କହିଛନ୍ତି । ଅନ୍ୟପଟେ ୨୬ ବର୍ଷୀୟ ପ୍ରଦର୍ଶନକାରୀ ଇର୍ଫାନ ସୋଲତାନୀଙ୍କୁ ବୁଧବାର ଇରାନ ଫାଶୀ ଦେଇପାରେ । ତାଙ୍କୁ ଗତ ୮ ତାରିଖରେ ଗିରଫ କରାଯାଇଥିଲା । ୧୧ ତାରିଖରେ ତାଙ୍କୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରାଯାଇଥିଲା । ସେ ଈଶ୍ୱରଙ୍କ ବିରୋଧରେ ଯୁଦ୍ଧ ଆରମ୍ଭ କରିଥିବା ଅଭିଯୋଗ ଲଗାଯାଇଛି । ଏହି ମାମଲାରେ ଟ୍ରାଏଲ ହେବ ନାହିଁ । ପରିବାର ସଦସ୍ୟଙ୍କୁ ଭେଟିବା ପାଇଁ ତାଙ୍କୁ ମାତ୍ର ୧୦ ମିନିଟ ସମୟ ଦିଆଯିବ । ଯଦି ଇର୍ଫାନଙ୍କୁ ଫାଶୀ ଦିଆଯିବ ତେବେ ବଡ଼ ଘଟଣା ଘଟିବ ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି । ଏହାକୁ ନେଇ ଇରାନ ମଧ୍ୟ ଆମେରିକାକୁ ଧମକ ଦେଇଛି । ଇରାନ ରାଷ୍ଟ୍ରୀୟ ସୁରକ୍ଷା ମୁଖ୍ୟ ଅଲି ଲାରିଜାନି କହିଛନ୍ତି ଯେ ଆମେରିକା ଆକ୍ରମଣ କଲେ ଛଡ଼ାଯିବ ନାହିଁ । ପଡ଼ୋଶୀ ଦେଶରେ ଥିବା ଆମେରିକା ସାମରିକ ଘାଟିକୁ ନିଶାଣ କରାଯିବ । ଇରାନ ସ୍ଥିତିକୁ ଦେଖି ଆମେରିକା ମଧ୍ୟ ବଡ଼ ପ୍ରସ୍ତୁତି କରୁଛି । ମଧ୍ୟପ୍ରାଚ୍ୟରେ ଥିବା ସାମରିକ ଘାଟୀରୁ ନିଜ କର୍ମଚାରୀଙ୍କୁ ଆମେରିକା ହଟାଇ ନେଉଛି । ଅନ୍ୟପଟେ ଇରାନରେ ଆକ୍ରମଣ ନ କରିବା ପାଇଁ ଆରବ ଦେଶଗୁଡ଼ିକ ଆମେରିକାକୁ ନିବେଦନ କରିଥିବା ଦାବି ହେଉଛି ।

### ଭାଷଣରେ ଓଡ଼ିଆ...

ଦିଆଯାଇଥିଲା । ମାତ୍ର ବାସ୍ତବିକତା ଦେଖିଲେ ଅଧିକାଂଶ ବିଭାଗ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରି କରି ନାହାନ୍ତି । ସରକାରଙ୍କ ନିର୍ଦ୍ଦେଶ କେବଳ ଭାଷଣରେ ରହିଯାଇଛି ଓ ନଥିପତ୍ର ଇଂରାଜୀରେ ଚାଲିଛି । ରାଜ୍ୟର ବାବୁମାନଙ୍କ ଏପରି ଆଭିମୁଖ୍ୟକୁ ନାପସନ୍ଦ କରିଛି ସାଧାରଣ ପ୍ରଶାସନ ବିଭାଗ । ମଙ୍ଗଳବାର ସାଧାରଣ ପ୍ରଶାସନ ବିଭାଗ ରାଜ୍ୟରେ ସମସ୍ତ ପ୍ରଶାସନିକ କାର୍ଯ୍ୟ ଓଡ଼ିଆରେ କରିବା ନିମନ୍ତେ ପୁନର୍ବାର ବିଭିନ୍ନ ବିଭାଗ ସହ ସବୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛି । ଏହି ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ସମ୍ପାଦନ କରାଯିବ । ସରକାରୀ କାର୍ଯ୍ୟାଳୟରୁ ପ୍ରକାଶ ପାଉଥିବା ସମସ୍ତ ନୋଟିସ, ବିଜ୍ଞପ୍ତି, ପତ୍ର ବିନିମୟ ଇତ୍ୟାଦି ଓଡ଼ିଆ ବାଷାରେ କରାଯିବ । ଏ ନେଇ ଗତ ଅଗଷ୍ଟ ୨୭ ତାରିଖରେ ସାଧାରଣ ପ୍ରଶାସନ ବିଭାଗ ଜାରି କରିଥିବା ସବିସ୍ତୃତ ନିର୍ଦ୍ଦେଶାବଳୀକୁ ପାଳନ କରାଯିବ । ଯେଉଁ ଅଧିକାରୀ ଏହାର ଖିଲାପ କରିବେ, ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି ସାଧାରଣ ପ୍ରଶାସନ ବିଭାଗ ନିଜ ନିର୍ଦ୍ଦେଶନାମାରେ ଜାରି କରିଛି । ଅପରପକ୍ଷେ ସରକାରଙ୍କ ଏହି ନିର୍ଦ୍ଦେଶନାମାକୁ ନେଇ ବୁଦ୍ଧିଜୀବୀମାନେ ପ୍ରଶ୍ନ ଉଠାଇଛନ୍ତି । ଯେଉଁଠି ପ୍ରଶାସନର ଉଚ୍ଚସ୍ତରର ଅଧିକାରୀମାନେ ଓଡ଼ିଆ କହିପାରୁ ନ ଥିବେ, ବୁଝି ପାରୁ ନ ଥିବେ ବା ଲେଖି ପାରୁ ନ ଥିବେ; ସେମାନେ କିପରି ଓଡ଼ିଆକୁ ଗୁରୁତ୍ୱଦେବେ ବୋଲି ମଧ୍ୟ ପ୍ରଶ୍ନ କରିଛନ୍ତି । ପୁନଶ୍ଚ ସରକାର ସାନି ଜାରି କରିଥିବା ନିର୍ଦ୍ଦେଶନାମାରେ ବାବୁମାନଙ୍କ ପାଇଁ ଦଣ୍ଡ ବ୍ୟବସ୍ଥା ପରିବର୍ତ୍ତେ କେବଳ ତାଗିଦ୍ ବ୍ୟବସ୍ଥା ଓଡ଼ିଆ ଭାଷାକୁ ଉପରକୁ ନେଇ ପାରିବ ନାହିଁ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି । ସରକାରଙ୍କ ବାରମ୍ବାର ତାଗିଦ ସତ୍ତ୍ୱେ ସରକାରୀ ଅଧିକାରୀମାନେ ଓଡ଼ିଆ ଭାଷାରେ କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି । ଏପରିସ୍ଥଳେ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପରିବର୍ତ୍ତେ କେବଳ ସାଧାରଣ ପ୍ରଶାସନ ବିଭାଗର ଢ଼ିଲା ମନୋଭାବକୁ ପରିଦର୍ଶିତ କରୁଥିବା ସାଧାରଣରେ ମତପ୍ରକାଶ ପାଇଛି ।

ସୂଚନାଯୋଗ୍ୟ ଯେ ରାଜ୍ୟରେ ବିଜେପି ସରକାର ଗଠନ ହେବା ପରଠାରୁ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟର ବ୍ୟବହାର ପାଇଁ ଏକାଧିକ ନିର୍ଦ୍ଦେଶନାମା ଜାରି ହୋଇଛି । ମାତ୍ର ସରକାରଙ୍କ ଅଧିକାଂଶ ବିଭାଗ ଏପରିକି ତୃଣମୂଳ ସ୍ତରର ପ୍ରଶାସନ ଏହାର ଅନୁପାଳନ କରୁନାହାନ୍ତି । ସେହିପରି ଓଡ଼ିଆ ଭଷା କମିସନ ଗଠନ ପାଇଁ ସରକାର ଘୋଷଣା କରିଥିଲେ ହେଁ, ତାହା ଏଯାବତ୍ କାର୍ଯ୍ୟକାରୀ ହୋଇପାରନାହିଁ । ଏପରିସ୍ଥଳେ ସାଧାରଣ ପ୍ରଶାସନ ବିଭାଗର ଏହି ନିର୍ଦ୍ଦେଶନାମା ସତରେ ଶତ ପ୍ରତିଶତ କାର୍ଯ୍ୟାନ୍ୱୟନ ହେବ ନା, ପୂର୍ବପରି ଇଂରାଜୀ ରାଜୁତି ଚାଲିବ, ତାହାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି ।

### ମକରରେ ମହାପ୍ରଭୁ...

ଦେଇଥିଲେ । କିନ୍ତୁ ବଡୁ ନିଯୋଗ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅବୈଧ ଦର୍ଶାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଦିଅଁଙ୍କ ନୀତି ବିବାଦରେ ଜିଲ୍ଲାପାଳଙ୍କ କ୍ଷମତା ନ ଥିବା ଦର୍ଶାଇଥିଲେ । ଏଣେ ବ୍ରାହ୍ମଣ ନିଯୋଗ ସଭାପତି ମକର ଯାତ୍ରା କରାଇବାକୁ ଦେବୋତ୍ତର କମିଶନଙ୍କୁ ସାକ୍ଷାତକରି ଦାବି ଜଣାଇଥିଲେ । ଦେବୋତ୍ତର କମିସନର ପକ୍ଷରୁ ଟ୍ରଷ୍ଟବୋର୍ଡ଼କୁ ଦୁଇ ସେବାୟତ ଗୋଷ୍ଠୀଙ୍କୁ ଡ଼ାକି ଏ ସମ୍ପର୍କରେ ବାବଦରେ ଆଲୋଚନା କରିଥିଲେ ଓ ନୀତିକାନ୍ତ ଶୃଙ୍ଖଳିତ କରିବାକୁ ପରାମର୍ଶ ଦେଇଥିଲେ । ମାତ୍ର ଏହାର କୌଣସି ସୁଫଳ ମିଳିଲା ନାହିଁ । ପ୍ରଶାସନ ପକ୍ଷରୁ ଯଦି ଏହାକୁ ନେଇ କିଛି ହସ୍ତକ୍ଷେପ କରାଯାଇଥାନ୍ତା ତେବେ ଏମିତି ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା ବୋଲି କିଛି ସେବାୟତ କହିଛନ୍ତି । ଏପଟେ ଏକାମ୍ର ବିଧାୟକ ବାବୁ ସିଂ କହିଛନ୍ତି ନୀତି ବନ୍ଦ କରିଥିବା ସେବାୟତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି । ତେବେ ଏନେଇ ଅନ୍ୟ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୈଣସି ମତାମତ ମିଳିପାରିନାହିଁ ।


**AFFIDAVIT**

By virtue of an affidavit sworn before Executive Magistrate, Rayagada, No. 33, dated 13.01.2026, I, Sarad Chandra Ananda, aged about 60 years, S/o - Late Dwitiya Chandra Ananda, permanent resident of Raniguda Farm, Hatipathar Road 6th lane, PO/PS/Dist - Rayagada, 765001, Odisha, declare that I have changed my name from Sharata Chandra Ananda to Sarad Chandra Ananda. Henceforth, I shall be known as Sarad Chandra Ananda for all purposes.

**AFFIDAVIT**

By virtue of an affidavit sworn before Notary public Bhubaneswar on dated 13.01.2026, I Banita Patra resident of At/Po-Gobindapur, Ps-Remuna, Dist- Balashwar, Odisha, Pin-756019 declare that I have changed my name from Banita Sahu to Banita Patra. Henceforth, I shall be known as BANITA PATRA for all purposes.

BANITA PATRA

**AFFIDAVIT**

By virtue of an affidavit sworn before Notary public Bhubaneswar on dated 13.01.2026, I Barsarani Nayak, W/o-Bijay Nayak, resident of Plot no-38, Bapuji Nagar, Ashok Nagar, Near Mangala Mandir, Bhubaneswar, Dist-Khordha, Pin-751009 declare that I have changed my name from Barsarani Samal to Barsarani Nayak. Henceforth, I shall be known as BARSARANI NAYAK for all purposes.

Barsarani Nayak

**AFFIDAVIT**

By virtue of an affidavit sworn before Notary Public Bhubaneswar, on dated 13.01.2026, I Kambhu Naik resident At-Beguniamula, Po-Asaraladesa, Sub- Bologad, Dist-Khordha,Odisha, PIN-752064 declare that I have changed the name of my Daughter from Archita Naik to Laxmi Naik. Henceforth, She shall be known as LAXMI NAIK for all purposes.

Kambhu Naik

**AFFIDAVIT**

By virtue of an affidavit No-113 sworn before the Executive Magistrate, Champua on dtd-12/01/2026. I Jyoshna Naik, W/o- Nitesh Naik, permanent resident of Vill/Po/Ps-Champua, Dist- Keonjhar, Odisha, Pin- 758041, I have changed my minor son's name from **Samit Naik** (old name) to **Sumit Naik** (new name). Henceforth, he shall be known as **SUMIT NAIK** for all future purposes.

**Jyoshna Naik**



O-1996

Email: rd_bgh@yahoo.co.in
Gmail: rwd.bgh@gmail.com

**OFFICE OF THE EXECUTIVE ENGINEER**
**RURAL WORKS DIVISION, BARGARH**

**e-Procurement Notice No. ONLINE-BGH- 23 OF 2025-26**

| | | | | |
|---|---|---|---|---|
| 1 | | Name of the Work | : | Road works during 2025-26 in the district of Bargarh. |
| 2 | | EMD | : | @ 1% of the estimated cost put to tender |
| 3 | | Other details | : | As per DTCN |

| Procurement Officer | Bid Identification No. | Availability of Tender online for bidding | | Last Date & Time of Seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-23 OF 2025-26 | 17.01.2026 at 11.00 A.M. | 28.01.2026 upto 5.00 P.M. | 28.01.2026 upto 4.00 PM | 29.01.2026 at 11.00 A.M. |

Further details can be seen from the website www.tendersorissa.gov.in.

Sd/-
Executive Engineer
R.W. Division, Bargarh

OIPR-

# ମା’ ଦପାନାୟକାଣୀ ପୀଠରେ ମକର ମେଳା ଆରମ୍ଭ



ତିହିଡ଼ି,୧୪।୧(ସମିସ): ତିହିଡ଼ି ଥାନା ଅନ୍ତର୍ଗତ ଈଶ୍ୱରପୁରସ୍ଥିତ ପଞ୍ଚତୀର୍ଥରେ ବିରାଜମାନ କରିଥିବା ମା’ ଦପାନାୟକାଣୀଙ୍କ ପୀଠରେ ବୁଧବାରଠାରୁ ଆରମ୍ଭ ହୋଇଛି ପ୍ରସିଦ୍ଧ ମକର ମେଳା ମହୋତ୍ସବ। ପ୍ରଥମ ଦିନରେ ଲକ୍ଷାଧିକ ଶ୍ରଦ୍ଧାଳୁ ପୀଠରେ ପହଞ୍ଚି ମା’ଙ୍କର ଦର୍ଶନ କରିଛନ୍ତି। ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିବା ଏହି କ୍ଷେତ୍ର ତିନିଦିନ ପାଇଁ ହେବ ଉତ୍ସବମୁଖର। ଏଥିପାଇଁ ମା’ ଦପାନାୟକାଣୀ ପୂଜା କମିଟି ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି। ମା’ ଦପାନାୟକାଣୀଙ୍କ ପ୍ରତି ଲୋକମାନଙ୍କର ବିଶ୍ୱାସ ଓ ଭକ୍ତି ଅସୀମ। ସାଳନ୍ଦୀ କୂଳରେ ବନ୍ୟାପ୍ଳାବିତ ଅଞ୍ଚଳ ଈଶ୍ୱରପୁରରେ ମା’ଙ୍କର ଅବସ୍ଥାନ ଲୋକଙ୍କୁ ସଦାସର୍ବଦା ଅଭୟବାଣୀ ପ୍ରଦାନ କରିଆସୁଥିବା ବେଳେ ନିଜର ପାର୍ଥିବ ଦୁଃଖ ଜଞ୍ଜାଳକୁ ନେଇ ମା’ଙ୍କ ପାଖରେ ନିବେଦନ କଲେ ତାହା ଅଚିରେ ଦୂର ହୋଇଯିବାର ବିଶ୍ୱାସ ଅନନ୍ୟ। କେଉଁ ପୁରାତନ କାଳରୁ ପ୍ରତିଷ୍ଠିତ ହୋଇଥିବା ମା’ଙ୍କ ନିକଟରେ କୁକୁଡ଼ା, ବୋଦା, ମାଟିଘୋଡ଼ା, ଶାଢ଼ି ଓ ସିନ୍ଦୂର ମାନସିକ କଲେ ବିଭିନ୍ନ ସମସ୍ୟା ଦୂର ହୋଇଥାଏ। ପ୍ରତ୍ୟେକ ବର୍ଷ ମକର ସଂକ୍ରାନ୍ତି ହେଉଛି ମା’ଙ୍କର ପାର୍ବଣର ସମୟ। ସମଗ୍ର ଭଦ୍ରକ ଜିଲ୍ଲା ସମେତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୁଏ ମା’ଙ୍କ ପୀଠରେ। ୩ ଦିନ ଧରି ଅନୁଷ୍ଠିତ ହେଉଥିବା ମକର ପର୍ବରେ ମାନସିକ କରିଥିବା ଭକ୍ତମାନଙ୍କର କୁକୁଡ଼ା, ମାଟିଘୋଡ଼ା ଇତ୍ୟାଦିକୁ ମା’ଙ୍କ ନିକଟରେ ସମର୍ପିତ କଲାପରେ ସେମାନଙ୍କୁ ବଳି ଦିଆ ନ ଯାଇ ମା’ଙ୍କ ସମ୍ମୁଖରେ ଉଡ଼ାଇ ଦେବାର ଅନନ୍ୟ ପରମ୍ପରା ଏଠାକାର ବିଶେଷତ୍ୱ। ସେହିପରି ମାନସିକ କରିଥିବା ଭକ୍ତମାନେ ଏଠାରେ ଧୂଆଁରେ ଖିରି ପ୍ରସ୍ତୁତ କରି ମା’ଙ୍କ ନିକଟରେ ଭୋଗ ଲଗାଇଥା’ନ୍ତି। ସୂଚନା ଯୋଗ୍ୟ, ପୂର୍ବରୁ ଲୋକେ ଡଙ୍ଗା ବା ବାଉଁଶଚାରରେ ଏହି ପୀଠକୁ ଭକ୍ତମାନେ ଯିବା ପାଇଁ ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ଏଠାରେ ପୋଲଟିଏ ନିର୍ମାଣ ହେବା ପରେ ମା’ଙ୍କ ପୀଠ ସୁଗମ୍ୟ ହୋଇପାରିଛି।

# ମକର ସଂକ୍ରାନ୍ତି: ସୂର୍ଯ୍ୟ ଦେବଙ୍କ ଉତ୍ତରାୟଣ ଗତି ଆରମ୍ଭ

ବାରିକପୁର,୧୪।୧(ସମିସ):

ବୁଧବାରଠାରୁ ସୂର୍ଯ୍ୟ ଦେବଙ୍କ ଉତ୍ତରାୟଣ ଗତି ଆରମ୍ଭ ହେଉଥିବାବେଳେ ଗାଁଠାରୁ ସହର ଯାଏଁ ସବୁଠି ପବିତ୍ର ମକର ସଂକ୍ରାନ୍ତି



ଭାବ ଭକ୍ତିର ସହିତ ପାଳିତ ହେଉଛି। ସ୍ଥଳ ବିଶେଷରେ କେଉଁଠି ଗୋଟିଏ ଦିନ ତ ପୁଣି କେଉଁଠି ପାଞ୍ଚ ସାତ ଦିନ ଯାଏଁ ମକର ଉତ୍ସବ ଆୟୋଜିତ ହେଉଥିବା ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଦେବଦେବୀ ପୀଠରେ ସକାଳୁ ମକର ମେଳା ଆରମ୍ଭ ହୋଇଛି। ବ୍ଲକର ବାରିକପୁର ନିକଟସ୍ଥ ମା’ କାଳୀତ୍ରାଙ୍କ ପୀଠରେ ସଂକ୍ରାନ୍ତି ଉତ୍ସବ ପାଇଁ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସକାଳୁ ପୀଠରେ ମା’ଙ୍କ ପାଇଁ ବୈଦିକ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିବାବେଳେ ଦିନତମାମ ଶହଶହ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବିଷ୍ଣୁପୁର ଚିଙ୍ଗୁଡ଼ିଶୁଣି ଠାକୁରାଣୀ ଓ ରାଜେନ୍ଦ୍ରପୁର ପଞ୍ଚାୟତ ଥଇଳା ଦୁଃଖେଶ୍ୱର ପୀଠରେ ମଧ୍ୟ ମକର ସଂକ୍ରାନ୍ତି ପାଳନ ହୋଇଛି। ଅନ୍ୟତମ ପ୍ରସିଦ୍ଧ ଚେକା ସାଆନ୍ତାଣୀ ପୀଠରେ ମଧ୍ୟ ଉତ୍ସବ ଆୟୋଜିତ ହୋଇଥିବାବେଳେ ଏଠାରେ ପରମ୍ପରା ଅନୁଯାୟୀ ଧାଡ଼ି ଭୋଗ ରନ୍ଧାଯାଇଛି। ଏହାଛଡ଼ା ଶ୍ରଦ୍ଧାଳୁମାନେ ମା’ଙ୍କୁ ମାଟି ଘୋଡ଼ା ଅର୍ପଣ କରିଛନ୍ତି। ଏହାଛଡ଼ା ସାନଶାସନ ପଞ୍ଚାୟତ ରେବ ନଦୀ କୂଳରେ ଅବସ୍ଥିତ ଅଁଳାଶୁଣି ପୀଠରେ ମକର ସଂକ୍ରାନ୍ତି ଉତ୍ସବ ଧୁମ୍‌ଧାମ୍‌ରେ ପାଳିତ ହେଉଥିବା ଜଣାପଡ଼ିଛି। ୫ଦିନ ଧରି ମକର ମେଳା ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ଉକ୍ତ ପୀଠଗୁଡ଼ିକୁ ଛାଡ଼ିଦେଲେ ନେରଡ଼ା ସୁନାମୁହିଁ ପୀଠ, ବିଶୋଳ ବାସୁଳେଇ ପୀଠ, ଆଖୁଆପଦା ହର-ପାର୍ବତୀ ପୀଠ, ରହଣିଆ ଚମରପଡ଼ି ପୀଠ, ମାଳଦା ଛୋଟେଶ୍ୱର ପୀଠ, ବାଙ୍କମୁହାଁ ମଙ୍ଗଳା ପୀଠରେ ଭାବ ଉଦ୍ଦୀପନାର ସହିତ ମକର ସଂକ୍ରାନ୍ତି ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

## ସେମାନଙ୍କ ମତରେ...



ଆମ ଅଞ୍ଚଳର ସର୍ବପୁରାତନ ପୀଠ ଦେବୀ ମା’ ଚେକା ସାଆନ୍ତାଣୀଙ୍କୁ ମକର ଉତ୍ସବରେ ସ୍ୱତନ୍ତ୍ର ଭାବେ ପୂଜାର୍ଚ୍ଚନା କରାଯାଇଥାଏ। ଏଥିରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇଥା’ନ୍ତି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପକ୍ଷରୁ ବ୍ୟବସ୍ଥା ହୋଇଛି।

**ରବିନାରାୟଣ ପଣ୍ଡା, ପୂଜକ**



ପ୍ରତିବର୍ଷ ଭଳି ଚଳିତ ବର୍ଷ ମା’ କାଳିତ୍ରା ପୀଠରେ ବେଶ୍ ଧୁମ୍‌ଧାମ୍‌ରେ ମକର ଉତ୍ସବ ଅନୁଷ୍ଠିତ ହେଉଛି। ଶାନ୍ତି ଶୃଙ୍ଖଳାର ସହିତ ଉତ୍ସବ ପାଳନ ପାଇଁ ସ୍ଥାନୀୟ ପ୍ରଶାସନ ସହିତ କାଳୀତ୍ରା ଟ୍ରଷ୍ଟ ପକ୍ଷରୁ ସ୍ୱତନ୍ତ୍ର ଭାବେ ବ୍ୟବସ୍ଥା ହୋଇଛି।

**ଅନିରୁଦ୍ଧ ଜେନା, ଟ୍ରଷ୍ଟି**



ମା’ ଚିଙ୍ଗୁଡ଼ିଶୁଣି ଠାକୁରାଣୀଙ୍କ ପୀଠରେ ମକର ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବୈଦିକ ପୂଜାର୍ଚ୍ଚନା ସହିତ ସମ୍ବର୍ଦ୍ଧନା ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେଉଛି।

**ଅମୂଲ୍ୟ ନାୟକ, ସ୍ଥାନୀୟ ସରପଞ୍ଚ**

# ମହାପୁରୁଷ ପରମହଂସଙ୍କ ପୀଠରେ ମକର ଉତ୍ସବ

ଦୋବଲ,୧୪।୧(ସମିସ): ଦୋବଲ ନିକଟସ୍ଥ ଖଡ଼ିପଦା ପଞ୍ଚାୟତସ୍ଥିତ ବହୁ ପୁରାତନ ଓ ପ୍ରସିଦ୍ଧ କାଞ୍ଜିଆପାଳ ପୀଠରେ ପବିତ୍ର ମକର ସଂକ୍ରାନ୍ତି ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଶତାଧିକ ବର୍ଷର ପରମ୍ପରା ଅନୁସାରେ ମହାପୁରୁଷ ପରମହଂସଙ୍କ ପୀଠରେ ଏହି ପର୍ବ ପାଳନ ହୋଇଆସୁଥିବା ବେଳେ ଚଳିତ ବର୍ଷ ମଧ୍ୟ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁମାନେ ମହାପୁରୁଷଙ୍କ ଗାଦି ଦର୍ଶନ କରିବା ସହ ଅଲୌକିକ କାଞ୍ଜିପାଣି ପାନ କରି ଆତ୍ମିକ ଶାନ୍ତି ଲାଭ କରିଛନ୍ତି। ମଠରେ ପୋଡ଼ ପିଠା ଓ ପଣା ଭୋଗ ଅର୍ପଣ କରି ଭକ୍ତମାନେ ଆଶୀର୍ବାଦ ଭିକ୍ଷା କରିଥିଲେ। ମଠ କମିଟି ପକ୍ଷରୁ ଜଣାପଡ଼ିଛି ଯେ ଚଳିତ ବର୍ଷ ୨ଦିନ ଧରି ପୂଜାର୍ଚ୍ଚନା ଓ ଉତ୍ସବର ଆୟୋଜନ କରାଯାଇଛି। ଏହି ଅବସରରେ ମିନାବଜାର ସହ ସନ୍ଧ୍ୟାବେଳେ ରଙ୍ଗବେରଙ୍ଗର ଆଲୋକ ସାଜସଜ୍ଜା ଦେଖିବାକୁ ମିଳିଛି। ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧାମନଗର ପୁଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିବା ଥାନାଧିକାରୀ ରଞ୍ଜନ ସେଠୀ ସୂଚନା ଦେଇଛନ୍ତି। ଏହି ପ୍ରସିଦ୍ଧ ମକର ମେଳାରେ ଧାମନଗର ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ ସହ ଅନେକ ନେତା ଓ କର୍ମୀ ପହଞ୍ଚି ମହାପୁରୁଷଙ୍କ ଦର୍ଶନ କରିଥିଲେ।

# ଶୀତବସ୍ତ୍ର ବାଣ୍ଟି ମକର ସଂକ୍ରାନ୍ତି ପାଳନ




ତିହିଡ଼ି,୧୪।୧(ସମିସ): ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ମହରମପୁର ପଞ୍ଚାୟତ ଅଧୀନ ସାଟିବାଟି ଗ୍ରାମରେ ନିଆରା ଢଙ୍ଗରେ ପାଳିତ ହୋଇଛି ମକର ସଂକ୍ରାନ୍ତି। ଗାଁର ଯୁବକମାନେ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ବହୁ ପୁରାତନ କାଳରୁ ମକର ସଂକ୍ରାନ୍ତି ଦିନ ଗ୍ରାମବାସୀମାନେ ନିଜ ନିଜ ଘର ସମ୍ମୁଖରେ ଚାଉଳ, ପଇସା ଓ ପିଠା ଧରି ଅପେକ୍ଷା କରିଥା’ନ୍ତି ଅସହାୟ ଲୋକଙ୍କୁ ପ୍ରଦାନ କରିବା ପାଇଁ। କାହାରିଙ୍କୁ ମାଗିବାକୁ ପଡ଼େ ନାହିଁ। ସ୍ୱତସ୍ଫୂର୍ତ୍ତ ଭାବେ ସହାୟତା ପ୍ରଦାନ କରି ଗ୍ରାମବାସୀମାନେ ନିଜକୁ ଏହି ମହାନ ପରମ୍ପରାରେ ସାମିଲ୍ କରିଥା’ନ୍ତି। ତେବେ ସରକାର ଏକ ଟଙ୍କିଆ ଚାଉଳ ବଣ୍ଟନ କରିବା ପରେ ଏହି ନିଆରା ପରମ୍ପରା ହଜିବାକୁ ବସିଥିଲା। ସହାୟତା ନେବାକୁ ଆସୁଥିବା ଲୋକଙ୍କ ଭିଡ଼ ମଧ୍ୟ କମିବାକୁ ଲାଗିଲା। ତେବେ ଏହି ପରମ୍ପରାକୁ ବଜାୟ ରଖିବା ପାଇଁ ଗ୍ରାମର ଯୁବକମାନେ ନିଜ ପକେଟରୁ ଅର୍ଥ ବ୍ୟୟ କରି କିଛି ବର୍ଷ ହେଲା କମ୍ବଳ, ଶାଢ଼ି, ଧୋତି, ଗାମୁଛା, ଖାଦ୍ୟ ଆଦି ବଣ୍ଟନ କରିଆସୁଛନ୍ତି। ଗାଁର ବଜରଙ୍ଗବଳି ମନ୍ଦିର ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତିହିଡ଼ି, ଚାନ୍ଦବାଲି ଆଦି ବ୍ଲକ୍‌ର ବିଭିନ୍ନ ସ୍ଥାନରୁ ଏହି ଅସହାୟ ଲୋକେ ସଂକ୍ରାନ୍ତି ପୂର୍ବ ଦିନରୁ ଗ୍ରାମରେ ପହଞ୍ଚି ଆତିଥ୍ୟ ଗ୍ରହଣ କରିଥିଲେ। ବହୁ ଯୁବକ ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇ ଶତାଧିକ ଅସହାୟଙ୍କୁ ଶୀତ ବସ୍ତ୍ର ଆଦି ବଣ୍ଟନ କରିଥିଲେ।

# ଉତ୍ତରବାହିନୀରେ ଶତାଧିକ ବର୍ଷର ମକର ମେଳା

ଭଦ୍ରକ,୧୪।୧(ସମିସ): ଭଦ୍ରକ ସହର ଉତ୍ତରବାହିନୀସ୍ଥିତ ଐତିହାସିକ ସଦାବର୍ତ୍ତ ମଠ ଅଧୀନ ଶ୍ରୀଜଗନ୍ନାଥ ମନ୍ଦିର ରଥଦାଣ୍ଡରେ ସବୁବର୍ଷ ଭଳି ଏବର୍ଷ ମଧ୍ୟ ବେଶ୍ ଜାକଜମକରେ ମକର ମେଳା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ବର୍ଷର ଏହି ମକର ମେଳାରେ ସମସ୍ତ ପ୍ରକାର ଘରକରଣା ସାମଗ୍ରୀଠାରୁ ଆରମ୍ଭ କରି ବିଭିନ୍ନ ଖେଳଣା, ଖାଦ୍ୟଦ୍ରବ୍ୟ ଆଦିର ଶହଶହ ଦୋକାନ ବଜାର ଖୋଲିଥିଲା। ସେହିଭଳି ପିଲାମାନଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ଦୋଳି ପଡ଼ିଥିଲା। ଉତ୍ତରବାହିନୀ ଗ୍ରାମବାସୀ, ମକର ମେଳା କମିଟିର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ଦିନିକିଆ ମକର ମେଳାରେ ଯାତ୍ରା ଶୋ’ ବି ଅନୁଷ୍ଠିତ ହେଉଛି। ଏହି ମେଳା ଦେଖିବାକୁ ହଜାର ହଜାର ସଂଖ୍ୟାରେ ଲୋକଙ୍କ ଭିଡ଼ ଜମିଥିଲା।

# ବାବାମଣୀଙ୍କୁ ଲଗିହେଲା ମକର ଚାଉଳ ଓ ପୋଡ଼ପିଠା

ଭଦ୍ରକ/ଆରଡ଼ି,୧୪।୧(ସମିସ): ପବିତ୍ର ମକର ସଂକ୍ରାନ୍ତି ପାଇଁ ଉତ୍ସବମୁଖର ହୋଇ ଉଠିଛି ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଶୈବଧାମ ଆରଡ଼ିପୀଠର ବାବା ଆଖଣ୍ଡଳମଣିଙ୍କ ମନ୍ଦିର। ଭୋର୍ ୪ଟାରେ ଦ୍ୱାରଫିଟା ନୀତି ସହ ମଙ୍ଗଳ ଆଳତି, ଘର୍ଷଣଲାଗି, ଜଳାଭିଷେକ ନୀତି ସମ୍ପନ୍ନ ହେବା ପରେ ମକର ନୀତି ନିମନ୍ତେ ପରମ୍ପରା ଅନୁଯାୟୀ ସେବାୟତଙ୍କ ପକ୍ଷରୁ ନୂଆ ମକର ଚାଉଳ ଓ ପୋଡ଼ପିଠା ଲାଗି କରାଯାଇଥିଲା। ଦିନ ତମାମ ଭକ୍ତଙ୍କ ଗହଳି ଲାଗିଥିଲା ପୀଠରେ। ମଙ୍ଗଳା ଆଳତି ପରେ ପହିଲି ଭୋଗରେ ଲାଗି କରାଯାଉଥିଲା ମକର ଚାଉଳ ଓ ପୋଡ଼ ପିଠା ଭୋଗ। ମକର ପାଇଁ ଭୋର ୪.୩୦ ମିନିଟ୍‌ରେ



ମନ୍ଦିର ପହୁଡ଼ ଖୋଲା ହେବା ପରେ ମଙ୍ଗଳ ଆଳତି କରାଯାଉଥିଲା। ଆଗନ୍ତୁକ ଶ୍ରଦ୍ଧାଳୁ ଓ ସମସ୍ତ ସେବାୟତ ପରିବାରଙ୍କ ଘରୁ ମଧ୍ୟ ମକର ଚାଉଳ ଓ ପୋଡ଼ ପିଠା ବାବାଙ୍କ ପାଖରେ ଭୋଗ ଲାଗିଥିଲା। ଭକ୍ତମାନେ ବ୍ୟାରିକେଡ୍‌ରେ ଧାଡ଼ିରେ ଆସି ଆଖଣ୍ଡଳମଣୀଙ୍କୁ ଦର୍ଶନ କରିଥିଲେ। ସନ୍ଧ୍ୟା ଯାଏଁ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା ପୀଠରେ। ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ମନ୍ଦିର ପରିସର ସମେତ ବିଭିନ୍ନ ସ୍ଥାନରେ ପୁଲିସ ମୁତୟନ କରାଯାଇଥିଲା।

# ବିଭିନ୍ନ ଦେବଦେବୀ ପୀଠ ପରିଦର୍ଶନ କଲେ ବିଧାୟକ



ବାରିକପୁର,୧୪।୧(ସମିସ): ବୁଧବାର ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ବିଭିନ୍ନ ଦେବଦେବୀ ପୀଠ ପରିଦର୍ଶନ କରିଛନ୍ତି। ବିଧାୟକ ପ୍ରଥମେ ନେରଡ଼ା ସୁନାମୁହିଁ ପୀଠରେ ପହଞ୍ଚି ମା’ଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହାଛଡ଼ା ବୈତରଣୀ ନଦୀରେ ନବନିର୍ମିତ ପାହାଚକୁ ପରିଦର୍ଶନ କରି ମନ୍ଦିର କମିଟି ସଦସ୍ୟମାନଙ୍କ ସହିତ ଭିତ୍ତିଭୂମି ଉନ୍ନୟନ ବାବଦରେ ବିଭିନ୍ନ ଆଲୋଚନା କରିଥିଲେ। ତେସିଙ୍ଗା ପଞ୍ଚାୟତ କୁଲଣା ବିଶୋଳ ବାସୁଳେଇ ପୀଠ, ବାରିକପୁର ମା’ କାଳୀତ୍ରା ପୀଠ, ଚେକା ସାଆନ୍ତାଣୀ ପୀଠରେ ଶ୍ରୀ ମଲ୍ଲିକ ପହଞ୍ଚି ଦେବୀ ଦର୍ଶନ କରିଥିଲେ। ତାଙ୍କ ସହିତ ବିଜେଡି ବ୍ଲକ୍ ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଯୁବ ସଭାପତି ଲଳିତ ରାଉତ, ଜିଲ୍ଲା ଛାତ୍ର ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ବରିଷ୍ଠ ନେତା ହେମନ୍ତ ଜେନା, ସତ୍ୟାନନ୍ଦ ମହାପାତ୍ର, ନାଗେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସାଳନ୍ଦୀ ଡିଗ୍ରୀ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ

ଭଦ୍ରକ,୧୪।୧(ସମିସ): ଭଦ୍ରକ ସାଳନ୍ଦୀ ଡିଗ୍ରୀ ମହାବଦ୍ୟାଳୟ ଆନୁକୂଲ୍ୟରେ ଉଚ୍ଚ ଶିକ୍ଷା



ବିଭାଗ ନିର୍ଦ୍ଦେଶକ୍ରମେ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା କୌଶଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷା ରାଜଶ୍ରୀ ନାୟକ ଅଧ୍ୟକ୍ଷତା କରିଥିଲେ। ଆତ୍ମସୁରକ୍ଷା ପ୍ରଶିକ୍ଷଣର ପରିଚାଳନା ଅଧିକାରୀ ଅଧ୍ୟାପିକା ଲିପି ପୁଷ୍ପା ନାୟକ ତଥା କଲେଜର ବରିଷ୍ଠ ଅଧ୍ୟାପକ ଅଚ୍ୟୁତାନନ୍ଦ ନାୟକ ଓ ମୁଖ୍ୟ ଅତିଥିଭାବେ ଡ. ରାଧାରାଣୀ ମହାପାତ୍ର ଆତ୍ମସୁରକ୍ଷାର ମହତ୍ୱ ସମ୍ବନ୍ଧରେ ଆଲୋଚନା କରିଥିଲେ। ଗତ ୩ରୁ ଆରମ୍ଭ ହୋଇ ୧୩ ତାରିଖ ଯାଏଁ ଚାଲିଥିବା ଏହି ଶିବିର ଉଦ୍‌ଯାପିତ ହୋଇଥିଲା। ଛାତ୍ରୀଙ୍କୁ ପ୍ରଶିକ୍ଷଣ ଶିକ୍ଷା ପାଇଁ ମଧୁସ୍ମିତା ନାୟକ ମଧ୍ୟ ମୁଖ୍ୟ ଭୂମିକା ନିଭାଇଥିଲେ। ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଶିକ୍ଷାର ମାନପତ୍ର ପ୍ରଦାନ କରାଯାଇଥିଲା।

# ମହିଳା ପୁଲିସ ଇନ୍ସପେକ୍ଟରଙ୍କୁ ଡିଜିପି ଡିସ୍କ ପୁରସ୍କାର



ଭଦ୍ରକ,୧୪।୧(ସମିସ): ଭଦ୍ରକ ଜିଲ୍ଲାରେ ପୂର୍ବରୁ କାର୍ଯ୍ୟରତ ମହିଳା ସବ୍ ଇନ୍ସପେକ୍ଟର (ଏବେ ଇନ୍ସପେକ୍ଟର ରୂପେ ବିଜୁ ପଟ୍ଟନାୟକ ପୁଲିସ ଏକାଡେମୀରେ ପ୍ରଶିକ୍ଷକ) ସ୍ନିଗ୍ଧାରାଣୀ ସାହୁଙ୍କୁ ପୁଲିସ ସେବାରେ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଡିଜିପି ପୁଲିସ ଡିସ୍କ ପୁରସ୍କାର ପ୍ରଦାନ କରାଯାଇଛି। ଗତ ୧୨ ତାରିଖ ଦିନ କଟକସ୍ଥିତ ପୁଲିସ ମୁଖ୍ୟାଳୟରେ ଓଡ଼ିଶା ପୁଲିସର ୯୦ତମ ପ୍ରତିଷ୍ଠା ଉତ୍ସବ ଅବସରରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ଏହି ପୁରସ୍କାର ମିଳିଥିଲା। ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ସୂଚନା ଯୋଗ୍ୟ, ଭଦ୍ରକ ଜିଲ୍ଲା ଆଗରପଡ଼ା ଓ ପିରହାଟ ଥାନାରେ ସବ ଇନ୍ସପେକ୍ଟର ରୂପେ କାର୍ଯ୍ୟ କରୁଥିବା ଏହି ୨୦୧୭ ବ୍ୟାଚ୍‌ର ସବ୍ ଇନ୍ସପେକ୍ଟର ଶ୍ରୀମତୀ ସାହୁ ଜଣେ ଦକ୍ଷ ପୁଲିସ ଭାବେ ଜିଲ୍ଲାରେ ପରିଚିତ ଥିଲେ। ନିକଟରେ ରାଜ୍ୟ ସରକାର ତାଙ୍କୁ ପଦୋନ୍ନତି ଦେଇ ବିଜୁ ପଟ୍ଟନାୟକ ପୁଲିସ ଏକାଡେମୀରେ ପ୍ରଶିକ୍ଷକ ଭାବେ ବଦଳି କରିଛନ୍ତି।

# ଶିକ୍ଷକ ଏମ୍‌ଡି ଫଜଲେ ହବିବ୍‌ଙ୍କ ପରଲୋକ



ଧାମନଗର,୧୪।୧(ସମିସ): ଧାମନଗର ଏନ୍‌ଏସି ଅନ୍ତର୍ଗତ ୯ ନମ୍ବର ୱାର୍ଡ ଅଧୀନ କୋରେସିମହଲ୍ଲା ଗ୍ରାମର ବାସିନ୍ଦା ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ଲକ୍ ଗ୍ରାଣ୍ଟ ପାଇଥିବା ମଦ୍ରାସା କୁଦୁସିଆ ହବିବୟା ପଠାଣମହଲ୍ଲା ଧାମନଗରଠାରେ ୨୦୦୮ରୁ ମୌଲବି ପଦରେ ରହି ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ପ୍ରଦାନ କରୁଥିଲେ। ଦୁଃଖ ଓ ପରିତାପର ବିଷୟ ଅତି କମ୍ ବୟସରେ ଜାନୁଆରୀ ୧୩ ତାରିଖ ମଙ୍ଗଳବାର ସକାଳ ୬ଟା ସମୟରେ କାର୍ଯ୍ୟରତ ସହକାରୀ ଶିକ୍ଷକ ଏମ୍‌ଡି ଫଜଲେ ହବିବ୍(ବୁଟୁ)ଙ୍କ ୪୧ବର୍ଷ ବୟସରେ ହୃଦ୍‌ଘାତରେ ପରଲୋକ (ଇନ୍‌ତେକାଲ) ହୋଇଛି। ସେ ଜଣେ ଭଲ ମଣିଷ ଓ ତାଙ୍କର ବ୍ୟବହାର ଉତ୍ତମ, ମେଳାପୀ, ମିଷ୍ଟଭାଷୀ ଓ ଭଲ ଶିକ୍ଷକ ଥିଲେ। ଏତେ କମ୍ ବୟସରୁ ଚାଲିଯିବେ କେହି କେବେ କଳ୍ପନା କରି ନ ଥିଲେ। ଏହି ଦୁଃଖଦ ଖବର ପ୍ରସାରିତ ହେବା ପରେ ସ୍ଥାନୀୟ ଅଞ୍ଚଳ ସହିତ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି। ଭଦ୍ରକ ମଦ୍ରାସା ଶିକ୍ଷକ ସଂଘର ସଭାପତି ଏସ୍‌କେ ନାସିରୁଦ୍ଦିନ, ସମ୍ପାଦକ ଆଫ୍ତାବ ଆଲମ୍ ଖାଁ, ସିଆର୍‌ସିସି ସେକ୍ ମୋଜାଫର ହୋସେନ, ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶେଖ୍ ଆଜମତ ସହ ବିଭିନ୍ନ ମଦ୍ରାସା ଓ ବିଦ୍ୟାଳୟର ଶିକ୍ଷକ, ସମାଜସେବୀ, ବୁଦ୍ଧିଜୀବୀ, ବନ୍ଧୁବାନ୍ଧବ, ଗ୍ରାମବାସୀ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ମୁସଲମାନ ରୀତିନୀତି ଅନୁସାରେ ଖାନକା ସରିଫଠାରେ ସଜ୍ଜାଦା ନସିନ ମତଓଲ୍ଲୀ ବାବାଙ୍କ ଭାଇ ଆଲହାଜ ମୌଲାନା ସୟଦ ଫାରୁକ୍ ରଜା ହବିବି ସମୂହ ନମାଜ ପାଠ(ଜନାଜା) ପଢ଼ାଇଥିଲେ। ପରେ ଗ୍ରାମର ଏକ କବର ସ୍ଥାନରେ କବର ଦିଆଯାଇଛି।

# ମଣ୍ଡି ପୂଜାରେ ସୀମିତ ସରକାରୀ ଧାନ କିଣା; ଦଲାଲ୍ ମାଲେମାଲ୍

ଭଦ୍ରକ,୧୪।୧(ସମିସ):

ଗତ ୩ ତାରିଖରେ ଚାଷୀଙ୍କ ମୋବାଇଲ୍‌କୁ ଟୋକନ ମେସେଜ ଆସିଲା। ୫ ତାରିଖରୁ ଧାନ କିଣାଯିବା ପାଇଁ ଦିନ ଧାର୍ଯ୍ୟ କଲେ। ସମବାୟ ସମିତି କଣ୍ଟା ପୂଜା ବି କଲେ। ମାତ୍ର ଏପର୍ଯ୍ୟନ୍ତ ଭଦ୍ରକ ଜିଲ୍ଲାର କୌଣସି ବ୍ଲକରେ ମୁଠାଏ ଧାନ କିଣା ହୋଇପାରିଲା ନାହିଁ। ଏହାର ସୁଯୋଗ ନେଇ ଚୋରା ବେପାରୀ ହେଉଛନ୍ତି ମାଲେମାଲ୍। ଶାଗମାଛ ଦରରେ ଧାନ କିଣି ପଡ଼ୋଶୀ ଆନ୍ଧ୍ର ଓ ପଶ୍ଚିମବଙ୍ଗ ରାଜ୍ୟକୁ ଚୋରା ଚାଲାଣ କରି ବେଶ୍



ମୁନାଫା କମାଉଛନ୍ତି ଦଲାଲ୍।

ସୂଚନା ମୁତାବକ, ଚାନ୍ଦବାଲି ବ୍ଲକ୍‌ରେ ଏ ପର୍ଯ୍ୟନ୍ତ ସରକାର ମୁଠାଏ ଧାନ କିଣି ପାରିଲେନାହିଁ। ଯାହାର ଫାଇଦା ନେଉଛନ୍ତି ଦଲାଲ୍। ବିଶେଷ କରି ପଡ଼ୋଶୀ ତିହିଡ଼ି ବ୍ଲକ୍‌ର ଗଦି ବଜାର ପାଲଟିଛି ଚୋରା ଧାନ ବେପାରୀ ହବ୍। ପ୍ରତିଦିନ ଶହଶହ ସଂଖ୍ୟକ ଧାନ ଟ୍ରକ୍ ଏଠାରୁ ଆନ୍ଧ୍ର ଓ ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରାଯାଉଛି। ଏଠାକାର ଧାନ ଦଲାଲମାନେ ଗାଁ ଗାଁରେ ଡେରା ପକାଇ ଚାଷୀମାନଙ୍କଠାରୁ ୧୫୦୦ରୁ ୧୮୦୦ ଟଙ୍କା ଦରରେ ଧାନ କିଣି ଲୁଟିବାରେ ଲାଗିପଡ଼ିଛନ୍ତି। ସରକାରୀ ମଣ୍ଡିରେ ବେଶୀ ଧାନ ଦେଲେ କଟିବ ରାସନ କାର୍ଡ, ୧୫୦ କ୍ୱିଣ୍ଟାଲରୁ ଅଧିକ ହେଲେ ମିଳିବନି ସବ୍‌ସିଡ୍, କ୍ୱିଣ୍ଟାଲ ଉପରେ ସରକାର କାଟିବେ ୧୦ କେଜି, ଏଥର ଧାନ ଟଙ୍କା ମିଳିବାରେ ବିଳମ୍ବ ହେବ ଆଦି କଥା କହି ଡରାଇ ଧମକାଇ ଲୁଟି ନେଉଛନ୍ତି ଶହଶହ ଟ୍ରକ୍ ଧାନ। ଅନ୍ୟପଟେ ସରକାରୀ ମଣ୍ଡିରେ ଧାନ କିଣା ଯେତେ ବିଳମ୍ବ ହେଉଛି, ଧାନ ଦଲାଲ ସେତେ ସକ୍ରିୟ ହେଉଛନ୍ତି। ସେମାନଙ୍କୁ ଲଗାମ ଦେବା ପାଇଁ କୌଣସି ସରକାରୀ ଅଧିକାରୀ ତତ୍ପର ହେଉ ନ ଥିବାରୁ ଦିନକୁ ଦିନ ସେମାନଙ୍କର ଚାଷୀଙ୍କୁ ଶୋଷଣ ବଢ଼ିବାରେ ଲାଗିଛି। ଏଣୁ ସରକାର ତୁରନ୍ତ ମଣ୍ଡି ଖୋଲି ଧାନ କ୍ରୟ କରିବା ସହ ଚୋରା ବେପାରୀଙ୍କ ଉପରେ ଲଗାମ ଲଗାଇବାକୁ ଚନ୍ଦବାଲି ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି।

● ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ସମାନ୍ତରାଳ ଅନଶନକୁ ନେଇ ଚର୍ଚ୍ଚା

# ସମାଧାନ ନ ହେବା ଯାଏ ଅନଶନ ଜାରି





ଧାମନଗର,୧୪।୧(ସମିସ): ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଧାମନଗର ଏନ୍‌ଏସିର ବିଭିନ୍ନ ୱାର୍ଡରେ କୋଟି କୋଟି ଟଙ୍କାରେ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଅର୍ଥ ମଞ୍ଜୁରୀ ହୋଇଥିଲା। ଏନ୍‌ଏସି ଉପାଧ୍ୟକ୍ଷ ଓସିମ୍ ଏଜଦାନି କାଦରୀଙ୍କ ନିଜ ୬ ନମ୍ବର ୱାର୍ଡରେ ଉନ୍ନୟନମୂଳକ କାର୍ଯ୍ୟାଦେଶରେ ପାତରଅନ୍ତର କରାଯାଇଥିବାରୁ ପ୍ରଶାସିନକ ଅଧିକାରୀଙ୍କୁ ସମ୍ମାନ ଜଣାଇ ପୂର୍ବରୁ ଗତ ୫ ତାରିଖରେ ଲିଖିତ ଅନୁରୋଧ ସହ ନିବେଦନ କରିଥିଲେ ଯେ ସେ ଜଣେ ନିର୍ବାଚିତ ପ୍ରତିନିଧି ମୋ ୱାର୍ଡ ସହିତ ସମସ୍ତ ୱାର୍ଡର ଲୋକଙ୍କ ସ୍ୱାର୍ଥ ଓ ସୁରକ୍ଷା ଆଞ୍ଚଳିକ ରାସ୍ତା, ଡ୍ରେନ୍ ଓ ଆଲୋକୀକରଣ ଉନ୍ନତି ପାଇଁ ପୌରାଞ୍ଚଳ ଲୋକ ପ୍ରତିନିଧିଙ୍କ ମୁଖ୍ୟ କାର୍ଯ୍ୟ ଓ ଦାୟିତ୍ୱ। ନିୟମ ଅନୁଯାୟୀ ଏନେଇ ଗୋଟିଏ ସପ୍ତାହ ପୂର୍ବରୁ ଲିଖିତ ଜଣାଇଥିଲେ ଯେ ଉନ୍ନତିମୂଳକ କାର୍ଯ୍ୟର ତଦନ୍ତ କରି ଜାନୁଆରୀ ୧୨ ସୁଦ୍ଧା ଇ-ଟେଣ୍ଡର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳ ଓ ସମସ୍ତ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ବାଧ୍ୟ ହୋଇ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟକୁ ବିରୋଧ କରି ବୁଧବାରଠାରୁ ଉପାଧ୍ୟକ୍ଷ ଓସିମ ଏଜଦାନି କାଦରୀ ଅଫିସ ଆଗରେ ଅନଶନ ଆରମ୍ଭ କରିଛନ୍ତି। ଜିଲ୍ଲାପାଳଙ୍କୁ ଗଣମାଧ୍ୟମ ଜରିଆରେ ନିବେଦନ କରୁଛି ମୋର ବିଶ୍ୱାସ ନିଶ୍ଚୟ ସମସ୍ତ ଲୋକ ପ୍ରତିନିଧିଙ୍କ ପାଖରୁ ପ୍ରୋଜେକ୍ଟ ନେଇ ଇ-ଟେଣ୍ଡର କରାଇବେ। ଯଦି ନ କରନ୍ତି ଏହି ସମସ୍ୟା ସମାଧାନ ନ ହେବା ଯାଏ ଅନଶନ ଜାରି ରହିବ ବୋଲି ଉପାଧ୍ୟକ୍ଷ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଅନ୍ୟପଟେ ହଠାତ୍ ୪ ଜଣ କାଉନ୍‌ସିଲର ଏନ୍‌ଏସି ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ମନୋମୁଖୀ କାର୍ଯ୍ୟକଳାପ ଏବଂ ସହରାଞ୍ଚଳର ଉନ୍ନତିମୂଳକ କର୍ଯ୍ୟରେ ବାଧା ସୃଷ୍ଟି କରିବା ପ୍ରତିବାଦରେ ଗେଟ୍ ସାମ୍ନାରେ ଗାନ୍ଧୀଙ୍କ ଫଟୋ ରଖି ୪ଜଣ କାଉନ୍‌ସିଲର ଶାନ୍ତିପୂର୍ଣ୍ଣ ଭାବେ ଅନଶନ କରିଥିଲେ। ଏହି ଅନଶନରେ କାଉନ୍‌ସିଲର ଅନୁସୟା ମଲ୍ଲିକ, ଜାନକୀଲତା ସେଠୀ, ସୁଭାଷିନୀ କର, ଏମାତୁନ ଏନ୍ ପ୍ରମୁଖ ସାମିଲ୍ ଥିଲେ। ସମାନ୍ତରାଳ ଭାବେ ଅନଶନକୁ ନେଇ ସହରାଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଖବର ଲେଖାହେବା ବେଳକୁ ଏନ୍‌ଏସି ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ଫୋନ୍ ବନ୍ଦ ଥିବାରୁ ଯୋଗାଯୋଗ ହୋଇପାରିଲା ନାହିଁ।

## ଦୁଇ ବାଇକ୍ ମୁହାଁମୁହିଁ, ୨ ଆହତ

ବାରିକପୁର,୧୪।୧(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ମଞ୍ଜୁରୀ ରୋଡ୍ ନିକଟସ୍ଥ ରାଜେନ୍ଦ୍ରପୁର ଛକଠାରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହେବା ଦ୍ୱାରା ଏଥିରେ ଦୁଇଜଣ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ବୁଧବାର ଦିନ ପ୍ରାୟ ୩ଟା ସମୟରେ ସ୍ଥାନୀୟ ଅଞ୍ଚଳର ଯୁବକ ଅଭିମନ୍ୟୁ ପାତ୍ର (୩୬) ଓ ପ୍ରଦୀପ ବାରିକ (୩୨) ଦୁଇଟି ବାଇକ୍‌ରେ ଯାଉଥିବାବେଳେ ସେମାନଙ୍କ ମଧ୍ୟରେ ଧକ୍କା ହୋଇଥିଲା। ରାଜେନ୍ଦ୍ରପୁର ଛକଠାରେ ଉକ୍ତ ଦୁର୍ଘଟଣା ଘଟିଥିବାବେଳେ ସ୍ଥାନୀୟ ଲୋକେ ଦୁଇ ଗୁରୁତରଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିବା ସୂଚନା ମିଳିଛି। ସେଠାରେ ଆହତଙ୍କୁ ଚିକିତ୍ସା କରାଯାଇଛି। ଅବସ୍ଥା ଗୁରୁତର ଥିବା ହେତୁ ଅଭିମନ୍ୟୁଙ୍କୁ ଡାକ୍ତର ଯାଜପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି।


## ଶିଶୁ ବିକ୍ରି ଘଟଣା; ସିଡବ୍ଲ୍ୟୁସି ହେପାଜତରେ ଶିଶୁ

ଭଣ୍ଡାରିପୋଖରୀ,୧୪।୧(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ବୟାବନାପୁର(ବନାପୁର ଦାସସାହି) ଗ୍ରାମର ଶିଶୁ ବିକ୍ରି ଅଭିଯୋଗ ହୋଇଥିବା ଶିଶୁକନ୍ୟାକୁ ପୁଲିସ କଟକ ରାଜାବଗିଚା ଅଞ୍ଚଳରୁ ଉଦ୍ଧାର କରି ଜିଲ୍ଲା ଶିଶୁ ସୁରକ୍ଷା କମିଟିକୁ ମଙ୍ଗଳବାର ରାତିରେ ହସ୍ତାନ୍ତର କରିଛି। ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ(ନିୟୁ ବର୍ଣ୍ଣ ଚାଇଲ୍ଡ ୱାର୍ଡ)ରେ ଉଦ୍ଧାର ଶିଶୁକନ୍ୟାର ଚିକିତ୍ସା ଜାରି ରହିଛି। ଶିଶୁକନ୍ୟାର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ଓ ଗୁରୁବାର ଜିଲ୍ଲା ଶିଶୁ ସୁରକ୍ଷା କମିଟି ସମ୍ମୁଖରେ ହାଜର କରାଯାଇ ପରବର୍ତ୍ତି ନିଷ୍ପତ୍ତି ହେବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା କମିଟି ପ୍ରୋବସନ(ଆଇନ) ଅଧିକାରୀ ସୁବ୍ରତ ଦାସ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ମାମଲାର ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ଜାମିନ ଦିଆଯାଇଥିବା ଜଣାଯାଇଛି। ରାଜାବଗିଚାରେ ରହୁଥିବା ରିନାର ଖୁଡ଼ିଙ୍କଠାରୁ ଶିଶୁ ଉଦ୍ଧାର କରାଯାଇଥିଲା। ସେ ଶିଶୁ କ୍ରୟ କରିଥିବା ଅସ୍ୱୀକାର କରିଥିଲେ। ଶିଶୁକନ୍ୟାର ମାଆ ରିନା ପୂର୍ବରୁ ବିବାହିତ ଥିଲେ। ପୂର୍ବ ସ୍ୱାମୀଙ୍କଠାରୁ ତାଙ୍କର ୨ଟି ସନ୍ତାନ ଅଛି। ଅର୍ଥ ଲାଳସାରେ ଓ କନ୍ୟା ସନ୍ତାନ ବିମୁଖ ହୋଇ ଶିଶୁକୁ ବିକ୍ରି କରାଯାଇଥିବା ଅନୁମାନ କରାଯାଉଛି। ଏଠାରେ ସୂଚନା ଯୋଗ୍ୟ ଯେ, ଗ୍ରାମର ସାବିତ୍ରୀ ଦାସ ପୁଅ ସିପୁ ଓ ବୋହୂ ରିନା ଏକ ମାସର ଶିଶୁକନ୍ୟାକୁ ଚିକିତ୍ସା ପାଇଁ ନେଇ ବିକ୍ରି କରିଦେଇଥିବା ଅଭିଯୋଗ କରିଥିଲେ। ପୁଅ-ବୋହୂ ଓ ସମୁଦୁଣି ମିଳିତ ଭାବେ ଷଡ଼ଯନ୍ତ୍ର କରି ନାତୁଣୀକୁ ବିକ୍ରି ଅଥବା ମାରିଦେଇଛନ୍ତି ବୋଲି ଅଭିଯୋଗକାରୀ ସନ୍ଦେହ ପ୍ରକାଶ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ୧୭/୨୬ନଂ ମାମଲା ରୁଜୁ କରିଥିଲା। ପୁଲିସ ତତ୍ପରତା ପ୍ରକାଶ କରି ଶିଶୁକୁ ଉଦ୍ଧାର କରି ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରିଥିଲା।

## ମାଟିପକା ସୋସାଇଟିରେ ଧାନ ମଣ୍ଡି ଉଦ୍‌ଘାଟିତ

ବାସୁଦେବପୁର,୧୪।୧(ସମିସ): ବାସୁଦେବପୁର ବ୍ଲକ୍ ମାଟିପକା ସେବା ସମବାୟ ସମିତିର ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଶୁଭାରମ୍ଭ ଉତ୍ସବରେ ଏସ୍ଆରସିଏସ୍ ବାବାଜୀ ଚରଣ ମଳିକ, ବିବିସିସିର ବୋର୍ଡ ଡାଇରେକ୍ଟର ନିରଞ୍ଜନ ଦାସ, ବିବିସିସି ବ୍ୟାଙ୍କ ମ୍ୟାନେଜର ମହେନ୍ଦ୍ର ପ୍ରସାଦ ନାୟକ ଯୋଗଦେଇ ଶୁଭାରମ୍ଭ କରିଥିଲେ। ବିଦେଇପୁର ସୋସାଇଟି ସମ୍ପାଦକ ରତିକାନ୍ତ ରାଉତ, ମାଟିପକା ସୋସାଇଟି ସଭାପତି ନିତ୍ୟାନନ୍ଦ ବାରିକ, ସମ୍ପାଦକ ଧର୍ମନାରାୟଣ ଜେନା, ସରପଞ୍ଚ ଜାନକୀ ବାରିକ, ସମିତିସଭ୍ୟା ସନ୍ଧ୍ୟାରାଣୀ ନାୟକ ଓ କ୍ରୟ କମିଟିର ମୁକ୍ତିକାନ୍ତ ନାୟକ, ସର୍ବେଶ୍ୱର ବାରିକ, ପ୍ରାଣବନ୍ଧୁ ମହାରଣା, ପୀତବାସ ପଲାଇ ଓ ଆଖପାଖ ଅଞ୍ଚଳର ଚାଷୀ ଯୋଗଦେଇଥିଲେ। ସରକାର ଏ ପର୍ଯ୍ୟନ୍ତ ମିଲର ଆଲଟ୍‌ମେଣ୍ଟ କରିନାହାନ୍ତି କି ବସ୍ତା ପ୍ରଦାନ କରିନାହାନ୍ତି। ଧାନ ମଣ୍ଡି ଖୋଲିବା ପ୍ରହସନ ପାଲଟିଛି। ନଭେମ୍ବରରୁ ଚାଷୀ ଧାନ ଅମଳ କରି ଖରା, କାକରରେ ଘର ପିଣ୍ଡାରେ ପକାଇ ରଖିଛନ୍ତି। କେଉଁଠି ଷଣ୍ଢ ଧାନ ବସ୍ତା ଫଟେଇ ଖାଇଲାଣି ତ ପୁଣି କେଉଁଠି ଛେଳି ଖାଇଲେଣି। ମୂଷା ବସ୍ତା କାଟି ଧାନ ଖୋଳ କରୁଛି। ବାଧ ହୋଇ ଦଲାଲକୁ ୧୮୦୦ ଟଙ୍କାରେ ବିକିବାକୁ ବାଧ ହେଉଛି ବୋଲି ଚାଷୀ ଅଭିଯୋଗ କରିଛନ୍ତି।

## ସମାଜସେବୀଙ୍କ ପରଲୋକ



ଭଦ୍ରକ,୧୪।୧(ସମିସ): ଭଦ୍ରକ ଚରମ୍ପା ଡଗରାସାହି ଅଞ୍ଚଳର ସମାଜସେବୀ ତଥା ପରୋପକାରୀ କମଳାକାନ୍ତ ପୁହାଣଙ୍କ ପରଲୋକ ଘଟିଛି। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୦ବର୍ଷ ବୟସ ହୋଇଥିଲା। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ସହର ପରିକ୍ରମା କରି ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ ପୁଅ ଭଦ୍ରକ ପୌରପାଳିକାରେ କାର୍ଯ୍ୟରତ ଅମରନାଥ ପୁହାଣ ମୁଖାଗ୍ନି ଦେଇଥିଲେ।

## ଜାତୀୟ ସାଇକଲ ଚାଳନା ପ୍ରତିଯୋଗିତାରେ ସସ୍ମିତାଙ୍କୁ ରୌପ୍ୟ

ଭଣ୍ଡାରିପୋଖରୀ,୧୪।୧(ସମିସ): ବାରିକପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ରୀ ସସ୍ମିତା ପଣ୍ଡା ଜାତୀୟ ସାଇକଲ ଚାଳନା ପ୍ରତିଯୋଗିତାରେ ରୌପ୍ୟ ପଦକ ଜିଣି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ସ୍କୁଲ୍ ଗେମ୍ସ ଫେଡେରେସନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ଝାଡ଼ଖଣ୍ଡର ରାଞ୍ଚିଠାରେ ଗତ ୧୩ ତାରିଖଠାରୁ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତାର ସାଇକଲ ଚାଳନା ବିଭାଗରେ ସସ୍ମିତା ରୌପ୍ୟ ପଦକ ହାସଲ କରିଥିବା ଜଣାଯାଇଛି। ବାରିକପୁର ଉଚ୍ଚ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ଜିତେନ୍ଦ୍ର ସାହୁ, କୋଚ୍ ସୁବାସ ଗୋଚ୍ଛାୟତ, ଗୋପିନାଥ ପଣ୍ଡା, ପରିଚାଳକ ସନତଲକ୍ଷ୍ମୀ ନାୟକ ଓ ରବିନାରାୟଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସସ୍ମିତା ଏହି ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୁଜାତା ମଲ୍ଲିକ ଓ ଶିକ୍ଷକଶିକ୍ଷୟିତ୍ରୀ ସସ୍ମିତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।



# ସଫଳ ହେଉନି ଉଦ୍ୟାନ କୃଷି; ନଷ୍ଟ ହେଉଛି ଶହଶହ ଚାରା

ବାରିକପୁର,୧୪।୧(ସମିସ)

ଗ୍ରାମାଞ୍ଚଳରେ ଫଳ ଓ ପନିପରିବା ଚାଷ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ବିଭିନ୍ନ ଚାଷ ପାଇଁ ମଞ୍ଜି, ଚାରା, ବିହନ ଓ ପ୍ରୋତ୍ସାହନ ରାଶି ଯୋଗାଯାଉଛି। ଯୋଜନାଗୁଡ଼ିକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା ପାଇଁ ସ୍ୱତନ୍ତ୍ର ଭାବେ ଉଦ୍ୟାନ କୃଷି ବିଭାଗ ରହିଥିଲେ ସୁଦ୍ଧା ଏଯାଏଁ ସମନ୍ୱିତ କୃଷି ସଫଳ ହେଉନାହିଁ।

ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ୍ ଉଦ୍ୟାନ କୃଷି ବିଭାଗ ଅଧୀନରେ ୨୩ଟି ପଞ୍ଚାୟତ ରହିଛି। ପ୍ରାୟ ୧୦/୧୨ ବର୍ଷ ହେବ ଉକ୍ତ ବିଭାଗ ବ୍ଲକ୍ ଅଞ୍ଚଳରେ କାର୍ଯ୍ୟ କରୁଥିବାବେଳେ ଏଯାଏଁ ଏହାର ସ୍ଥାୟୀ କାର୍ଯ୍ୟାଳୟଟିଏ ନିର୍ମାଣ ହୋଇପାରିନାହିଁ। ତେଣୁ ପ୍ରଥମ କରି ବାରିକପୁରସ୍ଥିତ ଏକ ଅସ୍ଥାୟୀ କାର୍ଯ୍ୟାଳୟରେ ବିଭାଗ କାର୍ଯ୍ୟକ୍ଷମ ହୋଇଥିବାବେଳେ କିଛିବର୍ଷ ହେବ ଧାମନଗର ଛକ ନିକଟ ମହୁରାଠାରେ ଏକ ଭଡ଼ା ଘରେ କାର୍ଯ୍ୟାଳୟ ଆରମ୍ଭ ହୋଇଛି। ପରିତାପର ବିଷୟ ପ୍ରତ୍ୟେକ ବର୍ଷ ୨୩ଟି ପଞ୍ଚାୟତ ଅଞ୍ଚଳରେ ନଡ଼ିଆ, ଅମୃତଭଣ୍ଡା, ପିଜୁଳି, କଦଳୀ, କାଜୁ, ଲେମ୍ବୁ ଆଦି ଫଳ ଚାଷ ପାଇଁ ଚାରା ସହିତ ପ୍ରୋତ୍ସାହନ ରାଶି ଯୋଗାଯାଉଥିଲେ ସୁଦ୍ଧା ଏହା ସଠିକ୍ ଲୋକଙ୍କ ନିକଟରେ ଅନେକ ସମୟରେ ପହଞ୍ଚୁ ନ ଥିବା ଅଭିଯୋଗ ହୋଇଛି। ଏହାଛଡ଼ା କେତେକ ସ୍ଥାନରେ



ବିଭିନ୍ନ ସବ୍‌ସିଡି ଅର୍ଥ ପାଇଁ ଚାଷୀଙ୍କ ଭିଡ଼

ପ୍ରତ୍ୟେକ ବର୍ଷ ଆଳୁ ଚାଷ ମଧ୍ୟ ହେଉଛି। କିଛି ବର୍ଷ ହେବ ପନିପରିବା ଓ ଆଳୁ ଚାଷ ପାଇଁ ମଞ୍ଜି ଏବଂ ବିହନ ଆସୁଥିବାବେଳେ କେତେକ କ୍ଷେତ୍ରରେ ଏହା ଚାଷୀଙ୍କ ନିକଟକୁ ନ ଆସି ବିଭାଗ ତରଫରୁ ନିଯୁକ୍ତ ଦଲାଲଙ୍କ ହାତକୁ ଯାଇଥିବା ନଜିର୍ ରହିଛି। କେତେକ ମଞ୍ଜି ଖୋଲା ବଜାରରେ ବିକ୍ରି ହୋଇଥିବାବେଳେ ଗୋଟିଏ ପାଳକୁ ୧୦ ଜଣଙ୍କ ନାମରେ ଫଟୋ ଉଠାଇ ଅର୍ଥ ହଡ଼ପ ମଧ୍ୟ ହୋଇଛି। କେବଳ କାଗଜକଲମରେ ପନିପରିବା ମଞ୍ଜି ଓ ଫଳ ଚାରା ଚାଷୀମାନେ ପାଉଥିବା ଉଲ୍ଲେଖ ହେଉଥିବାବେଳେ ସେମାନଙ୍କ ବ୍ୟାଙ୍କ ଖାତାକୁ ହଜାର ହଜାର ଟଙ୍କା ପ୍ରୋତ୍ସାହନ ରାଶି ଯାଉଥିବା ଜଣାପଡ଼ିଛି। ବିଭାଗୀୟ କର୍ମଚାରୀ ଓ ଦଲାଲଙ୍କ ମଧ୍ୟରେ ଅତି ଚତୁରତାର ସହିତ ଉକ୍ତ କାର୍ଯ୍ୟ ହେଉଥିବାବେଳେ ଚାଷୀ ନାମଧାରୀ ଲୋକଟି ବ୍ୟାଙ୍କ ଖାତାରେ ଯାଉଥିବା ଅର୍ଥକୁ ପାଇ ଖୁସି ହେଉଛି। ଯଦିଓ ଉକ୍ତ ଅର୍ଥରୁ ପୂର୍ବ ଚୁକ୍ତି ଅନୁଯାୟୀ ହିତାଧିକାରୀ ଜଣକ କିଛି ପରିମାଣରେ ଅର୍ଥ କର୍ମଚାରୀ ଓ ଦଲାଲଙ୍କୁ ଦେଉଛି। ଏମିତିରେ ଦୀର୍ଘ ବର୍ଷ ହେବ ଉଦ୍ୟାନ କୃଷି ବିଭାଗ ଚାଲିଥିବା ବେଳେ ଅନେକ ସମୟରେ ସରକାର ଯୋଗାଉଥିବା ଫଳ ଚାରାଗୁଡ଼ିକ ନଷ୍ଟ ହେଉଥିବା ଦେଖାଯାଉଛି। ବିନା ପରିଶ୍ରମ ଯୋଗୁଁ ମାଗଣାରେ ବ୍ୟାଙ୍କ ଖାତାକୁ ଅର୍ଥ ଆସୁଥିବାବେଳେ ଅନେକ ଲୋକ ଫଳ ଚାରା ନେଇ ଚାଷ କରିବାକୁ ଆଉ ଆଗ୍ରହ ପ୍ରକାଶ କରୁନାହାନ୍ତି। ତେଣୁ ହଜାର ହଜାର ଟଙ୍କାର ମୂଲ୍ୟବାନ ଆମ୍ବ, ଲେମ୍ବୁ, କାଜୁ, ପିଜୁଳି, ଲିଚୁ କୋଳି ଆଦି ଚାରା ନଷ୍ଟ ହେଉଥିବା ଦେଖାଯାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପ୍ରତ୍ୟେକ ବର୍ଷ ଆଳୁ ମିଶନ ଫେଲ୍ ମାରୁଥିବାବେଳେ ଅନେକ ଫଳ, ପନିପରିବା ଚାଷ ମଧ୍ୟ ଆଗକୁ ବଢ଼ିପାରୁ ନାହିଁ। ଯଦିଓ କେତେକ ଚାଷୀ ସବ୍‌ସିଡି ଅର୍ଥ ପାଇଁ କାର୍ଯ୍ୟାଳୟରେ ବେଳେବେଳେ ଭିଡ଼ ଜମାଉଛନ୍ତି, କିନ୍ତୁ ସେମାନେ ଚାଷରୁ ମୁହଁ ମୋଡୁଥିବା ଜଣାପଡ଼ିଛି। ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ଅଭାବ ହେଉ କିମ୍ବା ବିଭାଗୀୟ ଅବ୍ୟବସ୍ଥା ହେଉ ଯେଉଁଥି ପାଇଁ ଉଦ୍ୟାନ କୃଷି ବିଭାଗର ବହୁମୁଖୀ ଚାଷ ଆଜିଯାଏଁ ସଫଳତା ହାସଲ କରିପାରୁନାହିଁ। ନିର୍ଦ୍ଦିଷ୍ଟ ଆଗକୁହା କେତେଜଣ ଚାଷୀଙ୍କୁ ଡାକି ବିଭାଗ ସବୁ ବର୍ଷ ଫଟୋଉଠା ପ୍ରଶିକ୍ଷଣ ତଥା ପ୍ରୋତ୍ସାହନ ବୈଠକ କରି ବାଃବାଃ ନେଉଛି ସତ କିନ୍ତୁ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। କେବଳ ଭଣ୍ଡାରିପୋଖରୀ ନୁହେଁ ଜିଲ୍ଲା ତମାମ ଏଭଳି କାଗଜକଲମରେ ବିଭାଗ କାମ କରୁଥିବା କୁହାଯାଇଛି।

## ଧୂଷୁରୀ ପ୍ରେସ୍ ୟୁନିଅନ ପକ୍ଷରୁ ଅସହାୟଙ୍କୁ ଶୀତ ବସ୍ତ୍ର ବଣ୍ଟନ



ଅସୁରାଳି,୧୪।୧(ସମିସ): ୫୨ତମ ଜନ୍ମ ଦିବସରେ ଧୂଷୁରୀ ପ୍ରେସ୍ ୟୁନିଅନ ସଭାପତି ସନ୍ତୋଷ କୁମାର ଦାସ ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ କରି ନିଆରା ଢଙ୍ଗରେ ଜନ୍ମଦିନ ପାଳନ କରିଛନ୍ତି। ଏହି ଅବସରରେ ଧୂଷୁରୀସ୍ଥିତ ହୃଦାନନ୍ଦ ପାଠାଗାରରେ ସଂକ୍ରାନ୍ତି ମିଳନ ଓ ଶୀତ ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଭଦ୍ରକର ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସମାଜସେବୀ ନିଶିକାନ୍ତ ନାୟକ, ପ୍ରଧାନ ଗୁରୁଜୀ ରାମପଦ ପଣ୍ଡା, ସମ୍ପାଦକ ଦୀପ୍ତି ରଞ୍ଜନ ନାୟକ, କୋଷାଧ୍ୟକ୍ଷ ରତିକାନ୍ତ ନାୟକ, ସାମ୍ବାଦିକ ଲକ୍ଷ୍ମୀନାରାୟଣ ମିଶ୍ର, ସିଦ୍ଧାର୍ଥ ମିଶ୍ର, ରମେଶ ପୃଷ୍ଟି, ସତ୍ୟଜିତ୍ ପାଗଳ, ଅବସରପ୍ରାପ୍ତ ଅଧ୍ୟକ୍ଷ ରବିନ୍ଦ୍ର ବେହୁରିଆ, ଧୂଷୁରୀ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଦୁର୍ଯ୍ୟୋଧନ ତରାଇ, ଯୁଧିଷ୍ଠିର ମହାପାତ୍ର, ନୃସିଂହ ନାୟକ, ପ୍ରଦୀପ୍ତ ଦାସ, କହ୍ନେଇ ଚରଣ ମାଝୀ, ପ୍ରଦୀପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବହୁ ଅସହାୟ ବ୍ୟକ୍ତିଙ୍କୁ ଶୀତ ବସ୍ତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସ୍ଥାନୀୟଲୋକେ ଭୂୟସୀ ପ୍ରଶଂସା କରିଥିଲେ।

## ଚରମ୍ପା ବରିଷ୍ଠ ନାଗରିକ ସଂଘର ବନ୍ଧୁ ମିଳନ



ଭଦ୍ରକ,୧୪।୧(ସମିସ): ଚରମ୍ପା ବରିଷ୍ଠ ନାଗରିକ ସଂଘ ସଭାପତି ଗଗନବିହାରୀ ରାଉତଙ୍କ ଅଧ୍ୟକ୍ଷତାରେ ନୂଆ ବର୍ଷରେ ସଂଘର ସମସ୍ତ ସଦସ୍ୟ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିସହ ୨୦୨୬ ମସିହା ପାଇଁ ବରିଷ୍ଠମାନେ ସାମାଜିକ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ଗ୍ରାମାଞ୍ଚଳରେ ଗରିବ ଅସହାୟଙ୍କୁ ସଂଘ ଜରିଆରେ ସ୍ୱାସ୍ଥ୍ୟ ଶିବିର ଓ ବୃକ୍ଷରୋପଣ କରିବାକୁ ନିଷ୍ପତ୍ତି ହୋଇଥିଲା। ନୂତନ ବରିଷ୍ଠ ସଦସ୍ୟ ସଂଘରେ ସଦସ୍ୟତା ଗ୍ରହଣ, ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ଫେବୃଆରୀ ୩ ତାରିଖ ଏରେଇଁ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଜିଲ୍ଲାର ପ୍ରଶାସନିକ ଅଧିକାରୀ ଓ ଚରମ୍ପା, ରାଣୀତାଲ, ସାବରଙ୍ଗ ସଂଘର ସଦସ୍ୟମାନଙ୍କ ଗହଣରେ ଜିଲ୍ଲା ମହାସଂଘର ସଭାପତି ଓ ଅନ୍ୟ କର୍ମକର୍ତ୍ତାଙ୍କ ସହଯୋଗରେ ସଂଘର ୭ମ ବାର୍ଷିକ ଉତ୍ସବ ପାଳନ ଉପରେ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର ବିସ୍ତୃତ ଆଲୋଚନା କରିଥିଲେ। ଏହି ପ୍ରତିଷ୍ଠା ଦିବସରେ ସଂଘର ୪ଜଣ ବରିଷ୍ଠ ସଦସ୍ୟ ରାଧାମାଧବ ଶତପଥୀ, ବାବୁଲାଲ ଦାସ, ସୁଦର୍ଶନ ସାହୁ, ରତ୍ନାକର ସାମଲଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଆଲୋଚନାରେ ସୁଦର୍ଶନ ବିଶ୍ୱାଳ, ଶଶିକାନ୍ତ ପାଢ଼ୀ, ପଦ୍ମଲୋଚନ ମହାଳିକ, ନରସିଂହ ମିଶ୍ର, ବାବୁଲାଲ ଦାସ, ରତ୍ନାକର ମଲ୍ଲିକ, କଳାକାର ମିଶ୍ର, ଆନନ୍ଦ ପାଣିଗ୍ରାହୀ, ବୀରେନ୍ଦ୍ର ନାୟକ, ବିଜୟ ସେନାପତି, ଗଣପତି ପାଣିଗ୍ରାହୀ ଯୋଗଦେଇଥିବାବେଳେ ସଞ୍ଜୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଚୋରା କାଠ ବେପାରୀ ସକ୍ରିୟ; ବନ ବିଭାଗ ନିଷ୍କ୍ରିୟ



ଦୋଳସାହି,୧୪।୧(ସମିସ): ତିହିଡ଼ି ଥାନା ଅଞ୍ଚଳରୁ ଭଦ୍ରକ ଓ ଚାନ୍ଦବାଲି ଅଞ୍ଚଳକୁ ରାଜପଥ ଦେଇ ଚୋରା କାଠ ବେପାରୀମାନେ ଅବାଧରେ ସମସ୍ତ ଥାନାର ଛାତି ଉପର ଦେଇ ଯାତାୟାତ କରୁଥିବାବେଳେ ବନ ବିଭାଗ ନିରବଦ୍ରଷ୍ଟା ସାଜିବାକୁ ନେଇ ସାଧାରଣରେ ଆଲୋଚନା ହେଉଛି ସକ୍ରିୟ ଚୋରା କାଠ ବେପାରୀ, ନିଷ୍କ୍ରିୟ ବନ ବିଭାଗ। ସୂଚନା ମୁତାବକ, ତିହିଡ଼ି ଥାନା ଅଞ୍ଚଳରେ ଚୋରା କାଠ ବେପାରୀ ମାତିଥିବାବେଳେ ଏହି କାଠ ବେପାରୀ ବେଆଇନ ଓ ବିପଦପୂର୍ଣ୍ଣ ଅବସ୍ଥାରେ ବାଉଁଶ ବେପାର କରୁଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଏହି ଚୋରା କାଠ ବେପାରୀମାନେ ପ୍ରଶାସନକୁ ମାସିକିଆ ବଟି ଦେଇ ଏହି ଚୋରା କାରବାର କରୁଥିବା ସାଧାରଣରେ ଆଲୋଚନା ହେଉଛି।

## ମା' ସୁନାମୁଖିଙ୍କ ବାର୍ଷିକ ଉତ୍ସବ

ଅସୁରାଳି,୧୪।୧(ସମିସ): ଗୋବିନ୍ଦପୁର ପଞ୍ଚାୟତ ଅଧୀନସ୍ଥ କୋରୁଆ ଗାଁରେ ମା' ସୁନାମୁଖିଙ୍କ ପ୍ରଥମ ବାର୍ଷିକ ଉତ୍ସବ ୧୦ ଓ ୧୧ ତାରିଖ ୨ଦିନ ଧରି ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିନର କଳସ ଯାତ୍ରାରେ ଶତାଧିକ ମହିଳା ସାମିଲ ହୋଇଥିଲେ। କପାଳୀ ନଦୀରୁ କଳସ ପୂର୍ଣ୍ଣ କରି ଘଟ ସ୍ଥାପନା କରାଯାଇଥିଲା। ଦ୍ୱିତୀୟ ଦିନର ପୂଜାରେ ପ୍ରଥମେ ସୂର୍ଯ୍ୟପୂଜା, ପରେ ଗୋମାତା ପୂଜା କରାଯାଇଥିଲା। ମୁଖ୍ୟ ପୂଜକ ଭାବେ ପଣ୍ଡିତ ହରିହର ମିଶ୍ର ଶର୍ମା, ପଣ୍ଡିତ ସଦାନନ୍ଦ ମିଶ୍ର ଶର୍ମା ଓ ପଣ୍ଡିତ ଗଜେନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟ ରୀତିନୀତି ଅନୁସାରେ କର୍ତ୍ତା ସୁରେନ୍ଦ୍ର ପଣ୍ଡା, ଅଜୟ ପଣ୍ଡା ଓ ପୁରେନ୍ଦ୍ର ପଣ୍ଡାଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ତ୍ରିଲୋଚନ ଦାସ, ସୁଦାମ ଚରଣ ମହାକୁଡ଼, ରାଧାକୃଷ୍ଣ ସାହୁ, ବୀରଭଦ୍ର ମଣ୍ଡନ, ଦାମୋଦରଜୀଉ ମଠର ମହନ୍ତ ରାମ ଜନାର୍ଦ୍ଦନ ଦାସ, ପ୍ରମୁଖ ସହଯୋଗ କରିଥିଲେ।

## ଓସିଏସ୍‌ରେ କୃତକାର୍ଯ୍ୟ ମୂରଲୀଧରଙ୍କୁ ସମ୍ବର୍ଦ୍ଧନା




ଭଦ୍ରକ,୧୪।୧(ସମିସ): ବିନତାର ନୋଡାଲ ସ୍କୁଲ ପ୍ରଧାନଶିକ୍ଷକ ନିଶାକର ନାଥଙ୍କ ଜ୍ୱାଇଁ ମୂରଲୀଧର ପାକଳ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ନୂଆପଡ଼ା ଜିଲ୍ଲାରେ ଜିଲ୍ଲା ଶ୍ରମ ଅଧିକାରୀ(ଓଏଲ୍ଏସ୍) ଭାବେ ଯୋଗଦେଇଥିବାରୁ ତାଙ୍କୁ ଚାନ୍ଦବାଲିରେ ଭାବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଚାନ୍ଦବାଲି ବାରେହିଁପୁରଠାରେ ପ୍ରାକ୍ତନ ପ୍ରଧାନଶିକ୍ଷକ ନିମାଇଁ ଚରଣ ପାଣିଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସମାଜସେବୀ ତାରାପଦ ମହାନ୍ତି, ମୁଖ୍ୟବକ୍ତା ବ୍ଲକ୍ ବିଜ୍ଞାନ ସଂଯୋଜକ ଅମୂଲ୍ୟ କୁମାର ରାଉତ, ସମ୍ମାନିତ ଅତିଥି ପ୍ରଧାନଶିକ୍ଷକ ରମାକାନ୍ତ ସାହୁ, କସ୍ତୁରୀ ଚରଣ ସେଠୀ, ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମହାନ୍ତି, ସସ୍ମିତା ସ୍ୱାଇଁ, ଲକ୍ଷ୍ମୀପ୍ରିୟା ନାୟକ ପ୍ରମୁଖ ଯୋଗଦେଇ ମୂରଲୀଧରଙ୍କ କଠିନ ପରିଶ୍ରମ, ଧୈର୍ଯ୍ୟ ଓ ନିଷ୍ଠା ତାଙ୍କୁ ଏହି ସଫଳତା ଆଣିଦେଲା ବୋଲି ମତବ୍ୟକ୍ତ କରିଥିଲେ। ମୂରଲୀଙ୍କ ଘର ବାସୁଦେବପୁର ବ୍ଲକ୍ ସଂଗ୍ରାମପୁର ଗ୍ରାମରେ ଅଟେ। ଏହି ଅବସରରେ ତାଙ୍କ ପରିବାର ତରଫରୁ ସବିତାରାଣୀ ନାଥ, ଅଜିତ କୁମାର ନାଥ, ସ୍ଥାନୀୟ ସ୍କୁଲର ଛାତ୍ରଛାତ୍ରୀ, ଗ୍ରାମବାସୀ ମୂରଲୀଧରଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ କୃତୀ ମୂରଲୀଧର ଯୁବପିଢ଼ି କଠିନ ପରିଶ୍ରମ ଓ ଏକନିଷ୍ଠ ଲକ୍ଷ୍ୟ ପଥରେ କାର୍ଯ୍ୟ କଲେ ସଫଳତା ନିଶ୍ଚିତ ମିଳିବ ବୋଲି କହିଥିଲେ। ଅଜିତ ନାଥ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ରାଣୀତାଲ ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ଫକୀରମୋହନଙ୍କ ଜୟନ୍ତୀ



ଭଦ୍ରକ,୧୪।୧(ସମିସ): ଭଦ୍ରକ ବ୍ଲକ୍ ଅନ୍ତର୍ଗତ ରାଣୀତାଲ ସାହିତ୍ୟ ସଂସ୍କୃତି ପରିଷଦ ଓ ଚୁଡ଼ଙ୍ଗପୁର ଶିବମୁନି ମକର ମେଳା ତରଫରୁ ୧୮୪ତମ ଫକୀରମୋହନ ଜୟନ୍ତୀ ଜଗଦଳପୁର ପଞ୍ଚାୟତର ଚୁଡ଼ଙ୍ଗପୁର ଗାଁରେ ଅନୁଷ୍ଠିତ ହୋଇଯାଇଛି। ରାଣୀତାଲ ସାହିତ୍ୟ ସଂସ୍କୃତି ପରିଷଦର କାର୍ଯ୍ୟକାରୀ ସଭାପତି ଭାଗିରଥୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଗଦଳପୁରର ପୂର୍ବତନ ସରପଞ୍ଚ ବିଜୟ କୁମାର ମହାପାତ୍ର ଯୋଗଦେଇ ଫକୀରମୋହନଙ୍କ ସମାଜ ପ୍ରତି ଅବଦାନ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ କବି ନାରାୟଣ ଚନ୍ଦ୍ର ପ୍ରଧାନଙ୍କ "ଜୟ ମା ସୋନାକ୍ଷୀ' ପୁସ୍ତକର ଲୋକାର୍ପଣ କରାଯାଇଥିଲା। ଫକୀରମୋହନଙ୍କ ଉପରେ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ରମ୍ଭିଲା ଉଚ୍ଚ ବିଦ୍ୟାଳୟର ଛାତ୍ର ଗଜେନ୍ଦ୍ର ମହାନ୍ତି, ଦ୍ୱିତୀୟ ରାଣୀତାଲ ଉଚ୍ଚ ବିଦ୍ୟାଳୟର ପାୟଲ ପ୍ରିୟଦର୍ଶିନୀ ନାୟକ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ରାଣୀତାଲ ହାଇସ୍କୁଲର ଦୀପଶିଖା ମହାରଣାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବୟୋବୃଦ୍ଧ କୈଳାଶ ମହୁରି, ସନାତନ ବେହେରା, ସୁଧା ଖିଲାର, କନକ ନାଥ, ରମାକାନ୍ତ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ରବୀନ୍ଦ୍ର ବାରିକ, ସୁଶାନ୍ତ ମିଶ୍ର, କୃଷ୍ଣଚନ୍ଦ୍ର ସେନାପତି, ଅଞ୍ଜନ ଲେଙ୍କା, ଅଟଳ ବାରିକ, ରାମଚନ୍ଦ୍ର କର, ସୁଜାତା ମହାପାତ୍ର, ରମେଶ ବେହେରା ସହଯୋଗ ଏବଂ ତପନ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ବନ୍ଧ ରାସ୍ତା ପ୍ରଶସ୍ତୀକରଣ ଭେଳିକି

ଦୋବଲ,୧୪।୧(ସମିସ): ଧାମନଗର ବ୍ଲକ୍‌ର ଦୋବଲ ଗେଙ୍ଗୁଟି ପୋଲଠାରୁ ମୁସ୍ତଫାପୁର ପଞ୍ଚାୟତର ରଘୁନାଥପୁର ବନ୍ଧ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଏବେ ପ୍ରଶାସନିକ ଅବହେଳା ଓ ଦୋଦୋଲାମାନ ସ୍ଥିତି ମଧ୍ୟରେ ଗତି କରୁଛି। ଜବରଦଖଲ ଉଚ୍ଛେଦ ପାଇଁ ତହସିଲ୍ ପକ୍ଷରୁ ବାରମ୍ବାର ନୋଟିସ୍ ଜାରି ହେଉଥିଲେ ମଧ୍ୟ କାର୍ଯ୍ୟ କ୍ଷେତ୍ରରେ କୌଣସି ଅଗ୍ରଗତି ନ ହେବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ଆସନ୍ତା ୧୭ ତାରିଖ ସକାଳ ୧୦ଟାରେ ସୀମା ନିର୍ଦ୍ଧାରଣ ପାଇଁ ମାପଚୁପ କରାଯିବ ବୋଲି ଧାମନଗର ତହସିଲ୍‌ଦାର ନୋଟିସ ଜାରି କରିଛନ୍ତି। ବନ୍ଧକୁ ଲାଗି ରହିଥିବା ଜମି ମାଲିକମାନଙ୍କୁ ଏହି ନୋଟିସ ଦିଆଯାଇଛି।

ତହସିଲ୍‌ଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀଙ୍କ ସୂଚନା ଅନୁଯାୟୀ, ସେଦିନ ମାପଚୁପ ସାରି ଜବରଦଖଲ ହଟାଯିବ ଓ ପରେ ନିର୍ମାଣ କାମ ଆରମ୍ଭ ହେବ। ତେବେ ଏହି ମାପଚୁପ ପ୍ରକ୍ରିୟାକୁ ନେଇ ଲୋକଙ୍କ ମନରେ ସନ୍ଦେହ ରହିଛି। ଗତ ଡିସେମ୍ବର ୯ ତାରିଖରେ



ଜାନୁଆରୀ ୧୭ରେ ପୁଣି ମାପଚୁପ; ସନ୍ଦେହରେ ଅଞ୍ଚଳବାସୀ

(କେସ୍ ନମ୍ବର ୯୨/୨୦୨୫) ମଧ୍ୟ ସମାନ ଭାବେ ମାପ ପାଇଁ ନୋଟିସ ହୋଇଥିଲା। ଲୋକମାନେ ନିଜର ଚାଷ ଓ ଦୈନନ୍ଦିନ ମୂଲ ମଜୁରୀ କାମ ଛାଡ଼ି ଉପସ୍ଥିତ ରହିଥିଲେ। କିନ୍ତୁ ଶେଷ ମୁହୂର୍ତ୍ତରେ ତହସିଲ୍ ପକ୍ଷରୁ ମାପଚୁପକୁ ବାତିଲ୍ କରିଦିଆଯାଇଥିଲା। ଏହି ଘଟଣାର ପୁନରାବୃତ୍ତି ହେବ ନାହିଁ ତ, ସେ ନେଇ ପ୍ରଶ୍ନ ଉଠିଛି। ଗତ ଡିସେମ୍ବର ୧୨ ତାରିଖରେ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ପ୍ରକଳ୍ପର ଶୁଭ ଦେଇଥିଲେ। ହେଲେ ମାସେ ବିତିଯାଇଥିଲେ ବି କେବଳ "ମାପଚୁପ' ଯୋଜନାରେ ହିଁ କାମ ଅଟକି ରହିଛି। ଏହି ରାସ୍ତା ନିର୍ମାଣ ହେଲେ ରଘୁନାଥପୁର, ଦୋବଲ, କୋରକଦା, ନନ୍ଦିପୁର, ସୋଧ ଓ ଖଡ଼ିପଦା ଅଞ୍ଚଳର ଲୋକେ ଦୋବଲ ବଜାରର ଭିଡ଼କୁ ଏଡ଼ାଇ ସହଜରେ ଯିବାଆସିବା କରିପାରିବେ। ବଡ଼କଥା ହେଲା, ଦୋବଲ ବସ୍‌ଷ୍ଟାଣ୍ଡଠାରୁ କାଳୀବଜାର ରାସ୍ତା ସବୁବେଳେ ଭିଡ଼ି ରହୁଛି। ୧ କିଲୋମିଟର ଲମ୍ବର ଏହି ରାସ୍ତାକଡ଼ରେ ଦୋକାନ ବଜାର ରହିଛି। ତାହା ସହିତ ୩ରୁ ୪ଟି ମଲ୍, ଗୋଦାମ, ସିମେଣ୍ଟ ରଡ଼ ଦୋକାନ ଓ ମାର୍ବଲ ଦୋକାନ ଅଛି। ସେହିପରି ସାଧାରଣ ଷ୍ଟେସନାରୀ ଓ ଗ୍ରୋସରୀ ଦୋକାନ ରହିଛି। ସରକାରୀ ରେକର୍ଡରେ ଏହି ରାସ୍ତାର ପ୍ରସ୍ଥ ୪୪ କଡ଼ି ଥିବାବେଳେ, ବଡ଼ବଡ଼ ବ୍ୟାବସାୟିକ ପ୍ରତିଷ୍ଠାନ ଓ ଗୋଦାମ ଘର ଯୋଗୁଁ ଏହା ସଂକୁଚିତ ହୋଇପଡ଼ିଛି। ଟ୍ରକ୍‌ରୁ ମାଲ୍ ଅନ୍‌ଲୋଡ୍ ହେବା ସମୟରେ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ୍ ଜାମ୍ ହେଉଛି। ଏଣୁ ସମସ୍ତେ ଭାବିଥିଲେ ରାସ୍ତା ମାପଚୁପ ହୋଇ ଜବରଦଖଲ ହଟାଯିବ। ହେଲେ ପ୍ରଶାସନ ବଡ଼ବଡ଼ିଆଙ୍କୁ ଛାଡ଼ି କେବଳ ଗରିବଙ୍କ ଘର ଭାଙ୍ଗିଥିଲା, ଯାହାଫଳରେ ମୂଳ ସମସ୍ୟା ସମାଧାନ ହୋଇପାରିଲା ନାହିଁ। ଏହି ବନ୍ଧ ରାସ୍ତା କ୍ଷେତ୍ରରେ ଯେମିତି ସେଭଳି ପାତରଅନ୍ତର ନ ହୁଏ, ତାହା ସୁନିଶ୍ଚିତ କରାଯାଉ। ଏହି ବନ୍ଧ ରାସ୍ତା ନିର୍ମାଣ କେବେ ସମ୍ପୂର୍ଣ୍ଣ ହେଉଛି, ତାହା ଆସନ୍ତା ୧୭ ତାରିଖର ପଦକ୍ଷେପ ଉପରେ ନିର୍ଭର କରୁଛି।

## ବୈତରଣୀ ବନ୍ଧ ମରଣଯନ୍ତା; ବିପଦରେ ୧୫ ପରିବାର

ଦୋବଲ,୧୪।୧(ସମିସ): ଧାମନଗର ଜଳସେଚନ ବିଭାଗ ଅଧୀନସ୍ଥ ସେଣ୍ଡପୁର କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ନିକଟସ୍ଥ ବୈତରଣୀ ନଦୀ ବନ୍ଧରେ ସୃଷ୍ଟି ହୋଇଛି ଗର୍ତ୍ତ। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନ ଅସନ୍ତୋଷ ପ୍ରକାଶ ପାଇବା ସହ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ଭାରୀଯାନ ଚଳାଚଳ ଏଠାରେ କାଳ ସାଜିଛି।



ଅଭିଯୋଗ ଅନୁଯାୟୀ, ଦୀର୍ଘ ଦିନ ଧରି ଏହି ବନ୍ଧ ଉପରେ କ୍ଷମତାଠାରୁ ଅଧିକ ଓଜନର ବଡ଼ ବଡ଼ ଟ୍ରକ୍ ଚଳାଚଳ କରୁଥିବାରୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବିଭାଗୀୟ ଅବହେଳା ଯୋଗୁଁ ବର୍ଷ ବର୍ଷ ଧରି ଏହି ଅଧପନ୍ତରିଆ ରାସ୍ତା କାମ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଫଳରେ ଯାତାୟାତରେ ବ୍ୟାଘାତ ସୃଷ୍ଟି ହେବା ସହ ଦୈନନ୍ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଉକ୍ତ ରାସ୍ତା ସନ୍ନିକଟରେ ବସବାସ କରୁଥିବା ପ୍ରାୟ ୧୫ଟି ହରିଜନ ପରିବାର ଏବେ ଚରମ ବିପଦରେ ରହିଛନ୍ତି। ବନ୍ଧର ଅବସ୍ଥା ଦୁର୍ବଳ ଥିବାରୁ କେଉଁ ମୁହୂର୍ତ୍ତରେ କି ଅଘଟଣ ଘଟିବ, ସେହି ଭୟରେ ସେମାନେ ଦିନ କାଟୁଛନ୍ତି। ରାସ୍ତାର ଏପରି ଦୟନୀୟ ସ୍ଥିତି ଯୋଗୁଁ ସ୍ଥାନୀୟ ଲୋକଙ୍କ ଧୈର୍ଯ୍ୟଚ୍ୟୁତି ଘଟିଛି। ଉତ୍ତେଜନା ବଢ଼ିବାରୁ ଖବର ପାଇ ଘଟଣାସ୍ଥଳରେ କନିଷ୍ଠ ଯନ୍ତ୍ରୀ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଛନ୍ତି। ରାସ୍ତାର ସୁରକ୍ଷା ପାଇଁ ପ୍ରଥମେ ସୁରକ୍ଷା ପାଚେରି ନିର୍ମାଣ କରାଯିବ। ଏହି କାର୍ଯ୍ୟ ପାଇଁ ୧୨ଲକ୍ଷ ଟଙ୍କାର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଏକ ମାସ ମଧ୍ୟରେ ସମ୍ପୂର୍ଣ୍ଣ ବନ୍ଧ କାମ ଶେଷ କରିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଏହି ରାସ୍ତାଟି ନିର୍ମାଣ ହେଲେ ଜେନା ସାହି ସମେତ ସେଣ୍ଡପୁର, କଣ୍ଟାପାରି, ପିତେଇପୁର ଏବଂ ଶୋହଡ଼ା ଭଳି ଅନେକ ଗ୍ରାମର ହଜାର ହଜାର ଲୋକଙ୍କ ପାଇଁ ଯାତାୟାତ ସୁଗମ ହେବ। ବିଭାଗ ଏହାର ଗୁରୁତ୍ୱ ଉପଲବ୍ଧି କରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାର୍ଯ୍ୟ ସାରିବାକୁ ଗ୍ରାମବାସୀ ଦୃଢ଼ ଦାବି କରିଛନ୍ତି।

## ଟ୍ରମ୍ପ ମୋର ପିତା: ତୁର୍କୀ ମହିଳାଙ୍କ ଦାବି

ଅଙ୍କାରା, ୧୪।୧ (ଏଜେନ୍ସି): ଶୁଳ୍କ ଏବଂ ସଂଘର୍ଷ ପାଇଁ ଚର୍ଚ୍ଚାରେ ଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଉ ଜଣେ ଝିଅ ଅଛନ୍ତି। ସେ ୟୁରୋପ ନୁହେଁ, ବରଂ ତୁର୍କୀ ରାଜଧାନୀ ଅଙ୍କାରାରେ ରହୁଛନ୍ତି। ତାଙ୍କ ନାମ ନେକଲା ଓଜମେନ (୫୫)। ଟ୍ରମ୍ପ ତାଙ୍କର 'ବାୟୋଲୋଜିକାଲ ବାପା' ବୋଲି ନେକଲା ଦାବି କରିଛନ୍ତି। ସେ କହିଛନ୍ତି ଯେ ଟ୍ରମ୍ପଙ୍କ ପରକୀୟାପ୍ରୀତିରୁ ସେ ଜନ୍ମ ହୋଇଥିଲେ। ସେ ପିତୃତ୍ୱ ପରୀକ୍ଷଣ ପାଇଁ ମଧ୍ୟ ଦାବି କରିଛନ୍ତି। ସେ ଏ ସମ୍ବନ୍ଧରେ ଗତ ବର୍ଷ ସେପ୍ଟେମ୍ବରରେ ଏକ ମାମଲା ମଧ୍ୟ ଦାଏର କରିଥିଲେ। ତେବେ ତାଙ୍କ ଆବେଦନକୁ କୋର୍ଟ ଖାରଜ କରିଦେଇଥିଲେ। ଟ୍ରାଏଲ ଚାଲିବା ପାଇଁ ସେ ବିସ୍ତୃତ ପ୍ରମାଣ ଦେଇପାରି ନ ଥିଲେ। ନେକଲା ୧୯୭୦ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ଅଭିଭାବକଙ୍କ ନାମ ସତୀ ଏବଂ ଦୁର୍ସନ ଓଜମେନ ରହିଛି। ନେକଲା କହିଛନ୍ତି ଯେ ହସ୍ପିଟାଲରେ ସତୀ ଏକ ମୃତ ଶିଶୁକୁ ଜନ୍ମ ଦେଇଥିଲେ। ସେଠାରେ ଥିବା ଆମେରିକୀୟ ମହିଳା ସୋଫିଆ ତାଙ୍କ ନିଜ ଶିଶୁକନ୍ୟା ଦେଇଥିଲେ। ଟ୍ରମ୍ପଙ୍କ ସହ ପରକୀୟାପ୍ରୀତିରୁ ଶିଶୁ ଜନ୍ମ ହୋଇଥିବା ସତୀଙ୍କୁ କହିଥିଲେ। କିନ୍ତୁ ପରେ ଟ୍ରମ୍ପ ଏହି ଶିଶୁକୁ ଗ୍ରହଣ କରିବାକୁ ମନା କରି ଦେଇଥିଲେ। ପରେ ଓଜମେନ ପରିବାର ନେକଲାଙ୍କ ଅଭିଭାବକ ହୋଇଥିଲେ। ହସ୍ତାନ୍ତର ସମୟରେ ନେକଲାଙ୍କ ମାଆଙ୍କୁ ଟ୍ରମ୍ପଙ୍କ ଏକ ଫଟୋ ସୋଫିଆ ଦେଖାଇ ଥିଲେ। ନେକଲା ଏ ନେଇ ଆମେରିକା କୋର୍ଟ ଏବଂ ଦୂତାବାସକୁ ଅନେକ ଥର ଅଭିଯୋଗ କଲେଣି। କିନ୍ତୁ ସେପଟୁ କୌଣସି ଉତ୍ତର ମିଳିନାହିଁ।

## ଇଂଲଣ୍ଡରେ ଭାରତୀୟ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଗୁରଦାସପୁର, ୧୪।୧(ଏଜେନ୍ସି): ବିଦେଶରେ ଆଉଜଣେ ଭାରତୀୟ ଯୁବକଙ୍କର ସନ୍ଦେହଜନକ ମୃତ୍ୟୁ ହୋଇଛି। ଇଂଲଣ୍ଡ ବର୍ମିହାମ୍‌ରେ ପଞ୍ଜାବର ଗୁରୁଦାସପୁରର ଦିନାନଗର ଜଣେ ଯୁବକ ମୃତ୍ୟୁବରଣ କରିଛନ୍ତି। ଏହି ଘଟଣା ଜାନୁଆରୀ ୧୧ରେ ସାମ୍ନାକୁ ଆସିଥିଲା। ଯୁବକଙ୍କ ପରିବାର କେନ୍ଦ୍ର ସରକାର ଓ ପଞ୍ଜାବ ସରକାରଙ୍କୁ ତାଙ୍କ ମୃତଦେହ ଆଣିବାକୁ ସହାୟତା କରିବା ପାଇଁ ନିବେଦନ କରିଛି। ମୃତ୍ୟୁବରଣ କରିଥିବା ଏହି ଯୁବକ ହେଉଛନ୍ତି ୨୭ ବର୍ଷୀୟ ନମନ ଖୁଲ୍ଲର। ୫ ବର୍ଷ ପଳେ ସେ ରୋଜଗାର କରିବାକୁ ଇଂଲଣ୍ଡ ଚାଲିଯାଇଥିଲେ। ସେଠାରେ ସେ ଜଣେ ପାକିସ୍ତାନୀ ମହିଳାଙ୍କ ତତ୍ତ୍ୱାବଧାନରେ ଡେଲିଭରୀ ବଏ ଭାବେ କାର୍ଯ୍ୟ କରୁଥିଲେ ବୋଲି ନମନଙ୍କ ପିତା ପବନ କୁମାର। ଜାନୁଆରୀ ୧୧ରେ ପୁଅ ମୃତ୍ୟୁ ସମ୍ପର୍କରେ ମୋତେ ସୂଚନା ମିଳିଥିଲା ବୋଲି ସେ କହିଛନ୍ତି। କିନ୍ତୁ ଏହାର ଗୋଟିଏ ଦିନ ପୂର୍ବରୁ ନମନ ଜାନୁଆରୀ ୧୦ରେ ନିଜ ମା ଓ ଦୁଇ ଭାଇଙ୍କ ସହ ଫୋନ୍‌ରେ କଥା ହୋଇଥିଲେ ଓ କାମ ଶେଷ କରି ନିଜ ବାସସ୍ଥାନକୁ ଫେରିଥିଲେ ବୋଲି କହିଥିଲେ। କିନ୍ତୁ ପରଦିନ ସକାଳେ ତାଙ୍କ ମୃତ୍ୟୁ ସୂଚନା ମିଳିଥିଲା ବୋଲି ସେ କହିଛନ୍ତି। ନମନ ହିଁ ଘରର ଏକମାତ୍ର ରୋଜଗାରିଆ ପୁଅ ଥିଲେ। ଆଉ ଦୁଇ ପୁଅ ମୋବାଇଲ ଦୋକାନରେ କାମ କରନ୍ତି ବୋଲି ପବନ କହିଛନ୍ତି।

## ନିର୍ବାଚନ ପ୍ରତିଶ୍ରୁତି ପାଳନ: ଗାଁରେ ୫୦୦ କୁକୁରଙ୍କୁ ହତ୍ୟା

ହାଇଦରାବାଦ୍, ୧୪।୧(ଏଜେନ୍ସି): ଗ୍ରାମ ପଞ୍ଚାୟତ ନିର୍ବାଚନ ପରେ ତେଲଙ୍ଗାନାର ଏକ ଗାଁରେ ବଡ଼ ଧରଣର ବୁଲା କୁକୁର ହତ୍ୟା ଘଟଣା ସାମ୍ନାକୁ ଆସିଛି। ଗତ ଗୋଟିଏ ସପ୍ତାହ ମଧ୍ୟରେ, ବିଭିନ୍ନ ଜିଲ୍ଲାର ଗାଁ ଗୁଡିକରେ ପ୍ରାୟ ୫୦୦ କୁକୁର ହତ୍ୟା କରାଯିବାର ଅଭିଯୋଗ ହୋଇଛି। ପୁଲିସ କହିବା ଅନୁଯାୟୀ, ଏହି ଘଟଣାରେ ପଞ୍ଚାୟତ ପ୍ରତିନିଧିଙ୍କ ଭୂମିକା ସାମ୍ନାକୁ ଆସିଛି। ସଦ୍ୟତମ ମାମଲା କାମରେଡ୍ଡୀ ଜିଲ୍ଲାରେ ଘଟିଛି। ପାଲଭଞ୍ଚା ମଣ୍ଡଳ, ଭବାନୀପେଟ, ପାଲଭଞ୍ଚା, ଫରିଦପେଟ, ୱାଡି ଓ ବନ୍ଦରାମେଶ୍ୱରପାଲି ଏଭଳି ୫ଟି ଗାଁରେ ଗତ ଦୁଇରୁ ତିନି ଦିନମଧ୍ୟରେ ୨୦୦ ବୁଲା କୁକୁରଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ୫ ଜଣ ସରପଞ୍ଚଙ୍କ ସମେତ ୬ ଜଣଙ୍କ ବରୋଧରେ ମାମଲା ରୁଜୁ କରିଛି। ପୂର୍ବରୁ ହାନମକଣ୍ଡା ଜିଲ୍ଲା ଶ୍ୟାମପେଟ ଓ ଆରେପାଲି ଗାଁରେ ଜାନୁଆରୀ ୬ରୁ ୯ ମଧ୍ୟରେ ପ୍ରାୟ ୩୦୦ ବୁଲା କୁକୁରଙ୍କୁ ହତ୍ୟା କରାଯିବାର ରିପୋର୍ଟ ସାମ୍ନାକୁ ଆସିଥିଲା। ସେତେବେଳେ ପୁଲିସ ଦୁଇ ମହିଳା ସରପଞ୍ଚ ଓ ସେମାନଙ୍କ ସ୍ୱାମୀଙ୍କ ସମେତ ୯ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। କୁକୁରଙ୍କ ମୃତଦେହଗୁଡିକ ଗାଁ ବାହାରେ ପୋତା ଯାଇଥିଲା। କୁକୁର ଓ ମାଙ୍କଡ଼ଙ୍କୁ ହଟାଇବା ପାଇଁ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦିଆଯାଇଥିଲା। କୁକୁରଙ୍କୁ ବିଷ ଦେବାକୁ ସରପଞ୍ଚମାନେ ଜଣେ ଲେଖାଏ ବ୍ୟକ୍ତିଙ୍କୁ ନିଯୁକ୍ତ କରିଥିଲେ ବୋଲି କୁହାଯାଇଥିଲା। ଇତିମଧ୍ୟରେ ସୁପ୍ରିମକୋର୍ଟ କହିଛନ୍ତି ଯେ, କୁକୁର କାମୁଡା ପାଇଁ ରାଜ୍ୟଗୁଡିକୁ ଯଥେଷ୍ଟ କ୍ଷତିପୂରଣ ପ୍ରଦାନ କରିବାକୁ ହେବ ଓ କୁକୁରମାନଙ୍କୁ ଖାଦ୍ୟ ଦେଉଥିବା ଲୋକଙ୍କ ପାଇଁ ଦାୟିତ୍ୱ ସ୍ଥିର କରିବାକୁ ବୋ ନେଇ ପରାମର୍ଶ ଦେଇପାରନ୍ତି।

## ଦିଲ୍ଲୀ ବିସ୍ଫୋରଣ ମାମଲା: ଏନ୍‌ଆଇଏ ରିମାଣ୍ଡରେ ୫ ଅଭିଯୁକ୍ତ

ନୂଆଦିଲ୍ଲୀ, ୧୪।୧(ଏଜେନ୍ସି): ଦିଲ୍ଲୀ ବୋମା ବିସ୍ଫୋରଣ ମାମଲାରେ ଜାତୀୟ ଯାଞ୍ଚ ଏଜେନ୍ସି (ଏଆଇଏ)କୁ ଏବ ବଡ଼ ଆସ୍ୱସ୍ତି ମିଳିଛି। ପଟିଆଲା ହାଉସ୍ କୋର୍ଟ ବୁଧବାର ଡା ଶାହିନ ସଇଦଙ୍କ ସମତେ ୫ ମୁଖ୍ୟ ଅଭିଯୁକ୍ତଙ୍କୁ ୩ ଦିନିଆ ରିମାଣ୍ଡରେ ନେବା ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ପୂର୍ବରୁ ଗତମାସରେ ଶାହିନଙ୍କୁ ବିଚାର ବିଭାଗୀୟ ହାଜକୁ ପଠାଯାଇଥିଲା। କୋର୍ଟ ମୁଫତି ଇରଫାନ ଅହମ୍ମଦ, ଜସିର ବିଲାଲ ବନି, ଡା ଆଦିଲ ଅହମ୍ମଦ ଓ ଡା ମୁଜାମିଲ ସକିଲଙ୍କୁ ଏନ୍‌ଆଇଏର ରିମାଣ୍ଡକୁ ପଠାଇଛନ୍ତି। ଏହି ସବୁ ଅଭିଯୁକ୍ତଙ୍କୁ ଜାନଆରୀ ୧୬ରେ କୋର୍ଟରେ ହାଜର କରାବାକୁ ଆଦେଶ ଦିଆଯାଇଛି। ଉଲ୍ଲେଖଥାଉ କି, ୨୦୨୫ ନଭେମ୍ବର ୧୦ରେ ଦିଲ୍ଲୀର ଲାଲାକିଲ୍ଲା ନିକଟରେ ଆତ୍ମଘାତୀ କାର୍ ବୋମା ବିସ୍ଫୋରଣରେ ୧୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ୨୦ଜଣ ଆହତ ହୋଇଥିଲେ। ଏହି ଘଟଣାରେ ଗିରଫ ହୋଇଥିବା ୮ ଜଣ ଆତଙ୍କବାଦୀଙ୍କ ମଧ୍ୟରୁ ୫ ଜଣ ଡାକ୍ତର ରହିଛନ୍ତି।

# ୟୁପିର ୧୯ ସହରର ତାପମାତ୍ରା ସିମ୍‌ଲାଠୁ ବି କମ୍

■ ଚେନ୍ନଇରେ ୮ ବିମାନ ବାତିଲ
■ କୁହୁଡି ଯୋଗୁଁ ବସ୍ ଓଲଟି ୩୮ ଯାତ୍ରୀ ଆହତ

ନୂଆଦିଲ୍ଲୀ, ୧୪।୧(ଏଜେନ୍ସି): ସାରା ଉତ୍ତର ଭାରତରେ ଶୀତର ଲହର ଜାରି ରହିଛି। ରାଜ୍ୟରେ ୧୯ଟି ସହରର ତାପମାତ୍ରା ସିମଲାଠାରୁ ବି କମ୍ ଅର୍ଥାତ ୬.୬ ଡିଗ୍ରୀରୁ କମ୍ ରହିଛି। ମୁଜାଫରନଗରରେ ସର୍ବନିମ୍ନ ତାପମାତ୍ରା ୨.୧ ଡିଗ୍ରୀ ଥିଲା। ମିରଟ ଓ ସମ୍ଭଲ ସମେତ ୨୫ଟି ଜିଲ୍ଲାରେ ଘନକୁହୁଡି ଛାଇ ହୋଇ ରହିଥିଲା। କୁହୁଡି କାରଣରୁ ଦୃଶ୍ୟମାନ ଦୂରତା କମ୍ ହୋବ କାରଣରୁ ବିଜନୌରରେ ଏକ ବସ୍ ଓଲଟି ପଡ଼ିବାରୁ ୩୮ ଜଣ ଯାତ୍ରୀ ଆହତ ହୋଇଥିଲେ। ହରିୟାଣାରେ ପ୍ରବଳ ଶୀତକାରଣରୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ବାକି ଜିଲ୍ଲାଗୁଡିକରେ ଘନ କୁହୁଡି ଓ ପ୍ରବଳ ଶୀତ ଅନୁଭୂତ ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ହରିୟାଣାରେ ସର୍ବାଧିକ ତାପମାତ୍ରା ୩.୮ ଡିଗ୍ରୀ ଥିଲା। କର୍ଣ୍ଣଲରେ ତାପମାତ୍ରା ୧୦.୦ ଡିଗ୍ରୀ ଥିଲା।

ରାଜସ୍ଥାନର ୫ଟି ଜିଲ୍ଲାରେ ଶୀର ହଳଦିଆ ସତର୍କତା ଜାରି କରାଯାଇଥିଲା। ପାଣିପାଗ ବିଭାଗ ଅନୁଯାୟୀ ଶୁକ୍ରବାରଠାରୁ ରାଜ୍ୟର ପାଗ ସଫା ରହିବ ଓ ଶୀତରୁ ମଧ୍ୟ ଆସ୍ୱସ୍ତି ମିଳିବ। ମଙ୍ଗଳବାର ରାଜ୍ୟର ସର୍ବାଧିକ ତାପମାତ୍ରା ୨୭ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ବିହାରର ୧୮ଟି ଜିଲ୍ଲାରେ ତାପମାତ୍ରା ୧୦ ଡିଗ୍ରୀ ତଳେ ଥିଲା। ଭାଗଲପୁରର ସବୋରରେ ତାପମାତ୍ରା ୫.୯ ଡିଗ୍ରୀ ଥିଲା। ରାଜଧାନୀ ପାଟନାରେ ପ୍ରଥମଥର ପାଇଁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ କ୍ଲାସ ସକାଳ ୯ଟାରୁ ଆରମ୍ଭ ହେବ ବୋଲି କୁହାଯାଇଛି। ଉତ୍ତରାଖଣ୍ଡର ପିଥୋରାଗଡ଼, ଚାମୋଲୀ, ଉତ୍ତରକାଶୀ, ରୁଦ୍ରପ୍ରୟାଗରେ ନଦୀ ଓ ଝରଣା ଜମି ଯାଇଛି ଅର୍ଥାତ ବରଫ ପାଲଟି ଯାଇଛି। ଏହି ସ୍ଥାନଗୁଡିକରେ ତାପମାତ୍ରା ବିଯୁକ୍ତ ୧୬ ଡ୍ରିଗୀ ରହିଛି। ସେହିପରି ତାମିଲନାଡୁର ଚେନ୍ନଇରେ ଘନ କୁହୁଡି କାରଣରୁ ଚେନ୍ନଇ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ୮ଟି ବିମାନକୁ ବାତିଲ କରାଯାଇଛି। ସେହିପରି ୧୦ଟି ବିମାନ ଉଡାଣ ୧ରୁ ୩ ଘଣ୍ଟା ପର୍ଯ୍ୟନ୍ତ ବିଳମ୍ବ ହୋଇଥିଲା। ଆଗାମୀ ଦୁଇ ଦିନରେ ପାହାଡ଼ି ରାଜ୍ୟଗୁଡିକରେ ପ୍ରବଳ ତୁଷାର ପାତ ଜାରି ରହିଛି।



# କାନାଡ଼ା ପୁଲିସର ସିକ୍ରେଟ ରିପୋର୍ଟକୁ ନେଇ ବିବାଦ

### ଲରେନ୍ସ ଗ୍ୟାଙ୍ଗ୍ ଭାରତ ସରକାରଙ୍କ ପାଇଁ କାମ କରୁଛି

ନୂଆଦିଲ୍ଲୀ, ୧୪।୧(ଏଜେନ୍ସି): କାନାଡ଼ାର ରୟାଲ କାନାଡିଆନ ମାଉଣ୍ଟେଡ ପୁଲିସ (ଆରସିଏମ୍‌ପି) କୁଖ୍ୟାତ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କୁ ନେଇ ଏକ ନୂଆ ଦାବି ଉପସ୍ଥାପନ କରିଛି। ଲରେନ୍ସ ବିଷ୍ଣୋଇର ଗ୍ୟାଙ୍ଗ ଭାରତ ସରକାରଙ୍କ ପାଇଁ କାର୍ଯ୍ୟ କରୁଛି ଆରସିଏମ୍‌ପି ଦାବି କରିଛି। ଏ ସଂକ୍ରାନ୍ତରେ କାନାଡ଼ାର ଗ୍ଲୋବାଲ ନ୍ୟୁଜ୍ ଆରସିଏମ୍‌ପିର ଗୋପନୀୟ ରିପୋର୍ଟର ୩ଟି ପୃଷ୍ଠା ଜାରିକରିଛି। ଏଥିରେ କେତୋଟି ସ୍ଥାନରେ ଲରେନ୍ସ ଗ୍ୟାଙ୍ଗ ଭାରତ ସରକାରଙ୍କ ପାଇଁ କାର୍ଯ୍ୟ କରୁଛି ବୋଲି ଉଲ୍ଲେଖ କରାଯାଇଛି। ଏହି ରିପୋର୍ଟରେ ଲରେନ୍ସ ଗ୍ୟାଙ୍ଗ୍‌କୁ ଏକ ହିଂସାତ୍ମକ ଅନ୍ତର୍ଜାତୀୟ ଆପରାଧିକ ସଂଗଠନ ଭାବେ ବର୍ଣ୍ଣନା କରାଯାଇଛି ଓ ଏହି ସଂଗଠନର କାର୍ଯ୍ୟକଳାପ କାନାଡ଼ା ସମେତ ଅନ୍ୟ ଦେଶରେ ମଧ୍ୟ ବୃଦ୍ଧି ପାଇଛି ବୋଲି କୁହାଯାଇଛି। କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଭାରତ ସହ ବାଣିଜ୍ୟିକ ସମ୍ପର୍କକୁ ମଜଭୁତ କରିବାକୁ ପଦକ୍ଷେପ ନେବାକୁ ଯାଉଥିବା ବେଳେ ଏହି ରିପୋର୍ଟ ସାର୍ବଜନୀନ ହୋଇଛି। ଅଗାମୀ ଦିନରେ କାର୍ନି ଭାରତ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ତଥାପି, କାନାଡ଼ାର ତଥା କଥିତ ଶିଖ ସଂଗଠନ ଗୁଡିକ ଏହାକୁ ବିରୋଧ କରିଛନ୍ତି। ଲରେନ୍ସ ଗ୍ୟାଙ୍ଗ୍ ପ୍ରସଙ୍ଗକୁ କାନାଡ଼ା ସରକାର ଦବାଇବାକୁ ପ୍ରୟାସ କରୁଛନ୍ତି ବୋଲି ଶିଖ ସଂଗଠନଗୁଡିକ ଅଭିଯୋଗ କରିଛନ୍ତି। କିନ୍ତୁ ୩ମାସ ପୂର୍ବେ କାନାଡ଼ା ସରକାର ଲରେନ୍ସ ଗ୍ୟାଙ୍ଗକୁ ଆତଙ୍କବାଦୀ ସଂଗଠନ ଭାବେ ଘୋଷଣା କରିଥିଲା।




### ମିଛ କଥା ଛାଡ଼; ଆତଙ୍କବାଦୀଙ୍କୁ ଦମନ କର: ଭାରତ

ଅଟାଓା, ୧୪।୧(ଏଜେନ୍ସି): କାନାଡ଼ାରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଦୀନେଶ ପଟ୍ଟନାୟକ କାନାଡ଼ାକୁ ସମାଲୋଚନା କରିଛନ୍ତି। କାନାଡ଼ା ମାଟିରେ ଗତ ୪୦ ବର୍ଷଧରି ଆତଙ୍କବାଦୀ ତତ୍ତ୍ୱଗୁଡିକ ନିଜର କର୍ଯ୍ୟ ଚଳାଇ ଆସୁଛନ୍ତି। ଏହାସତ୍ତ୍ୱେ କାନାଡ଼ା କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। କାନାଡ଼ାର ଏହି ନିଷ୍କ୍ରିୟତା ଭାରତକୁ ଟାର୍ଗେଟ କରି ଉଗ୍ରବାଦ ତଥା ହିଂସା ସୃଷ୍ଟି କରିବାକୁ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିଛି ବୋଲି ସେ ଅଭିଯୋଗ କରିଛନ୍ତି। କାନାଡ଼ରେ ଚାଲିଥିବା ଏହି ଆତଙ୍କବାଦୀ କାର୍ଯ୍ୟକଳାପ ନେଇ ଆମେ ବାରମ୍ବାର ଅବଗତ କରାଉଥିଲେ ମଧ୍ୟ ଏହାକୁ ଜାଣିଶୁଣି ଅଣଦେଖା କରାଯାଉଛି। ଏପର୍ଯ୍ୟନ୍ତ କାହାକୁ ଦୋଷୀ ସାବ୍ୟସ୍ତ କରାଯାଇନାହିଁ। ସେ ମଧ୍ୟ ଏ ନେଇ ଏକ ବଡ଼ ଉଦାହରଣ ଦେଇଥିଲେ। ୧୯୮୫ ଜୁନ୍ ୨୩ରେ ଏୟାର ଇଣ୍ଡିଆ ବିମାନ କନିଷ୍କ ବିସ୍ଫୋରଣରେ ୩୨୯ ଜଣ ମୃତ୍ୟୁବରଣ କରିଥିଲେ। ଶିଖ ଆତଙ୍କବାଦୀ ଗୋଷ୍ଠୀ ବାବର ଖାଲସା ଏହି ବିସ୍ଫୋରଣ କରାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କିଛି ଫଳପ୍ରାପ୍ତ ହୋଇ ନାହିଁ। ପୁଣି କାନାଡ଼ା ଦୋମୁହାଁ ନୀତି ଅବଲମ୍ବନ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। ଯେତେବେଳେ ଭରାତ ସଂଦୀଗ୍ଧ ଆତଙ୍କବାଦୀଙ୍କୁ ଚିହ୍ନଟ କରେ, ସେତେବେଳେ କାନାଡ଼ ପ୍ରମାଣ ଦାବୀ କରେ। କିନ୍ତୁ ଭାରତର ବିରୋଧରେ ପ୍ରମାଣିତ ହୋଇ ନଥିବା ଅଭିଯୋଗର ଉତ୍ତର ଦାବି କରେ। ତେଣୁ ଭାରତ ବିରୋଧୀ କାର୍ଯ୍ୟକଳାପ ନେଇ କାର୍ଯ୍ୟାନୁଷ୍ଠାନ ଜରୁରୀ ବୋଲି ସେ ଏକ ସାକ୍ଷାତକାର ଦେବା ଅବସରରେ କହିଛନ୍ତି।

## ମୁଖ୍ୟମନ୍ତ୍ରୀ ପଦ ପାଇଁ କର୍ଣ୍ଣାଟକ କଂଗ୍ରେସରେ କଳି

ବେଙ୍ଗାଲୁରୁ, ୧୪।୧ (ଏଜେନ୍ସି): କର୍ଣ୍ଣାଟକ କଂଗ୍ରେସ କଳି ଥମିବାର ନା ଧରୁନି। ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ରାଜ୍ୟ ଗସ୍ତ ସମୟରେ ପୁଣିଥରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଟଣାଓଟରା ଆରମ୍ଭ ହୋଇଯାଇଛି। ରାହୁଲ ମଙ୍ଗଳବାର ମହୀଶୁର ବିମାନବନ୍ଦରରେ ପହଞ୍ଚି ଥିଲେ। ଏଠାରେ ତାଙ୍କୁ ସ୍ୱାଗତ କରିବା ପାଇଁ ଉଭୟ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଏବଂ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ପହଞ୍ଚି ଥିଲେ। ରାହୁଲଙ୍କ ସହ ବୈଠକରେ ଉଭୟ ନେତା ମୁଖ୍ୟମନ୍ତ୍ରୀ ପ୍ରସଙ୍ଗ ଉଠାଇ ଥିଲେ। ହାଇକମାଣ୍ଡଙ୍କ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଥିବା ସଂଶୟ ଶୀଘ୍ର ଦୂର କରିବା ପାଇଁ ରାହୁଲଙ୍କୁ କହିଥିଲେ। ଏଠାରେ ଉଭୟେ ଅଲଗା ଅଲଗା ରାହୁଲଙ୍କ ସହ ଆଲୋଚନା କରିଥିଲେ। ସିଦ୍ଧରମେୟା କହିଥିଲେ ଯେ ସେ କ୍ୟାବିନେଟ ସମ୍ପ୍ରସାରଣ କରିବାକୁ ଚାହୁଁଛନ୍ତି। ମାତ୍ର ମୁଖ୍ୟମନ୍ତ୍ରୀ ପଦକୁ ନେଇ ପ୍ରତ୍ୟେକ ଦିନ ଭ୍ରମର ସ୍ଥିତି ସୃଷ୍ଟି ହେଉଛି। ଏ ନେଇ ସ୍ଥିତି ଶୀଘ୍ର ସ୍ପଷ୍ଟ ହୋଇଯିବା ଉଚିତ। କିନ୍ତୁ ରାହୁଲ ଏହି ପ୍ରସଙ୍ଗର ଆଲୋଚନା ପାଇଁ ମୁଖ୍ୟମନ୍ତ୍ରୀ ଏବଂ ଉପ-ମୁଖ୍ୟମନ୍ତ୍ରୀଙ୍କୁ ଦିଲ୍ଲୀ ଡାକିଥିବା ସୂଚନା ମିଳିଛି। ମାତ୍ର ଏ ନେଇ କୌଣସି ତାରିଖ ଧାର୍ଯ୍ୟ କରାଯାଇ ନାହିଁ।

ଅନ୍ୟପଟେ ରାହୁଲ ମଙ୍ଗଳବାର ବିମାନବନ୍ଦରରେ ଶିବକୁମାରଙ୍କ ସହ ଏକାନ୍ତରେ ଚର୍ଚ୍ଚା କରିଥିଲେ। ଏହାର ଭିଡିଓ ଏବଂ ଫଟୋ ଭାଇରାଲ ହେବାରେ ଲାଗିଛି। ମାତ୍ର ଉଭୟେ କି ଚର୍ଚ୍ଚା କରିଥିଲେ ତାହାର ସୂଚନା ମିଳିନାହିଁ। ଲୋକେ ଖାଲି ଆକଳନ କରି ବିବାଦ ସୃଷ୍ଟି କରୁଥିବା ଡିକେ କହିଥିଲେ। ମାତ୍ର ସେ ଆଜି କରିଥିବା ଟ୍ୱିଟକୁ ନେଇ ରାଜନୈତିକ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ପ୍ରୟାସ ବିଫଳ ହୋଇଗଲେ ବି ପ୍ରାର୍ଥନା ବ୍ୟର୍ଥ ଯାଏ ନାହିଁ ବୋଲି ଡିକେ କହିଥିଲେ। ପୂର୍ବରୁ ମୁଖ୍ୟମନ୍ତ୍ରୀ ପଦକୁ ନେଇ ହାଇକମାଣ୍ଡ ନିଷ୍ପତ୍ତି ନେବେ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ କହିଥିଲେ। ସୂଚନାଯୋଗ୍ୟ ଯେ କଂଗ୍ରେସ ସରକାରକୁ ଅଢ଼େଇ ବର୍ଷ ପୂରଣ ହେବା ପରେ ମୁଖ୍ୟମନ୍ତ୍ରୀ ବଦଳାଇବା ଦାବି ଜୋର ଧରିଛି। ସରକାର ଗଠନ ସମୟରେ ଅଢ଼େଇ ବର୍ଷରେ ମୁଖ୍ୟମନ୍ତ୍ରୀ ବଦଳାଇବାକୁ ପ୍ରତିଶ୍ରୁତି ଦିଆଯାଇଥିଲା ବୋଲି ଡିକେ ଗୋଷ୍ଠୀର ବିଧାୟକ ଦାବି କରୁଛନ୍ତି।



■ ରାହୁଲଙ୍କୁ କହିଲେ ସିଦ୍ଧରମେୟା ଓ ଡିକେ
■ ତୁରନ୍ତ ସଂଶୟ ଶୀଘ୍ର ଦୂର କରାଯାଉ

## ହେନ୍‌ଲି ପାସ୍‌ପୋର୍ଟ ସୂଚକାଙ୍କରେ ୫ଟି ସ୍ଥାନ ଉପରକୁ ଉଠିଲା ଭାରତ

ନୂଆଦିଲ୍ଲୀ, ୧୪।୧(ଏଜେନ୍ସି): ହେନଲି ପାସ୍‌ପୋର୍ଟ ଇଣ୍ଡେକ୍ସ ୨୦୨୬ ବୁଧବାର ପ୍ରକାଶିତ ହୋଇଛି। ଏଥିରେ ଭାରତ ୫ଟି ସ୍ଥାନ ଉପରକୁ ଉଠି ୮୦ତମ ସ୍ଥାନ ଅଧିକାର କରିଛି। ଫଳରେ ଭାରତୀୟ ପାସ୍‌ପୋର୍ଟ ଧାରକଙ୍କ ପାଇଁ ବିଶ୍ୱ ଭ୍ରମଣ କ୍ଷେତ୍ରରେ ଆହୁରି ସୁବିଧାଜନନ ସ୍ଥିତି ସୃଷ୍ଟି କରିଛି। ଏହା ସତ୍ତ୍ୱେ ଏବେ ମଧ୍ୟ ଭାରତ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ପାସପୋର୍ଟ ଥିବା ଦେଶଗୁଡିକଠାରୁ ବହୁ ପଛରେ ରହିଛି। ଲଣ୍ଡନ-ଭିତ୍ତିକ ବିଶ୍ୱ ନାଗରିକତା ପରାମର୍ଶଦାତା ସଂସ୍ଥା ତଥା ଗ୍ଲୋବାଲ ସିଟିଜେନ୍‌ସିପ ଆଡଭାଇଜରୀ ହେନଲି ଆଣ୍ଡ ପାଟନର୍ସ ଦ୍ୱାରା ପ୍ରକାଶିତ ସଦ୍ୟତମ ମାନ୍ୟାତା ଅନୁଯାୟୀ, ଭାରତୀୟ ପାସ୍‌ପୋର୍ଟ ଧାରକମାନେ ଏବେ ବିନା ଭିସାରେ କିମ୍ବା ଭସା ଅନ୍ ଆରାଇଭାଲ ଅର୍ଥାତ ଆଗମନ ସମୟରେ ଭିସା ପାଇଁ ୫୫ଟି ଦେଶକୁ ଯାତ୍ରା କରିପାରିବେ। ଭାରତ ଗତବର୍ଷ ତୁଳନାରେ ବିଶ୍ୱ ପାସ୍‌ପୋର୍ଟ ମାନ୍ୟତାରେ ଉନ୍ନତ କରିଛି। ଅନ୍ତର୍ଜାତୀୟ ବିମାନ ପରିବହନ ସଂଘ (ଆଇଏଟିଏ) ରୁ ତଥ୍ୟକୁ ଆଧାର କରି ପ୍ରସ୍ତୁତ କରାଯାଇଥିବା ଏହି ସୂଚକାଙ୍କ ବିଶ୍ୱର ୨୨୭ ଟି ଦେଶ ତଥା ସ୍ଥାନ ପାଇଁ ଭିସା ପ୍ରବେଶକୁ ଟ୍ରାକ କରିଥାଏ। ଏହି ସୂଚନାଙ୍କାରେ ଶ୍ରେଷ୍ଠ ୧୦ରେ ସ୍ଥାନ ପାଇଥିବା ଦେଶଗୁଡ଼ିକ ହେଲେ, ସିଙ୍ଗାପୁର, ଜାପାନ, ଦକ୍ଷିଣ କୋରିଆ, ଡେନମାର୍କ, ଲକ୍ସମବର୍ଗ, ସ୍ପେନ, ସ୍ୱିଡେନ, ସ୍ୱିଜରଲାଣ୍ଡ, ଅଷ୍ଟ୍ରିଆ ଓ ବେଲଜିୟମ। ବିଶ୍ୱର ସବୁଠାରୁ ସବୁଠାରୁ ଶକ୍ତିଶାଳୀ ଦେଶ ଗତବର୍ଷ ଶ୍ରେଷ୍ଠ ୧୦ରୁ ବାଦ୍ ପଡ଼ିଥିଲ ଓ ଏବେ ଏହି ମାନ୍ୟତାର ୧୦ମ ସ୍ଥାନରେ ରହିଛି। ଅନ୍ୟପଟେ ପାକିସ୍ତାନ ଏହି ସୂଚକାଙ୍କରେ ଦୁଇଟି ସ୍ଥାନ ଉପରକୁ ଉଠି ୯୮ତମ ସ୍ଥାନ ଅଧିକାର କରିଛି। ଗତବର୍ଷ ପାକିସ୍ତାନ ୧୦୦ତମ ସ୍ଥାନରେ ଥିଲା।




## ଜୁବିନଙ୍କୁ କେହି ହତ୍ୟା କରିନାହିଁ: ସିଙ୍ଗାପୁର ପୁଲିସ

ନୂଆଦିଲ୍ଲୀ, ୧୪।୧(ଏଜେନ୍ସି): ବଲିଉଡ ତଥା ଆସାମ ଗାୟକ ଜୁବିନ ଗର୍ଗଙ୍କୁ ହତ୍ୟା କରାଯାଇ ନଥିଲା ଓ ଏ ନେଇ କୌଣସି ଷଡଯନ୍ତ୍ର ହୋଇ ନଥିଲା। ସେ ପାଣିରେ ବୁଡି ପ୍ରାଣ ହରାଇଥିଲେ ବୋଲି ସିଙ୍ଗାପୁର ପୁଲିସ ବୁଧବାର ସ୍ପଷ୍ଟ କରିଛି। ଫଳରେ ଏହି ବହୁ ଚର୍ଚ୍ଚିତ ହାଇପ୍ରୋଫାଇଲ ମାମଲା ଏବେ ନୂଆ ମୋଡ଼ ନେଇଛି। ଜୁବନଙ୍କ ମୃତ୍ୟୁର ୫ ମାସ ପରେ ପୁଲିସ କୋର୍ଟରେ ନିଜର ରିପୋର୍ଟ ଉପସ୍ଥାପନା କରିଛି। ଲାଜରସ ଦୀପ ନିକଟରେ ସମୁଦ୍ରରେ ବୁଡିବା କାରଣରୁ ହିଁ ସେ ମୃତ୍ୟୁବରଣ କରିଥିଲେ। ସେ ଅତ୍ୟଧିକ ନିଶା ସେବନ କରିଥିଲେ ଓ ଲାଇଫ୍ ଜ୍ୟାକେଟ୍ ପିନ୍ଧିବାକୁ ମନା କରିଦେଇଥିଲେ। ସିଙ୍ଗାପୁରରେ ୩୫ ଜଣ ଲୋକଙ୍କ ସାକ୍ଷ୍ୟକୁ ଆଧାର କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ସେ ପାଣିକୁ ଡେଇଁବାର କିଛି ସମୟ ପରେ ନୌକାକୁ ଫେରିବାକୁ ଚେଷ୍ଟା କରିଥିଲେ ଓ ପହଁରିବାକୁ ପ୍ରୟାସ କରିଥିଲେ। କିନ୍ତୁ ଏତିକିବେଳେ ସେ ବେହୋସ ହୋଇଯାଇଥିଲେ। ଫଳରେ ପାଣିରେ ବୁଡି ଯାଉଥିବାର ଦେଖାଯାଇଥିଲା ବୋଲି ସାକ୍ଷୀମାନେ କହିଛନ୍ତି। ସେ ଉଚ୍ଚ ରକ୍ତଚାପ ଓ ସ୍ନାୟବିକ ରୋଗ ଏପିଲେପସି ରୋଗରେ ପୀଡିତ ଥିଲେ ବୋଲି କୁହାଯାଇଛି।

୫୨ ବର୍ଷୀୟ ଜୁବିନ ୨୦୨୫ ସେପ୍ଟେମ୍ବର ୧୯ରେ ସିଙ୍ଗାପୁରରେ ସ୍କୁବା ଡାଇଭିଂ କରିବା ଅବସରେ ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିଲେ। ସେ ସିଙ୍ଗାପୁରରେ ନର୍ଥ ଇଷ୍ଟ ଇଣ୍ଡିଆ ଫେଷ୍ଟିଭାଲରେ କାର୍ଯ୍ୟକ୍ରମ ପରିବେଷଣ କରିବାର କାର୍ଯ୍ୟକ୍ରମଥିଲା। ଅନ୍ୟପଟେ ଏହି ମାମଲାରେ ଆସାମ ପୁଲିସ ଏପର୍ଯ୍ୟନ୍ତ ମୋଟ୍ ଉପରେ ୭ ଜଣଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଏହି ଲୋକମାନଙ୍କ ମଧ୍ୟରେ ମହୋତ୍ସବ ଆୟୋଜକ, ଜୁବିନଙ୍କ ସେକ୍ରେଟାରୀ, ତାଙ୍କ ବ୍ୟାଣ୍ଡର ସଦସ୍ୟ, ତାଙ୍କ ଦାଦାପୁଅ ଭାଇ ଓ ନିଜ ସୁରକ୍ଷା ଅଧିକାରୀ ସାମିଲ ଥିଲେ। ଡିସେମ୍ବର ୧୨ରେ ଆସାମ ପୁଲିସ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) କୋର୍ଟରେ ଏହି ମାମଲା ନେଇ ୧୨, ୦୦୦ ପୃଷ୍ଠାର ଚାର୍ଜସିଟ ଦାଖଲ କରିଥିଲା ଓ ଏଥିରେ ୪ ଜଣ ଲୋକଙ୍କ ବିରୋଧରେ ହତ୍ୟାର ଅଭିଯୋଗ କରାଯାଇଥିଲା। ଏହା ଏକ ଷଡଯନ୍ତ୍ର ଥିଲା ବୋଲି ଆସାମ ସରକାର ସେତେବେଳେ କହିଥିଲେ। ଜୁବିନ ୪୦ଟି ଭାଷାରେ ୩୮ ହଜାର ଗୀତ ଗାଇଥିଲେ।



### ପଶ୍ଚିମବଙ୍ଗ ନିର୍ବାଚନରେ ନୀତୀଶଙ୍କ ଏଣ୍ଟ୍ରି

## ମେଣ୍ଟ ନ ହେଲେ ୨୫-୩୦ ପ୍ରାର୍ଥୀ ଦେବ ଜେଡିୟୁ

ନୂଆଦିଲ୍ଲୀ, ୧୪।୧(ଏଜେନ୍ସି): ଚଳିତବର୍ଷ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଏବେ ଏଥିରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପାର୍ଟି ଜେଡିୟୁର ଏଣ୍ଟ୍ରି ହୋଇଛି। ଯଦି ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସହ ଆସନ ବୁଝାମଣା ନହୁଏ, ତେବେ ଜେଡିୟୁ ୨୫ରୁ ୩୦ଟି ଆସନା ପ୍ରାର୍ଥୀ ଦେବ ବୋଲି ବୁଧବାର ପାଟନାରେ ଆୟୋଜିତ ବୈଠକରେ ଜେଡିୟୁ ମହାସଚିବ ସୁଭାସ ସିଂ କହିଛନ୍ତି। ଜେଡିୟୁର ଜାତୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ସଞ୍ଜୟ ଝା ପଶ୍ଚିମବଙ୍ଗରେ ଜିତିବା ସମ୍ଭାବନା ଥିବା ଆସନ ଓ ସେଠାରେ ପ୍ରାର୍ଥୀ ପ୍ରସ୍ତୁତି ଚୂଡାନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ପଶ୍ଚିମବଙ୍ଗ ନିର୍ବାଚନର ରଣନୀତି ନେଇ ଚର୍ଚ୍ଚା ହୋଇଥିଲା। ଫେବୃଆରୀରେ କୋଲକାତାରେ ପାର୍ଟିର କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ସମ୍ମିଳନୀ ଆୟୋଜନ ହେବ। ଏଥିରେ ସଞ୍ଜୟ ଝା ମୁଖ୍ୟବକ୍ତା ଭାବେ ଯୋଗ ଦେବେ। ବିହାର ନିର୍ବାଚନରେ ଅସାଧାରଣ ସଫଳତା ପାଇବାପରେ ଜେଡିୟୁ ପଶ୍ଚିମବଙ୍ଗରେ ଭଲ ପ୍ରଦର୍ଶନ କରିବ ବୋଲି ଆଶା ବାନ୍ଧିଛି। ତେବେ ବିହାରରେ ଜେଡିୟୁ ଓ ବିଜେପି ସାଥି ହୋଇ ସରକାର ଚଳାଉଛନ୍ତି।

### ଆଇ-ପ୍ୟାକ୍ କାର୍ଯ୍ୟାଳୟରେ ଚଢ଼ଉ ମାମଲା: କିଛି ଜବତ କରାଯାଇ ନାହିଁ କହିଲା ଇଡି


## ଟିଏମ୍‌ସି ଆବେଦନ ଖାରଜ କଲେ ହାଇକୋର୍ଟ, ଏବେ ସୁପ୍ରିମକୋର୍ଟକୁ ଅପେକ୍ଷା

କୋଲକାତା, ୧୪।୧ (ଏଜେନ୍ସି): ଟିଏମସିର ନିର୍ବାଚନ ରଣନୀତି ପ୍ରସ୍ତୁତ କରୁଥିବା 'ଆଇ-ପ୍ୟାକ୍' ଅଫିସରେ ଚଢ଼ଉକୁ ନେଇ ଦାଖଲ ଯେସାକୁ ତେସା ଆବେଦନ ଉପରେ କଲକତା ହାଇକୋର୍ଟ ବୁଧବାର ଶୁଣାଣି କରିଛନ୍ତି। ପଶ୍ଚିମବଙ୍ଗର କ୍ଷମତାସୀନ ଦଳ ଦାଏର କରିଥିବା ଏହି ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଗୁରୁବାର ସୁପ୍ରିମକୋର୍ଟରେ ଏହି ବିବାଦର ଶୁଣାଣି ହେବ। ଗତ ୮ ତାରିଖରେ ଆଇପାକ୍ ତଥା ଟିଏମସିର ଆଇଟି ମୁଖ୍ୟଙ୍କ ଅଫିସରେ ଚଢ଼ଉ କରି ଇଡି କାଗଜପତ୍ର ନେଇଥିବା ଅଭିଯୋଗ ହୋଇଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ଚଢ଼ଉରେ ସମସ୍ୟା ସୃଷ୍ଟି କରିଥିଲେ। ସେ ଜୋର ଜବରଦସ୍ତି ପଶି ଫାଇଲ ଏବଂ ଲ୍ୟାପଟପ ଆଦି ନେଇ ଯାଇଥିଲେ। ଏହାକୁ ନେଇ ଇଡି ହାଇକୋର୍ଟରେ ମାମଲା ଦାଏର କରିଥିଲା। ଏହାର ଜବାବରେ ଇଡି ଦଳୀୟ ରଣନୀତି ସମ୍ବନ୍ଧିତ କାଗଜପତ୍ର ଜବତ କରିଥିବା ନେଇ ଟିଏମସି ଆବେଦନ ଦାଏର କରିଥିଲା।

ହାଇକୋର୍ଟରେ ଶୁଣାଣି ସମୟରେ ଆଜି ଇଡି ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ (ଏଏସଜି) ରାଜୁ କହିଥିଲେ ଯେ ଦଳୀୟ କାର୍ଯ୍ୟାଳୟରୁ କିଛି ବି ଜବତ କରାଯାଇ ନାହିଁ। ଯଦି କିଛି ରେକର୍ଡ ଜବତ ହୋଇଛି ତେବେ ତାହା ମୁଖ୍ୟମନ୍ତ୍ରୀ କରିଛନ୍ତି। ସେ ବେଆଇନ ଭାବେ ଫାଇଲ ନେଇ ଯାଇଥିଲେ। ସେହିପରି ଟିଏମସି ଓକିଲ କହିଥିଲେ ଯେ ଦଳର ରାଜନୈତିକ ଡାଟା ସୁରକ୍ଷିତ ରଖିବା ପାଇଁ ଏହି ଆବେଦନ ଦାଏର କରାଯାଇଛି। କୌଣସି ରାଜନୈତିକ ଦଳକୁ ଭୟଭୀତ କରିବା ଉଚିତ ନୁହେଁ। ରାଜନୈତିକ ପରାମର୍ଶଦାତାଙ୍କ ଅଫିସରେ ଚଢ଼ଉ ସନ୍ଦେହ ସୃଷ୍ଟି କରୁଛି। ଯଦି ଇଡି କିଛି ଜବତ କରିନି ତେବେ ଏହାକୁ ରେକର୍ଡ କରାଯାଉ। ଏହି ଆଧାରରେ ଆବେଦନର ଫଇସଲା ହେଉ। ଏହାକୁ ନେଇ ହାଇକୋର୍ଟ କହିଥିଲେ ଯେ ଇଡି କିଛି ଜବତ କରାଯାଇ ନ ଥିବା କହୁଛି। ଏବେ ମାମଲାରେ ଶୁଣାଣି ପାଇଁ ଆଉ କିଛି ନାହିଁ। ତେଣୁ ଆବେଦନକୁ ଖାରଜ କରାଯାଉଛି। ସେହିପରି ଇଡି ଦାଏର କରିଥିବା ଆବେଦନର ଶୁଣାଣିକୁ ହାଇକୋର୍ଟ ସ୍ଥଗିତ ରଖିଦେଇଛନ୍ତି। କୋର୍ଟ କହିଥିଲେ ଯେ ସୁପ୍ରିମକୋର୍ଟରେ ଏହି ମାମଲାର ଆବେଦନ ଦାଏର କରାଯାଇଛି। ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ଆସିବା ପରେ ଶୁଣାଣି ହେବ।



# ସର୍ବକନିଷ୍ଠ କମର୍ସିଆଲ୍ ପାଇଲଟ୍



**ସଫଳତାର ମାପକାଠି ନୁହେଁ ବୟସ, ଯାହାକୁ ପ୍ରମାଣିତ କରିଛନ୍ତି, କର୍ଣ୍ଣାଟକର ସମାୟରା । ଯେଉଁ ବୟସରେ ମହିଳାମାନେ କଲେଜ ଯାଆନ୍ତି, ସେ ବୟସରେ ସେ ଆକାଶରେ ଉଡ଼ିବାର ସ୍ୱପ୍ନକୁ ପୁରା କରିଛନ୍ତି । ଭାରତର ସର୍ବକନିଷ୍ଠ ପାଇଲଟ୍ ହେବାର ସେ ସୌଭାଗ୍ୟ ଅର୍ଜନ କରିଛନ୍ତି । ଯାହାକୁ ପାଇବା ପାଇଁ ଲୋକେ ଦିନରାତି ସଂଘର୍ଷ କରନ୍ତି, ତାହାକୁ ଅଳ୍ପ ବୟସରେ କରି ଦେଖାଇଛନ୍ତି, ବିଜୟପୁରାର ସମାୟରା ହୁଲ୍ଲୁର । ମାତ୍ର ୧୮ ବର୍ଷ ବୟସରେ ସେ କମର୍ସିଆଲ୍ ପାଇଲଟ୍ ହେବାର ଲାଇସେନ୍ସ ପ୍ରାପ୍ତ କରିଛନ୍ତି । ଏବେ ସେ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ।**

କର୍ଣ୍ଣାଟକ ବିଜୟପୁରାରେ ରହୁଥିବା ସମାୟରାଙ୍କ ପିଲାବେଳୁ ଦୁଃସାହସିକ କାର୍ଯ୍ୟ ଏବଂ ଖେଳ ପ୍ରତି ଆଗ୍ରହ ଥିଲା । ତାଙ୍କ ପିତା ଜଣେ ବ୍ୟବସାୟୀ ଥିବାବେଳେ, ମାଆ ପବ୍ଲିକ୍ ସ୍କୁଲ୍ ବିଜାପୁରର କୋର୍ଡିନେଟର୍ ଥିଲେ ; କିନ୍ତୁ ସମାୟରା ପିଲାବେଳୁ କିଛି ଭିନ୍ନ କରିବାକୁ ଚାହୁଁଥିଲେ । ପଞ୍ଚମଶ୍ରେଣୀରେ ପଢୁଥିବାବେଳେ ସେ ବିଜାପୁରର ନବରାସପୁର୍ ଉତ୍ସବରେ ହେଲିକ୍ୟାପ୍ଟର୍‌ରେ ବସିଥିଲେ । ତାଙ୍କ ମାଆ ମଧ୍ୟ କକ୍‌ପିଟ୍‌ରେ ବସିଥିଲେ । ତାଙ୍କ ମାଆ ପାଇଲଟ୍ ବର୍ଦ୍ଦି ଦେଖି ଖୁବ୍ ପ୍ରଭାବିତ ହୋଇଥିଲେ । ଏବଂ ଝିଅକୁ ଭବିଷ୍ୟତରେ ପାଇଲଟ୍ ହେବା ପାଇଁ କହିଥିଲେ । ସେବେଠୁ ସମାୟରା ପାଇଲଟ୍ ହେବାକୁ ଭାବିଥିଲେ । ଏଥିପାଇଁ ୯ ବର୍ଷର ଥିବାବେଳେ ଡେସ୍କ ଜବ୍ ନ କରି ପାଇଲଟ୍ ହେବାକୁ ମନସ୍ଥ କଲେ । ଧୀରେ ଧୀରେ ଏ ସମ୍ବନ୍ଧୀୟ ଜ୍ଞାନ ବଢ଼ାଇଲେ । ୧୭ ବର୍ଷ ବୟସରେ ଯୁକ୍ତ ଦୁଇ ଶିକ୍ଷା ସମାପ୍ତ ପରେ ସେ ଦିଲ୍ଲୀର ଆଭିଏସନ୍ ଏକାଡେମୀରେ ପାଠ ପଢ଼ିଲେ । ଏଥିରେ ତାଙ୍କୁ ଏୟାର୍ ରେଗୁଲେସନ୍, ଆଭିଏସନ୍ ମେଟ୍ରୋଲୋଜି, ଏୟାର୍ ନେଭିଗେସନ୍ ଭଳି ଛଅଟି ପେପର୍ ପାସ କରିବାର ଥିଲା । ପ୍ରତି ପେପର୍‌ରେ ୭୦ ମାର୍କ ରଖିବା ବାଧ୍ୟତାମୂଳକ ଥିଲା । ସେ ପ୍ରଥମ ପ୍ରୟାସରେ ହିଁ ପାଞ୍ଚଟି ପେପର୍ କ୍ଲିୟର୍ କରିଥିଲେ । ଏହାପରେ ଅନ୍ୟ ପେପର୍ କ୍ଲିୟର୍ କରିଥିଲେ । ଡିଜିସିଏ ଦ୍ୱାରା ମାନ୍ୟତା ପ୍ରାପ୍ତ ଏୟାର୍ ରେଗୁଲେସନ୍, ନାଭିଗେସନ୍ ଏବଂ ମେଟ୍ରୋଲୋଜି ପରୀକ୍ଷା ପାସ୍ କଲେ । ୨୦୨୪ ମସିହାରେ ସମାୟରା ପୁନେର ବାରାମତୀ କାର୍ଵର ଆଭିଏସନରେ ଭର୍ତ୍ତି ହୋଇଥିଲେ । ସେଠାରେ ଦୁଇଶହ ଘଣ୍ଟା ବିମାନ ଟ୍ରେନିଂ କରିବା ପରେ ତାଙ୍କୁ ଲାଇସେନ୍ସ ମିଳିଥିଲା । ଫଳରେ ସେ ଭାରତର ସର୍ବକନିଷ୍ଠ କମର୍ସିଆଲ୍ ପାଇଲଟ୍ ତାଲିକାରେ ନିଜକୁ ସାମିଲ୍ କରିଥିଲେ ।

# ମିସ୍‌ମ୍ୟାଚ୍ ଇୟରିଙ୍ଗ୍



**ସମୟାନୁସାରେ ଅନେକ ଫେଶନ ଟ୍ରେଣ୍ଡ ଦେଖିବାକୁ ମିଳିଥାଏ । କାନଫୁଲ, ପାଉଁଜି ଆଦି ମହିଳାମାନେ ମ୍ୟାଚ୍ କରି ପିନ୍ଧନ୍ତି । କିନ୍ତୁ ବଦଳୁଥିବା ସମୟ ଅନୁସାରେ ଚିନ୍ତାଧାରାରେ ମଧ୍ୟ ପରିବର୍ତ୍ତନ ପରିଲକ୍ଷିତ ହେଉଛି । ଏହାର ଏକ ଉଦାହରଣ ହେଉଛି ମିସ୍‌ମ୍ୟାଚ୍ ଇୟରିଙ୍ଗ୍‌ସ । ଯାହା ସିମ୍ପଲ ଲୁକ୍‌କୁ ମଧ୍ୟ ସୁନ୍ଦର ଏବଂ ଆକର୍ଷଣୀୟ କରିଥାଏ । ଏହାଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ହୋଇଥାଏ ।**


## ମିସ୍‌ମ୍ୟାଚ୍ ଇୟରିଙ୍ଗ୍‌ସ କ'ଣ ?

ସାଧାରଣତଃ ମହିଳାମାନେ ଦୁଇକାନରେ ସମାନ ଡିଜାଇନର କାନଫୁଲ ପିନ୍ଧିଥାନ୍ତି; କିନ୍ତୁ ମିସ୍‌ମ୍ୟାଚ୍ ଇୟରିଙ୍ଗ୍‌ରେ କାନଫୁଲ ଡିଜାଇନ ଅସମାନ ଥାଏ । ଭିନ୍ନ ଡିଜାଇନ୍ ଆକାର ସତ୍ତ୍ୱେ, ଏହାକୁ ପିନ୍ଧିଲେ ଏଥିରୁ ଖୁବ୍ ସୁନ୍ଦର ଲୁକ୍ ମିଳିଥାଏ । ତେଣୁ ଏହା ଫେଶନ ଟ୍ରେଣ୍ଡରେ ଖୁବ୍ ଲୋକପ୍ରିୟ ରହିଛି ।

ସେହିପରି ଏହି କାନଫୁଲ ସବୁ ଆଉଟ୍‌ଫିଟ୍ ଏବଂ ସବୁ ବୟସର ଲୋକଙ୍କୁ ଭଲ ମାନିଥାଏ । ଏହାକୁ କଲେଜ ପଢୁଆ ଯୁବତୀ ଜିନ୍ସ ଏବଂ ଟପ୍‌ସ ସହ ପିନ୍ଧିପାରିବେ । ସେହିପରି ଶାଢ଼ି ଏବଂ କୁର୍ତ୍ତା ସହ ପିନ୍ଧିଲେ ମଧ୍ୟ ଏଥିରୁ ଆଧୁନିକ ସହ ଏକ ପାରମ୍ପରିକ ଲୁକ୍ ମିଳିଥାଏ । ବର୍ତ୍ତମାନ ସମୟରେ ଏ ପ୍ରକାର ଡିଜାଇନ୍ ଲୋକପ୍ରିୟ ରହିଛି । ଏହା ଏକ ଆକର୍ଷଣୀୟ ଲୁକ୍ ଦେଇଥାଏ । ଏହା ଜେନ୍‌ଜେଡ୍‌ଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ ରହିଛି ।



# କାକର ଟୋପାରେ ଚମକିବ ତ୍ୱଚା



**ମହିଳାମାନେ ସୁନ୍ଦର ତ୍ୱଚା ପାଇଁ ବହୁ ଦାମୀ ପ୍ରସାଧନ ଲଗାଇଥାନ୍ତି । ହେଲେ ଅନେକ ସମୟରେ ତ୍ୱଚାରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିଥାଏ । ଏପରି ସ୍ଥଳେ ପ୍ରାକୃତିକ ଉପାୟରେ ତ୍ୱଚାର ଯତ୍ନ ନେବାପାଇଁ କାକର ଟୋପାକୁ ଲଗାଇପାରିବେ । ଏହା ତ୍ୱଚାରେ ଚମକ ଆଣିଥାଏ ।**

### ଆର୍ଦ୍ରତା

କାକରରେ କୌଣସି ରାସାୟନିକ ପଦାର୍ଥ ନ ଥାଏ । ତେଣୁ ଏହାକୁ ତ୍ୱଚାରେ ଲଗାଇଲେ ଏହା ଗଭୀରରୁ ସଫା କରିଥାଏ । ବିଶେଷ କରି ଶୁଷ୍କ ତ୍ୱଚା ପାଇଁ ଅତି ଲାଭଦାୟକ ହୋଇଥାଏ । ଏହାକୁ ଦୈନିକ ବ୍ୟବହାର କଲେ ତ୍ୱଚା ଉଜ୍ଜ୍ୱଳ, କୋମଳ ଏବଂ ନରମ ରହିଥାଏ । ସେହିପରି ଏହା ତ୍ୱଚାରେ ଆର୍ଦ୍ରତା ବଜାୟ ରଖିଥାଏ ।

### ଦାଗ, ବ୍ରଣରୁ ମୁକ୍ତି

କାକର ଟୋପା ତ୍ୱଚାକୁ ଥଣ୍ଡା ରଖିଥାଏ । ଏଥିସହ ଏହା ଦାଗସମସ୍ୟା ଦୂର କରିବାରେ ମଧ୍ୟ ସହାୟକ ହୋଇଥାଏ । ଦୈନିକ ଏହା ଲଗାଇଲେ ଏହା ତ୍ୱଚାକୁ ଉଜ୍ଜ୍ୱଳ ଏବଂ ପରିଷ୍କାର କରିଥାଏ ।

### ଚର୍ମକୁଞ୍ଚନ ଦୂର

ସକାଳ କାକର ତ୍ୱଚାକୁ ସତେଜ କରିଥାଏ । ଏହାକୁ ବ୍ୟବହାର କଲେ ତ୍ୱଚାରେ ଫାଇନ୍ ଲାଇନ୍, ଚର୍ମକୁଞ୍ଚନ ସମସ୍ୟା ଦୂର ହୋଇଥାଏ ।

# ସ୍ୱଚ୍ଛତା ପାଇଁ ପର୍ସରେ ରଖନ୍ତୁ...

**ବ୍ୟସ୍ତ ଜୀବନଶୈଳୀରେ ସ୍ୱଚ୍ଛତା ବଜାୟ ରଖିବା ଖୁବ୍ ଜରୁରୀ । ଅଫିସ୍, କଲେଜ, ହେଉ ଅବା ସୁଟିଂ ସବୁ ସମୟରେ ନିଜକୁ ସତେଜ ରଖିବା ଆବଶ୍ୟକ । କିନ୍ତୁ ଅନେକେ ସମୟାଭାବ ଏବଂ ନିର୍ଦ୍ଦିଷ୍ଟ ଜିନିଷ ନ ଥିବାରୁ ସ୍ୱଚ୍ଛତା ରଖିପାରନ୍ତି ନାହିଁ । ତେଣୁ ବାହାରକୁ ଯାଉଥିଲେ ବ୍ୟାଗ୍‌ରେ ବ୍ୟକ୍ତିଗତ ସ୍ୱଚ୍ଛତା ପାଇଁ କିଛି ଜରୁରୀ ଜିନିଷ ରଖବା ଆବଶ୍ୟକ ।**



### ଦୁର୍ଗନ୍ଧ ଦୂର ପାଇଁ ପର୍‌ଫ୍ୟୁମ୍

ଉଭୟ ଖରା ଏବଂ ଶୀତଦିନେ ମଧ୍ୟ କାଖରୁ ଦୁର୍ଗନ୍ଧ ବାହାରିଥାଏ । ତେଣୁ ବାହାରକୁ ଯାଉଥିଲେ ବ୍ୟାଗ୍‌ରେ ଗୋଟିଏ ଛୋଟ ଟି – ଟ୍ରି ଅଏଲ୍ ରଖିବା ଆବଶ୍ୟକ । ଏହାର କିଛି ବୁନ୍ଦା କାଖରେ ଲଗାଇଲେ ଏହା ଦୁର୍ଗନ୍ଧ ଦୂର କରିବାରେ ସହାୟକ ହୋଇଥାଏ । ସେହିପରି ଚାହିଁଲେ କୌଣସି ରୋଲ୍‌ଅନ୍ ମଧ୍ୟ ଲଗାଇପାରିବେ ।

### ବ୍ୟାଗ୍‌ରେ ରଖନ୍ତୁ ଲବଙ୍ଗ

ବାହାରେ ପିଆଜ ରସୁଣ ଯୁକ୍ତ ଖାଦ୍ୟ ଖାଇଲେ ପାଟିରୁ ଦୁର୍ଗନ୍ଧ ବାହାରିଥାଏ । ଫଳରେ କଥା କହିବା ସମୟରେ ଲଜ୍ଜା ଅନୁଭବ ହୋଇଥାଏ । ଏଥିରୁ ବର୍ତ୍ତିବା ପାଇଁ ସର୍ବଦା ବ୍ୟାଗ୍‌ରେ ଲବଙ୍ଗ ରଖିବା ଜରୁରୀ ।

### ସାନିଟାଇଜର୍

ହାତରେ ଅଧିକ ଜୀବାଣୁ ଥାଆନ୍ତି । ବାହାରକୁ ଯିବାମାତ୍ରେ ଅଧିକାଂଶ ଲୋକେ ସବୁ ଜିନିଷକୁ ସ୍ପର୍ଶ କରନ୍ତି । ଏପରିସ୍ଥଳେ ହାତକୁ ବାରମ୍ବାର ଧୋଇବା ସହଜ ନୁହେଁ । ତେଣୁ ଏଥିରୁ ସୁରକ୍ଷା ପାଇଁ ହ୍ୟାଣ୍ଡ ସାନିଟାଇଜର୍ ବ୍ୟବହାର କରିପାରିବେ ।

ମୋ ହାଣ୍ଡିଶାଳରୁ...

# ଗାଜର ରସମଲାଇ

### ଆବଶ୍ୟକ ସାମଗ୍ରୀ

ଗାଜର୍ – ୩୦୦ ଗ୍ରାମ୍, ଡ୍ରାଏଫ୍ରୁଟ୍ସ – ଅଧା କପ୍, ଦୁଗ୍ଧ – ଏକ ଲିଟର, ମିଲ୍‌କ ପାଉଡର୍ – ଏକ ଚାମଚ, ସୁଜି – ୧୫୦ ଗ୍ରାମ୍, କେଶର – ଏକ ଚାମଚ, ଅଳେଇଚ ପାଉଡର – ଅଧା ଚାମଚ, ଚିନି ସ୍ୱାଦ ଅନୁସାରେ, ଘିଅ ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ଗାଜରକୁ ଧୋଇ ଚୋପା ଛଡ଼ାଇ ଛୋଟ ଖଣ୍ଡ କରି କାଟନ୍ତୁ । ଏହାକୁ ଗ୍ରାଇଣ୍ଡିଂ ଜାର୍‌ରେ ଦେଇ ପେଷ୍ଟ କରନ୍ତୁ । କଡ଼େଇ ବସାଇ ସେଥିରେ ଏକ ଚାମଚ ଘିଅ ଦିଅନ୍ତୁ । ଏହାପରେ ଗାଜରପେଷ୍ଟ ଦେଇ ଧିମା ଆଞ୍ଚରେ ବସାଇ ଗୋଳାନ୍ତୁ । ଗାଜରରୁ ପାଣି ବାହାରିବା ଗଲେ ଏଥିରେ ଚିନି ଦିଅନ୍ତୁ । ଏହା ତରଳି ଯିବାପରେ ଏଥିରେ ଦୁଇ କପ୍ ଫୁଟା କ୍ଷୀର ଦେଇ ଦୁଇକପ୍ ସୁଜି ଦିଅନ୍ତୁ । ଏହାକୁ ଧୀମା ଆଞ୍ଚରେ ବସାଇ ଗୋଳାନ୍ତୁ । ଏହାପରେ ଗ୍ୟାସ୍ ବନ୍ଦକରି ଢାଙ୍କୁଣି ଘୋଡ଼ାଇ ୧୫ମିନିଟ୍ ଛାଡ଼ନ୍ତୁ । ରସମଲାଇ ପ୍ରସ୍ତୁତ କରିବା ପାଇଁ ପ୍ରଥମେ ଗୋଟିଏ କଡ଼େଇରେ ଏକ ଲିଟର କ୍ଷୀର ନିଅନ୍ତୁ । ଏହାକୁ ହାଇଫ୍ଲେମ୍‌ରେ ଫୁଟାନ୍ତୁ । ଏଥିରେ ମିଲ୍‌କ ପାଉଡର୍, କେଶର, ଡ୍ରାଏଫ୍ରୁଟସ୍ ସମେତ ଚିନି ମିଶାନ୍ତୁ । କ୍ଷୀରକୁ ବହଳିଆ ହେବା ଯାଏ ଗୋଳାନ୍ତୁ । ବହଳିଆ ହୋଇଆସିଲେ ଥଣ୍ଡା ହେବା ପାଇଁ ରଖନ୍ତୁ । ଏହାପରେ ପ୍ରସ୍ତୁତ କରି ରଖିଥିବା ଗାଜର୍‌ରୁ ଛୋଟ ଗୁଳା କରନ୍ତୁ । ଏହାକୁ କଡ଼େଇରେ ପାତ୍ର ରଖି ବାମ୍ଫ ଦିଅନ୍ତୁ । ପରେ ଏହାକୁ ପ୍ରସ୍ତୁତ କରିଥିବା ରସମଲେଇରେ ଦିଅନ୍ତୁ । ଏହା ଉପରେ ଥଣ୍ଡା ରାବିଡ଼ି ପକାଇ ସେଟ୍ ହେବା ପାଇଁ ଫ୍ରିଜ୍‌ରେ ଅଧ ଘଣ୍ଟା ରଖନ୍ତୁ । ଏହାପରେ ପ୍ଲେଟ୍‌କୁ କାଢ଼ି ପରଷନ୍ତୁ ସ୍ୱାଦିଷ୍ଟ 'ଗାଜର ରସମଲାଇ' ।



# ଫାର୍‌ସି ସାଲ୍‌ୱାର୍



**ସାଧାରଣତଃ ବିବାହ ଉତ୍ସବରେ ମହିଳାମାନେ ସ୍ୱତନ୍ତ୍ର ଡିଜାଇନର ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି । ସେହିପରି କିଛି ମହିଳା ଆଧୁନିକ ସହ ପାରମ୍ପରିକ ପୋଷାକ ପିନ୍ଧିବାକୁ ଚାହାଁନ୍ତି । ଏପରି ସ୍ଥଳେ ଫାର୍‌ସି ସଲ୍‌ୱାର୍ ସୁଟ୍ ପିନ୍ଧିପାରିବେ । ଏହା ସୁନ୍ଦର ଦିଶିବା ସହ ଏଥିରୁ ଏକ ରାଜକୀୟ ଲୁକ୍ ମିଳିଥାଏ । ଏହି ପୋଷାକ ମୋଗଲ କାଳ ସହ ଜଡ଼ିତ । ସେ ସମୟରେ ଏହାର ଖୁବ୍ ଚାହିଦା ଥିଲା ।**

### ଶୀତ ପାଇଁ ଭଲ ବିକଳ୍ପ

ବିଶେଷ କରି ଶୀତଦିନେ ଏହାର ଖୁବ୍ ଚାହିଦା ଥାଏ । ଏହା ମଲ୍‌ମଲ୍, ଉଲ୍ ଏବଂ ସୂତାରେ ପ୍ରସ୍ତୁତ ହୋଇଥାଏ । ଏହା ଶରୀରକୁ ଶୀତରୁ ସୁରକ୍ଷା ଦେବା ସହ ଏକ ରାଜକୀୟ ଲୁକ୍ ପ୍ରଦାନ କରିଥାଏ । ସନ୍ଧ୍ୟା ମହୋତ୍ସବ, ବିବାହ, ଉତ୍ସବ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଭଲ ହୋଇଥାଏ ।

### ଆଧୁନିକ ଷ୍ଟାଇଲ୍‌ରେ ନିୟନ୍ତ୍ରଣ

ବର୍ତ୍ତମାନ ସମୟରେ ଏହି ଫର୍ସି ସୁଟ୍ ପିନ୍ଧିବାବେଳେ ଷ୍ଟାଇଲ୍‌କୁ ବେଶୀ ଗୁରୁତ୍ୱ ଦିଆଯାଉଛି । ଛୋଟ, ସର୍ଟ କୁର୍ତ୍ତୀ ଏହାକୁ ବେଶୀ ଭଲ ମାନିଥାଏ । ସେହିପରି ସାମାନ୍ୟ ଏମ୍ବ୍ରୋଡୋରୀ କାମ ଏହାକୁ ସୁନ୍ଦର କରିଥାଏ । ଶୀତଦିନେ ଫୀରନ୍ ଏବଂ କାଶ୍ମୀର୍ ଷ୍ଟାଇଲ୍ କୁର୍ତ୍ତୀ ଏହାକୁ ଭଲ ମାନିଥାଏ । ସେହିପରି ଏଥିରେ ଓନି ପକାଇଲେ ଏହା ଲୁକ୍‌କୁ ଆକର୍ଷଣୀୟ କରିଥାଏ ।

### ଆସେସରିଜ୍‌ରୁ ରାଜକୀୟ ଲୁକ୍

ଏଥିସହ ଆସେସରିଜ୍ ଲଗାଇଲେ ଏହା ସୁନ୍ଦରତାକୁ ଦ୍ୱିଗୁଣ କରିଥାଏ । ସେହିପରି ପାରମ୍ପରିକ ଜୋତା ଏଥିରେ ରାଜକୀୟ ଲୁକ୍ ଦେଇଥାଏ ।

# ଫେସିଆଲ୍ ଷ୍ଟିମିଂ


**ମହିଳାମାନେ ତ୍ୱଚାକୁ ନେଇ ଅଧିକ ଯତ୍ନବାନ ଥାନ୍ତି । ଏଥିପାଇଁ ଅନେକ ଦାମୀ ପ୍ରସାଧନ ସାମଗ୍ରୀ ବ୍ୟବହାର କରିଥାନ୍ତି । କିନ୍ତୁ ତ୍ୱଚାକୁ ଅଧିକ ସୁନ୍ଦର ଓ ଆକର୍ଷଣୀୟ କରିବାକୁ ଚାହୁଁଥିଲେ, ଷ୍ଟିମ୍ ଉତ୍ତମ ବିକଳ୍ପ । ଦୁଇଟି ଉପାୟରେ ଏହି ଫେସିଆଲ୍ ଷ୍ଟିମିଙ୍ଗ୍ ଆପଣାଇ ମୁହଁକୁ ଉଜ୍ଜ୍ୱଳ କରିପାରିବେ । ତେବେ ଷ୍ଟିମିଂର ଉପକାରିତା କ'ଣ, ଜାଣି ରଖନ୍ତୁ ।**

### ତ୍ୱଚା ସୁସ୍ଥ ରହେ

ତ୍ୱଚାକୁ ପରିଷ୍କାର ରଖିବାରେ ଏହା ଖୁବ୍ ସହାୟକ ହୋଇଥାଏ । ମୁହଁରେ ଗରମ ବାମ୍ଫ ଦେବା ପରେ ମୁହଁରୁ ସବୁ ମୃତକୋଷ ସଫା ହୋଇଯାଏ । ଫଳରେ ମୁହଁ ଉଜ୍ଜ୍ୱଳ ଦିଶେ । ସପ୍ତାହକୁ ଦୁଇଥର ଏପରି କରିବା ଦ୍ୱାରା ତ୍ୱଚା ସୁସ୍ଥ ରହିଥାଏ ।

### ବ୍ଲାକ୍‌ହେଡ୍ସ ଦୂର

ଶୀତଦିନେ ମୁହଁରେ ବ୍ଲାକ୍ ହେଡ୍ସ ଓ ହ୍ୱାଇଟ୍ ହେଡ୍ସ ସମସ୍ୟା ଅଧିକ ଦେଖିବାକୁ ମିଳିଥାଏ । ତେଣୁ ମୁହଁରେ ୫-୧୦ ମିନିଟ୍ ବାମ୍ଫ ଦିଅନ୍ତୁ । ଏହାପରେ ମୁହଁକୁ ସ୍କ୍ରବ୍ କରିବା ଦ୍ୱାରା ବ୍ଲାକହେଡ୍ସ ତ୍ୱଚାରୁ ବାହାରିଯାଏ । ଷ୍ଟିମ୍ ଦ୍ୱାରା ତ୍ୱଚା କୋମଳ ରହିଥାଏ ।



ସକାଳ
THE SAKALA
www.sakalaepaper.com

# ଭାରତକୁ ୭ ୱିକେଟରେ ହରାଇଲା ନ୍ୟୁଜିଲାଣ୍ଡ

## ଡାରିଲ ମିଚେଲଙ୍କ ଆଗରେ ଫିକା ପଡ଼ିଲା ଲୋକେଶ ରାହୁଲଙ୍କ ଶତକ

ରାଜକୋଟ,୧୪।୧(ଏଜେନ୍ସି):

ବରିଷ୍ଠ ଖେଳାଳି ଲୋକେଶ ରାହୁଲ (୧୧୨)ଙ୍କ ଅପରାଜିତ ଶତକ ଏବଂ ଅଧିନାୟକ ଶୁବମନ ଗିଲ୍ (୫୬)ଙ୍କ କ୍ରମାଗତ ଅର୍ଦ୍ଧଶତକ ବେକାର ହୋଇଛି। ଏଠାରେ ବୁଧବାର ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଭାରତକୁ ୭ ୱିକେଟରେ ପରାସ୍ତ କରି ନ୍ୟୁଜିଲାଣ୍ଡ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୧-୧ ସମାନସ୍ତରକୁ ଆଣିଛି। ଇନ୍ଦୋରରେ ଆସନ୍ତା ୧୮ ତାରିଖ ରବିବାର ତୃତୀୟ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ ହରାଇ ୨୮୪ ରନ୍ କରିଥିଲା। ଦଳ ପକ୍ଷରୁ ରାହୁଲ ଶେଷଯାଏ ଆଉଟ ନ ହୋଇ ୧୧୨ ଓ ଗିଲ୍ ୫୬ ରନ୍ କରିଥିଲେ। ଜବାବରେ ଡାରିଲ ମିଚେଲଙ୍କ ଅପରାଜିତ ଶତକ ଓ ତୃତୀୟ ୱିକେଟ ଯୋଡିରେ ୱିଲ ୟଙ୍ଗଙ୍କ ସହ ୧୬୨ ରନ୍ ସଂଗ୍ରହ କରିବା ଫଳରେ ଦଳ ୯ଟି ବଲ ବାକିଥାଇ ମ୍ୟାଚ୍ ଜିତିନେଇଥିଲା। ମିଚେଲ ୧୧୭ ବଲ୍‌ରୁ ୧୧ ଚୌକା ଓ ୨ଛକା ସହ ୧୩୧* ଏବଂ ୟଙ୍ଗ୍ ୯୮ ବଲ୍‌ରୁ ୭ ଚୌକା ସହ ୮୭ ରନ୍ କରିଥିଲେ। ୟଙ୍ଗଙ୍କ ଆଉଟ ପରେ ମିଚେଲ ଓ ଗ୍ଲେନ୍ ଫିଲିପ୍ସ (୩୨*) ୫୭ ବଲ୍‌ରୁ ୭୮ ରନ୍ ଉଠାଇ ଦଳକୁ ସହଜରେ ବିଜୟୀ କରାଇଥିଲେ।



ଡାରିଲ୍ ମିଚେଲ୍ ୧୩୧*

ଲୋକେଶ ରାହୁଲ ୧୧୨*

### ରୋହିତ,କୋହଲି ଓ ଆୟର ଫେଲ୍

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବା ପରେ ଭାରତକୁ ଦ୍ରୁତ ରନ୍ ସଂଗ୍ରହ କରିବା କଷ୍ଟକର ହୋଇଥିଲା। ଏପରିକି ରୋହିତ ଶର୍ମା ୩୮ଟି ବଲ ଖେଳି ୪ଟି ଚୌକା ବଳରେ ୨୪ ଓ ବିରାଟ କୋହଲି ୨୯ ବଲ୍‌ରୁ ୨୩ ରନ୍ କରି ଆଉଟ ହୋଇଥିଲେ। ଉପଅଧିନାୟକ ଶ୍ରେୟସ ଆୟର ମଧ୍ୟ ୮ ରନ୍‌ରେ ଆଉଟ ହୋଇଥିଲେ। ଗୋଟିଏ ପଟେ ଦମ୍‌ର ସହ ଖେଳୁଥିବା ଶୁବମନ ଗିଲ୍ କ୍ରମାଗତ ଅର୍ଦ୍ଧଶତକ ହାସଲ କରିଥିଲେ ମଧ୍ୟ ବେଶି ସମୟ ତିଷ୍ଠି ନ ଥିଲେ। ଏହା ଫଳରେ ୨୪ ଓଭରରେ ଦଳ ୧୧୮ ରନ୍‌ରେ ଏହି ୪ଜଣ ଖେଳାଳି ପାଭିଲିୟନ ଫେରିଯାଇଥିଲେ। ଏହି ସମୟରେ ଲୋକେଶ ରାହୁଲ ଭାରତର ଏକମାତ୍ର ଭରଷା ଥିଲେ। ତାଙ୍କ ସହ ରବୀନ୍ଦ୍ର ଜାଡେଜା ୫ମ ୱିକେଟରୁ ୭୩, ନୀତୀଶ ରେଡ୍ଡୀ ଷଷ୍ଠ ୱିକେଟରୁ ୫୭ ରନ୍ ଉଠାଇ ଦଳକୁ ବିପଦରୁ ଉଦ୍ଧାର କରିଥିଲେ। ଜାଡେଜା ୪୪ ବଲ୍ ଖେଳି ମାତ୍ର ୨୭ ଓ ରେଡ୍ଡୀ ୨୧ ବଲ୍‌ରୁ ୨୦ ରନ୍ କରିଥିଲେ। ହର୍ଷିତ ରାଣା ମଧ୍ୟ ୨ ରନ୍‌ର ଯୋଗଦାନ ଦେଇଥିଲେ। ରାହୁଲ ୮୭ ବଲ୍‌ରେ ଶତକ ପୂରଣ କରିଥିଲାବେଳେ ୯୨ ବଲ୍‌ରୁ ୧୧ ଚୌକା ଓ ୧ ଛକା ସହ ୧୧୨ ରନ୍‌ରେ ଶେଷଯାଏ ଅପରାଜିତ ରହିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଦୁଇ ସ୍ପିନର ଯଥା ଅଧିନାୟକ ଡଗ୍ ବ୍ରେସ୍‌ୱେଲ ଓ ଡେବ୍ୟୁଟାଣ୍ଟ ଜେଡେନ ଲେନକ୍ସ ମିଳିତଭାବେ ୨୦ ଓଭର ବୋଲିଂ କରି ୭୬ ରନ୍‌ରେ ୨ଟି ୱିକେଟ ନେଇ ଭାରତର ରନ୍ ସଂଗ୍ରହକୁ ଅଟକାଇଥିଲେ। ପ୍ରଥମ ମ୍ୟାଚ୍‌ରେ ଡେବ୍ୟୁ କରିଥିବା କ୍ରିଷ୍ଟିଆନ୍ କ୍ଲାର୍କ ସର୍ବାଧିକ ୩ଟି ୱିକେଟ ପାଇଥିଲେ। ପ୍ରଥମ ମ୍ୟାଚ୍‌ରେ ୪ଟି ୱିକେଟ ନେଇଥିବା କାଏଲ ଜାମିସନ ୧୦ ଓଭରରେ ୨ଟି ମେଡେନ ସହ ୭୦ ରନ୍ ଦେଇ ଗୋଟିଏ ୱିକେଟ ନେବା ସହ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ। ଜାକାରୀ ଫୋକ୍ସ ମଧ୍ୟ ୯ ଓଭରରେ ୬୭ ରନ୍ ଦେଇଥିଲେ।

# କୋହଲିଙ୍କ ପାଇଁ ୧୫ ଲକ୍ଷ ଟଙ୍କାର ସୁନାର ଆଇ-ଫୋନ କଭର

ରାଜକୋଟ, ୧୪।୧ (ଏଜେନ୍ସି): ସାରା ବିଶ୍ୱରେ ବିରାଟ କୋହଲିଙ୍କ ଲକ୍ଷ ଲକ୍ଷ ପ୍ରଶଂସକ ରହିଛନ୍ତି। କୋହଲିଙ୍କ ଝଲକ ଟିକେ ପାଇବାକୁ ତାଙ୍କ ପ୍ରଶଂସକ ପାଗଳ। ରାଜକୋଟରେ ବୁଧବାର ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚରେ ଏଭଳି ଜଣେ କୋହଲି ପ୍ରେମୀ ପ୍ରଶଂସକଙ୍କୁ ଦେଖିବାକୁ ମିଳିଥିଲା। ସେ ହେଲେ ସୁରଟର ଅଙ୍କିତ ପଟେଲ। ଅଙ୍କିତଙ୍କୁ ଏକ ସ୍ୱତନ୍ତ୍ର ଆଇଫୋନ କଭର ସହିତ ଦେଖିବାକୁ ମିଳିଥିଲା। ଏହି ଆଇଫୋନ କଭରଟି ସୁନାରେ ତିଆରି ହୋଇଛି। ଏଥିରେ କୋହଲିଙ୍କ ଛବି ଖୋଦିତ ହୋଇଥିଲା। ସୁନାରେ ନିର୍ମିତ ଏହି ଆଇଫୋନ କଭରର ମୂଲ୍ୟ ୧୫ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଉଛି। ଅଙ୍କିତ ଏହି କଭରଟି କୋହଲିଙ୍କୁ ଉପହାର ଦେବାକୁ ଆଣିଥିବା କହିଛନ୍ତି। ସୁନାରେ ତିଆରି ହୋଇଥିବା ଏହି ଆଇ-ଫୋନ୍ କଭର ସହ ଅଙ୍କିତଙ୍କ ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି। ତେବେ କୋହଲିଙ୍କୁ ଭେଟି ଅଙ୍କିତ ଏହି ଉପହାର ତାଙ୍କୁ ପ୍ରଦାନ କରିଛନ୍ତି କି ନାହିଁ ସେ ନେଇ କୌଣସି ରିପୋର୍ଟ ପ୍ରକାଶ ପାଇନାହିଁ। ପୂର୍ବରୁ ମଧ୍ୟ କୋହଲିଙ୍କୁ ତାଙ୍କ ପ୍ରଶଂସକ ବ୍ରେସଲେଟ୍ ଭଳି ଦାମୀ ଉପହାର ଦେଇଥିବାର ନଜର ରହିଛି।




■ ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ

# ୫୩ ମାସ ପରେ ରୋହିତଙ୍କୁ ହଟାଇ ଶୀର୍ଷରେ ବିରାଟ


ଦୁବାଇ, ୧୪।୧ (ଏଜେନ୍ସି): ବ୍ୟାଟିଂ ସୁପରଷ୍ଟାର୍ ବିରାଟ କୋହଲି ଦୀର୍ଘ ୫୩ ମାସ ପରେ ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗର ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ର ବ୍ୟାଟିଂ ତାଲିକାରେ କୋହଲି ୨ଟି ସ୍ଥାନ ଉପରକୁ ଉଠି ଏକ ନମ୍ବରରେ ରହିଛନ୍ତି। ଏହିକ୍ରମରେ ସାଥୀ ଖେଳାଳି ରୋହିତ୍ ଶର୍ମାଙ୍କୁ ପଛରେ ପକାଇ ଦେଇଛନ୍ତି କୋହଲି। ରୋହିତ ୨ଟି ସ୍ଥାନ ହରାଇ ଶୀର୍ଷରୁ ୩ୟକୁ ଖସିଯାଇଛନ୍ତି।

କୋହଲି ଶେଷଥର ଲାଗି ୨୦୨୧ ଜୁଲାଇରେ ଦିନିକିଆ ବ୍ୟାଟିଂ ତାଲିକାର ଏକ ନମ୍ବର ସ୍ଥାନରେ ରହିଥିଲେ। ଟେଷ୍ଟ ଓ ଟି-୨୦ରୁ ଅବସର ନେଇସାରିଥିବା କୋହଲି ଶେଷ ୬ଟି ଦିନିକିଆ ମ୍ୟାଚରେ ଯଥାକ୍ରମେ ୭୪, ୧୩୫, ୧୦୨, ୬୫, ୯୩ ଓ ୨୩ ରନ ସଂଗ୍ରହ କରିଛନ୍ତି। ଏହି ଦମ୍‌ଦାର ପ୍ରଦର୍ଶନ ଆଧାରରେ କୋହଲି ୨୦୨୧ ପରେ ପ୍ରଥମଥର ଲାଗି ଶୀର୍ଷ ସ୍ଥାନକୁ ଫେରିଛନ୍ତି। ଦୀର୍ଘ ୧୬ ବର୍ଷର ଦିନିକିଆ କ୍ୟାରିୟରରେ କୋହଲି ଏହାକୁ ମିଶାଇ ୧୧ଥର ଲାଗି ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ୨୦୧୩ରେ ପ୍ରଥମଥର ପାଇଁ ସେ ଶୀର୍ଷ ସ୍ଥାନ ଲାଭ କରିଥିଲେ। ସଦ୍ୟ ର୍‍ୟାଙ୍କିଙ୍ଗ୍‌ରେ କୋହଲିଙ୍କ ପଛକୁ ଡାରୀଲ ମିଚେଲ ୨ୟ, ରୋହିତ୍ ୩ୟ, ଇବ୍ରାହିମ ଜର୍ଦାନ ୪ର୍ଥ ଓ ଶୁବମାନ ଗିଲ୍ ୫ମ ସ୍ଥାନରେ ରହିଛନ୍ତି। ଶ୍ରେୟସ ଆୟର ଓ ଲୋକେଶ ରାହୁଲ ଯଥାକ୍ରମେ ତାଲିକାର ୧୦ମ ଓ ୧୧ତମ ସ୍ଥାନ ହାସଲ କରିଛନ୍ତି।

ଦିଲ୍ଲୀର ବାୟୁ ବିପଦପୂର୍ଣ୍ଣ

# ଇଣ୍ଡିଆ ଓପନରୁ ଓହରିଲେ ଡେନମାର୍କର ସଟଲର୍

ନୂଆଦିଲ୍ଲୀ, ୧୪।୧ (ଏଜେନ୍ସି): ଦିଲ୍ଲୀର ଚିନ୍ତାଜନକ ବାୟୁ ପ୍ରଦୂଷଣରସ୍ତର ଅର୍ନ୍ତଜାତୀୟ କ୍ରୀଡ଼ାକୁ ପ୍ରଭାବିତ କରିଛି। ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଏରେନାରେ ଚାଲିଥିବା ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରୁ ବୁଧବାର ଡେନମାର୍କର ଖେଳାଳି ଆନ୍ଦ୍ରେସ ଆଣ୍ଟୋନସେନ ଓହରିଯାଇଛନ୍ତି। ଦିଲ୍ଲୀର ବାୟୁ ଗୁଣବତ୍ତା ଅତ୍ୟନ୍ତ ବିପଦପୂର୍ଣ୍ଣ। ଏହି ସମୟରେ ଦିଲ୍ଲୀ ବ୍ୟାଡ୍‌ମିଣ୍ଟନ ଆୟୋଜନ ଲାଗି ଉତ୍ତମ ସ୍ଥାନ ନୁହେଁ। ଖେଳାଳିମାନେ ଶ୍ୱାସକ୍ରିୟା ନେବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆୟୋଜକଙ୍କୁ ଏଭଳି କଡ଼ା ଭାଷାରେ ଟିପ୍ପଣୀ ଦେଇ ୨୮ ବର୍ଷୀୟ ଆଣ୍ଟୋନସେନ ଇଣ୍ଡିଆ ଓପନ୍‌ରୁ ଓହରିଯାଇଛନ୍ତି। ଏହି ଡେନମାର୍କ ଖେଳାଳି କ୍ରମାଗତ ୩ୟ ବର୍ଷ ଲାଗି ସମାନ କାରଣ ଦର୍ଶାଇ ଟୁର୍ଣ୍ଣାମେଣ୍ଟ ନ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ସାମାଜିକ ଗଣମାଧ୍ୟମରେ ସେ ଦିଲ୍ଲୀର ଏକ୍ୟୁଆଇର ସ୍କ୍ରିନ ସଟ୍ ସେୟାର କରି ଭେନ୍ୟୁକୁ ନେଇ ସମାଲୋଚନା କରିବାକୁ ପଛାଇ ନ ଥିଲେ। ଗତ ସପ୍ତାହରେ ଅନୁଷ୍ଠିତ ମାଲେସିଆ ଓପନରେ ସେ ସେମିଫାଇନାଲକୁ ଉନ୍ନିତ ହୋଇଥିଲେ। ଆଣ୍ଟୋନସେନଙ୍କ ଏଭଳି ଅଭିଯୋଗ ଏବେ ବିଶ୍ୱ କ୍ରୀଡ଼ାରେ ଭାରତକୁ ଲଜ୍ଜିତ କରିଛି ଓ ବଡ଼ ବିତର୍କ ସୃଷ୍ଟି କରିଛି। ଗତକାଲି ଡେନମାର୍କର ଅନ୍ୟଜଣେ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ମିଆ ବ୍ଲିଚଫେଲ୍ଡଟ ସ୍ୱଚ୍ଛତାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଥିଲେ।



# କଳିଙ୍ଗରେ ଜାତୀୟ ସବ୍‌ଜୁନିଅର ରଗ୍‌ବୀ ୧୬ରୁ

ଭୁବନେଶ୍ୱର, ୧୪।୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଆସନ୍ତା ୧୬ରୁ ୨୧ ତାରିଖ ଯାଏ ଦଶମ ଜାତୀୟ ସବ୍ ଜୁନିଅର ରଗ୍‌ବୀ ସେଭେନ୍ସ ଚାମ୍ପିଅନ୍‌ସିପ୍ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାକୁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ରଗ୍‌ବୀ ଇଣ୍ଡିଆ, ଓଡ଼ିଶା ରଗ୍‌ବୀ ଫୁଟବଲ ସଂଘ ଦ୍ୱାରା ମିଳିତଭାବେ ଆୟୋଜନ କରାଯିବ। ୫ ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ୨୪ଟି ରାଜ୍ୟରୁ ୧୫ ବର୍ଷରୁ କମ୍ ୫୫୦ ଜଣ ବାଳକ ଓ ବାଳିକା ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଆଜି କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ ସୂଚନା ଦେଇଛନ୍ତି। ଉଭୟ ବିଭାଗରେ ୬୮ଟି ଲେଖାଏଁ ମ୍ୟାଚ୍ ଖେଳାଯିବ। ଏହି ଅବସରରେ 'ଭାରତୀୟ ରଗ୍‌ବୀର ବିକାଶ ଓ ସଫଳତା ପଛରେ ଓଡ଼ିଶାର ଅବଦାନ ଅତୁଳନୀୟ' ବୋଲି ରଗ୍‌ବୀ ଇଣ୍ଡିଆ ସଭାପତି ରାହୁଲ ବୋଷ କହିଥିଲେ।

# ଡବ୍ଲ୍ୟୁପିଏଲ୍: ହଜାରେ ରନ୍ ପୂରଣ କରିବାରେ ଲାନ୍ନିଂ ୩ୟ ବ୍ୟାଟର୍

ନଭି ମୁମ୍ବଇ, ୧୪।୧ (ଏଜେନ୍ସି): ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ଇତିହାସରେ ୩ୟ ବ୍ୟାଟର୍ ଭାବେ ଅଷ୍ଟ୍ରେଲିଆର ମେଗ୍ ଲାନ୍ନିଂ ଏକ ହଜାର ରନ ପୂରଣ କରିଛନ୍ତି। ବୁଧବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚରେ ୟୁପି ୱାରିୟର୍ଜ ପକ୍ଷରୁ ଖେଳୁଥିବା ଲାନ୍ନିଂ ଏହି ମାଇଲଖୁଣ୍ଟ ଛୁଇଁଥିଲେ। ଏହି ମ୍ୟାଚରେ ଲାନ୍ନିଂ ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ୱାରିୟର୍ଜର ନେତୃତ୍ୱ ନେଉଥିବା ଲାନ୍ନିଂ ୩୮ ବଲରୁ ୫୪ ରନ ସଂଗ୍ରହ କରିଥିଲେ। ଏଥିସହ ଡବ୍ଲ୍ୟୁପିଏଲ୍‌ରେ ୩୦ ମ୍ୟାଚ୍ ଖେଳି ଲାନ୍ନିଂ ୧୦୫୦ ରନ ନିଜ ନାମରେ ଲିପିବଦ୍ଧ କରିଛନ୍ତି। ଯେଉଁଥିରେ ୧୦ଟି ଅର୍ଦ୍ଧଶତକ ସାମିଲ ରହିଛି। ଡବ୍ଲ୍ୟୁପିଏଲ୍ ଇତିହାସରେ ଲାନ୍ନିଂ ୩ୟ ବ୍ୟାଟର୍ ଭାବେ ଏକ ହଜାର ରନ ପୂରଣ କରିଛନ୍ତି। ତାଙ୍କ ପୂର୍ବରୁ ନାଟାଲୀ ସ୍କିଭର-ବ୍ରଣ୍ଟ (୧୧୦୧ ରନ) ଓ ହରମନପ୍ରୀତ୍ କୌର (୧୦୧୬ ରନ) ଏହି ତାଲିକାରେ ସାମିଲ ହୋଇଥିଲେ। ଲାନ୍ନିଂଙ୍କ ଏହି ଅର୍ଦ୍ଧଶତକୀୟ ପାଳି ବଳରେ ପ୍ରଥମେ ବ୍ୟାଟିଂ କରିଥିବା ୱାରିୟର୍ଜ ୨୦ ଓଭରରେ ୮ ୱିକେଟ ହରାଇ ୧୫୪ ରନ ସଂଗ୍ରହ କରିଛି। ଗୁରୁବାର ୟୁପି ୱାରିୟର୍ଜ ଓ ମୁମ୍ବାଇ ମଧ୍ୟରେ ପରବର୍ତ୍ତୀ ମ୍ୟାଚ୍ ଖେଳାଯିବ।

# କିଟ୍‌ରେ ଅନ୍ତର୍ଜାତୀୟ ଚେସ୍ କର୍ମଶାଳା

ଭୁବନେଶ୍ୱର,୧୪।୧ (ସମିସ): ବିଶ୍ୱରେ ଚେସ୍ ଖେଳକୁ ଲୋକପ୍ରିୟ କରାଇବା ଓ ଘରେ ଘରେ ପହଞ୍ଚାଇବା ଲାଗି ଅଣ୍ଟା ଭିଡିଛି ଅନ୍ତର୍ଜାତୀୟ ଚେସ୍ ମହାସଂଘ (ଫିଡେ)। ସାମାଜିକ ଓ ଶିକ୍ଷାରେ ଚେସ୍ ସମ୍ପର୍କିତ ଅନ୍ତର୍ଜାତୀୟ କର୍ମଶାଳାରୁ ଫିଡେର ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଫିଡେ, ସର୍ବଭାରତୀୟ ଚେସ ସଂଘ ଓ କିଟ୍ ୟୁନିଭର୍ସିଟିର ମିଳିତ ସହଯୋଗରେ ଏପରି ଏକ କର୍ମଶାଳା ଆଜି ଏକ ଘରୋଇ ହୋଟେଲରେ ଚେସ୍ କିଂବଦନ୍ତି ବିଶ୍ୱନାଥନ ଆନନ୍ଦ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ଫିଡେ ସଭାପତି ଆର୍କାଡି ଡିଭୋର୍କୋଭିଚ୍, ଉପସଭାପତି ମିସ୍ ଡାନା ରେଇଜନିସ୍, ଏଆଇସିଏଫ ସଭାପତି ନୀତୀନ ନାରଙ୍ଗ, ସମ୍ପାଦକ ଦେବ ପଟେଲ ଓ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ। ଶିକ୍ଷା ଓ ସାମାଜିକ ବିଧି ବ୍ୟବସ୍ଥାରେ ଚେସ୍‌କୁ କିପରି ପ୍ରୟୋଗ କରାଯାଇପାରିବ ସେ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଥିଲା। ଭାରତ ଏବେ ଚେସ ଖେଳରେ ଏକ ଶକ୍ତିଭାବେ ଉଭା ହୋଇଛି ଓ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର କ୍ରୀଡ଼ାରେ ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗାଇଦେବାରେ ବିଶ୍ୱରେ ନାମ କରିଛି। ଏହା ଫଳରେ ଭୁବନେଶ୍ୱର ବିଶ୍ୱର ପ୍ରଥମ ସ୍ଥାନ ଓ କିଟ୍ ପ୍ରଥମ ଆୟୋଜକ ଭାବେ ଏହି କର୍ମଶାଳାକୁ ଆୟୋଜନ କରିଛି। ଚେସ୍‌କୁ ଶିକ୍ଷାରେ ପ୍ରୟୋଗ କରିବାକୁ ଫିଡେ ଯେଉଁ ଲକ୍ଷ୍ୟ ରଖିଛି ତାହା ଏହି କର୍ମଶାଳା ପରେ ନିଶ୍ଚୟ କିଛିମାତ୍ରାରେ ସଫଳ ହେବ।




ଇଣ୍ଡିଆ ଓପନ୍

# ପ୍ରଥମ ରାଉଣ୍ଡରୁ ସିନ୍ଧୁ ବିଦା; ପଣ୍ଡା ଭଉଣୀ ମଧ୍ୟ ନିରାଶ

ନୂଆଦିଲ୍ଲୀ, ୧୪।୧ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁ ଇଣ୍ଡିଆ ଓପନ୍ ସୁପର୍-୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚରେ ସିନ୍ଧୁ ୨୨-୨୦, ୧୨-୨୧, ୧୫-୨୧ ଗେମ୍‌ରେ ଭିଏତ୍‌ନାମର ଥୁୟ ଲିନ ଗୁୟେନଙ୍କଠାରୁ ପରାସ୍ତ ହୋଇଛନ୍ତି। ଏକ ଘଣ୍ଟା ୮ ମିନିଟ୍ ଧରି ଲଢ଼େଇ କରିଥିଲେ ମଧ୍ୟ ସିନ୍ଧୁ ଶେଷରେ ନିରାଶ ହୋଇଥିଲେ। ମହିଳା ବିଭାଗର ଅନ୍ୟ ଏକ ମ୍ୟାଚରେ ମାଳବିକା ବଂଶୋଦ ୨୧-୧୮, ୨୧-୧୯ ସିଧାସଳଖ ଗେମରେ ଚାଇନିଜ ତାଇପେଇର ପାଇ ୟୁ ପୋ'ଙ୍କୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ପୂର୍ବତନ ଏକ ନମ୍ବର ଖେଳାଳି କିଦାମ୍ବି ଶ୍ରୀକାନ୍ତ ୧୫-୨୧, ୨୧-୬, ୨୧-୧୯ରେ ନିଜ ଦେଶର ତରୁଣ ମାନ୍ନେପାଲ୍ଲିଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ତେବେ ମହିଳା ଡବଲ୍ସରେ ଓଡ଼ିଶାର ପଣ୍ଡା ଭଗିନୀ ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ମଧ୍ୟ ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି। ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ଯୋଡ଼ି ୮-୨୧, ୧୮-୨୧ ସିଧାସଳଖ ଗେମରେ ଜାପାନ ଯୋଡ଼ିଙ୍କ ନିକଟରୁ ହାରିଯାଇଥିଲେ।

▶ ଆଜିଠାରୁ ୧୯ ବର୍ଷରୁ କମ୍ ବିଶ୍ୱକପ୍ କ୍ରିକେଟ

# ଭାରତ-ଆମେରିକା ପ୍ରଥମ ମୁକାବିଲା

ବୁଲାୱାୟୋ,ହରାରେ,ୱିଣ୍ଡୋହକ୍,୧୪।୧ (ଏଜେନ୍ସି): ଜିମ୍ବାୱେ ଓ ନାମିବ୍ୟାରେ ଆସନ୍ତାକାଲିଠାରୁ ୧୯ ବର୍ଷରୁ କମ୍ କ୍ରିକେଟ ପ୍ରତିଯୋଗିତାର ୧୬ତମ ସଂସ୍କରଣ ଖେଳାଯିବ। ଏଥର ୧୬ଟି ଦଳ ୫୦ ଓଭର ବିଶିଷ୍ଟ ଏହି ଦିନିକିଆ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ଏଗୁଡିକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ୩ଟି ପର୍ଯ୍ୟାୟରେ ଜିମ୍ବାୱେ ଓ ନାମିବ୍ୟାରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଅଂଶଗ୍ରହଣକାରୀ ଦଳକୁ ୪ଟି ଗ୍ରୁପ୍‌ରେ ଭାଗକରାଯାଇଛି। ଉଭୟ ଦେଶରେ ୧୨ଟି ଲେଖାଏଁ ମ୍ୟାଚ୍ ଲିଗ୍ ପର୍ଯ୍ୟାୟରେ ଖେଳାଯିବ। ଏହା ପରେ ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଦଳ ସୁପର ସିକ୍ସକୁ ଉନ୍ନୀତ ହେବେ। ଏଥିରେ ମଧ୍ୟ ମ୍ୟାଚ୍ ଗୁଡିକ ଉଭୟ ଦେଶରେ ଅନୁଷ୍ଠିତ ହେବ। ଜିମ୍ବାୱେରେ ସମସ୍ତ ନକ୍‌ଆଉଟ ମ୍ୟାଚ୍ ଖେଳାଯିବ। ଫେବୃଆରୀ ୩ ଓ ୪ରେ ସେମିଫାଇନାଲ, ୬ରେ ଫାଇନାଲ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ମ୍ୟାଚ୍ ଗୁଡିକ ଭାରତୀୟ ସମୟ ଅପରାହ୍ଣ ୧ଟାରୁ ଆରମ୍ଭ ହେବ। ଜିମ୍ବାୱେର ହରାରେ ଓ ବୁଲାୱାୟୋ, ନାମିବ୍ୟାର ୱିଣ୍ଡୋହକ୍‌ରେ ସମସ୍ତ ମ୍ୟାଚ୍ ଖେଳାଯିବ।

ଅଂଶଗ୍ରହଣକାରୀ ଦଳଗୁଡିକ ମଧ୍ୟରେ ୫ଥରର ଚାମ୍ପିଅନ ଭାରତ, ଗତଥରସହ ୪ଟି ଟାଇଟ୍ ଜିତିଥିବା ଅଷ୍ଟ୍ରେଲିଆ, ୨ଥରର ଚାମ୍ପିଅନ ପାକିସ୍ତାନ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ୍ ଓ ବାଂଲାଦେଶ ଥରେ ଲେଖାଏଁ ଏହି ଟୁର୍ଣ୍ଣାମେଣ୍ଟରେ ଟାଇଟଲ ବିଜୟୀ ହୋଇଛନ୍ତି। ଏମାନଙ୍କ ସହ ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା ଓ ଆୟର୍ଲାଣ୍ଡ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ଜିମ୍ବାୱେକୁ ସିଧାସଳଖ ଯୋଗ୍ୟତା ମିଳିଛି, କିନ୍ତୁ ଟୁର୍ଣ୍ଣାମେଣ୍ଟ ଆୟୋଜକ ହୋଇଥିଲେ ମଧ୍ୟ ନାମିବ୍ୟା ଏଠାରେ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇନାହିଁ। ଏମାନଙ୍କ ବ୍ୟତୀତ ଆଫଗାନିସ୍ତାନ, ଜାପାନ, ଆମେରିକା, ସ୍କଟଲାଣ୍ଡ ଓ ଆଶ୍ଚର୍ଯ୍ୟଜନକ ଭାବେ ତାଞ୍ଜାନିଆ ଯୋଗ୍ୟତା ଅର୍ଜନ କରିଛି।

ଆସନ୍ତାକାଲି ଭାରତ ଓ ଆମେରିକା ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ଖେଳାଯିବ। ଏହି ମ୍ୟାଚ୍‌ଟି ବୁଲାୱାୟୋରେ ଅନୁଷ୍ଠିତ ହେବ। ଆସନ୍ତାକାଲି ଏକା ସଙ୍ଗେ ହରାରେରେ ଜିମ୍ବାୱେ ବନାମ ସ୍କଟ୍‌ଲାଣ୍ଡ ଓ ୱିଣ୍ଡୋହକ୍‌ରେ ତାଜାନିକା ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଖେଳାଯିବ। ଭାରତ ତାହାର ଅନ୍ୟ ଦୁଇଟି ମ୍ୟାଚ୍ ବାଂଲାଦେଶ ସହ ୧୭ରେ ଓ ନ୍ୟୁଜିଲାଣ୍ଡ ସହ ୨୪ରେ ଖେଳିବ।

**ଭାରତୀୟ ଦଳ:** ଆୟୁଷ ମାହତ୍ରେ, ବୈଭବ ସୂର୍ଯ୍ୟବଂଶୀ, ଆରନ ଜର୍ଜ, ବିହାନ ମାଲହୋତ୍ରା, ବେଦାନ୍ତ ତ୍ରିବେଦୀ, ଅଭିଜ୍ଞାନ କୁଣ୍ଡୁ (ୱିକେଟରକ୍ଷକ), କନିସ୍କ ଚୋହାନ, ଖୀଲନ ପଟେଲ, ଦୀପେଶ ଦେବେନ୍ଦ୍ରନ, କିଶନ କୁମାର ସିଂ, ହେନିଲ ପଟେଲ୍, ଉଧବ ମୋହନ, ଆର୍‌ଏସ୍ ଅମ୍ବରୀଶ, ମହମ୍ମଦ୍ ଏନାନ, ହରବଂଶ ପାଙ୍ଗାଲିଆ।




ପୁରୁଷ ହକି ଇଣ୍ଡିଆ ଲିଗ୍

# ଚତୁର୍ଥ ବିଜୟ ସହ ଶୀର୍ଷରେ କଳିଙ୍ଗ ଲାନ୍ସର୍ସ

ରାଞ୍ଚି,୧୪।୧(ଏଜେନ୍ସି):

ହାଇଦ୍ରାବାଦ୍ ତୁଫାନ୍ସକୁ ୧-୦ ଗୋଲରେ ପରାସ୍ତ କରି ଓଡ଼ିଶା ଭିତ୍ତିକ ଫ୍ରାଞ୍ଚାଇଜ୍ ଟିମ୍ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ପୁରୁଷ ହକି ଇଣ୍ଡିଆ ଲିଗ୍‌ର ପଏଣ୍ଟ ଟେବଲର ଶୀର୍ଷସ୍ଥାନ ହାସଲ କରିଛି। ବିଜୟୀ ଦଳ ପକ୍ଷରୁ ଆଲେକ୍‌ଜାଣ୍ଡର ହେଣ୍ଡ୍ରିକ୍ସ ଏକମାତ୍ର ଗୋଲଟି ସ୍କୋର କରିଥିଲେ। ସମ ଦକ୍ଷତା ସମ୍ପନ୍ନ ଦଳ ମଧ୍ୟରେ ଅନୁଷ୍ଠିତ ଏହି ମୁକାବିଲାଟି ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ଏହି ବିଜୟ ଫଳରେ କଳିଙ୍ଗ ତାହାର ପ୍ରଥମ ୪ଟି ମୁକାବିଲାରେ ୪ଟିରେ ବିଜୟୀ ହୋଇଛି। ଏଯାଏ ଅପରାଜେୟ ରହିଥିବା କଳିଙ୍ଗ ଲାନ୍ସର୍ସ ଟିମ୍ ଏଠାରେ ତାହାର ଲିଗ୍ ପର୍ଯ୍ୟାୟ ଶେଷ କରିଛି। ୭ଟି ଲିଗ୍ ମୁକାବିଲାରୁ ଦଳ ୪ଟି ଖେଳିସାରିଛି। ଅବଶିଷ୍ଟ ୩ଟି ମ୍ୟାଚ୍ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ଖେଳିବ। ଏହା ମଧ୍ୟରୁ ଜାନୁଆରୀ ୧୭ରେ ଏସ୍‌ଜି ପାଇପର୍ସ, ୧୮ରେ ତାମିଲନାଡୁ ଡ୍ରାଗନ୍ସ ଓ ୧୯ରେ ସୁରମା ହକି କ୍ଲବ୍ ସହ ମୁକାବିଲା କରିବ।

ଆଜିର ମୁକାବିଲାରେ ଉଭୟ ଦଳ ଜୋରଦାର ମୁକାବିଲା କରିଥିଲେ। ଉଭୟ ଦଳ ସମାନ ସୁଯୋଗ ସୃଷ୍ଟି କରିଥିଲେ। କିନ୍ତୁ ତୁଫାନ୍ସର ଗୋଲରକ୍ଷକ ଜିନ୍-ପଲ ଡାନେବର୍ଗ ଚମତ୍କାର ଗୋଲ ରକ୍ଷା କରି ମ୍ୟାଚ୍‌କୁ ଆକର୍ଷଣୀୟ କରିଥିଲେ। ଏହି ଦଳ ମଧ୍ୟ କଳିଙ୍ଗ ଅପେକ୍ଷା ଅଧିକ ସମୟ ବଲ ନିୟନ୍ତ୍ରଣରେ ରଖିଥିଲା। ଖେଳର ୪୦ତମ ମିନିଟ୍‌ରେ କଳିଙ୍ଗ ଲାନ୍ସର୍ସକୁ ପେନାଲ୍ଟି କର୍ଣ୍ଣର ମିଳିଥିଲା। ଏଥିରେ ଦଳର ତାରକା ଖେଳାଳି ଆଲେକ୍‌ଜାଣ୍ଡର ହେଣ୍ଡ୍ରିକ୍ସ ଗୋଲ ଦେଇ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଗୋଲ ଦେବା ପରେ କଳିଙ୍ଗର ଆକ୍ରମଣ ବୃଦ୍ଧି ପାଇଥିଲା ଓ ଅଧିକ ସମୟ ବଲ ନିୟନ୍ତ୍ରଣରେ ରଖିଥିଲା। କିନ୍ତୁ ତୁଫାନ୍ସର ରକ୍ଷଣଭାଗ ମଧ୍ୟ ଦୃଢ଼ ଥିଲା। ଉଭୟ ଦଳର ଖେଳାଳିମାନଙ୍କର ସମସ୍ତ ଚେଷ୍ଟା ସତ୍ତ୍ୱେ ଚତୁର୍ଥ କ୍ୱାର୍ଟରରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ।

ହ୍ୟାଟ୍ରିକ୍ ସହ ବ୍ରୁନ୍‌ଙ୍କ ୪ ଗୋଲ: ଆଜି ଖେଳାଯାଇଥିବା ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ରାଞ୍ଚି ରୟାଲ୍ସ ୫-୨ ଗୋଲରେ ଏସ୍‌ଜି ପାଇପର୍ସକୁ ପରାସ୍ତ କରି ପୂରା ପଏଣ୍ଟ ହାସଲ କରିଛି। ରାଞ୍ଚି ପକ୍ଷରୁ ଟମ୍ ବ୍ରୁନ୍ ହ୍ୟାଟ୍ରିକ ସହ ଏକାକୀ ୪ଟି ଗୋଲ ସ୍କୋର କରିଛନ୍ତି। ମନଦୀପ ସିଂ ପ୍ରଥମ ଗୋଲଟି ଦେଇଥିଲେ। ଥୋମାସ ଡୋମେନ ଓ ଗାରେଥ ଫର୍ଲଙ୍ଗ ଗୋଟିଏ ଲେଖାଏଁ ଗୋଲ ଶୁଝାଇଥିଲେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS